# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୩/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 13/2024 | Page 18 | ₹ 7.00

୫୦ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 229 | ମୂଲ୍ୟ ₹୭/-





### ଫାଇନାଲରେ ଅଲ୍‌କାରାଜ

ୱିମ୍ବେଲଡନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ସ୍ପେନର କାର୍ଲୋସ ଅଲ୍‌କାରାଜ।

୧୮

୦୨

### ଓଟିଟିରେ ଡେବ୍ୟୁ କଲେ ରିତେଶ

'ପିଲ୍' ୱେବ୍ ସିରିଜ ସହ ଅଭିନେତା ରିତେଶ ଦେଶ୍‌ମୁଖ ଓଟିଟିରେ ଡେବ୍ୟୁ କରିଛନ୍ତି।






ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଶୁକ୍ରବାର ମା'ସୁଭଦ୍ରାଙ୍କ ଦର୍ପଦଳନ ରଥର ଦକ୍ଷିଣମୋଡ଼ କରାଯାଇଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ଓଡ଼ିଶାରେ ଆଉ ୩ ମେଡିକାଲ କଲେଜ

କଟକ,୧୨।୭(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୩ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ। ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ ରହିଛି। ଆଗାମୀ ଦିନରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଶୁକ୍ରବାର କଟକ ଏସ୍‌ସିବି ମେଡିକାଲ ଗସ୍ତରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

ଏସ୍‌ସିବି ମେଡିକାଲସ୍ଥିତ ହେରିଟେଜ୍ ଅଡିଟୋରିୟମରେ ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ(ଓମ୍‌ଟା)ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଯୋଗଦେଇ କହିଛନ୍ତି, କାର୍ଯ୍ୟକ୍ଷମ ପାଇଁ ଉକ୍ତ ୩ ମେଡିକାଲ କଲେଜ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାଜପୁର ପାଇଁ ୫୦ ସିଟ୍‌ର ଅନୁମତି ଜାତୀୟ ମେଡିକାଲ କାଉନ୍‌ସିଲ୍‌ଠାରୁ ମିଳିଛି। ବାକି ୨ଟି ମେଡିକାଲ କଲେଜ ପାଇଁ ଖୁବ୍‌ଶୀଘ୍ର ଆବେଦନ କରାଯିବ। ଏଥିସହ ସେ ଆହୁରି କହିଛନ୍ତି, ଓଡ଼ିଆ ଅସ୍ମିତାକୁ ନେଇ ପରିବର୍ତ୍ତନର ସରକାର ଗଠନ ହୋଇଛି। ନୂତନ ସରକାର ଗଠନ ହେବା ପରେ ୨୦୦ କୋଟି ଟଙ୍କାର କର୍ପସ ଫଣ୍ଡ୍ କରାଯାଇଛି। ଏହାସହ ଏକ କମିଟି ☞ପୃଷ୍ଠା–୪

# ଡିସେମ୍ବର ୨୭ରୁ ହକି ଲିଗ୍

ଭୁବନେଶ୍ୱର, ୧୨।୭ (ତପନ ସ୍ୱାଇଁ)

କ୍ରୀଡ଼ା ଦୃଶ୍ୟପଟକୁ ପୁଣି ଫେରୁଛି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)। ଦୀର୍ଘ ୭ ବର୍ଷର ବ୍ୟବଧାନପରେ ଏହି ଲିଗ୍ ପୁଣି ଆରମ୍ଭ ହେବାକୁ ଯାଉଥିବା ସୂଚନା ଦେଇଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ପ୍ରତିଯୋଗିତାର ସଂସ୍କରଣ ଚଳିତ ବର୍ଷ ଡିସେମ୍ବର ୨୭ ତାରିଖରେ ☞ପୃଷ୍ଠା–୪






# ବଜେଟରେ ଲୋକଙ୍କ ଆକାଂକ୍ଷା ପ୍ରତିଫଳିତ ହେବ

ଓଡ଼ିଶାରେ ଭାଜପା ଏକାକୀ ସରକାର ଗଢ଼ିଥିବାରୁ ଆସନ୍ତା ୨୫ରେ ଉପସ୍ଥାପିତ ହେବାକୁ ଯାଉଛି ପ୍ରଥମ ବଜେଟ୍। ସରକାର ଗଠନ ହେବା ଦିନରୁ ଏହା 'ଲୋକଙ୍କ ସରକାର' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଆସୁଛନ୍ତି। ଏହିକ୍ରମରେ ବଜେଟ୍ ମଧ୍ୟ 'ଲୋକଙ୍କ ବଜେଟ୍' ହେବାକୁ ଯାଉଛି। ଏଥିରେ ସବୁବର୍ଗର ଲୋକଙ୍କଠାରୁ ଆସିଥିବା ୧୨ ହଜାରରୁ ଊର୍ଦ୍ଧ୍ୱ ମତାମତକୁ ଗୁରୁତ୍ୱ ଦିଆଯାଇଛି, ଯେଉଁଥିରେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପ୍ରତିଫଳିତ ହେବ ବୋଲି ଶୁକ୍ରବାର ପ୍ରାକ୍-ବଜେଟ୍ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର,୧୨।୭(ଅନିଲ ଦାସ)

ଆମର ବଜେଟ ଯେପରି ବାସ୍ତବରେ 'ଲୋକଙ୍କ ବଜେଟ' ଭାବରେ ସମସ୍ତଙ୍କ ଆଶା ଆକାଂକ୍ଷାକୁ ପ୍ରତିଫଳିତ କରିବ, ସେଥିପାଇଁ ଉଦ୍ୟମ ଜାରିରହିଛି। ସେଥିପାଇଁ ସବୁ ବର୍ଗର ଲୋକମାନଙ୍କ ମତାମତ ଗ୍ରହଣ କରାଯାଉଛି। ଲୋକଙ୍କ ସରକାର ଭାବରେ ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେବାର ପରମ୍ପରା ଜାରିରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବା ଭବନର କନ୍‌ଭେନଶନ ହଲ୍‌ଠାରେ ଆୟୋଜିତ ପ୍ରାକ୍ ବଜେଟ ଆଲୋଚନାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବୈଠକରେ ବିଭିନ୍ନ ନାଗରିକ ସମାଜ, ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ଆଲୋଚନା କରାଯାଇଛି। ଆମ ସରକାର ପ୍ରଥମରୁ ହିଁ ଲୋକଙ୍କ ସରକାର ଭାବରେ ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେଇ ଆସୁଛି।

୨୦୨୪–୨୫ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଆଗାମୀ ୨୫ ତାରିଖରେ ବିଧାନସଭାରେ ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଅନ୍‌ଲାଇନ ଜରିଆରେ ଲୋକଙ୍କ ମତାମତ ସଂଗ୍ରହ କରିଥିଲୁ। ଖୁସିର କଥା, ଏଥିରେ ଆମେ ପ୍ରାୟ ୧୨ ହଜାରରୁ ଅଧିକ ମତାମତ ପାଇଛୁ। ପୂର୍ବ ବର୍ଷ ଅପେକ୍ଷା ଏହା ପ୍ରାୟ ୬ଗୁଣ ଅଧିକ। ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ଲୋକଙ୍କ

### ପ୍ରାକ୍ ବଜେଟ ଆଲୋଚନା: ଅନ୍‌ଲାଇନରେ ମିଳିଛି ୧୨ ହଜାରରୁ ଊର୍ଦ୍ଧ୍ୱ ମତାମତ



ମୋହନ ଚରଣ ମାଝୀ

ଏପରି ବ୍ୟାପକ ଅଂଶଗ୍ରହଣ ଆମ ପାଇଁ ଖୁବ୍ ଉତ୍ସାହଜନକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତଙ୍କ ମୂଲ୍ୟବାନ ମତାମତ ପାଇଁ ସେ ଧନ୍ୟବାଦ ଦେଇଛନ୍ତି। ଆଗାମୀ ବଜେଟରେ ଏହିସବୁ ମତାମତକୁ ପ୍ରତିଫଳିତ କରିବାକୁ ସରକାର ଯଥାସମ୍ଭବ ଉଦ୍ୟମ କରି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ପ୍ରଚେଷ୍ଟା କରିବେ ବୋଲି ସେ କହିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପଞ୍ଚାନନ କାନୁନ୍‌ଗୋ, ଶଶିଭୂଷଣ ବେହେରା, ପୂର୍ବତନ ଅର୍ଥ ସଚିବ ଗଣ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ନିର୍ଦ୍ଦେଶକ, ନାବାର୍ଡ ଜେନେରାଲ ମ୍ୟାନେଜର ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୬ ଜଣ ବ୍ୟକ୍ତି ସେମାନଙ୍କ ମତାମତ ଦେଇଛନ୍ତି।

# ଜୁନ୍ ୨୫ରେ ସମ୍ବିଧାନ ହତ୍ୟା ଦିବସ ପାଳିବ କେନ୍ଦ୍ର

ନୂଆଦିଲ୍ଲୀ,୧୨।୭

୧୯୭୫ ଜୁନ୍ ୨୫ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି (ଏମର୍ଜେନ୍ସି) ଜାରି କରିଥିଲେ। ଏହି ଉଲ୍ଲେଖନୀୟ ଘଟଣାକ୍ରମକୁ ୪୯ ବର୍ଷ ପୂରିଛି। ଆସନ୍ତା ଜୁନ୍ ୨୫ରେ ଏହାର ୫୦ ବର୍ଷପୂର୍ତ୍ତି ଅବସରରେ କେନ୍ଦ୍ର ସରକାର ଏହାକୁ ସମ୍ବିଧାନ ହତ୍ୟା ଦିବସ ରୂପେ ପାଳନ କରିବେ। ଏମର୍ଜେନ୍ସି ବେଳେ ଅକଥନୀୟ ନିର୍ଯାତନା ଭୋଗିଥିବା ଲୋକଙ୍କ ଉଦ୍ଦେଶ୍ୟରେ ଏହା ପାଳିତ ହେବ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୂଚନା ଦେଇଛନ୍ତି। ଶାହା କହିଛନ୍ତି, ସମ୍ବିଧାନ ହତ୍ୟା ଦିବସ ପାଳନ କରାଗଲେ ପ୍ରତ୍ୟେକ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ସମ୍ଭବ। ଏହାଦ୍ୱାରା କଂଗ୍ରେସ ଭଳି ଏକଛତ୍ରବାଦୀ ଦଳକୁ ପ୍ରତିହତ କରାଯାଇପାରିବ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ଗେଜେଟ୍ ବିଜ୍ଞପ୍ତିରେ କୁହାଯାଇଛି, ୧୯୭୫ ଜୁନ୍ ୨୫ରେ ଏମର୍ଜେନ୍ସି ଘୋଷଣା ପରେ କ୍ଷମତାର ବହୁଳ ଦୁରୁପଯୋଗ ହୋଇଥିଲା। ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ସମ୍ବିଧାନ ଓ ଏହାର ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଭାରତର ଜନସାଧାରଣଙ୍କ ଆସ୍ଥା ରହିଛି। ତେଣୁ ଜନତାଙ୍କ ଉପରେ ସରକାର ନିଜ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବାକୁ ଯାଇ ଏହି ପଦକ୍ଷେପ ନେଇଛନ୍ତି। ଏକ୍ସ'ରେ ଏକ ପୋଷ୍ଟ କରି ଶାହା ଲେଖିଛନ୍ତି, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ଏକଛତ୍ରବାଦୀ ମାନସିକତା ଯୋଗୁ ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ଅନେକ ଲକ୍ଷ ଲୋକଙ୍କୁ ☞ପୃଷ୍ଠା–୪

### ମୋଦିଙ୍କ ଶାସନରେ ସର୍ବାଧିକ ଏମର୍ଜେନ୍ସି: କଂଗ୍ରେସ

# ବାପାଙ୍କ ବୋମାମାଡ଼ରେ ପୁଅ ମୃତ

ବାଣପୁର,୧୨।୭(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତର ଶାନ୍ତିନଗରରେ ପାରିବାରିକ କଳହକୁ ନେଇ ବାପ-ପୁଅଙ୍କ ମଧ୍ୟରେ ବୋମାମାଡ଼ ହୋଇଛି। ଏଥିରେ ସଠ ରାଉତରାୟଙ୍କ ସାନ ପୁଅ ଦିବ୍ୟସିଂହ ରାଉତରାୟ (୪୨)ଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଖବରପାଇ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଏକ ଦେଶୀବନ୍ଧୁକ ଜବତ କରିଥିବା ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି। ତେବେ ବୋମା କିଏ ମାରିଛନ୍ତି, ତାହା ଅସ୍ପଷ୍ଟ ରହିଥିବାବେଳେ ପୋଲିସ ସଠ ଓ ତାଙ୍କ ବଡ଼ ପୁଅ ସୁବାସ ରାଉତରାୟଙ୍କୁ ଡାକି ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ଡୋଭାଲ୍‌ଙ୍କ ଟିମ୍


# କେଜ୍‌ରିୱାଲଙ୍କୁ ଇଡି ମାମଲାରେ ଅନ୍ତରୀଣ ଜାମିନ



ଅରବିନ୍ଦ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୨।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଆଗତ ଅବକାରୀ ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶୁକ୍ରବାର ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହି ମାମଲରେ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କେଜ୍‌ରିୱାଲଙ୍କୁ ☞ପୃଷ୍ଠା–୪

### ସିବିଆଇ ମାମଲାରେ ହାଜତ ମିଆଦ ୨୫କୁ ବୃଦ୍ଧି

ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲାରେ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ଜୁଲାଇ ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଅବଧି ଶେଷ ହେଉଥିବାରୁ ସିବିଆଇ ଏହାକୁ ବଢ଼ାଇବା ପାଇଁ କୋର୍ଟରେ ପିଟିଶନ ଦାଖଲ କରିଥିଲା। ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜାଙ୍କ ଅଦାଲତରେ କେଜ୍‌ରିୱାଲଙ୍କୁ ଭିଡିଓ କନ୍ଫରେନ୍ସ ଜରିଆରେ ହାଜର କରାଯାଇଥିଲା। ବିଚାରପତି ଜୁଲାଇ ୨୫ ଯାଏ ତାଙ୍କୁ ହାଜତରେ ରଖିବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି।

# ଅମ୍ବାନୀ ବାହାଘରରେ ମୋଦି ପୋଷ୍ଟର

ମୁମ୍ବାଇ,୧୨।୭

ଏସିଆର ସବୁଠୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ଏବଂ ତାଙ୍କ ବାଲ୍ୟ ବାନ୍ଧବୀ ରାଧିକା ମର୍ଚ୍ଚାଣ୍ଟ ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇପ୍ରୋଫାଇଲ ବିବାହ ଉତ୍ସବରେ ଦେଶବିଦେଶର ଅନେକ ସେଲିବ୍ରିଟି, କଳାକାର, କ୍ରୀଡ଼ାବିତ୍ ଓ ରାଜନେତା ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଯୋଗଦେବା ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନ ଥିଲେ ମଧ୍ୟ ତାଙ୍କୁ ସ୍ୱାଗତ କରିବା ପାଇଁ ଜିଓ କନ୍‌ଭେନ୍‌ସନ ସେଣ୍ଟର ଆଗରେ ଅନେକ ପୋଷ୍ଟର ଲଗାଯାଇଛି। ମୋଦିଙ୍କ ଫଟୋ ରହିଥିବା ପୋଷ୍ଟରଗୁଡ଼ିକ ବିବାହସ୍ଥଳ ବାହାରେ ଲଗାଯିବା ନେଇ ଅତିଥି ମହଲରେ କୌତୂହଳ ସୃଷ୍ଟି ହୋଇଛି।

୩ ଦିନ ଧରି ଚାଲିବାକୁ ଥିବା ଏହି ବ୍ୟୟବହୁଳ ବିବାହ କାର୍ଯ୍ୟକ୍ରମରେ ୩୨ କୋଟି ଡଲାର ଖର୍ଚ୍ଚ ହେବ ବୋଲି କୁହାଯାଉଛି। ଏଥିରେ ସାମିଲ ହୋଇ ନିଜ ସଙ୍ଗ୍ ପର୍ଫମାନ୍ସର ଯାଦୁକରୀ ଦେଖାଇଥିବା ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନାସ୍ କେବଳ ୮୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। ଏମିତିରେ ଦେଶର ସବୁଠୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଅନେକ ନେତାଙ୍କୁ ମୁକେଶ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଥିବା କୁହାଯାଉଛି। ଏକ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ମୁମ୍ବାଇ ଯାଇଥିବା ପ୍ରଧାନମନ୍ତ୍ରୀ ମୋଦି ରାଧିକା ଓ ଅନନ୍ତଙ୍କ ବାହାଘରରେ ଅତିଥି ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ବିବାହସ୍ଥଳ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ ଡିଷ୍ଟ୍ରିକ୍ଟ ଅଧୀନରେ ଆସୁଛି। ଏହି ଜିଲାର ଟ୍ରାଫିକ୍ ପୋଲିସ ବିଭାଗ ଅଧିକାରୀ ମନୋଜ ପାଣ୍ଡେ କହିଛନ୍ତି, ମୋଦି ବିବାହ ଉତ୍ସବରେ ସାମିଲ ହୋଇପାରନ୍ତି। ଏହି ପୋଷ୍ଟରଗୁଡ଼ିକ ମୋଦିଙ୍କ ଭାଜପା ପକ୍ଷରୁ ଲଗାଯାଇନାହିଁ। କେତେଜଣ ଉତ୍ସାହିତ କର୍ମୀ ଏହାକୁ କାନ୍ଥବାଡ଼ ଓ ଲାଇଟ୍ ପିଲରଗୁଡ଼ିକରେ ଛାପିଥିବା ମହାରାଷ୍ଟ୍ର ଭାଜପା ମୁଖପାତ୍ର କେଶବ ଉପାଧ୍ୟାୟ କହିଛନ୍ତି। ପ୍ରକାଶ ଯେ, ଅମ୍ବାନୀଙ୍କ ଭଳି ବିଜ୍‌ନେସ୍ ଟାଇକୁନ୍‌ଙ୍କ ସହ ମୋଦିଙ୍କ ସମ୍ପର୍କକୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଟାର୍ଗେଟ କରୁଛନ୍ତି। ଏଭଳି ସମୟରେ ଅମ୍ବାନୀଙ୍କ ସାନପୁଅଙ୍କ ବାହାଘରରେ ମୋଦିଙ୍କୁ ସ୍ୱାଗତ ଜଣାଇବା ପାଇଁ ଲଗାଯାଇଥିବା ପୋଷ୍ଟରକୁ ନେଇ ନାନା କଥା ଉଠିଲାଣି। ଏଭଳି ବ୍ୟୟବହୁଳ ବିବାହ ଦେଶରେ ଆୟ ଅସମାନତା ବଢ଼ାଉଛି ବୋଲି ବିତର୍କ ସୃଷ୍ଟି ହୋଇଥିବା କେତେଜଣ କହୁଛନ୍ତି।




**ଜୀବନ ସାଥୀ ହେଲେ ରାଧିକା-ଅନନ୍ତ** •ପୃଷ୍ଠା–୨

## ସଂକ୍ଷେପରେ

### ୭ ହାଇକୋର୍ଟରେ ନିଯୁକ୍ତ ହେବେ ନୂଆ ମୁଖ୍ୟ ବିଚାରପତି

**ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ**

**ନୂଆଦିଲ୍ଲୀ,୧୨।୭:** ସୁପ୍ରିମକୋର୍ଟ ଦିଲ୍ଲୀ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଲଦାଖ, କେରଳ, ମଧ୍ୟପ୍ରଦେଶ, ମାଡ୍ରାସ୍ ଏବଂ ମେଘାଳୟ ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ କଲେଜିୟମ୍ ବିଭିନ୍ନ ହାଇକୋର୍ଟର ବିଚାରପତିମାନଙ୍କ ବରିଷ୍ଠତା ଓ ପ୍ରଦର୍ଶନ ଆଧାରରେ ଏହି ସୁପାରିସ କରିଛନ୍ତି। ତଦନୁସାରେ ଦିଲ୍ଲୀ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନଙ୍କୁ ସେଠାରେ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରିବା ପାଇଁ ସୁପାରିସ କରାଯାଇଛି। ସେହିପରି ଜଷ୍ଟିସ୍ ରାଜୀବ ଶକଧେରଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଛି। ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଆସନ୍ତା ୧୯ରେ ଅବସର ନେବେ। ତାଙ୍କ ସ୍ଥାନରେ ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରାଓଙ୍କୁ ନିଯୁକ୍ତି ଦିଆଯିବ। ଦିଲ୍ଲୀ ହାଇକୋର୍ଟର ବରିଷ୍ଠ ବିଚାରପତି ସୁରେଶ କୁମାର କୈତଙ୍କୁ ଜମ୍ମୁ-କଶ୍ମୀର ଓ ଲଦାଖ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ ସକାଶେ ସୁପାରିସ କରାଯାଇଛି। ଜଷ୍ଟିସ୍ ଜି.ଏସ୍. ସନ୍ଧ୍ୟାୱାଲିଆଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି। ଜଷ୍ଟିସ୍ ନୀତିନ ମଧୁକର ଜାମଦାରଙ୍କୁ କେରଳ ହାଇକୋର୍ଟ ଏବଂ ଜଷ୍ଟିସ୍ ତଶିନ୍ ରବସ୍ତାନଙ୍କୁ ମେଘାଳୟ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରିବା ପାଇଁ ସୁପାରିସ କରାଯାଇଛି। ବମ୍ବେ ହାଇକୋର୍ଟର ଦ୍ୱିତୀୟ ବରିଷ୍ଠତମ ବିଚାରପତି କେ.ଆର୍. ଶ୍ରୀରାମଙ୍କୁ ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି।

# ୪୩,୪୦୯ ଜାଲ୍ ଡିଗ୍ରୀ

## ୨୦୧୩ରୁ ନକଲି ପ୍ରମାଣପତ୍ର ବାଣ୍ଟୁଛି ରାଜସ୍ଥାନର ଘରୋଇ ବିଶ୍ୱବିଦ୍ୟାଳୟ

**ଜୟପୁର,୧୨।୭**

ରାଜସ୍ଥାନର ଏକ ଘରୋଇ ବିଶ୍ୱବିଦ୍ୟାଳୟ ୨୦୧୩ରୁ ଅଦ୍ୟାବଧି ୪୩,୪୦୯ ପିଲାଙ୍କୁ ଜାଲ୍ ଡିଗ୍ରୀ ପ୍ରମାଣପତ୍ର ଜାରି କରିଛି। ଉକ୍ତ ୟୁନିଭର୍ସିଟି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସ୍ୱୀକୃତି ପାଇ ନ ଥିବାବେଳେ ଏତେ ପ୍ରମାଣପତ୍ର କିପରି ଜାରି କଲା ସେନେଇ ରାଜସ୍ଥାନ ପୋଲିସର ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି) ତନାଘନା ଆରମ୍ଭ କରିଛି। ୨୦୧୩ରେ ରାଜସ୍ଥାନର ଚୁରୁରେ ଓମ୍ ପ୍ରକାଶ ଯୋଗେନ୍ଦର ସିଂ (ଓପିଜେଏସ୍) ୟୁନିଭର୍ସିଟି ପ୍ରତିଷ୍ଠା କରାଯାଇଥିଲା। ସେବେଠୁ ଏହି ୟୁନିଭର୍ସିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଆସୁଛି। ଗତ ଏପ୍ରିଲ ୮ରେ ୧,୩୦୦ ଆବେଦନକାରୀ ୨୦୨୨ ବର୍ଷ ପାଇଁ ଫିଜିକାଲ ଟ୍ରେନିଂ ଇନ୍‌ଷ୍ଟ୍ରକ୍ଟର (ପିଟିଆଇ) ପରୀକ୍ଷା ବେଳେ ଉକ୍ତ ୟୁନିଭର୍ସିଟିରୁ ଜାରି ଡିଗ୍ରୀ ପ୍ରମାଣପତ୍ର ଦାଖଲକରିବା ସମୟରେ ଏହି ଜାଲିଆତି ସାମ୍ନାକୁ ଆସିଥିଲା। ବିଶ୍ୱବିଦ୍ୟାଳୟରେ ୨୦୧୬ରେ ପିଟିଆଇ ପାଠ୍ୟକ୍ରମର ୧୦୦ ସିଟ୍ ପାଇଁ ଆକ୍ରେଡିଶନ୍ ମିଳିଥିଲା। ୨୦୨୦ ପୂର୍ବରୁ ନାମ ଲେଖାଇଥିବା ପିଲା ପିଟିଆଇ ୨୦୨୨ ପରୀକ୍ଷା ଦେବାକୁ ଯୋଗ୍ୟ ବୋଲି ନିୟମ ରହିଥିବାବେଳେ ବିଶ୍ୱବିଦ୍ୟାଳୟ ମନଇଚ୍ଛା ଡିଗ୍ରୀ ବାଣ୍ଟି ଚାଲିଥିଲା। ଏଥିପାଇଁ ୟୁନିଭର୍ସିଟି କ୍ଷମତାପ୍ରାପ୍ତ ନୁହେଁ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ୟୁନିଭର୍ସିଟି ପ୍ରତିଷ୍ଠାତା ତଥା ମାଲିକ ଯୋଗିନ୍ଦର ସିଂ ଦଲାଲ ଡିଗ୍ରୀ ଦୁର୍ନୀତିରେ ଗିରଫ ହେବାର କିଛିଦିନ ପରେ ଏହି ବିଷୟ ସାମ୍ନାକୁ ଆସିଛି।



ଦେଶରେ ସର୍ବଭାରତୀୟ ପ୍ରବେଶିକା ଏବଂ କଲେଜରେ ନାମଲେଖା ପାଇଁ ଉଦ୍ଦିଷ୍ଟ ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ପ୍ରଘଟ ଓ ଦୁର୍ନୀତି ମାମଲାକୁ ନେଇ ଝଡ଼ ସୃଷ୍ଟି ହୋଇଥିବା ତଦନ୍ତ ବେଳେ ଯୋଗିନ୍ଦର ଧରାପଡ଼ିଛନ୍ତି। ଭିଜା ଆପ୍ଲିକେଶନ୍ ପାଇଁ ସ୍ନାତକ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରଙ୍କୁ ସେ ବ୍ୟାକ୍‌ଡେଟ୍‌ରେ ଏସବୁ ସାର୍ଟିଫିକେଟ୍ ଦେଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏସ୍‌ଓଜି ଡିଆଇଜି ପାରିସ୍ ଦେଶମୁଖ କହିଛନ୍ତି, ଏହି ୟୁନିଭର୍ସିଟି ୨୦୧୩ରୁ ଅଦ୍ୟାବଧି ୭୦୮ ପି.ଏଚ୍‌ଡି, ୮,୮୬୧ ଇଞ୍ଜିନିୟରିଂ ଏବଂ ୧,୬୪୦ ଫିଜିକାଲ ଏଜୁକେଶନ୍ ଡିଗ୍ରୀ ବାଣ୍ଟିସାରିଲାଣି। ୪,୫୦୦ ଖାଲି ପିଟିଆଇ ପଦବୀ ପୂରଣ ପାଇଁ ହୋଇଥିବା ପରୀକ୍ଷା ବେଳେ ପିଲାମାନେ ଏହି ଜାଲ୍ ପ୍ରମାଣପତ୍ର ଦେଇଥିବା ପୋଲିସ ସନ୍ଦେହ କରୁଛି। ଉକ୍ତ ବିଶ୍ୱବିଦ୍ୟାଳୟରେ ୩୦ରୁ କମ୍ କର୍ମଚାରୀ ରହିଛନ୍ତି। ଏଭଳି ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ବିଶ୍ୱବିଦ୍ୟାଳୟ ଚଳାଇବା ଅସମ୍ଭବ ବୋଲି ଦେଶମୁଖ କହିଛନ୍ତି।

ଜୁନ୍ ୨୪ରେ ରାଜସ୍ଥାନ ଉଚ୍ଚଶିକ୍ଷା ବିଭାଗ ଉକ୍ତ ୟୁନିଭର୍ସିଟିର ସମସ୍ତ ପାଠ୍ୟକ୍ରମରେ ନାମଲେଖା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହା ପୂର୍ବରୁ ଗତ ଡିସେମ୍ବରରେ ୟୁଜିସି ମଧ୍ୟ ଏହି ବିଶ୍ୱବିଦ୍ୟାଳୟର ସମସ୍ତ ପି.ଏଚ୍.ଡି. ପାଠ୍ୟକ୍ରମରେ ନାମଲେଖା ଉପରେ ନିଷେଧାଦେଶ ଜାରି କରିଥିଲେ।

## ଜେଲେନ୍‌ସ୍କିଙ୍କୁ 'ପୁଟିନ' କହିଲେ ବାଇଡେନ୍



ନାଟୋ ସମ୍ମିଳନୀରେ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି।

**ୱାଶିଂଟନ, ୧୨।୭**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍(୮୧)ଙ୍କ ସମସ୍ୟା କମ୍ ହେବାର ନାଁ ନେଉନାହିଁ। ଶୁକ୍ରବାର ନାଟୋ ସମ୍ମିଳନୀରେ ସେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ 'ପ୍ରେସିଡେଣ୍ଟ ପୁଟିନ' ଭାବେ ସମ୍ବୋଧନ କରିଛନ୍ତି। ଅବଶ୍ୟ ସେ ସଙ୍ଗେ ସଙ୍ଗେ ନିଜର ଭୁଲ୍ ସଂଶୋଧନ କରିବା ସହ ପୁଟିନ୍‌ଙ୍କୁ ପରାସ୍ତ କରିବା ଉପରେ ତାଙ୍କର ଧ୍ୟାନ ଥିବାରୁ ଏହି ସ୍ଲିପ୍ ଅଫ୍ ଟଙ୍ଗ୍ ଘଟିଥିବା କହିଛନ୍ତି। ସେହିପରି ଏହି

### କମଳା ହାରିସ୍‌ଙ୍କୁ କହିଲେ 'ଉପରାଷ୍ଟ୍ରପତି ଟ୍ରମ୍ପ'

ସମ୍ମିଳନୀରେ ଖବରଦାତାଙ୍କୁ ସମ୍ବୋଧନ କରିବା ସମୟରେ ଆମେରିକାର ଉପ ରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ନେଇ ହୋଇଥିବା ଏକ ପ୍ରଶ୍ନର ଉତ୍ତର ରଖି ବାଇଡେନ୍ ଭୁଲ୍‌ବଶତଃ କମଳାଙ୍କୁ 'ଉପରାଷ୍ଟ୍ରପତି ଟ୍ରମ୍ପ' ବୋଲି ସମ୍ବୋଧନ କରିଛନ୍ତି। ବାଇଡେନ୍‌ଙ୍କ ଉଭୟ ସ୍ଲିପ୍ ଅଫ୍ ଟଙ୍ଗ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଆସ୍ଥା ଭୋଟରେ ହାରିଲେ ପ୍ରଚଣ୍ଡ

**କାଠମାଣ୍ଡୁ, ୧୨।୭**

ନେପାଳ ସଂସଦରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଆସ୍ଥା ଭୋଟରେ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ(୬୯) ପରାସ୍ତ ହୋଇଛନ୍ତି। ୧୯ ମାସ ଧରି ନେପାଳ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବା ପରେ ସେ ଇସ୍ତଫା ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍ (ୟୁଏମ୍‌ଏଲ୍) ଗତ ୩ରେ ପ୍ରଚଣ୍ଡଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲା। ଫଳରେ ପ୍ରଚଣ୍ଡଙ୍କ ସରକାର ସଂଖ୍ୟାଲଘୁରେ ପରିଣତ



ପୁଷ୍ପ କମଲ ଦହଲ ପ୍ରଚଣ୍ଡ

ହୋଇଯାଇଥିଲା। ୨୭୫ ସଦସ୍ୟ ବିଶିଷ୍ଟ ନେପାଳ ସଂସଦରେ ପ୍ରଚଣ୍ଡଙ୍କ ସପକ୍ଷରେ ୬୩ଟି ଭୋଟ ପଡ଼ିଥିବାବେଳେ ତାଙ୍କ ବିରୋଧରେ ୧୯୪ଟି ଭୋଟ ପଡ଼ିଛି। ପ୍ରଚଣ୍ଡଙ୍କ ପରାଜୟ ପରେ ନେପାଳୀ କଂଗ୍ରେସ ଓ ସିପିଏନ୍ (ୟୁଏମ୍‌ଏଲ୍)ର ମିଳିତ ସରକାର ଗଠନ ହେବ। ଏହି ମିଳିତ ସରକାରରେ ସିପିଏନ୍(ୟୁଏମ୍‌ଏଲ୍) ନେତା କେ.ପି. ଶର୍ମା ଓଲି ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ନେପାଳ ସଂସଦରେ ପ୍ରଚଣ୍ଡଙ୍କ ସିପିଏନ୍(ଏନ୍‌ସି) ନିକଟରେ ୩୨ ଏମ୍‌ପି ଥିବାବେଳେ ଓଲିଙ୍କ ସିପିଏନ୍ (ୟୁଏମ୍‌ଏଲ୍) ନିକଟରେ ୭୮ ଓ ନେପାଳୀ କଂଗ୍ରେସ ନିକଟରେ ୮୯ ଜଣ ଏମ୍‌ପି ରହିଛନ୍ତି।

## ନଦୀରେ ଓଲଟିଲା ୨ ବସ୍: ୭ ଭାରତୀୟ ମୃତ

**କାଠମାଣ୍ଡୁ, ୧୨।୭**

ନେପାଳରେ ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଭୂସ୍ଖଳନ ଘଟି ଚେତ୍‌ୱନ ଜିଲା ସିମଲତାଲ ଅଞ୍ଚଳର ନାରାୟଣ ଘାଟ-ମୁଗଲିଙ୍କ ରାସ୍ତାରେ ୨ଟି ବସ୍ ସ୍ଥାନୀୟ ତ୍ରିଶୂଳି ନଦୀରେ ଓଲଟି ପଡ଼ିଛି। ଉଭୟ ବସ୍‌ରେ ଡ୍ରାଇଭରଙ୍କ ସମେତ ୬୫ ଜଣ ଯାତ୍ରୀ ଉପସ୍ଥିତ ଥିଲେ। ଦୁର୍ଘଟଣାରେ ୭ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ୫୦ରୁ ଅଧିକ ଯାତ୍ରୀ ଏବେ ମଧ୍ୟ ନିଖୋଜ ଥିବା ଚେତ୍‌ୱନ ମୁଖ୍ୟ ଜିଲା ଅଧିକାରୀ କହିଛନ୍ତି।

## ଶାସକ ମହାୟୁତି ୧୧ରୁ ୯

### ମହାରାଷ୍ଟ୍ର ଏମ୍‌ଏଲ୍‌ସି ନିର୍ବାଚନ

**ମୁମ୍ବାଇ,୧୨।୭**

ମହାରାଷ୍ଟ୍ର ବିଧାନ ପରିଷଦରେ ଖାଲିଥିବା ୧୧ ଆସନ ମଧ୍ୟରୁ ୯ଟି ଶାସକ ମହାୟୁତି ମେଣ୍ଟକୁ ଯାଇଛି। ଭାଜପା ୫ ଆସନ ଦଖଲ କରିଥିବାବେଳେ ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ୨ଟି ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟ ୨ ଆସନ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ହାତକୁ ଯାଇଛି। ଚଳିତବର୍ଷ ଶେଷ ଆଡ଼କୁ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଜନାଦେଶ ଏକ ଟ୍ରେଲର ବୋଲି ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି। ଭାଜପା ନେତା ତଥା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଛନ୍ତି, ଶାସକ ମେଣ୍ଟର ଜଣେ ପ୍ରାର୍ଥୀ ହାରିବେ ବୋଲି ବିରୋଧୀ ଦାବି କରୁଥିଲେ। କିନ୍ତୁ ଫଳାଫଳରୁ ଜଣାପଡୁଛି ଯେ, ମହାୟୁତିକୁ କେବଳ ନିଜ ମେଣ୍ଟର ନୁହେଁ, ବରଂ ଏମ୍‌ଭିଏ ବିଧାୟକମାନେ ମଧ୍ୟ ଭୋଟ ଦେଇଛନ୍ତି।

ଅନ୍ୟପକ୍ଷେ ଶିବସେନା ୟୁବିଟିରୁ ଉଦ୍ଧବ ଠାକରେଙ୍କ ଘନିଷ୍ଠ ସହଯୋଗୀ ମିଲିନ୍ଦ ନରଭେକର୍ ଏବଂ କଂଗ୍ରେସର ପ୍ରଦନ୍ୟା ବିଜୟୀ ହୋଇଛନ୍ତି। ତେବେ ଶରଦ ପାୱାରଙ୍କ ଏନ୍‌ସିପି-ଏସ୍‌ପି ସମର୍ଥିତ ପିଡବ୍ଲ୍ୟୁପି ପ୍ରାର୍ଥୀ ଜୟନ୍ତ ପାଟିଲ ନିର୍ବାଚନ ହାରିଯାଇଛନ୍ତି।

## ଜଗନ ରେଡ୍ଡୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ

**ଅମରାବତୀ, ୧୨।୭**

ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ବିରୋଧରେ ଶୁକ୍ରବାର ହତ୍ୟା ମାମଲା ରୁଜୁ ହୋଇଛି। ଏହି ମାମଲାରେ ଜଗନଙ୍କ ସହ ରାଜ୍ୟର ୨ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁନୀଲ କୁମାର ଓ ସୀତାରମଣ ଜନେୟୁଲୁ ଅଭିଯୁକ୍ତ ଅଛନ୍ତି। ଉଣ୍ଡି ବିଧାନସଭାର ତେଲୁଗୁ ଦେଶମ ପାର୍ଟି(ଟିଡିପି) ବିଧାୟକ ରଘୁରାମ କୃଷ୍ଣ ରାଜୁଙ୍କ ଅଭିଯୋଗ ଆଧାରରେ ଗୁଣ୍ଟୁର ଜିଲା ନଗରାମପାଲେମ ପୋଲିସ ଏହି ମାମଲା ରୁଜୁ କରିଛି। ୨୦୨୧ରେ ତାଙ୍କ ବିରୋଧରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ସହ ୨ ଆଇପିଏସ୍ ଅଧିକାରୀ ଆପରାଧିକ ଷଡ଼ଯନ୍ତ୍ର ରଚିଥିବା ରାଜୁ ଅଭିଯୋଗ କରିଛନ୍ତି। ଏକ ମିଥ୍ୟା ମାମଲା ରୁଜୁ କରାଯାଇ ୨୦୨୧ ମେ ୧୪ରେ ତାଙ୍କୁ ଗିରଫ କରାଯିବା ସହ ହାଜତରେ ରଖି ନିର୍ଯାତନା ଦିଆଯାଉଥିଲା ବୋଲି ରାଜୁ ଅଭିଯୋଗ କରିଛନ୍ତି।

# ଜୀବନସାଥୀ ହେଲେ ରାଧିକା, ଅନନ୍ତ

**ମୁମ୍ବାଇ,୧୨।୭**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଶୁକ୍ରବାର ବିଶିଷ୍ଟ ବ୍ୟବସାୟୀ ବୀରେନ୍ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ ଏହି ହାଇପ୍ରୋଫାଇଲ୍ ବିବାହ ଉତ୍ସବରେ ଦେଶବିଦେଶର ବହୁ ସେଲିବ୍ରିଟି, ରାଜନେତାଙ୍କ ସହ କର୍ପୋରେଟ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ଶୁକ୍ରବାର ଅପରାହ୍ଣରେ ଅନନ୍ତଙ୍କ ବରଯାତ୍ରୀ ଏଣ୍ଟିଲିଆ (ମୁକେଶ ଅମ୍ବାନୀଙ୍କ ବାସଭବନ)ରୁ ବାହାରି ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟରରେ ପହଞ୍ଚିଥିଲା। ବରଯାତ୍ରୀରେ ଅମ୍ବାନୀ ପରିବାର ସମେତ ବଲିଉଡ୍‌ର ବହୁ ତାରକା ଯୋଗଦେଇ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ବଲିଉଡ୍ ସଙ୍ଗୀତର ତାଳେ ତାଳେ ନାଚିଥିଲେ। ବିବାହ ସ୍ଥଳରେ ଲୋକ ଗାୟକ ମାମେ



ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ ସେଣ୍ଟରରେ ପରିବାର ସହ ମୁକେଶ ଓ ନୀତା ଅମ୍ବାନୀ।



ଅନନ୍ତ ଅମ୍ବାନୀଙ୍କ ସହ ରାଧିକା ମର୍ଚ୍ଚାଣ୍ଟ।

ଖାନ୍‌ଙ୍କ ଗୀତରେ ଉପସ୍ଥିତ ଅତିଥି ମନ୍ତ୍ରମୁଗ୍ଧ ହୋଇଛନ୍ତି। ଏହି ବିବାହ ସମାରୋହରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଓ ଟୋନି ବ୍ଲେୟାର, କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଷ୍ଟିଫେନ୍ ହାର୍ପର, ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ଜନ୍ କେରି, ଆମେରିକୀୟ ଅଭିନେତା ଜେଫ୍ କୁନ୍ସ, ଜନ ସେନା, ଅଭିନେତ୍ରୀ କିମ୍ କାର୍ଦାଶିଆନ, ମଡେଲ ଖ୍ଲୋଇ କାର୍ଦାଶିଆନ, ବକ୍ସର ମାଇକ୍ ଟାଇସନ ପ୍ରମୁଖ ସାମିଲ ହୋଇ ଉଭୟ ଅନନ୍ତ ଓ ରାଧିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବଲିଉଡ୍ ତାରକା ପ୍ରିୟଙ୍କା ଚୋପ୍ରା, ରଣବୀର ସିଂ, ଜ୍ୟାକି ଶ୍ରଫ୍ , ଆମିର ଖାନ୍, ସଲ୍‌ମାନ ଖାନ୍, ଶାହରୁଖ ଖାନ୍, ଦୀପିକା ପାଦୁକୋନ୍, ଜାହ୍ନବୀ କପୁର, ଆଲିଆ ଭଟ୍ଟ, ସାରା ଅଲି ଖାନ୍ ମଧ୍ୟ ଏହି ଗ୍ରାଣ୍ଡ ୱେଡିଂରେ ସାମିଲ ହୋଇଛନ୍ତି। ଆସନ୍ତା ରବିବାର ଅନନ୍ତ ଓ ରାଧିକାଙ୍କର ମଙ୍ଗଳ ଉତ୍ସବ(ରିସେପ୍‌ଶନ) ଆୟୋଜିତ ହେବ। ଗତ ବର୍ଷ ଜାନୁୟାରୀରେ ଅନନ୍ତ ଓ ରାଧିକାଙ୍କ ନିର୍ବନ୍ଧ ହୋଇଥିଲା। ମାର୍ଚ୍ଚରେ ଏହି ଯୋଡ଼ିଙ୍କ ପ୍ରି ୱେଡିଂ ଜାମନଗରରେ ବହୁ ଆଡ଼ମ୍ବର ସହ କରାଯାଇଥିଲା।

## ବୋର୍‌ୱେଲ୍‌ରେ ପଡୁଥିବା ଶିଶୁଙ୍କୁ ବଞ୍ଚାଇବ ରୋବୋ

**ଅହମ୍ମଦାବାଦ**

ଅହମ୍ମଦାବାଦ ସରକାରୀ ପଲିଟେକ୍ନିକ୍ କଲେଜର ଇନ୍‌ଷ୍ଟ୍ରୁମେଣ୍ଟେଶନ୍ ଆଣ୍ଡ୍ କଣ୍ଟ୍ରୋଲ୍ ଇଞ୍ଜିନିୟରିଂ ବିଭାଗର ୬ ଜଣ ଛାତ୍ର ଏକ ରୋବୋ ପ୍ରୋଟୋଟାଇପ୍ ପ୍ରସ୍ତୁତ କରିଛନ୍ତି। ଏହା କ୍ୟାମେରା ସାହାଯ୍ୟରେ ବିଭିନ୍ନ ବୋର୍‌ୱେଲ୍‌ରେ ପଡ଼ିଯାଉଥିବା ଶିଶୁମାନଙ୍କୁ ବଞ୍ଚାଇବାରେ ସାହାଯ୍ୟ କରିପାରିବ। ପ୍ରୋଜେକ୍ଟ କରିଥିବା ଜଣେ ଛାତ୍ର କହିଛନ୍ତି, ନିକଟ ଅତୀତରେ ଅନେକ ଶିଶୁ ବୋର୍‌ୱେଲ୍‌ରେ ପଡ଼ି ଜୀବନ ହରାଇଛନ୍ତି। ତେଣୁ ଆମେ ଏନେଇ ଏକ ରୋବୋ ବିକଶିତ କରିବାକୁ ଚିନ୍ତା କରି ଟେକ୍ନୋଲୋଜିର ବ୍ୟବହାରରେ ଏହାର କାର୍ଯ୍ୟ ଆରମ୍ଭ କରିଥିଲୁ। ଉକ୍ତ



ରୋବୋରେ ୱାଇଫାଇ କ୍ୟାମେରା ଏବଂ କଣ୍ଟ୍ରୋଲର ବ୍ୟବହୃତ ହୋଇଛି, ଯାହା ମାଧ୍ୟମରେ ରିଅଲ ଟାଇମ୍ ଡାଟା ଉପଲବ୍ଧ ହୋଇପାରିବ। ଏହି ରୋବୋ ବୋର୍‌ୱେଲ୍‌ର ୨୩ ଫୁଟ ପର୍ଯ୍ୟନ୍ତ ଗଭୀରକୁ ଯାଇ ତଥ୍ୟ ପ୍ରଦାନ କରିପାରିବ। ୱାଇଫାଇ କ୍ୟାମେରା ସାହାଯ୍ୟରେ ଏହା ବୋର୍‌ୱେଲ୍ ମଧ୍ୟରେ ଫସି ରହିଥିବା ଶିଶୁର ସ୍ଥିତିକୁ ଜଣାଇପାରିବ।

**ଫୁର୍‌ସତ୍**

## ରିତେଶଙ୍କ ଓଟିଟି ଡେବ୍ୟୁ

**ମୁମ୍ବାଇ**



ଅଭିନେତା ରିତେଶ ଦେଶ୍‌ମୁଖ ଓଟିଟିରେ ଡେବ୍ୟୁ କରିଛନ୍ତି। ଓଟିଟି ପ୍ଲାଟ୍‌ଫର୍ମ ଜିଓ ସିନେମାରେ ତାଙ୍କର ପ୍ରଥମ ୱେବ୍ ସିରିଜ 'ପିଲ୍'ର ଷ୍ଟ୍ରିମିଂ ଶୁକ୍ରବାର ଆରମ୍ଭ ହୋଇଛି। ଫିଲ୍ମରେ ରିତେଶ ଜଣେ ଡକ୍ଟରଙ୍କ ଚରିତ୍ରରେ ଅଭିନୟ କରିଥିବାବେଳେ ସେ ଫାର୍ମା ଇଣ୍ଡଷ୍ଟ୍ରିରେ ଚାଲିଥିବା ଅନେକ ସ୍କାମ୍ ଏବଂ ଠକେଇ ବିଷୟରେ ଜାଣିପାରୁଛନ୍ତି ଯାହା ସାଧାରଣ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରିବ। ତେଣୁ ଏହିସବୁ ଦୁର୍ନୀତିଗୁଡ଼ିକୁ ରିତେଶ କିପରି ପର୍ଦ୍ଦାଫାଶ କରୁଛନ୍ତି, ତାକୁ ନେଇ କାହାଣୀ ଆଗକୁ ବଢ଼ିଛି। କୌଣସି ଗ୍ୟାଙ୍ଗ୍ ୱାର୍, ରୋମାନ୍ସ କିମ୍ବା ନଗ୍ନତା ନ ଥାଇ ମଧ୍ୟ ଏହି ୱେବ୍ ସିରିଜ ଦର୍ଶକଙ୍କ ପାଇଁ ଏକ ଭଲ କାହାଣୀ ପ୍ରସ୍ତୁତ କରିପାରିଛି ବୋଲି କେତେଜଣ ଫିଲ୍ମ ସମୀକ୍ଷକ ମତ ଦେଇଛନ୍ତି। ଫାର୍ମା ଇଣ୍ଡଷ୍ଟ୍ରି ସହ ଜଡ଼ିତ ଏବଂ ରୋଗୀମାନଙ୍କ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଏହି ୱେବ୍ ସିରିଜରେ ଉଠାଯାଇଛି, ଯାହାକୁ ପ୍ରଥମ ଦିନରେ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି।

ରାଜ କୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ 'ପିଲ୍' ସିରିଜରେ ରିତେଶ ଦେଶମୁଖଙ୍କ ସହ ପୱନ ମାଲହୋତ୍ରା, ଅକ୍ଷତ୍ ଚୌହାନ, ଅନ୍‌ସୁଲ ଚୌହାନ, ବିକ୍ରମ ଧାରିଆ ଓ ହନିଶ୍ କୌଶଲ ମଧ୍ୟ ନଜର ଆସିଛନ୍ତି। ଏହି ସିରିଜରେ ଡକ୍ଟର ପ୍ରକାଶଙ୍କ ଭୂମିକାରେ ରିତେଶଙ୍କୁ ଦେଖିବାକୁ ମିଳିବ। ସେହିପରି ତାଙ୍କ ବିପକ୍ଷରେ ପୱନ ମାଲହୋତ୍ରା ଏକ ଫାର୍ମା କମ୍ପାନୀର ସିଇଓ ଭୂମିକାରେ ନଜର ଆସିଛନ୍ତି।

## ବୁଲ୍‌ଡୋଜରରେ ପହଞ୍ଚିଲେ ବର

**ସନ୍ଥକବିର ନଗର**

ସାଧାରଣତଃ ବିବାହ ସ୍ଥଳକୁ ଦାମୀ କାର୍, ଘୋଡ଼ା କିମ୍ବା ରଥରେ ଚଢ଼ି ବର ଆସିବାର ଅନେକ ନଜିର ରହିଛି। କିନ୍ତୁ ଗୁରୁବାର ଉତ୍ତରପ୍ରଦେଶର ସନ୍ଥକବିର ନଗରରେ ହେଉଥିବା ଏକ ବିବାହ ଉତ୍ସବକୁ ଗୋରଖପୁର ଜିଲା ଖଜନୀ ତହସିଲ ଉନ୍‌ୱଲ ଗ୍ରାମର ବାସିନ୍ଦା ମୋହନ ଲାଲ୍ ବର୍ମାଙ୍କ ପୁଅ କୃଷ୍ଣ ବର୍ମା ଏକ ବୁଲ୍‌ଡୋଜରରେ ଆସି ପହଞ୍ଚିଥିଲେ। ବିବାହରେ ବ୍ୟବହୃତ ବିଭିନ୍ନ କାର୍ ଭଳି ବୁଲ୍‌ଡୋଜରଟିକୁ ଫୁଲରେ ସଜାଯାଇଥିଲା। ସେହିପରି ବିବାହ ଉତ୍ସବ ସରିବା ପରେ କୃଷ୍ଣ ନିଜ ନବ ବିବାହିତା ସ୍ତ୍ରୀଙ୍କ ସହ ଉକ୍ତ ବୁଲ୍‌ଡୋଜରରେ ବସି ଘରକୁ ଫେରିଥିଲେ। ସୂଚନାଯୋଗ୍ୟ, କୃଷ୍ଣ ହେଉଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର



ଜଣେ ବଡ଼ ସମର୍ଥକ। ଗତ କିଛି ବର୍ଷ ଧରି ଉତ୍ତର ପ୍ରଦେଶରେ ସୁଧୁରୁଥିବା ଆଇନ ବ୍ୟବସ୍ଥାର ଚିହ୍ନ ବୁଲ୍‌ଡୋଜର ହୋଇଥିବା ସେ କୁହନ୍ତି।


Scan for details
FASHION FACTORY
BRANDS FOR LESS
Reliance
Growth is Life
TILL 4TH AUGUST
UNBRANDED TO BRANDED
EXCHANGE
Festival
ପୁରୁଣା ପ୍ରଡକ୍ଟ ପାଇଁ ଏକ୍ସଚେଞ୍ଜ ମୂଲ୍ୟ
+
ନୂଆ ପ୍ରଡକ୍ଟ ଉପରେ ରିହାତି
DENIM
ପୁରୁଣା ପାଇଁ ଏକ୍ସଚେଞ୍ଜ ମୂଲ୍ୟ
₹400
+
ନୂଆ ଉପରେ
UPTO 50% OFF
KURTIS
ପୁରୁଣା ପାଇଁ ଏକ୍ସଚେଞ୍ଜ ମୂଲ୍ୟ
₹200
+
ନୂଆ ଉପରେ
UPTO 50% OFF
SHIRTS
ପୁରୁଣା ପାଇଁ ଏକ୍ସଚେଞ୍ଜ ମୂଲ୍ୟ
₹250
+
ନୂଆ ଉପରେ
UPTO 50% OFF
SHOES
ପୁରୁଣା ପାଇଁ ଏକ୍ସଚେଞ୍ଜ ମୂଲ୍ୟ
₹300
+
ନୂଆ ଉପରେ
UPTO 50% OFF
*T&C Apply
5% INSTANT DISCOUNT*
SBI card
*Min. Trxn.: ₹4,000; Max. Discount: ₹500 per Trxn.
Validity: 28 Jun - 28 Jul 2024. T&C Apply.
GIVE A MISSED CALL FOR MORE INFO
9321661199
Levi's
Pepe Jeans London
PUMA
Lee
Raymond
Lee Cooper
PARK AVENUE
NETPLAY
KILLER
TIGC THE INDIAN GARAGE CO
johnplayers.jeans
spykar
Wrangler
GIORDANO
ColorPlus
HIGHLANDER
ecko unltd.
intribe DENIM CO.
indi bee
SADDLE & MALLET
PINE CLUB
CANOE
JOHN PLAYERS
ଭୁବନେଶ୍ୱରରେ ଷ୍ଟୋର୍: ବିଏମ୍‌ସି ଭବାନୀ ମଲ୍, ଶହୀଦ ନଗର
କଟକରେ ଷ୍ଟୋର୍: ଚଣ୍ଡି ଛକ, ଏସ୍‌ବି ଓମେନ୍ସ କଲେଜ୍ ସାମ୍ନା
ଷ୍ଟୋର୍ ମ୍ୟାନେଜର: 9752548948 / 7008119294

**ଆଜିର ମନ୍ତବ୍ୟ**

"ଜିତିବା ହାରିବା ଜୀବନରେ ଲାଗି ରହିଥାଏ। ଅମେଠିରେ ହାରିଯାଇଥିବା ଭାଜପାର ସ୍ମୃତି ଇରାନୀଙ୍କ ପ୍ରତି କେହି ଅପଶବ୍ଦ ବ୍ୟବହାର କରନ୍ତୁ ନାହିଁ।
—ରାହୁଲ ଗାନ୍ଧୀ, ଲୋକ ସଭା ବିରୋଧୀ ଦଳ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୬ତମ ଜୟନ୍ତୀ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଗୋପୀନାଥ ଦେବଙ୍କ ୯ମ ବାର୍ଷିକ ପ୍ରତିଷ୍ଠା ଉତ୍ସବର ଭାଗବତ ଗୀତା ଯଜ୍ଞ, ଆହୁତି ପୂର୍ଣ୍ଣାହୁତି ଓ ଭଜନ ସମାରୋହ, ସ୍ଥାନ: ନହରକଣ୍ଟାସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କଟକ

- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ଅବସରରେ ପ୍ରବଚନ, ସ୍ଥାନ: ନୂଆସାହି, ଯୋବ୍ରା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପୁରୁଷଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁତେଇ ଫୁଟବଲ କ୍ଲବ ଓ ମଧୁସୂଦନ କ୍ଲବ ମଧ୍ୟରେ ମ୍ୟାଚ୍, ସ୍ଥାନ: ପରମିଟ୍ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ରାସଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ରାମପର୍ଶୁରାମ ଅବତାର ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଦାଣ୍ଡିଆ (ଗର୍ବା) କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୪୫।
-

## ଭଦ୍ରକ

- ଜଗନ୍ନାଥ ଓ ବିମଳାଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ସକାଳ ୮ଟା।
- ମହିଳା ଗୋଷ୍ଠୀ ଦ୍ୱାରା ଚାରାରୋପଣ, ସ୍ଥାନ: ଆଗରପଡ଼ା–ବନ୍ତ ରାସ୍ତାପାର୍ଶ୍ୱ, ଭଦ୍ରକ, ସମୟ: ସକାଳ ୯ଟା।

- ଦିବ୍ୟାଙ୍ଗ ବରକନ୍ୟାଙ୍କ ବିବାହ, ସ୍ଥାନ: ମତୋ କଲ୍ୟାଣ ମଣ୍ଡପ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶନି ଗ୍ରହ ମନ୍ଦିରରେ ମେଳା, ପୂଜା, ହୋମ, ସ୍ଥାନ: ମୋଟରାଗଡ଼ିଆ, ହାଟଡିହୀ, ସମୟ: ସକାଳ ୭ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଯଜ୍ଞ, ପୂର୍ଣ୍ଣାହୁତି, ସ୍ଥାନ: ଖଳାଗଡ଼ିଆ, ହାଟଡିହୀ, ସମୟ: ସକାଳ ୯ଟା।
- ବଡ଼ବିଲ ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ପୂର୍ଣ୍ଣାହୁତି, ସ୍ଥାନ: ଇଂଚୋଳ, ହାଟଡିହୀ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ ଆନୁକୂଲ୍ୟରେ ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ,ସ୍ଥାନ: ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର, ଚତୁରୀ, ପୁରୁଣା ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୭ତମ ଭିତ୍ତିପ୍ରସ୍ତର ସ୍ଥାପନ ଦିବସ, ସ୍ଥାନ: ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ବାମନ ପର୍ଶୁରାମ ବେଶ, ସ୍ଥାନ: ମାଉସୀ ମା' ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ସାନ ଜଗନ୍ନାଥ ମହାପ୍ରଭୁଙ୍କ ବାମନ ପର୍ଶୁରାମ ବେଶ, ସ୍ଥାନ: ମାଉସୀ ମା' ମନ୍ଦିର, ଲାଲବଜାର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତର କାକୁଡିହା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜିଲା ଭାଜପାର ସମୀକ୍ଷା ବୈଠକ, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ,ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଞ୍ଜାମ

- ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଚତୁର୍ଦ୍ଧାମୂର୍ତ୍ତିଙ୍କ ରାମ ଓ ବଳରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।

## କୋରାପୁଟ

- କୋରାପୁଟ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଜୀଉଙ୍କ ଶ୍ରୀରାମ ଓ ବଳରାମ ଅବତାର, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କୋରାପୁଟ, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ବର୍ଣ୍ଣଲୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସ୍ୱାସ୍ଥ୍ୟ ସମସ୍ୟାକୁ ସିଡିଏମଓଙ୍କ ସହ ଭାଜପା ଯୁବ ମୋର୍ଚ୍ଚା କର୍ମୀଙ୍କ ଆଲୋଚନା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଅଇଁଠାପାଲି ଶୁଭଶ୍ରୀ ବିହାର, ସମୟ: ସନ୍ଧ୍ୟା ୬ଟା ୩୦।
- ବ୍ରହ୍ମପୁରା ଠାକୁରଙ୍କ ନୃସିଂହ ଓ ଶେଷ ନାଗ ବେଶ, ସ୍ଥାନ: ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀଗୋପିନାଥ ପଡା ସ୍ଥିତ ରଧାମଦନ ଗୋପାଳ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଚତୁର୍ଦ୍ଧା ମୂର୍ତ୍ତି ସ୍ୱତନ୍ତ୍ର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦଟୋଲ ମାଉସୀ ମାଆ ମନ୍ଦିର ସମ୍ମୁଖ , ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ,ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ସୋନପୁର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ବୁଦ୍ଧ ଅବତାର ବେଶ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ଅପରାହ୍ନ ୫ଟା।
- ସୋନପୁର ବୃନ୍ଦାବନ ବିହାରୀ ମନ୍ଦିରରେ ଶ୍ରୀଜୀଉଙ୍କ ପଦ୍ମମୁଖ ବେଶ, ସ୍ଥାନ: ବୃନ୍ଦାବନ ବିହାରୀ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ 'ପ୍ରେରଣା ଉତ୍ସବ', ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ସକାଳ ୮ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବରଗଡ଼ ବିଜ୍ଞାନ କେନ୍ଦ୍ର, ଗୁରୁଁଲା। ବାଳକ ଉଚ୍ଚ ବିଦ୍ୟାଳୟ ସୋହେଲା। ସରକାରୀ ଏସଏସଡି ହାଇସ୍କୁଲ ନୃସିଂହନାଥ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ସାହିତ୍ୟ ସୃଜନୀ), ସ୍ଥାନ: କେଦାରନାଥ ହାଇସ୍କୁଲ ଅମ୍ବାଭୋନା। ବାଳିକା ହାଇସ୍କୁଲ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କ୍ରୀଡ଼ାଙ୍ଗନା), ସ୍ଥାନ: ଗ୍ରାମପଞ୍ଚାୟତ ହାଇସ୍କୁଲ, ପତ୍ରାପାଲି। ସରକାରୀ ହାଇସ୍କୁଲ, ପାଣିମୋରା। ସୋହେଲା, ପଞ୍ଚାୟତ ହାଇସ୍କୁଲ ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସ୍କୁଲ କୋଠାଘର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନିଶାମଣି ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛାତ୍ରବାସ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୨୦।
- ଛାତ୍ରୀ କମନ ରୁମ୍, ଅଡ଼ିଟୋରିୟମ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଜୁନିୟର କଲେଜ, ତୋରା, ସମୟ: ମଧ୍ୟାହ୍ନ ୧୨ଟା ୧୦।
- ଶ୍ରେଣୀ କୋଠରି ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଟୋପ୍ ହାଇସ୍କୁଲ ଅତାବିରା, ସମୟ: ଅପରାହ୍ନ ୪ଟା ୩୦।
- ନବ ନିର୍ବାଚିତ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।
- ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ଅପରାହ୍ନ ୫ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ କାଠଡ଼େରା ଗସ୍ତ, ସ୍ଥାନ: କାଠଡ଼େରା, ଅତାବିରା, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଭଟଲି ଗସ୍ତ, ସ୍ଥାନ: ଭଟଲି ରଥଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ୩୦।

## ରାଉରକେଲା

- ଦକ୍ଷିଣ ପୂର୍ବ ରେଳବାଇ ଜିଏମ୍‌ଙ୍କ ରାଉରକେଲା ଷ୍ଟେଶନ ପରିଦର୍ଶନ, ସ୍ଥାନ:ରାଉରକେଲା,ସମୟ: ସକାଳ ୮ଟା ।
- ୭୫ତମ ବନ ମହୋତ୍ସବ ପାଳନ,ସ୍ଥାନ: ଅନ୍ୱେଷା ଛାତ୍ରବାସ, ସମୟ: ସକାଳ ୯ଟା।
- ରାଉରକେଲା ବନବିଭାଗ ପକ୍ଷରୁ ବନମହୋତ୍ସବ, ସ୍ଥାନ: ଅନ୍ୱେଷା, ବିପିନ୍ଯୁଟି ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ତାରିଣୀ ପୀଠ ଜଗନ୍ନାଥ କମିଟି ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ବ୍ୟବସାୟିକ ଛତୁ ଚାଷ ସମ୍ପର୍କରେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ବ୍ରିଜ ଛକ, ବୌଦ୍ଧ, ସମୟ: ସକାଳ ୬ଟା।
- ମାଉସୀ ମା' ମନ୍ଦିର ପରିସରରେ ଭଜନ ସମାରୋହ, ସ୍ଥାନ: ମାଉସୀ ମା' ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନିମନ୍ଦିର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଶ୍ରୀ ଜଗନ୍ନାଥଙ୍କ ଅଷ୍ଟମୀ ଦର୍ଶନ, ସ୍ଥାନ: ସହରସ୍ଥିତ ମାରୱାଡ଼ି ପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଆଗାମୀ ମହରମ ପର୍ବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ସରବାହାଲ ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗୁଣ୍ଡିଚା ଭଜନ ସମାରୋହର ୭ମ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସନ୍ଧ୍ୟା ୬ଟା୩୦।

## ନୟାଗଡ଼

- ଶ୍ରୀଜୀଉଙ୍କ ପର୍ଶୁରାମ ବେଶ, ସ୍ଥାନ:ନୟାଗଡ଼ ମାଉସୀମା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ନୃତ୍ୟାନାଦ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଡ୍ୟାନ୍ସ ଧମାକା, ସ୍ଥାନ:ଦଶପଲ୍ଲା ସହର ସାତପାଟଣାର ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦ୍ରାପଡ଼ା

- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭଜନ କାର୍ଯ୍ୟକ୍ରମ,ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଉଦୀୟମାନ କଳାପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ହାଟପଡ଼ିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଗୀତା ଜାଗରଣ ପରିଷଦ ପକ୍ଷରୁ ଭଜନ ପରିବେଷଣ,ସ୍ଥାନ: ଯାଜପୁର ଜଗନ୍ନାଥ ମନ୍ଦିର ପରିସର,ସମୟ : ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ : ରସୁଲପୁର ବ୍ଲକ ବଡ଼ ଗୋବିନ୍ଦପୁରସ୍ଥିତ ମନ୍ଦିର ପରିସର,ସମୟ : ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଚନ୍ଦ୍ରଯୁକ୍ତ କେତୁ ଷଷ୍ଠସ୍ଥ ହେତୁ ଦୂରଯାତ୍ରାରେ ଅପବ୍ୟୟଜନିତ ମନସ୍ତାପ କରିପାରନ୍ତି। ବାଣିଜ୍ୟ, ପରିବହନ, ମନୋରଞ୍ଜନ, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ବାଧା ରହିବ ନାହିଁ। ଘରକୁ ପ୍ରିୟବନ୍ଧୁ ଆସିବେ ମାତ୍ର ଫେରିବା ସମୟକୁ ମନଦୁଃଖ କରି ବହୁତ କଥା ଶୁଣେଇ ପାରନ୍ତି। କାଯ୍ୟବ୍ୟସ୍ତତା କାରଣରୁ ଅବସାଦ ଦେଖାଦେଇପାରେ।

**ବୃଷ** — ଚତୁର୍ଥାଧିପତି ଧନସ୍ଥ ଯୋଗୁ ଅର୍ଥଲାଭ ସହିତ ସୁନ୍ଦର ମାଦକତାଭରା ପାରିବାରିକ ଜୀବନକୁ ଉପଭୋଗ କରିବେ। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** — ଦ୍ୱିତୀୟସ୍ଥ ବୁଧ ଓ ଶୁକ୍ରଙ୍କ ପ୍ରଭାବରୁ ଆପଣଙ୍କ ଉପସ୍ଥାପନା ପ୍ରଣାଳୀ ଶ୍ରୁତିମଧୁର ହେବା ସହ ବହୁଜନ ପ୍ରଶଂସିତ ହେବ। ଇଚ୍ଛା ନଥିଲେ ମଧ୍ୟ ବାହାରକୁ ଯିବାକୁ ପଡ଼ିପାରେ। ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଆତ୍ମୀୟମାନଙ୍କ ମନମୁଖି କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

**କର୍କଟ** — ତୃତୀୟସ୍ଥ ଚନ୍ଦ୍ର ଓ କେତୁଜନିତ ବନ୍ଧୁ ଆପଣଙ୍କ ନିକଟରୁ ଦୂରେଇ ଯାଉଥିବାର ଅନୁଭବ କରିବେ। ଶୁକ୍ରଙ୍କ ସୁପ୍ରଭାବରେ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ। ଷଷ୍ଠାଧିପଙ୍କ ପ୍ରଭାବରେ କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତତା ବଢ଼ିଯିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ନିର୍ମାଣ, ପରିବହନରେ ସମସ୍ୟା ଦେଖାଦେବ।

**ସିଂହ** — କର୍ମସ୍ଥାନରେ ଗୁରୁମଙ୍ଗଳ ଅବସ୍ଥାନ କରିଥିବାରୁ କର୍ମାରମ୍ଭ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିପାରେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ଲାଗି ଫନ୍ଦି ଫିକର କରିପାରନ୍ତି। ବ୍ୟବସାୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କନ୍ୟା** — ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବନି। ମନ ବୁଝିଲାଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଭାଗ୍ୟସ୍ଥ ଗ୍ରହ ପ୍ରଭାବରୁ କର୍ମକ୍ଷେତ୍ର, ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ ହୋଇପାରିବ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ତୁଳା** — ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ହେତୁ ବିଭିନ୍ନ ଅସୁବିଧା ଭିତରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ଚାକିରିରେ, ସଭା ସମିତିରେ ସମ୍ମାନ ଲାଭ କରିବେ। ଘରେ ଯେତେ ଭଲ କାମ କଲେ ସୁଦ୍ଧା ସ୍ନେହ, ଶ୍ରଦ୍ଧା ଓ ଆଦର ପାଇପାରିବେ ନାହିଁ।

**ବିଛା** — କେନ୍ଦ୍ରସ୍ଥ ଶନିଜନିତ ଯେତେ ସତର୍କତାର ସହ ଚଳିଲେ ମଧ୍ୟ ସମସ୍ୟା ହେତୁ ମାନସିକ ସ୍ଥିତି ଉଦ୍‌ବେଗ ରହିବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ନିକଟରୁ ଦୂରେଇ ରହିପାରେ।

**ଧନୁ** — ପରିବାର ସ୍ଥାନରେ ରାହୁ ଥିବାରୁ ଅସୁସ୍ଥ ବିଚାରଧାରା ହିଁ ଅଶାନ୍ତିର କେନ୍ଦ୍ରବିନ୍ଦୁ ହେବ। ମାଲିମକଦ୍ଦମା, ପ୍ରତିଦ୍ୱନ୍ଦିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ୍ୟବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାର ଆବଶ୍ୟକତା ଅନୁଭବ କରିବେ।

**ମକର** — ଶୁକ୍ର ଓ ବୁଧ ରାଶିକୁ ଦେଖୁଥିବାରୁ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ। ପରିଭ୍ରମଣ କ୍ଷେତ୍ରରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ବନ୍ଧୁ ଗହଣରେ କିଛିଏ କଥାରେ ରାଗି ଯାହା ପଡ଼ିଲା ତାହା କହିବା ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** — ଷଷ୍ଠାଧିପତି ସହ କେତୁଜନିତ ପରୋକ୍ଷ ଶତ୍ରୁତା ମନକୁ ଭାରାକ୍ରାନ୍ତ କରାଇବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁମାନଙ୍କ ମଧ୍ୟସ୍ଥତାରେ ବହୁତ ଦିନ ହେଲା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** — ଚନ୍ଦ୍ରଙ୍କ ଉପରେ ରାହୁଙ୍କ ଦୃଷ୍ଟି ଯୋଗୁ ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତାପ କରିପାରନ୍ତି। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, ଅଭାବ ଓ ଅସୁବିଧା ପରିଲକ୍ଷିତ ହୋଇପାରେ। କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ମୂଲ୍ୟବାନ ଜିନିଷ କ୍ରୟ କରିବା, ନୂତନ ପ୍ରକଳ୍ପ, ଉଦ୍ୟୋଗରେ ପୁଞ୍ଜିଲଗାଣ ସକାଶେ ଅର୍ଥଚିନ୍ତା ଘାରିପାରେ।

ଆଜି ଜୁଲାଇ ୧୩ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ, ଆଷାଢ଼ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ରାଶିନକ୍ଷତ୍ର–ହସ୍ତା/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା .ଘ.୧୦।୧୪ ମି. ଗତେ ଘ.୧୨।୧୮ ମି. ମଧ୍ୟେ, ଘ.୦୩।୦୮, ଗତେ ଘ.୦୩।୪୮ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୫ ମି. ଗତେ ଘ.୧୦।୧୪ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ଆଉ ୩ ...



ଓମ୍‌ଟା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

ମଧ୍ୟ ଗଠନ କରାଯାଇଛି। ଏବେ ଓଡ଼ିଆ ଭାଷାରେ ଡାକ୍ତରୀ ଛାତ୍ରୀଛାତ୍ର ପାଠ ପଢ଼ିବେ। ରାଜ୍ୟ ସରକାର ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ। ରୋଗୀ ଏବଂ ଚିକିତ୍ସକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେବା ଦରକାର। ଏହାଦ୍ୱାରା ଅଧିକାଂଶ ରୋଗୀ ଭଲ ହେବା ସହ ଉନ୍ନତ ମାନର ସେବା ପାଇପାରିବେ। କଟକ ବଡ଼ ଡାକ୍ତରଖାନାକୁ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ୍ ଡାକ୍ତରଖାନାରେ ପରିଣତ କରାଯିବ। ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ସହ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବା ଡାକ୍ତରଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ୍। ସୁସ୍ଥ ଓ ରୋଗମୁକ୍ତ ଓଡ଼ିଶା ଗଠନରେ ଡାକ୍ତର ପ୍ରମୁଖ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଆସୋସିଏଶନର ସମସ୍ତ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ମେଡିକାଲ ଶିକ୍ଷକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ମହାଲିଙ୍ଗ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓୟୁଏଚ୍‌ଏସ୍‌ର କୁଳସଚିବ ପ୍ରଫେସର ଡା. ମାନସ ରଞ୍ଜନ ସାହୁ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି, ଓମ୍‌ଟା ସଙ୍ଗଠନ ସମ୍ପାଦକ ଡା. ଆଶିଷ କୁମାର ବାରିକ, ଡା. ସୁଧାଂଶୁ ଶେଖର ସେଠୀ ଯୋଗଦେଇଥିଲେ। ଏହି ଅବସରରେ 'ଟୁଗେଦର ଉଇ ଷ୍ଟାଣ୍ଡ୍ ବା ଆମେ ଏକାଠି ହୋଇ ଛିଡାହେବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓମ୍‌ଟାର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ଓମ୍‌ଟା ପ୍ରତିଷ୍ଠାତା ପ୍ରଫେସର ଡା. ସଚ୍ଚିଦାନନ୍ଦ ମିଶ୍ର, ପୂର୍ବତନ ପ୍ରିନ୍ସିପାଲ ପ୍ରଫେସର ଡା. ସିଦ୍ଧାର୍ଥ ଦାସ, ଡା. ଶିବନାରାୟଣ ଜଲୀ, ପ୍ରଫେସର ଉମାକାନ୍ତ ଶତପଥୀ, ପ୍ରଫେସର ପ୍ରସେନଜିତ୍ ମହାନ୍ତି, ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ସତ୍ୟନାରାୟଣ ରାଉତରାୟ, ପ୍ରଫେସର ଗୀତା ସାହୁ, ପ୍ରଫେସର ଏମ୍.ସି. ମହାପାତ୍ର, ପ୍ରଫେସର କ୍ରିଷ୍ଣା କର, ପୂର୍ବତନ ପ୍ରଫେସର ତୁଷାର କରଙ୍କ ସମେତ ଅର୍ଗାନାଇଜିଂ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଓମ୍‌ଟା ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଡା. ଦୀପକ ରଞ୍ଜନ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।

ଏହି ଅବସରରେ ଆସୋସିଏଶନ୍‌ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଯାଜପୁର ଯଯାତି କେଶରୀ ମେଡିକାଲର ଡା. ଚିନ୍ମୟ ସୁନ୍ଦରାଏ, ସମ୍ପାଦକ ଭାବେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲର ଡା. ନୀହାର ରଞ୍ଜନ ସାହୁ, ଏଡିଟର ଭାବେ ଏସ୍‌ସିବି ମେଡିକାଲ ମାନସିକ ବିଭାଗର ଡା. ମିହିର ରଞ୍ଜନ ନାୟକ, କୋଷାଧ୍ୟକ୍ଷ ଭାବେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲର ଡା. ସନ୍ତୋଷ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ମେଡିକାଲ କଲେଜର ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଡିସେମ୍ବର ୨୭ରୁ ...

ଆରମ୍ଭ ହେବ। ଏହା ଫେବୃୟାରୀ ୧ ପର୍ଯ୍ୟନ୍ତ ଚାଲିବ। ଏଥର ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମଥରପାଇଁ ଆରମ୍ଭ ହେବ। ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଏବଂ ମହିଳା ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ଦୁଇଟି ଭେନ୍ୟୁ ରାଉରକେଲା ଓ ରାଞ୍ଚିରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ। ଓଡ଼ିଶାରୁ ଦଳ ଆଗାମୀ ଲିଗ୍‌ରେ ସାମିଲ ରହିବ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏଚ୍‌ଆଇଏଲ୍ ଶେଷଥରପାଇଁ ୨୦୧୭ରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦଳ କଳିଙ୍ଗ ଲାନ୍ସର୍ସ ଫାଇନାଲରେ ଦବଙ୍ଗ ମୁମ୍ବାଇକୁ ୪–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ଦିଲ୍ଲୀ ୱେଭରାଇଡର୍ସକୁ ହରାଇ ଉତ୍ତର ପ୍ରଦେଶ ୱିଜାର୍ଡ୍ସ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ୨୦୧୩ରେ ରାଞ୍ଚି ରାଇନୋଜ୍, ୨୦୧୪ରେ ଦିଲ୍ଲୀ ୱେଭରାଇଡର୍ସ, ୨୦୧୫ରେ ରାଞ୍ଚି ରେଜ୍ ଓ ୨୦୧୬ରେ ପଞ୍ଜାବ ୱାରିୟର୍ସ ଚାମ୍ପିୟନ ହୋଇଥିଲା।

## ବାପାଙ୍କ ବୋମାମାଡ଼ରେ ...

ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୁବାସଙ୍କ ସ୍ତ୍ରୀ ନିବାସୀଙ୍କ କହିବା ଅନୁସାରେ, ଶ୍ୱଶୁର ସଠ ତାଙ୍କ ସ୍ୱାମୀ ସୁବାସଙ୍କୁ ମାରିବାକୁ ଘର ଉପରକୁ ବୋମାମାଡ଼ କରିଥିଲେ। ସେହି ସମୟରେ ଦିବ୍ୟସିଂହ ଆସି ପହଞ୍ଚିବାରୁ ତାଙ୍କ ଉପରେ ବୋମା ପଡ଼ିଥିଲା। ଫଳରେ ବିସ୍ଫୋରଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ସଠଙ୍କ ଶାଳୀ ସାରସ ପ୍ରଧାନ କହିଛନ୍ତି, ଘରେ ଦୀର୍ଘଦିନ ହେଲା ସମ୍ପତ୍ତି ପାଇଁ ବିବାଦ ଲାଗିରହିଥିଲା। ଶୁକ୍ରବାର ସୁବାସ ଏକ ପାୱାରଟିଲର ସଜାଉଥିଲେ। ଏହି ସମୟରେ ସଠ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାରିବାକୁ ଘର ଉପରକୁ ବୋମାମାଡ଼ କରିଥିଲେ। ତେବେ ଏତିକିବେଳେ ଦୁର୍ଭାଗ୍ୟବଶତଃ ସାନପୁଅ ଦିବ୍ୟସିଂହ ପହଞ୍ଚିଯାଇଥିଲେ। ଫଳରେ ଦିବ୍ୟସିଂହଙ୍କ ଉପରେ ବୋମାଟି ପଡ଼ିଥିଲା।

## କେଜ୍‌ରିୱାଲଙ୍କୁ ଇଡି ...

ଗିରଫ କରିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ପ୍ରସଙ୍ଗରେ ତଦନ୍ତ ଜାରି ରଖିଥିବାରୁ ସେ ଜେଲରେ ରହିବେ। ଅନ୍ୟପକ୍ଷେ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରେ ରହିବେ ନା ଇସ୍ତଫା ଦେବେ ତାହା ତାଙ୍କ ଉପରେ ନିର୍ଭରକରେ ବୋଲି ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି।

ଉଚ୍ଛେଦ ହୋଇସାରିଥିବା ଏକ୍ସାଇଜ୍ ପଲିସି ୨୦୨୧–୨୨ ମାମଲାରେ ଇଡି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ବାରମ୍ବାର ସମନ କରିବା ସତ୍ତ୍ୱେ ସେ ଏଜେନ୍ସି ମୁଖ୍ୟାଳୟରେ ହାଜର ହୋଇ ନ ଥିଲେ। ଫଳରେ ଗତ ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀମାନେ ତାଙ୍କୁ ପଚରାଉଚରା ପରେ ଗିରଫ କରିଥିଲେ। ଏପ୍ରିଲ ୯ରେ କେଜ୍‌ରିୱାଲ ତାଙ୍କ ଗିରଫଦାରିକୁ ବେଆଇନ ଦର୍ଶାଇ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେନାହିଁ ବୋଲି ସ୍ପଷ୍ଟ କରିଥିଲେ। ହାଇକୋର୍ଟରୁ ଆଶ୍ୱସ୍ତି ନ ମିଳିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମେ' ୧୦ରେ ସର୍ବୋଚ୍ଚ ଅଦାଲତ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦେଇଥିଲେ। ଜାମିନ ଅବଧି ଶେଷ ହେବା ପରେ ସେ ଆତ୍ମସମର୍ପଣ କରିବା ସହ ତିହାର ଜେଲକୁ ଫେରିଥିଲେ। ଇତିମଧ୍ୟରେ କେଜ୍‌ରିୱାଲ ପୁଣି ଦିଲ୍ଲୀ ହାଇକୋର୍ଟକୁ ଯାଇଥିଲେ। ଉକ୍ତ ଅଦାଲତ ଗତ ୨୧ରେ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଜୁନ୍ ୨୬ରେ ସିବିଆଇ ତାଙ୍କୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ କରିଥିଲା। କେଜ୍‌ରିୱାଲଙ୍କୁ ଇଡି ମାମଲାରେ ଜାମିନ ମିଳିଥିବାବେଳେ ସିବିଆଇ ମାମଲା ବିଚାରାଧୀନ ଥିବାରୁ ବର୍ତ୍ତମାନ ଜେଲରୁ ମୁକ୍ତ ହୋଇପାରିବେ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କେଜ୍‌ରିୱାଲ ଜେଲରେ ୯୦ ଦିନରୁ ଊର୍ଦ୍ଧ୍ୱ ସମୟ ରହିସାରିଲେଣି। ଏହା ଜୀବନ ଧାରଣ ଅଧିକାର ସମ୍ପର୍କିତ ହୋଇଥିବାରୁ ଇଡି ପକ୍ଷରୁ ତାଙ୍କ ଗିରଫଦାରିକୁ ଖଣ୍ଡପୀଠ ବୃହତ୍ ପୀଠକୁ ଶୁଣାଣି ପାଇଁ ପଠାଇଦେଇଛନ୍ତି। ଏହି ଅବସରରେ ସୁପ୍ରିମକୋର୍ଟ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୧୯ ଅଧୀନରେ ଇଡିର ଗିରଫଦାରି କ୍ଷମତା ଓ ଆବଶ୍ୟକତା ଉପରେ ଶୀର୍ଷ ଅଦାଲତ ପ୍ରଶ୍ନ ଉଠାଇଥିଲେ।

ମେ' ୧୦ରେ ଅନ୍ତରୀଣ ଜାମିନ ପ୍ରଦାନ ବେଳେ ରଖାଯାଇଥିବା ସର୍ତ୍ତ ବଳବତ୍ତର ରହିବ। କେଜ୍‌ରିୱାଲ କୌଣସି ନୀତି ସମ୍ପର୍କିତ ଫାଇଲରେ ସ୍ୱାକ୍ଷର କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ଅନ୍ୟପକ୍ଷେ ଆପ୍ ଏହି ଅନ୍ତରୀଣ ଜାମିନକୁ ସତ୍ୟର ବିଜୟ ବୋଲି ଅଭିହିତ କରିଛି। ଏକ ଖବରଦାତା ସମ୍ମିଳନୀରେ ଆପ୍ ନେତା ଆତିଶୀ, ସୌରଭ ଭରଦ୍ୱାଜ ଓ ସନ୍ଦୀପ ପାଠକ ସୁପ୍ରିମକୋର୍ଟଙ୍କ ରାୟକୁ ଐତିହାସିକ ବିଜୟ ଏବଂ ଭାଜପା ଷଡ଼ଯନ୍ତ୍ରର ପରାଜୟ ବୋଲି କହିଛନ୍ତି।

## ଜୁନ୍ ୨୫ରେ ସମ୍ବିଧାନ ...

ବିନା କୌଣସି ଦୋଷରେ ଜେଲରେ ପୂରାଇ ଦେଇଥିଲେ। ଏପରି କି ଗଣମାଧମର ସ୍ୱରକୁ ମଧ୍ୟ ଚପାଇ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ନେଇଥିବା ଏହି ନିଷ୍ପତ୍ତି ଗଣତନ୍ତ୍ରର ପୁନରୁତ୍ଥାନ ପାଇଁ ଉଦ୍ଦିଷ୍ଟ ବୋଲି ଶାହା ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଲେଖିଛନ୍ତି, ଏମର୍ଜେନ୍ସି ବେଳେ ସମ୍ବିଧାନର ହତ୍ୟା କରାଯାଇଥିଲା। ଜୁନ୍ ୨୫ରେ ସମ୍ବିଧାନ ହତ୍ୟା ଦିବସ ପାଳନ ଭାରତୀୟ ଇତିହାସର ସେହି କଳଙ୍କିତ ଦିବସଗୁଡ଼ିକର ସ୍ମୃତିକୁ ଉଜ୍ଜୀବିତ କରିବ। ଅନ୍ୟପକ୍ଷରେ କଂଗ୍ରେସ ଏହାର ଜବାବରେ କେନ୍ଦ୍ରର ଏଭଳି ପଦକ୍ଷେପକୁ ଶିରୋନାମା ମଣ୍ଡନ ଉଦ୍ଦେଶ୍ୟରେ କପଟପୂର୍ଣ୍ଣ ପ୍ରୟାସ ବୋଲି କହି ସମାଲୋଚନା କରିଛି। ମୋଦିଙ୍କ ଶାସନରେ ସର୍ବାଧିକ ଏମର୍ଜେନ୍ସି ଦେଖିବାକୁ ମିଳିଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ୧୦ ବର୍ଷ ହେଲା ମୋଦି ଆଘୋଷିତ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ୨୦୨୪ ଜୁନ୍ ୪ରେ ତାଙ୍କ ନୈତିକ ପରାଜୟ ହୋଇଛି। ତେଣୁ ଏହି ଦିନ ଇତିହାସରେ ମୋଦିମୁକ୍ତି ଦିବସ ରୂପେ ପରିଗଣିତ ହେବ।




# ମ୍ୟାଲେରିଆ ଆକ୍ରାନ୍ତରେ ରାୟଗଡ଼ା ଜିଲା ୧ ନମ୍ବର

**ରାୟଗଡ଼ା,୧୨।୭(ଆଶିଷ ରଞ୍ଜନ ପଣ୍ଡା)**

■ ସ୍ଥିତି ନିୟନ୍ତ୍ରଣରେ ଲାଗିପାରୁନି ଅଙ୍କୁଶ

■ ୧ ବର୍ଷ ହେଲାଣି ହୋଇନି ମଶାରି ବଣ୍ଟନ

ମ୍ୟାଲେରିଆ ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ଯେତେ ଯୋଜନା କାର୍ଯ୍ୟକାରୀ କରାଗଲେ ମଧ୍ୟ ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ ହୋଇପାରୁନାହିଁ। ବରଂ ଦିନକୁ ଦିନ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମ୍ୟାଲେରିଆ ଆକ୍ରାନ୍ତରେ ଗତ ବର୍ଷଠାରୁ ରାଜ୍ୟରେ ୧ ନମ୍ବର ସ୍ଥାନରେ ରହିଛି ରାୟଗଡ଼ା ଜିଲା। ଏହା ପୂର୍ବରୁ ୨୦୧୬ ଏବଂ ୨୦୧୭ରେ ରାୟଗଡ଼ା ଜିଲା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ପ୍ରଥମ ସ୍ଥାନରେ ରହିଥିଲା। ସେହିଭଳି ରାଜ୍ୟରେ ୨୦୧୮ରେ ମ୍ୟାଲେରିଆ ଆକ୍ରାନ୍ତରେ ରାୟଗଡ଼ା ଜିଲା ପଞ୍ଚମ, ୨୦୧୯ରେ ଦ୍ୱିତୀୟ, ୨୦୨୦ରେ ତୃତୀୟ, ୨୦୨୧ରେ ଚତୁର୍ଥ, ୨୦୨୨ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୨୨-୨୩ ଭଳି ୨୦୨୩-୨୪ରେ ମଧ୍ୟ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟକୁ ଅନୁଧ୍ୟାନକଲେ, ୨୦୨୪ ଜାନୁଆରୀରୁ ଜୁନ୍ ଶେଷ ସୁଦ୍ଧା ରକ୍ତ ପରୀକ୍ଷା ହୋଇଥିବା ୨,୭୧,୨୧୬ ଜଣଙ୍କ ମଧ୍ୟରୁ ୩,୭୧୨ ଜଣ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୦୨୩ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩୧୯୬ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ଥିଲେ। ତେଣୁ ପ୍ରତିବର୍ଷ ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ମ୍ୟାଲେରିଆ ଆକ୍ରାନ୍ତରେ ରାୟଗଡ଼ା ଜିଲା ଚଳିତ ବର୍ଷ ମଧ୍ୟ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଜିଲାରେ ରହିଥିବା ୧୧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତଥ୍ୟ ଅନୁଯାୟୀ, ଜୁନ୍‌ରେ ୫୬,୯୯୧ ଜଣଙ୍କ ରକ୍ତ ପରୀକ୍ଷା ହୋଇଥିବାବେଳେ ମୋଟ ୧୨୦୪ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବାଧିକ ୫୪୬, ଗୁଡ଼ାରିରେ ୪୪୯ ଏବଂ କାଶୀପୁରରେ ୪୩୪ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ଗୁଣପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବନିମ୍ନ ୪୪ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ଜିଲାରେ ମ୍ୟାଲେରିଆରେ ଆକ୍ରାନ୍ତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ମ୍ୟାଲେରିଆରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମ୍ୟାଲେରିଆରେ ପ୍ରାଣ ହରାଉଥିବା ୭୦% ଜନ୍ମରୁ ୮ ବର୍ଷର ଶିଶୁ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ଜୁନ୍ ସୁଦ୍ଧା ୪୪୯ ଜଣ ଶିଶୁ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

ଅନ୍ୟପଟେ ମ୍ୟାଲେରିଆ ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ୨୦୨୦ରେ ଔଷଧୀୟ ମଶାରି ବଣ୍ଟନ କରାଯାଇଥିଲା। ମଶାରିରେ ରହିଥିବା ଔଷଧର ପ୍ରଭାବ ୩ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହାର ଅବଧି ବର୍ତ୍ତମାନ ଶେଷ ହୋଇ ବର୍ଷେ ବିତିଗଲାଣି। ତେବେ ପୁନଶ୍ଚ ୨୦୨୩ରେ ବଣ୍ଟନ ହେବାକୁ ଥିବାବେଳେ ମଶାରି ଆସି ନ ଥିବା ଯୋଗୁ ବର୍ତ୍ତମାନ ସୁଦ୍ଧା ବଣ୍ଟନ ହୋଇ ନ ଥିବାରୁ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ଗ୍ରାମାଞ୍ଚଳରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ମ୍ୟାଲେରିଆ ବଢ଼ିବାର ଅନ୍ୟ କାରଣ ବୋଲି ଆଲୋଚନା ହେଉଛି। ରାୟଗଡ଼ା ଜିଲାରେ ମ୍ୟାଲେରିଆ ବ୍ୟାପିବା ସମ୍ପର୍କରେ ସିଡିଏମଓ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ଏମଡିଡି (ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ) କ୍ୟାମ୍ପେନ ଜୁଲାଇ ୧ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିଛି। ମଶାରୀ ପାଇଁ ସରକାରଙ୍କୁ କୁହାଯାଇଛି। ଏହାସହିତ ଲୋକେ ସଚେତନ ହୋଇ ନିଜ ଘର ଏବଂ ଅଞ୍ଚଳ ସଫା ରଖିଲେ ମଶା କମିଯିବ ବୋଲି କହିଛନ୍ତି।

ଋଣ ଶୁଝି ନ ପାରି ବିଷ ପିଇଲେ ଦମ୍ପତି

# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ନୀଳଗିରି,୧୨।୭(ପ୍ରଶାନ୍ତ ବିଶ୍ୱାଳ)**

ଋଣ ବୋଝ ସହି ନପାରି ଶେଷରେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ ଦମ୍ପତି। ଉଭୟ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ମଧ୍ୟ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା କେପି ଲାଖରାଜ ପଞ୍ଚାୟତ ଚଣ୍ଡୀପୁର ଗ୍ରାମରେ।

ସ୍ୱରୂପାନନ୍ଦ ଦେବଗୋସ୍ୱାମୀ(୪୫) ଏବଂ ତାଙ୍କ ସ୍ତ୍ରୀ ସୁଶ୍ରୀ ସଂଗୀତା ଦେବଗୋସ୍ୱାମୀ(୪୦) କିଛି ବେସରକାରୀ ସଂସ୍ଥା ବିସ୍ତାରା, ବନ୍ଧନ ସହିତ ବିଭିନ୍ନ ଗ୍ରୁପ୍‌ରୁ ଋଣ ଆଣି ହଲର୍ ଓ ମୁଢ଼ି ଭଜା ମେଶିନ ପକାଇ ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର ଉକ୍ତ ସଂସ୍ଥାରେ ତାଙ୍କର ପ୍ରଭୂତ କ୍ଷତି ହେବା ଫଳରେ ଋଣ ଶୁଝି ପାରି ନ ଥିଲେ। ଏପଟେ ଋଣ ପ୍ରଦାନକାରୀ ସଂସ୍ଥା ଋଣ ପରିଶୋଧ ପାଇଁ ବାରମ୍ବାର ଜୁଲମ୍ କରିବା ପରେ ଶେଷରେ ଲୋକଲଜ୍ଜାକୁ ଡରି ଗତ ବୁଧବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ଉଭୟ ବିଷ ପାଇବାର କିଛି ସମୟ ପରେ ଅତ୍ୟଧିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସ୍ୱରୂପାନନ୍ଦଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ବୋହୂଙ୍କୁ ପଚାରି ବୁଝିଥିଲେ। ବୋହୂ ବିଷ ପିଇ ଦେଇଥିବା କହିବା ପରେ ଉଭୟଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ହସ୍ପିଟାଲ ଆଣିଥିଲେ। ଗୁରୁତର ହେବାରୁ ତୁରନ୍ତ ଉଭୟଙ୍କୁ ବାଲେଶ୍ୱର ମେଡିକାଲ କଲେଜ ରେମୁଣା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଉଭୟଙ୍କୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ କିମ୍ସ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଗୁରୁତର ଅବସ୍ଥାରେ ଭେଣ୍ଟିଲେଟରରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ଦୁଇଟି ସନ୍ତାନ ଥିବା ବେଳେ ପୁଅ ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏକମାତ୍ର ଝିଅ ୬ଷ୍ଠ ଶ୍ରେଣୀରେ ପଢୁଥିବା ଜଣାଯାଇଛି।

# ‘ରଥ ଉପରକୁ ମୋବାଇଲ ନେଲେ କାର୍ଯ୍ୟାନୁଷ୍ଠାନ’

**ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)**

■ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଲେ ଅରବିନ୍ଦ ପାଢ଼ୀ

■ ଶୃଙ୍ଖଳିତ ନୀତିକାନ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ

ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ପାଇବା ପରେ ବରିଷ୍ଠ ଆଇଏସ୍ ଅଧିକାରୀ ଡ. ଅରବିନ୍ଦ ପାଢ଼ୀ ଶୁକ୍ରବାର ପୁରୀ ଆସି ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ସହ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ପାଢୀ ଦାରୁଦିଅଁଙ୍କୁ ଦର୍ଶନ କରିବା ପରେ କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁଚାରୁରୂପେ ସମ୍ପାଦନ ହେବ ସେନେଇ ସେବାୟତଙ୍କ ସମେତ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହିତ ଆଲୋଚନା କରାଯିବ। ମହାପ୍ରଭୁ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡ଼ମଣି। ତେଣୁ ତାଙ୍କ କୃପା ଓ ଆଶୀର୍ବାଦରୁ ସମସ୍ତ ନୀତି ସୁଚାରୁରୂପେ ସମ୍ପନ୍ନ ହେବ। ଶ୍ରୀମନ୍ଦିର ବ୍ୟବସ୍ଥାବଳୀରେ ଯେଉଁସବୁ ନୀତି ନିମନ୍ତେ ବ୍ୟବସ୍ଥା ରହିଛିଓ ନିର୍ଘଣ୍ଟ କରାଯାଇଛି, ସେସବୁ ନୀତି ଠିକ୍ ସମୟରେ ସମ୍ପନ୍ନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯିବ। ଶୃଙ୍ଖଳିତ ନୀତିକାନ୍ତି ଉପରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯିବ। ରଥ ଉପରେ ଆବଶ୍ୟକ ସଂଖ୍ୟା ଠାରୁ ଅଧିକ ସେବାୟତ ଯେପରି ନ ରୁହନ୍ତି, ସେଥିନେଇ ଧ୍ୟାନ ଦିଆଯିବ। ରଥ ଉପରକୁ ମୋବାଇଲ ଫୋନ୍ ନେବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ପାଢୀ କହିଛନ୍ତି, ରଥ ଉପରେ ମୋବାଇଲ ଫୋନ ବ୍ୟବହାର ନେଇ ନିଷେଧାଦେଶ ରହିଛି। ରଥଯାତ୍ରା ବ୍ୟବସ୍ଥାବଳୀରେ ଏହା ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ହେଲେ ରଥ ଉପରକୁ ମୋବାଇଲ୍ ନିଆଯାଉଥିବା ପରିଲକ୍ଷିତ ହେଉଛି। ଏଭଳି ବିଶୃଙ୍ଖଳିତ ଆଚରଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବା ସହ ଜଡ଼ିତ ନ ଥିଲେ ରଥ ଉପରକୁ କେହି ଯାଇପାରିବେନି। ଏଥିପାଇଁ ସେବାୟତମାନଙ୍କ ସହଯୋଗ କାମନା କରୁଛୁ। ଆମେ ଆଶା କରୁଛୁ, ସେମାନେ ଆମକୁ ସହଯୋଗ କରିବେ। ଫଳରେ


ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଡ. ଅରବିନ୍ଦ ପାଢ଼ୀ ଦାୟିତ୍ୱ ଗ୍ରହଣ କରୁଛନ୍ତି।

ଆମ ସଂସ୍କୃତିର ପ୍ରଚାର ପ୍ରସାର ପରିବର୍ତ୍ତେ ଯେପରି କୌଣସି ନିନ୍ଦା ଆସିବନି ବୋଲି ମୁଖ୍ୟ ପ୍ରଶାସକ ଅପିଲ କରିଛନ୍ତି। ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା, ସେଥିପାଇଁ ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଛୁ। ଏଥିପାଇଁ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଆସିବା ଯାଏ ଆମେ ଅପେକ୍ଷା କରିବା। ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଧ୍ୟାନ ଦେବ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ସମ୍ପାଦନ କରାଯିବ। ସେହିପରି ରତ୍ନଭଣ୍ଡାର ଖୋଲିବା ଉପରେ ସରକାର ଯାହା ନିଷ୍ପତ୍ତି ନେବେ, ସେହି ଅନୁଯାୟୀ କାର୍ଯ୍ୟକୁ ଆଗେଇ ନିଆଯିବ। ଆଗାମୀ ଦିନରେ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ଆଦି ସମସ୍ତ ନୀତି ଶୃଙ୍ଖଳିତ କରାଯିବା ନେଇ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉଛି। ଶୃଙ୍ଖଳିତ ଭାବେ ନୀତି ସମ୍ପନ୍ନ ହେଉ, ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ପାଢ଼ୀ କହିଛନ୍ତି।

# ସମୀର ଦେ ‘ଫାଓ’ର ନୂଆ ସଭାପତି

**କଟକ,୧୨।୭ (କାର୍ତ୍ତିକ ସାହୁ)**



ରାଜ୍ୟରେ ସରକାର ବଦଳିବା ପରେ କ୍ରୀଡ଼ା ସଂଘ ସମୀକରଣ ବଦଳିବା ଆରମ୍ଭ ହୋଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ନୂତନ ସଭାପତି ଭାବେ ଭାଜପା ନେତା ସମୀର ଦେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଂଘର ସଭାପତି ପଦରୁ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ସମୀର ଦେ'ଙ୍କ ପ୍ରବେଶ କ୍ରୀଡ଼ାପ୍ରେମୀଙ୍କ ପାଇଁ ବେଶ୍ ରୋଚକ ହୋଇଛି। ଅପରପକ୍ଷରେ ସମ୍ପାଦକ ଭାବେ ଆଶୀର୍ବାଦ ବେହେରା ନିଜ ପଦରେ ଅପରିବର୍ତ୍ତିତ ରହିଛନ୍ତି। ଏଥିସହ ଆସୋସିଏଶନର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତେବେ ଆଗାମୀ ୨୧ ତାରିଖରେ ବିଧିବଦ୍ଧ ଭାବେ ନୂତନ କର୍ମକର୍ତ୍ତାମାନଙ୍କ ତାଲିକା ଘୋଷଣା ହେବ ବୋଲି ଜଣାଯାଇଛି।

ସୂଚନା ଅନୁସାରେ, ଜୁଲାଇ ୨୧ ତାରିଖରେ ଫାଓର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ତା' ପୂର୍ବରୁ ଫାଓ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ନିଜ ପଦରୁ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିଲେ। ସେ ସଂଘର ବିଭିନ୍ନ କାର୍ଯ୍ୟରେ ସମୟ ଦେଇପାରୁ ନ ଥିବା ଓ ସଂଘକୁ ନ୍ୟାୟ ଦେଇପାରୁ ନ ଥିବା ଅନୁଭବ କରି ଏହି ପଦ ଛାଡ଼ିଥିବା କହିଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ସେ ସଂଘର ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅପରପକ୍ଷରେ ଫାଓରେ ସଭାପତି, ସାଧାରଣ ସମ୍ପାଦକ, ଉପସଭାପତି, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟ ପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ନିର୍ବାଚନରେ ମୋଟ ୨୪୧ ଜଣ ଭୋଟର ଅଛନ୍ତି। ରାଧାରମଣ କ୍ଲବ ପକ୍ଷରୁ ଦେବାଶିଷ ସାମନ୍ତରାୟ ଫାଓକୁ ପ୍ରତିନିଧିତ୍ୱ କରୁଥିଲେ। ଗତ ଦୁଇଥର ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଦେବାଶିଷ ନିଜ ଇଚ୍ଛାରେ ପଦ ଛାଡ଼ିଥିବାରୁ ନୂତନ ସଭାପତି କିଏ ହେବ ସେନେଇ କଳ୍ପନାଜଳ୍ପନା ଦେଖାଦେଇଥିଲା। ଏଥର ରାଧାରମଣ କ୍ଲବ ପକ୍ଷରୁ ଦେବାଶିଷଙ୍କ ନାମ ଆସି ନ ଥିବା ବେଳେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ତରଫରୁ ଭାଜପା ନେତା ସମୀର ଦେ'ଙ୍କ ନାମ ଆସିଥିଲା। ତେବେ ସଭାପତି ପଦରେ ଆଉ କେହି ନାମାଙ୍କନପତ୍ର ଦାଖଲ ନ କରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି କୁହାଯାଉଛି।

## ଆସୁଛି ଆଉ ୨ ଲଘୁଚାପ

**ଭୁବନେଶ୍ୱର,୧୨।୭(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସପ୍ତାହକ ଭିତରେ ଆଉ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ମିଳିଥିବା ତଥ୍ୟ ଅନୁସାରେ, ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଆସନ୍ତା ୧୫ ତାରିଖ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ୧୪ ତାରିଖରେ ଉକ୍ତ ଅଞ୍ଚଳରେ ଏକ ଅପର ଏୟାର ସାଇକ୍ଲୋନିକ ସର୍କୁଲେଶନ ସୃଷ୍ଟି ହେବା ସହ ଲଘୁଚାପ ରୂପ ନେଇପାରେ। ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ୧୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ଉତ୍ତର ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ୧୮ କିମ୍ବା ୧୯ ତାରିଖ ବେଳକୁ ଅବପାତର ରୂପ ନେବ। ୨୧ ତାରିଖ ପର୍ଯ୍ୟନ୍ତ ଉତ୍ତର, ପଶ୍ଚିମ ଏବଂ ଉପକୂଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।

# ରେଳ ମନ୍ତ୍ରଣାଳୟକୁ ଖୁବ୍‌ଶୀଘ୍ର ଡିପିଆର୍ ଦିଆଯିବ

**ଯାଜପୁର,୧୨।୭(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ରୋଡ୍‌ଠାରୁ ଧାମରା ପ୍ରସ୍ତାବିତ ରେଳପଥ ପ୍ରକଳ୍ପ

ଯାଜପୁର ରୋଡ଼ଠାରୁ ଧାମରା ଭାୟା ବିରଜାକ୍ଷେତ୍ର ଓ ଆରଡିକୁ ନୂତନ ରେଳ ପ୍ରକଳ୍ପ ପାଇଁ ଡିପିଆର(ପ୍ରକଳ୍ପର ସବିଶେଷ ତଥ୍ୟ) ଖୁବ୍‌ଶୀଘ୍ର ରେଳ ମନ୍ତ୍ରଣାଳୟକୁ ଦିଆଯିବ। ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ପରିଷଦ ପ୍ରତିନିଧି ଦଳକୁ ଶୁକ୍ରବାର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୁଆଲ ଏହି ପ୍ରତିଶ୍ରୁତି ଦେଇଛନ୍ତି। ପରିଷଦର ଅଧ୍ୟକ୍ଷ ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟି ଯାଜପୁରରୋଡ଼-ଧାମରା ନୂତନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ପାଇଁ ଏବଂ ଡିପିଆର ଚଳିତ ମାସ ୧୫ ତାରିଖରେ ରେଲୱେ ବୋର୍ଡ ଓ ମନ୍ତ୍ରଣାଳୟକୁ ପଠାଇବା ପାଇଁ ଦାବି କରିଥିଲେ। ସଂଗ୍ରାମ ପରିଷଦର ମୁଖ୍ୟ ସଂଯୋଜକ ପଦ୍ମାକର ଗୁରୁ, ଆବାହକ ସନ୍ତୋଷ ନନ୍ଦ, ଉପସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ ମଦନ ମୋହନ ଧଳ, ହୃଷୀକେଶ ପତି ପ୍ରମୁଖ ସାମିଲ ଥିଲେ।

ଅନ୍ୟପକ୍ଷେ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଉପରୋକ୍ତ ମର୍ମରେ ରେଳପଥ ମହାପ୍ରବନ୍ଧକଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଆହୁରି ଦର୍ଶାଯାଇଛି ,ଆସନ୍ତା ୨୩ ତାରିଖରେ ଲୋକ ସଭାରେ ଆଗତ ହେବାକୁ ଥିବା ବଜେଟ୍‌ରେ ଏହି ନୂତନ ରେଳପଥ ନିର୍ମାଣ ପାଇଁ ବ୍ୟୟବରାଦ କରାଯିବାକୁ ଦାବି ହୋଇଛି। ଏହାବାଦ୍ ଏହି ପ୍ରକଳ୍ପ କାର୍ଯ୍ୟର ପ୍ରକ୍ରିୟା ଆହୁରି ବିଳମ୍ବ ହୋଇପାରେ ବୋଲି ଦାସ ଆଶଙ୍କା ବ୍ୟକ୍ତ କରିବା ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଶେଷ କରିବାକୁ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ରେଳ ବିଭାଗ ଦ୍ୱାରା ରାଜ୍ୟରେ ଅନେକ ପ୍ରକଳ୍ପ ବହୁ ବର୍ଷ ଧରି ଅଧାପନ୍ତରିଆ ଭାବେ ପଡିରହିଛି। ସେଥିରୁ ଓଡ଼ିଶାର ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଅଟକିଛି। ବର୍ଷ ବର୍ଷ ଧରି ସର୍ଭେ ଚାଲିଛି ବୋଲି ଇଷ୍ଟକୋଷ୍ଟ ରେଲୱେ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ତେବେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ଏବଂ ରେଳ କାର୍ଯ୍ୟ ଆରମ୍ଭ ହେବା ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଏଥିରେ ପ୍ରସ୍ତାବିତ ଯାଜପୁର-ଧାମରା ରେଳପଥ ମଧ୍ୟ ଅନ୍ୟତମ। ଏଥିରେ ପୁଣି ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତି ପୂରଣ ଆଦି ରହିଛି। ଏହି କ୍ରମରେ ଗତ ୨୯ ବର୍ଷ ହେବ ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ଶେଷ ହୋଇନାହିଁ। ଓଡ଼ିଶା ପ୍ରତି ରେଳ ବିଭାଗର ଏଭଳି ଅବହେଳା ଏବଂ ବୈମାତୃକ ମନୋଭାବକୁ ଅଞ୍ଚଳବାସୀ ସହଜେ ଗ୍ରହଣ କରିପାରୁନାହାନ୍ତି ବୋଲି ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି।

# ୧୪.୫ ଲକ୍ଷ ଅଯୋଗ୍ୟ ରାଶନ କାର୍ଡ ହିତାଧିକାରୀ ଚିହ୍ନଟ

**ଭୁବନେଶ୍ୱର,୧୨।୭(ଅନିଲ ଦାସ)**

ରାଜ୍ୟରେ ୧୪ ଲକ୍ଷ ୫୦ ହଜାର ମୃତ ହିତାଧିକାରୀଙ୍କ ନାମରେ ରାଶନ ହଡ଼ପ ହେଉଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସେସବୁ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ସ୍ଥାନରେ ନୂତନ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂଆ ରାଶନ କାର୍ଡ ପାଇବା ପାଇଁ ପାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ପାଇଁ ୩.୨୫ କୋଟି ଲୋକଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ସରକାର ଏହାର କୋଟା ବଢ଼ାଉନାହାନ୍ତି। ଅନ୍ୟପକ୍ଷରେ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ତେବେ ୨୦୨୨ରୁ ନୂତନ ରାଶନ କାର୍ଡ ଇସ୍ୟୁ କରାଯାଉ ନାହିଁ। ବିଜୁ ସ୍ୱାସ୍ଥ୍ୟ କାର୍ଡ ହାତେଇବା ପାଇଁ ବହୁ ସଂଖ୍ୟାରେ ରାଶନ କାର୍ଡ ଲାଗି ଆବେଦନ ହେବାରୁ ନୂତନ କାର୍ଡ ଇସ୍ୟୁ ବନ୍ଦ କରାଯାଇଥିଲା। ଏହାପରେ ନିର୍ବାଚନ ଆସିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ନୂତନ ହିତାଧିକାରୀ କାର୍ଡ ପାଇବାକୁ ଚାହିଁ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ଧରା ପକାଇଦେଲା ଟ୍ରାପ୍ କ୍ୟାମେରା

■ ଶିମିଳିପାଳ ଅଞ୍ଚଳରୁ ୨ ଶିକାରୀ ଗିରଫ

■ ଦେଶୀ ବନ୍ଧୁକ ଜବତ

**ବାରିପଦା,୧୨।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଟ୍ରାପ୍ କ୍ୟାମେରାରେ କଏଦ୍ ହୋଇଥିବା ୨ ଶିକାରୀଙ୍କ ଫଟୋ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରୁ ଦୁଇ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଟ୍ରାପ୍ କ୍ୟାମେରା ଫଟୋକୁ ନେଇ ବିଭାଗୀୟ ଅଧିକାରୀମାନେ ଶିକାରୀଦ୍ୱୟଙ୍କୁ ତାଙ୍କୁ ଘରୁ ଉଠାଇ ଆଣିଛନ୍ତି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବନ ବିଭାଗ ଅଭିଯୁକ୍ତ ଦ୍ୱୟଙ୍କ ପରିଚୟ ଗୋପନ ରଖିଛି।

ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଜାରି ରହିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା କୋର୍ ଏବଂ ବୋଫର ଅଞ୍ଚଳରେ ବର୍ଷ ତମାମ ଶିକାରୀମାନେ ସକ୍ରିୟ ରହୁଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂଠାରୁ ଆରମ୍ଭ କରି ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଥିଲେ ମଧ୍ୟ ଶିମିଳିପାଳ ଶିକାରୀମୁକ୍ତ ହୋଇପାରୁନାହିଁ। ଶିକାରୀମାନେ ଚତୁରତାର ସହ ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ଶିକାର କରିବାରେ ସକ୍ଷମ ହେଉଛନ୍ତି। ଫଳରେ ବାଘ, ହାତୀଠାରୁ ଆରମ୍ଭ କରି ଗୁରାଣ୍ଡି ପର୍ଯ୍ୟନ୍ତ ବନ୍ୟଜନ୍ତୁ ଶିକାର ହେବା ନିତିଦିନିଆ ଘଟଣା ପାଲଟିଲାଣି। ଏପରିକି ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା କେତେଜଣ ଅଧିବାସୀଙ୍କ ଘରେ ଦେଶୀ ବନ୍ଧୁକ ରହିଥିଲେ ମଧ୍ୟ ତାହା ଜବତ କରିବାରେ ବନ ବିଭାଗ ବିଫଳ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନ ଅଧୀନରେ ଥିବା ବିଭିନ୍ନ ରେଞ୍ଜରେ ନିତିଦିନ ଶିକାର ଜାରି ରହିଛି। ଶିକାରୀମାନେ ଅପହଞ୍ଚ ଅଞ୍ଚଳକୁ ଯାଇ ଶିକାର କରୁଛନ୍ତି, ଯେଉଁଠି ବନ୍ଧୁକରୁ ବାହାରୁଥିବା ଗୁଳିର ଶବ୍ଦ କିମ୍ବା ବନ୍ୟଜନ୍ତୁଙ୍କ ଚିତ୍କାର କର୍ମଚାରୀଙ୍କୁ ଆଦୌ ଶୁଣାଯାଏନାହିଁ। ସେହିଭଳି ସ୍ଥାନରେ ୫ରୁ ୭୦ ପର୍ଯ୍ୟନ୍ତ ଶିକାରୀ ଏକତ୍ରିତ ହୋଇ ଶିକାର କରୁଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ଶିମିଳିପାଳ ଜେନାବିଲ ରେଞ୍ଜର ସାରୁଆ, ଚିକିତାଳି, ଢୁକୁରା ରେଞ୍ଜ ଅଧୀନ ଦେବକୁଣ୍ଡ, ବହଳଦା, ବାରହାକାମୁଡ଼ା ରେଞ୍ଜର ପୁଟୁଳଡିହା, ଗୁଣ୍ଡୁରିଆ, ତାରିଣୀବିଲା, ମାରୁଆଡିବନ୍ଧ, ଭୈରବଖାଲ, ଅନନ୍ତପୁର, ମାଷ୍ଟରକ୍ୟାମ୍ପିନ, ଜେନାବିଲ ରେଞ୍ଜ ଅଧୀନ ମହାବୀରଖାଲ, ସାରବସା, ଷଣ୍ଢକିଳା, ପିଠାବଟା ରେଞ୍ଜର କଟୁଦହନ, ମାଛକାନ୍ଦଣା, କାଳିପାହାଡ, ଅନ୍ଧାରୀତୋଟା, ବଡ଼ବକାବାଡି, ଭାଜାମ,ରାକ୍ଷସମରା, ନଅଁଣା ରେଞ୍ଜ୍ ଅଧୀନ ପଣ୍ଡାବନ୍ଧା, ଭସପାଳ ପ୍ରଭୃତି ଅଞ୍ଚଳରେ ଶିକାରୀମାନେ ନିର୍ଭୟରେ ଶିକାର କରୁଛନ୍ତି। ଏହି ସ୍ଥାନଗୁଡ଼ିକରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପାରୁ ନ ଥିବାରୁ ଏହାକୁ ସୁରକ୍ଷିତ ସ୍ଥାନ ମଣି ଶିକାରୀମାନେ ଶିକାର କରିବାରେ ଲାଗିଛନ୍ତି। ତେବେ କେତେକ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇ ଶିକାରୀମାନଙ୍କୁ ଗିରଫ କରାଯାଉଛି। ତେବେ ବିଭାଗର ନିଷ୍କ୍ରିୟତା ପାଇଁ ଅନେକ ଜୀବଜନ୍ତୁ ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଉଛନ୍ତି। ଏ ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଶିମିଳିପାଳରେ ଶିକାର ନିତିଦିନିଆ ଘଟଣା। ମାତ୍ର ୫ ପ୍ରତିଶତ ଶିକାରୀଙ୍କୁ ବନ ବିଭାଗ ଗିରଫ କରିବାରେ ସକ୍ଷମ ହେଉଥିବା ବେଳେ ଅବଶିଷ୍ଟ ୯୫ ପ୍ରତିଶତ ଗଳାବାଟ ଦେଇ ଖସି ପଳାଉଛନ୍ତି। ଏହି ଶିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହାବଳ ବାଘ ଓ ଅନ୍ୟ ଜୀବଜନ୍ତୁଙ୍କ ସଂଖ୍ୟା ଲୋପ ପାଇବ ବୋଲି ସେ ପ୍ରକାଶ କରିଛନ୍ତି।

# ରାସ୍ତାରେ ଜଳିଗଲା କାର୍

**ବ୍ରହ୍ମପୁର,୧୨।୭(ସୁବାସ ଚନ୍ଦ୍ର ପାଢ଼ୀ)**

ଲାଞ୍ଜିପଲ୍ଲୀ ଓଭରବ୍ରିଜ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଚଳନ୍ତା କାର୍ ଜଳିଯାଇଛି। କାର୍‌ଟି ଜଳିବା ପୂର୍ବରୁ ତାହା ଭିତରେ ଥିବା ୨ ଜଣ ଯୁବକ କୌଣସି ପ୍ରକାରେ ବାହାରକୁ ବାହାରି ଆସିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଟଟା ପଞ୍ଚ କାର୍‌ଟି ନବରଙ୍ଗପୁରର ଜୟଚନ୍ଦ୍ର ବିଶ୍ୱାଳଙ୍କ ନାଁରେ ରହିଛି। ତାଙ୍କ ପରିବାର ଲୋକେ ଗୁରୁବାର ବ୍ରହ୍ମପୁରରେ ଏକ ଭୋଜିରେ ଯୋଗ ଦେବାକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ୨ ପୁତୁରା କାରଟିକୁ ହଳଦିଆପଦରରୁ ଧରି ବ୍ରହ୍ମପୁର ଆଡକୁ ଆସୁଥିଲେ। ସେମାନେ ଜାତୀୟ ରାଜପଥ ଦେଇ ଆସିବା ପରେ ଲାଞ୍ଜିପଲ୍ଲୀ ଓଭରବ୍ରିଜ ଦେଇ କମାପଲ୍ଲୀ ଆସୁଥିବା ବେଳେ ଓଭରବ୍ରିଜ ପୂର୍ବରୁ କାରର ବନେଟରୁ ଧୁଆଁ ବାହାରିଥିଲା। ଏହାଦେଖି ଜୟଚନ୍ଦ୍ରଙ୍କ ୨ ପୁତୁରା କାରଟିକୁ ରାସ୍ତା ଉପରେ ରଖି ଓହ୍ଲାଇ ପଡିଥିଲେ। ଏହାର ଅଳ୍ପ ସମୟ ପରେ କାର୍‌ର ସମ୍ମୁଖ ଭାଗ ହୁତୁ ହୁତୁ ହୋଇ ଜଳିଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ରାସ୍ତାରେ ପୋଡିଯାଇଥିବା କାରଟି ଥିବାରୁ ଗାଡିମୋଟର ଚଳାଚଳରେ ସମସ୍ୟା ଉପୁଜିଥିଲା। ବୈଦ୍ୟନାଥପୁର ଥାନା ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ତେବେ ମାତ୍ର ଦେଢ ବର୍ଷ ତଳେ କିଣା ହୋଇଥିବା ଏହି କାରରେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇପାରିନାହିଁ।



# ଡୋଭାଲଙ୍କ ଟିମ୍



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନିକଟରେ ନ୍ୟାଶନାଲ ସିକ୍ୟୁରିଟି କାଉନସିଲ ସେକ୍ରେଟାରିଏଟ୍ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିବାବେଳେ କିଛି ନିରନ୍ତରତା ବଜାୟ ରଖିଛି। ପ୍ରାରମ୍ଭରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପାଶ୍ଚାତ୍ୟ) ପବନ କପୁରଙ୍କୁ ଡେପୁଟି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଭାବରେ ନିଯୁକ୍ତ କରାଯାଇଛି। ନିଯୁକ୍ତି କ୍ରମରେ ରାଜିନ୍ଦର ଖାନ୍ନାଙ୍କୁ ଡେପୁଟି ଏନ୍ଏସ୍ଏରୁ ନୂତନ ଭାବେ ଗଠିତ ଅତିରିକ୍ତ ଏନ୍ଏସ୍ଏ ପଦବୀକୁ ପଦୋନ୍ନତି ଦିଆଯାଇଛି। ଖାନ୍ନା ହେଉଛନ୍ତି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ର ପୂର୍ବତନ ମୁଖ୍ୟ। ବର୍ତ୍ତମାନ ଇଣ୍ଟେଲିଜେନ୍ସ ବ୍ୟୁରୋରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଆଇପିଏସ୍ ଅଧିକାରୀ ଟି.ଭି. ରବିଚନ୍ଦ୍ରନଙ୍କୁ ଡେପୁଟି ଏନ୍ଏସ୍ଏ ଭାବରେ ଖାନ୍ନାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ରବିଚନ୍ଦ୍ରନଙ୍କ ପ୍ରାରମ୍ଭିକ କାର୍ଯ୍ୟକାଳ ଅବସର (ଅଗଷ୍ଟ ୩୧, ୨୦୨୪) ନ ହେବା ପର୍ଯ୍ୟନ୍ତ ରହିବ ବୋଲି ସ୍ଥିର ହୋଇଛି। ଏହି ପରିବର୍ତ୍ତନର ଅର୍ଥ ହେଉଛି ଏନ୍ଏସ୍ଏ ଅଜିତ ଡୋଭାଲଙ୍କ ଅଧୀନରେ ଜଣେ ଅତିରିକ୍ତ ଏନ୍ଏସ୍ଏ ଏବଂ ତିନୋଟି ଡେପୁଟି ଏନ୍ଏସ୍ଏ ରହିବେ । କ୍ୟାବିନେଟ୍ ନିଯୁକ୍ତି କମିଟି ଏହିସବୁ ନିଯୁକ୍ତିକୁ ବ୍ୟବସ୍ଥିତ କରିବା ତଥା ଏନ୍ଏସ୍ସିଏସ୍ ମଧ୍ୟରେ ନୂତନ ଦୃଷ୍ଟିକୋଣ ଏବଂ ଅଭିଜ୍ଞ ନେତୃତ୍ୱର ମିଶ୍ରଣକୁ ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସହ ଏନ୍ଏସ୍ଏ କାର୍ଯ୍ୟାଳୟ ମଧ୍ୟରେ ସେପ୍ଟେମ୍ବରରେ ପ୍ରମୁଖ ସଚିବ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ପରିବର୍ତ୍ତନର ଗୁଞ୍ଜରଣ ସୃଷ୍ଟି ହୋଇଛି। ତେବେ ଏହି ପଦକ୍ଷେପଗୁଡ଼ିକ ଭାରତର ଜାତୀୟ ସୁରକ୍ଷା ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନର ସଙ୍କେତ ବୋଲି ମନେକରାଯାଏ।

### ଡ୍ରାମା ଚାଲିବ

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି.ଆନନ୍ଦ ବୋଷ ରାଜ୍ୟର ମୁଖ୍ୟ ଶାସନ ସଚିବ ବି.ପି.ଗୋପାଳିକା ଏବଂ କୋଲକାତା ପୋଲିସ କମିଶନର ଭିନୀତ କୁମାର ଗୋୟଲ ଓ ଡେପୁଟି ପୋଲିସ କମିଶନର(କେନ୍ଦ୍ରୀୟ) ଇନ୍ଦିରା ମୁଖାର୍ଜୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛନ୍ତି। ଗତ ମାସରେ ପଠାଯାଇଥିବା ଚିଠିରେ ସେ ଅଧିକାରୀଙ୍କ ଉପରେ ଗମ୍ଭୀର ବେଆଇନ କାର୍ଯ୍ୟକଳାପର ଅଭିଯୋଗ ଆଣିଛନ୍ତି। ସେମାନେ ଅଲ ଇଣ୍ଡିଆ ସର୍ଭିସେସ୍ (ଏଏସ୍) ଆଚରଣ ବିଧି ଉଲ୍ଲଂଘନ କରିବା ସହ ଶାସକ ବ୍ୟବସ୍ଥାର ଭୁଲ୍ କାର୍ଯ୍ୟରେ ସହଯୋଗୀ ଭାବରେ କାର୍ଯ୍ୟ କରିଥିବା ଦର୍ଶାଇଛନ୍ତି । ସୂତ୍ରରୁ ପ୍ରକାଶ, ଗୋୟଲ ଏବଂ ମୁଖାର୍ଜୀଙ୍କ ବିରୋଧରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଅଧିକାରୀମାନେ ବିଶେଷକରି ମୁଖ୍ୟ ଶାସନ ସଚିବ ଗୋପାଳିକା କିପରି ଖୋଲାଖୋଲି ସମ୍ବିଧାନ ଏବଂ ବ୍ୟବସ୍ଥାର ନିୟମକୁ ଅବମାନନା କରିଛନ୍ତି ସେ ସମ୍ପର୍କରେ ଚିଠିରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଗୋପାଳିକା ଦୁର୍ନୀତିରେ ସହାୟତା ଓ ପ୍ରୋତ୍ସାହିତ କରିଛନ୍ତି ବୋଲି ରାଜ୍ୟପାଳ ଅଭିଯୋଗ ଆଣିବା ସହ ନିଯୁକ୍ତିରେ ଦୁର୍ନୀତି ଓ ରାଜ୍ୟରେ ଅରାଜକତା ଉପରେ ଆଲୋକପାତ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ବୋଷଙ୍କ ଚିଠିର ଅମଲାତାନ୍ତ୍ରିକ ତଦନ୍ତ ଆରମ୍ଭ ହୋଇସାରିଛି। ରାଜ୍ୟପାଳ ଭାବରେ ବୋଷଙ୍କ କାର୍ଯ୍ୟକାଳ ଆରମ୍ଭ ହେବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱାଗତ କରିଥିଲେ। ଭାଜପା ସହ ତାଙ୍କର ବୁଝାମଣା ହେତୁ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଶୀଘ୍ର ଖରାପ ହୋଇଯାଇଥିଲା। ବିଶେଷକରି ତାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆସିବା ପରେ ତୃଣମୂଳ କଂଗ୍ରେସ ତାଙ୍କୁ କେନ୍ଦ୍ର ସରକାରଙ୍କ କୁକୁର ବୋଲି ଅଭିହିତ କରିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଦୃଢ଼ ବିରୋଧ କରିବା ସମ୍ଭାବନା ରହିଥିବାରୁ ଏହି ଡ୍ରାମା ବଢ଼ିଚାଲିବ।

### ନ୍ୟାୟିକ ଲଢ଼େଇରେ ପୂର୍ଣ୍ଣଚ୍ଛେଦ

ତାମିଲନାଡୁରୁ ନିଜ ରାଜ୍ୟ ଗୁଜରାଟକୁ ବଦଳି ହେବାକୁ ହିତେଶ କୁମାର ମକ୍ୱାନା (୧୯୯୫ ବ୍ୟାଚ୍ ଆଇଏଏସ୍ : ତାମିଲନାଡୁ ) ଚାହିଁଥିଲେ। ତାଙ୍କ ଆବେଦନକୁ ଗୁଜରାଟ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ ଦର୍ଶାଇଛନ୍ତି, ତାଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଏପରି ପରିବର୍ତ୍ତନ କ୍ୟାଡର ମଧ୍ୟରେ ଥିବା ଅନ୍ୟ ସବୁ ନିଯୁକ୍ତି ଉପରେ ଖରାପ ପ୍ରଭାବ ପକାଇବ। ମକ୍ୱାନାଙ୍କୁ କ୍ୟାଡର ବଣ୍ଟନ ହେବାର ଠିକ୍ ପରେ ୧୯୯୬ ମସିହାରୁ ସେ ଆଇନଗତ ଭାବରେ ଏହି ପ୍ରସଙ୍ଗରେ ଲଢ଼େଇ କରିଆସୁଛନ୍ତି। ସେ ଯୁକ୍ତି ବାଢ଼ିଛନ୍ତି, ରାଜ୍ୟ ବାହାର ଓ ଭିତର ଅଧିକାରୀଙ୍କ ପକ୍ଷରେ ଥିବା କ୍ୟାଡର ଆବଣ୍ଟନର ୨:୧ ଅନୁପାତକୁ ଆଧାରକରି ଗୁଜରାଟରେ ଜଣେ ବ୍ୟକ୍ତି ଭାବରେ ତାଙ୍କୁ ସ୍ଥାନିତ କରାଯିବା ଉଚିତ। ଏଭଳି ଦାବିକୁ କେନ୍ଦ୍ର ପ୍ରତ୍ୟାଖ୍ୟାନ କରିବା ପରେ ସେ ସେଣ୍ଟ୍ରାଲ ଆଡ୍ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ୍)ର ଦ୍ୱାରସ୍ଥ ହୋଇଥିଲେ ଓ ପରେ ହାଇକୋର୍ଟରେ ପହଞ୍ଚିଥିଲେ। ଅବଶ୍ୟ, କେନ୍ଦ୍ର ଏହି ମାମଲାରେ ଦୃଢ଼ ରହିଛି ଓ କହିଛି ଯେ, ମକ୍ୱାନାଙ୍କୁ ତାଙ୍କ ନିଜ ରାଜ୍ୟ କ୍ୟାଡରରେ ନିଯୁକ୍ତ କରାଯିବାର କୌଣସି ଅଧିକାର ନାହିଁ। ସରକାର ଗୁରୁତ୍ୱାରୋପ କରିଛନ୍ତି ଯେ କ୍ୟାଡର ଆବଣ୍ଟନ ଏକ ପ୍ରଶାସନିକ ବିଷୟ ଏବଂ ଯଦି ଏଥିରେ ବାଛବିଚାର ହୋଇଥିବା ସ୍ପଷ୍ଟ ହୁଏ ତେବେ ସେହି ମାମଲାରେ ନ୍ୟାୟିକ ସମୀକ୍ଷା ହୋଇପାରିବ। ତେଣୁ ଲମ୍ବା ଆଇନଗତ ବିବାଦ ପରେ କୋର୍ଟଙ୍କ ନିଷ୍ପତ୍ତି ଏକ ଦୀର୍ଘ ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପକାଇଛି। ଏହା ସ୍ମରଣଯୋଗ୍ୟ, କ୍ୟାଡର ଆବଣ୍ଟନ ଯଦିଓ ଅମଲାତାନ୍ତ୍ରିକ ମନେହୁଏ, ତଥାପି ଏହାର ବ୍ୟାପକ ପ୍ରଭାବ ରହିଛି ଏବଂ ସହଜରେ ଏପାଖସେପାଖ କରିହୁଏ ନାହିଁ।

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 1 | | | 6 | 4 | | |
| | 4 | | | 2 | | | 1 | |
| | | | | | 7 | | | |
| | | | | 4 | | | | 8 |
| | | 9 | | | | 3 | 6 | |
| 5 | | | | | | 2 | 7 | |
| | | | 6 | | | 8 | | 2 |
| 1 | | | | 8 | | | 3 | |
| 9 | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 8 | 1 | 4 | 9 | 5 | 2 |
| 1 | 4 | 5 | 9 | 3 | 2 | 7 | 6 | 8 |
| 2 | 8 | 9 | 7 | 5 | 6 | 1 | 3 | 4 |
| 8 | 1 | 4 | 2 | 7 | 5 | 3 | 9 | 6 |
| 5 | 7 | 6 | 4 | 9 | 3 | 8 | 2 | 1 |
| 9 | 3 | 2 | 6 | 8 | 1 | 5 | 4 | 7 |
| 6 | 9 | 1 | 5 | 2 | 7 | 4 | 8 | 3 |
| 3 | 2 | 8 | 1 | 4 | 9 | 6 | 7 | 5 |
| 4 | 5 | 7 | 3 | 6 | 8 | 2 | 1 | 9 |

ଗତକାଲିର ଉତ୍ତର

# ଦୁର୍ନୀତିର ଅଗ୍ନିକୁଣ୍ଡରେ ମେଧା ଆହୁତି



**ଅକ୍ଷୟ କୁମାର ମିଶ୍ର**

ଆମ ଦେଶର ଜନସାଧାରଣ ପ୍ରାୟ ଧରି ନେଇଛନ୍ତି ସବୁଠାରୁ ଦାମୀ ତଥା ସମ୍ମାନଜନକ ପାଠ ହେଉଛି ଡାକ୍ତରୀ ପାଠ। ସବୁ ମାତାପିତାଙ୍କ ସ୍ୱପ୍ନ ହେଲା ତାଙ୍କ ପିଲା ଏହି ପାଠ ପଢ଼ନ୍ତୁ ଏବଂ ଜଣେ ଭଲ ଡାକ୍ତରଟିଏ ହୋଇ ସୁନାମ ଆଣନ୍ତୁ। ଏଥିପାଇଁ ପ୍ରଥମ ଅବସ୍ଥାରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦିଅନ୍ତି। ସାମର୍ଥ୍ୟ ଥାଉ ବା ନ ଥାଉ ଧାର ଉଧାର କରି ଏପରିକି ଜମିବାଡ଼ି ବିକ୍ରିକରି ନାମୀଦାମୀ କୋଚିଂ ସେଣ୍ଟରରେ ପିଲାଙ୍କୁ ଭର୍ତ୍ତି କରନ୍ତି ବହୁ ଅଭିଭାବକ। ଆଉ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ସେମାନେ ଆବଶ୍ୟକ ହେଲେ ରାଜ୍ୟ ବାହାରେ ଥିବା ବଡ଼ ବଡ଼ କୋଚିଂ ସେଣ୍ଟରକୁ ବାଛିବାକୁ ପଛାନ୍ତି ନାହିଁ। ଦେଖାଯାଉଛି ବହୁ ପିଲା ଲଗାତର ତିନି ଚାରି ବର୍ଷ କୋଚିଂ ନେଉଛନ୍ତି ମେଧା ତାଲିକାରେ ସ୍ଥାନ ପାଇବା ପାଇଁ। ପ୍ରତିବର୍ଷ ଯେଉଁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଛନ୍ତି ସେମାନେ ସଭିଏଁ ଯେ ମେଧାବୀ ଏବଂ କଠିନ ଅଧ୍ୟବସାୟୀ ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଆମ ଦେଶର ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ମେଧାବୀ ଚିହ୍ନଟ କରିବା କ୍ଷେତ୍ରରେ ନିଟ୍ ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତା ଏବଂ ସାଧୁତା ରହିବା ବିଧେୟ। ମାତ୍ର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ ଯଦି ପ୍ରଶ୍ନପତ୍ର ପ୍ରଘଟ ହେଲା, ମୂଲ୍ୟାୟନରେ ଅନିୟମିତତା ହେଲା, ଅସାଧୁ ଉପାୟ ଅବଲମ୍ବନ ହେଲା, ପାତର ଅନ୍ତର ହେଲା ତେବେ ଧରିନେବାକୁ ହେବ ଦୁର୍ନୀତିର ଅଗ୍ନି କୁଣ୍ଡରେ ମେଧା ଶକ୍ତିକୁ ଆହୁତି ଦେଇ ଏ ଦେଶର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିଦେବାର ବ୍ୟବସ୍ଥା ହେଉଛି।

ବିଗତ କିଛି ବର୍ଷ ହେଲା ଏହି ପ୍ରବେଶିକା ପରୀକ୍ଷାର ପରିଚାଳନାକୁ ନେଇ ବିଭିନ୍ନ ଅଭିଯୋଗ ହୋଇଆସୁଛି। କିନ୍ତୁ ନିଟ୍–୨୦୨୪ର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆପତ୍ତି ଅଭିଯୋଗ ଚରମ ସୀମାକୁ ଛୁଇଁଛି। ଏଥିପାଇଁ ସଂସଦ ଉଠୁଛି ପଡୁଛି। ସମସ୍ତ ରାଜ୍ୟର ବିଧାନସଭାରେ ଆଲୋଚନା ହେଉଛି। ବିଭିନ୍ନ ଗଣ ସଂଗଠନ ତରଫରୁ ବିକ୍ଷୋଭ ପ୍ରଦର୍ଶନ ହେଉଛି। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ସିବିଆଇ ମଧ୍ୟ ତଦନ୍ତରେ ଆଗେଇଛି। ବହୁ ଅନିୟମିତତା ସାମ୍ନାକୁ ଆସୁଥିବା ଜଣାପଡୁଛି। ଫଳାଫଳ ଯାହା ଆସୁନା କାହିଁକି ଅଭିଭାବକ ମଣ୍ଡଳୀ ଦୁଶ୍ଚିନ୍ତାରେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରରେ। ହେଲେ ଏମିତି କାହିଁକି ହେଲା ? କେଉଁ କାରଣ ପାଇଁ ଏଭଳି ଗୁରୁତର ଅଭିଯୋଗ ଉଠୁଛି ?

ପ୍ରଥମ ସନ୍ଦେହ ଉପୁଜିଲା ପରୀକ୍ଷା ଫଳ ପ୍ରକାଶନର ତାରିଖକୁ ନେଇ। ପ୍ରଥମେ ସ୍ଥିର ହୋଇଥିଲା ଜୁନ୍ ୧୪ରେ ନିଟ୍(ୟୁଜି) ପରୀକ୍ଷା ଫଳ ପ୍ରକାଶିତ ହେବ। କିନ୍ତୁ ଦେଖାଗଲା ନିର୍ଦ୍ଧାରିତ ତାରିଖର ଦଶ ଦିନ ପୂର୍ବରୁ ଯେଉଁ ଦିନ ଲୋକ ସଭାର ଭୋଟ୍ ଗଣତି ଚାଲିଥିଲା ସେହିଦିନ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ପାଇଲା। ଇତିହାସରେ ହୁଏତ ଏହା ପ୍ରଥମ ଥର ହେଲା, ନିର୍ଦ୍ଧାରିତ ତାରିଖର ପୂର୍ବରୁ କୌଣସି ପରୀକ୍ଷାର ଫଳ ପ୍ରକାଶ ପାଇବା। ଅଭୂତପୂର୍ବ ଭାବେ ଦେଖାଗଲା ୬୭ ଜଣ ପରୀକ୍ଷାର୍ଥୀ ପୂର୍ଣ୍ଣ ନମ୍ବର ରଖି (୭୨୦ ରୁ ୭୨୦) ମେଧା ତାଲିକାର ଶୀର୍ଷତମ ସ୍ଥାନ ଅଧିକାର କରିଛନ୍ତି ଏବଂ ଏଥିମଧ୍ୟରୁ ୬ ଜଣଙ୍କର ରୋଲ୍ ନମ୍ବର କ୍ରମାନ୍ୱୟରେ ରହିଛି। ଏଥିର ଦୁର୍ନୀତିର ଗନ୍ଧ ଚତୁର୍ଦ୍ଦିଗକୁ ବିଛାଡ଼ି ହୋଇ ପଡ଼ିଲା। ଆରମ୍ଭ ହେଲା ଖୋଳତାଡ଼। ତତ୍ପରେ ଗୋଟିଏ ପରେ ଗୋଟିଏ ଅନିୟମିତତା ଏବଂ ଅନୈତିକ କାର୍ଯ୍ୟର ବିବରଣୀ ପଦାକୁ ଆସିବା ଆରମ୍ଭ ହେଲା।

ଶୁଣାଯାଏ ଜଣେ ପରୀକ୍ଷାର୍ଥୀ ଗୋଟିଏ ପ୍ରଶ୍ନର ଉତ୍ତର ଦେଇନାହିଁ। ଉତ୍ତର ଦେଇଥିବା ପ୍ରଶ୍ନ ମଧ୍ୟରୁ ଷୋହଳଟି ପ୍ରଶ୍ନର ଉତ୍ତର ଭୁଲ୍ ଅଛି। ଫଳରେ ସେ ୬୩୬ ନମ୍ବର ପ୍ରାପ୍ତ ହୋଇଛି ଅଥଚ ସେ ଗ୍ରେସ୍ ମାର୍କ ପାଇ ୭୨୦ ନମ୍ବର ରଖିଛି ଏବଂ ଶ୍ରେଷ୍ଠ ମେଧାବୀ ଭାବରେ ୬୭ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛି। ଏହିପରି ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା। ଏମାନଙ୍କ ପାଇଁ ମଧ୍ୟ ଆଉ ଥରେ ଜୁନ ୨୩ରେ ପରୀକ୍ଷା କରାଗଲା। ସେମାନଙ୍କ ମଧ୍ୟରୁ ୮୧୩ (୫୨ ପ୍ରତିଶତ) ପରୀକ୍ଷା ଦେଲେ, ଅନ୍ୟମାନେ ଆସିଲେନି। ଫଳାଫଳ ଆସିଲା, କିନ୍ତୁ ଟପ୍ପରଙ୍କ ସଂଖ୍ୟା କମିଲା। ଅନେକ ତ୍ରୁଟି ଦେଖିବା ପରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ବିରୋଧରେ ଅଭିଯୋଗ ଉଠିବା ଅସ୍ୱାଭାବିକ ନୁହେଁ। କେବଳ ମୂଲ୍ୟାୟନକୁ ନେଇ ଅଭିଯୋଗ ନୁହେଁ ପ୍ରଶ୍ନପତ୍ରର ଗୋପନୀୟତା ଉପରେ ସଙ୍ଗିନ ଆପତ୍ତି ହୋଇଛି। ବିହାର ପୋଲିସ ଏ ବାବଦରେ ମାମଲା ରୁଜୁ କରିବା ସହିତ କିଛି ଲୋକଙ୍କୁ ଗିରଫ ମଧ୍ୟ କରିଛି। ଏ ସମସ୍ତ କଥା ପଦାକୁ ଆସିବା ପରେ ଡାକ୍ତରୀ ପାଠ ପଢ଼ିବାକୁ ସ୍ୱପ୍ନ ଦେଖିଥିବା ଲକ୍ଷ ଲକ୍ଷ ଗରିବ ମେଧାବୀ ଛାତ୍ରୀଛାତ୍ର ଅଧ୍ୟୟନ ଓ ଅଧ୍ୟବସାୟ ସବୁକିଛି ଅସାର ବୋଲି ଧରି ନେଲେଣି। ଏକେତ ଘରୋଇ ଡାକ୍ତରୀ ପାଠ ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାଙ୍କ ପାଇଁ ଅପହଞ୍ଚ ଥିଲା। ଏଥିପାଇଁ ଅନ୍ୟୂନ କୋଟିଏ ଟଙ୍କା ଆବଶ୍ୟକ। ଏତେ ଅର୍ଥ ଆସିବ ବା କୁଆଡୁ। ଆକାଶ କୟାଁ ଚିଲିକା ମାଛ ପଛରେ ଧାବମାନ ନ ହୋଇ ସରକାରୀ ମେଡ଼ିକାଲ କଲେଜରେ ସିଟ୍ ପାଇବା ପାଇଁ ଯେଉଁମାନେ ଦିନରାତିକୁ ଏକାକାର କରି କଠିନ ପରିଶ୍ରମ କରୁଥିଲେ ସେମାନେ ମଧ୍ୟ ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାରୀ କ୍ଷେତ୍ରରେ ଯଦି ଏମିତି ଲକ୍ଷ ଲକ୍ଷ ଟଙ୍କାର କାରବାର ହୁଏ, ଖୁଲମଖୁଲା ଦୁର୍ନୀତି ଚାଲେ, କ୍ଷମତା ଓ ପ୍ରତିପତ୍ତିର ବ୍ୟବହାର ହୁଏ ତେବେ ସାଧାରଣ ପରିବାରର ପିଲାମାନଙ୍କ ପାଇଁ ଏ ରାସ୍ତାଟି ମଧ୍ୟ ବନ୍ଦ ହୋଇଗଲା। ଅଥଚ ଗଭୀର ମାନସିକ ଯନ୍ତ୍ରଣାରେ ଯେତେବେଳେ ଦେଶର ଲକ୍ଷ ଲକ୍ଷ ପିଲା ସହିତ ସେମାନଙ୍କର ମାତାପିତା ଉବୁଟୁବୁ ସେତେବେଳେ କେନ୍ଦ୍ର ସରକାର ଅନିୟମିତତାକୁ ଅସ୍ୱୀକାର କରିବା ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି।





ଆମେ ଯଦି ଛ' ସାତ ବର୍ଷ ତଳକୁ ଫେରିଯିବା ଅର୍ଥାତ୍ ୨୦୧୮ ମସିହା ପୂର୍ବକୁ, ତେବେ ଦେଖିବା ପ୍ରତ୍ୟେକ ରାଜ୍ୟ ସରକାର ଡାକ୍ତରୀ ଶିକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା କରୁଥିବା ବେଳେ ଜାତୀୟ ସ୍ତରରେ ଏ.ଆଇ.ପି.ଏମ୍.ଟି. ନାମରେ ଆଉ ଏକ ପରୀକ୍ଷା ସମାନ୍ତରାଳ ଭାବରେ ହେଉଥିଲା। ଏକକ ପରୀକ୍ଷା ନାମରେ ସରକାର ରାଜ୍ୟଗୁଡ଼ିକର ଏହି କ୍ଷମତାକୁ ଉଚ୍ଛେଦ କରି ୨୦୧୮ ମସିହାରୁ ଆରମ୍ଭ କଲେ ନିଟ୍ ୟୁଜି। ପୁନଶ୍ଚ ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ନ୍ୟସ୍ତ କଲେ ଜାତୀୟ ପରୀକ୍ଷଣ ସଂସ୍ଥା ବା ଏନ୍.ଟି.ଏ. ଉପରେ, ଯାହା କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା। ଜନ୍ମ ଲଗ୍ନରୁ ବିବାଦ ଏହାର ପିଛା ଛାଡୁନାହିଁ। ପ୍ରାୟ ପ୍ରତି ବର୍ଷ ନିଟ୍ ପରୀକ୍ଷା ଫଳରେ ବିଭିନ୍ନ ଅନିୟମିତତା ଦେଖିବାକୁ ମିଳୁଛି, ଯାହାର କୁପ୍ରଭାବ ପ୍ରତ୍ୟକ୍ଷ ଭାବେ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଉଦାହରଣ ସ୍ୱରୂପ ୨୦୨୦ ମସିହା ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ମଧ୍ୟପ୍ରଦେଶର ଛାତ୍ର ଶ୍ରୀମାନ୍ ବିଧି ସୂର୍ଯ୍ୟବଂଶୀ ୬ ନମ୍ବର ରଖିଥିବା ଦେଖି ଆତ୍ମହତ୍ୟା କରିଥିବା ଘଟଣା ଏବଂ ପରବର୍ତ୍ତୀ ସମୟରେ ସେ ପ୍ରକୃତରେ ୫୯୦ ନମ୍ବର ରଖିଥିବା ଜଣାଯିବା ଆଜି ବି ଏକ କଳାଦାଗ ହୋଇ ରହିଛି। ଅପରପକ୍ଷେ ବହୁବାର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା ଏହି ସଂସ୍ଥାର ଆଉ ଏକ ଚରମ ଅପାରଗତା।

ବର୍ତ୍ତମାନ ସ୍ଥିତିରେ ଲୋକଙ୍କର ଭରସା ଫେରାଇ ଆଣିବା ଦିଗରେ ସରକାର ଯତ୍ନବାନ ହେବା ଉଚିତ। ନିରପେକ୍ଷ ତଦନ୍ତ ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଲୋକେ ଆଶ୍ୱସ୍ତ ହେବେନାହିଁ। ଦ୍ୱିତୀୟରେ କୌଣସି ସ୍ୱୟଂଶାସିତ ବା ଘରୋଇ ସଂସ୍ଥା ଉପରେ ଆସ୍ଥା ନ ରଖି ସରକାର ନିଜେ ସମସ୍ତ ପ୍ରବେଶିକା ପରୀକ୍ଷା ତତ୍ସହିତ ପ୍ରତିଯୋଗିତାମୂଳକ ପରୀକ୍ଷାର ପରିଚାଳନା ଦାୟିତ୍ୱ ନେବା ଉଚିତ। ତୃତୀୟରେ ପୂର୍ବଭଳି ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଲେ ଅନିୟମିତତା ହ୍ରାସ ହେବା ସାଙ୍ଗକୁ ଯେଖା ରାଜ୍ୟର ମେଧାବୀମାନେ ଉଚିତ ନ୍ୟାୟ ପାଇବେ।


ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭


# ବୃକ୍ଷ ବିନା ଜୀବନ



**ଜୟଶ୍ରୀ ପଟ୍ଟନାୟକ**

ପ୍ରାୟ ପ୍ରାଗୈତିହାସିକ ଯୁଗରୁ ମଣିଷର ବନଭୂମି ସହ ନିବିଡ଼ ସମ୍ପର୍କ ରହିଛି। ଦିନେ ସଭ୍ୟତାର ବିକାଶ ବନଭୂମିରେ ହିଁ ହୋଇଥିଲା। ମଣିଷ ଉଦ୍ଭିଦ ବା ବୃକ୍ଷ ଜଗତକୁ ତା'ର ମୌଳିକ ଆବଶ୍ୟକତା ବୋଲି ମନେକଲା। ବୃକ୍ଷ ନ ରହିଲେ ପ୍ରାଣୀ ଜଗତ ତିଷ୍ଠି ରହିପାରିବନି କାରଣ ବାୟୁରେ ଥିବା ଅମ୍ଳଜାନ ଆମେ ଶ୍ୱାସକ୍ରିୟା ଦ୍ୱାରା ଦେହ ଭିତରକୁ ନେଇ ବଞ୍ଚିରହୁ ଏବଂ ଏହି ଅମ୍ଳଜାନ ଆମେ ପାଉ ବୃକ୍ଷଲତାଠାରୁ ଏବଂ ଆମର ପ୍ରାଣ ନାଶକାରୀ ଅଙ୍ଗାରକାମ୍ଳ ବୃକ୍ଷ ଟାଣିନେଇ ନିଜର ଖାଦ୍ୟରେ ପରିଣତ କରେ। ତେଣୁ ଉଦ୍ଭିଦ ଆମର ପରମ ବନ୍ଧୁ।

ପ୍ରାଣୀ ଜଗତ ଉଦ୍ଭିଦ ଜଗତ ବିନା ବଞ୍ଚି ରହିପାରେନା। ତେଣୁ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ପରସ୍ପର ପରିପୁରକ। ବୃକ୍ଷ ଆମକୁ ଛାଇ ଦିଏ। ଫଳ, ଫୁଲ, ଲାଖ, ଝୁଣା, ମହୁ, ଜାଳେଣି, ଔଷଧ ଆହୁରି ଅନେକ କିଛି ଯୋଗାଇଥାଏ। ପରିବେଶ ଶୀତଳ ରଖେ। ପ୍ରଦୂଷଣରୁ ଆମକୁ ରକ୍ଷା କରେ। ବର୍ଷା କରାଏ। ବନ୍ୟାଦାଉରୁ ଆମକୁ ରକ୍ଷା କରେ। ମୃତ୍ତିକା ସଂରକ୍ଷଣ କରେ। ତଥାପି ଏସବୁର ଉପକାର ମଣିଷ ଭୁଲିଯାଇ ଅବାଧରେ ଗଛ କାଟିବାରେ ଲାଗିଛି। ବନଭୂମିର ଆବଶ୍ୟକତା ତା' ଜୀବନରେ କେତେ ରହିଛି ସେକଥା ଭୁଲିଯାଉଛି। ଫଳରେ ଅନିୟମିତ ବୃଷ୍ଟିପାତ, ଅଂଶୁଘାତ, ବର୍ଷାଭାବ, ଖାଦ୍ୟାଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଉତ୍ତପ୍ତ ବସୁଧାରେ ଭାଜି ହେଉଛି। ବୃକ୍ଷ ହିଁ ଜୀବନ, କାରଣ ବୃକ୍ଷ ଥିଲେ ବର୍ଷା ହୁଏ। ବର୍ଷା ଯୋଗୁ ଶସ୍ୟ ଉତ୍ପାଦନ ହୁଏ। ମଣିଷ ତା'ର ଖାଦ୍ୟ ପୂରଣ କରେ। ମାନବ ଜାତିର କଲ୍ୟାଣ ପାଇଁ ବୃକ୍ଷରୋପଣ, ସାମାଜିକ ବନୀକରଣ ନିହାତି ଅପରିହାର୍ଯ୍ୟ। ଅରଣ୍ୟ ଓ ବୃକ୍ଷରାଜି ଆମର ଜାତୀୟ ସମ୍ପଦ। ତେଣୁ ଆମେ ଗଛ ପୋତି ତା'ର ରକ୍ଷଣାବେକ୍ଷଣ ଦିଗରେ ଜାଗରଣ ସୃଷ୍ଟି କରିବା, ପ୍ରକୃତି ଓ ପରିବେଶ ପ୍ରତି ସଚେତନ ହେବା, ନୂତନ ବନ ସୃଷ୍ଟି କରିବା ଦରକାର।

ବନ ସୃଷ୍ଟି ପାଇଁ ଉପଯୁକ୍ତ ସମୟ ହେଉଛି ବର୍ଷାଋତୁ। ବର୍ଷା ଓ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ। ମୌସୁମୀର ପ୍ରଥମ ସ୍ପର୍ଶ ପାଇଲା ପରେ ସଂଜୀବିତ ହୋଇଉଠେ ପ୍ରତ୍ୟେକ ବୃକ୍ଷର ଉଦାସୀପଣ। ବୀଜଟିଏ ମେଲୁଥାଏ ପତ୍ରରେ। ବର୍ଷାପାଣିରେ କଅଁଳିଉଠେ ତା'ର ଛନ ଛନ ଦେହ। ହୃଷ୍ଟପୁଷ୍ଟ ହୋଇ ଚାରା ଗଛରେ ପରିଣତ ହୁଏ। ଛୋଟରୁ ବଡ଼ ହୁଏ। ଫୁଲ ଫଳ ସମ୍ଭାରରେ ନିଜର ପରିଚୟ ଦିଏ ପ୍ରକୃତିକୁ। ଟିକିଏ ଯତ୍ନନେଲେ ବର୍ଷାଋତୁରେ ବେଶି କଷ୍ଟ କରିବାକୁ ପଡ଼ି ନ ଥାଏ ସବୁଜିମାକୁ ହାତପାଆନ୍ତାରେ ପାଇବାକୁ। ବର୍ଷାଋତୁରେ ବନ ବିଭାଗ କର୍ମଚାରୀମାନେ ବିଭିନ୍ନ ଚାରା ବଣ୍ଟନ କରିଥାନ୍ତି। ଫଳ ଫୁଲ, କାଠ, ଶୋଭାବର୍ଦ୍ଧନକାରୀ ଫୁଲଗଛ। ୟୁକାଲିପଟାସ, ଝାଉଁ, ଦେବଦାରୁ ଲଗାଯାଏ। ସ୍କୁଲ କଲେଜରେ ମଧ୍ୟ ସଚେତନ କରାଯାଇ ବୃକ୍ଷର ଗୁରୁତ୍ୱ ବିଷୟରେ ସେମିନାର କରାଯାଏ। ମୌସୁମୀ ବର୍ଷା ମାଟିକୁ ଭିଜାଇ ପରିବେଶରେ ଶୀତଳତା ଆଣିଥାଏ। ଆଉ ଏହି ସ୍ନିଗ୍ଧ ପରିବେଶରେ ରାସ୍ତାକଡ଼, ସମୁଦ୍ରକୂଳ, ସ୍କୁଲ୍, ଅଫିସ୍, ଗୃହ ହତା, କ୍ଲବ, ପାର୍କମାନଙ୍କରେ ଚାରା ଗଛ ଲଗାଇ ଜନଜାଗରଣ ସୃଷ୍ଟି କରାଯାଏ। ବର ଓସ୍ତ ଗଛକୁ ଯଥାସମ୍ଭବ ସବୁସ୍ଥାନରେ ଲଗାଇବା ଦରକାର। ଆମ୍ବ, ପଣସ, ଜାମୁ, ଚାକୁଣ୍ଡା ତୋଟାମାନଙ୍କରେ ଲଗାଇବା ଦରକାର। ଗୃହ ପରିବେଶରେ ଫୁଲ ଓ ଫଳଗଛ ଲଗାଇବା ଦରକାର, ଯାହାଦ୍ୱାରା ଛାଇ ପାଇବା ସହ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରିପାରିବା।



ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ, ଆମ ଦେଶରେ ୩୩.୩ ଭାଗ ଜଙ୍ଗଲ ରହିବା କଥା କିନ୍ତୁ ରହିଛି ତା'ଠାରୁ ଯଥେଷ୍ଟ କମ୍। ଫଳରେ ଉତ୍ତପ୍ତ ବସୁଧାରେ ଦିନକୁ ଦିନ ଅସହ୍ୟ ହେଲାଣି ବଞ୍ଚିବା। ଉତ୍କଟ ଜଳାଭାବ ଦେଖାଗଲାଣି ଚତୁର୍ଦ୍ଦିଗ।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃକ୍ଷରୋପଣ ଉପରେ ପ୍ରାଧାନ୍ୟ ଦେଇଥିଲେ। ସେ କହିଥିଲେ, ଖାଲି ସରକାରୀସ୍ତରରେ ବନୀକରଣ ସମ୍ଭବ ନୁହେଁ, ଏଥିପାଇଁ ଜନ ଜାଗରଣ ଦରକାର। ୧୯୫୦ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ କେ.ଏମ୍. ମୁନ୍ସୀ ଏକ ଜାତୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେବେଠାରୁ ବୃକ୍ଷରୋପଣର ଗୁରୁତ୍ୱ ବଢିଛି। ସ୍କୁଲ, କଲେଜ, ସରକାରୀ, ବେସରକାରୀ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାସ୍ତାଘାଟ, ହତାବାଡ଼ି, ଖୋଲାସ୍ଥାନରେ ପ୍ରତିବର୍ଷ ବୃକ୍ଷରୋପଣ କରାଯାଇଆସୁଅଛି।

ମାନବ ସମାଜ ବଞ୍ଚିରହିବା ପାଇଁ ବୃକ୍ଷ ରୋପଣ ସହ ବୃକ୍ଷ ପାଳନ ଉଭୟର ଆବଶ୍ୟକତା ରହିଛି। ଏହା ଏକ ପୁଣ୍ୟ କାମ, ଏ କଥା ସମସ୍ତେ ବୁଝିବାର ସମୟ ଆସିଛି। ୧୯୯୯ର ବାତ୍ୟା ଓ ଫନୀ ବାତ୍ୟାରେ ଯେତେ ଗଛ ଉପୁଡ଼ିଯାଇଛି ତା'ର ଭରଣା ହୋଇପାରିନାହିଁ। ମାଟି, ପାଣି, ପବନ ପରି ବୃକ୍ଷ ଆମର ପରମ ବନ୍ଧୁ। ମଣିଷ ଧୋକାଦିଏ, ମନରେ ଦୁଃଖ ଦିଏ, କିନ୍ତୁ ଗଛ ଆପଣଙ୍କ ଭଲ ପାଇବା, ଯତ୍ନକୁ ବୁଝି ଶ୍ୟାମଳ ରଙ୍ଗରେ ହସିଉଠେ। ଫଳ ଫୁଲ, ଜାଳେଣି, ଗୃହ ସଜ୍ଜୀକରଣ ପାଇଁ କାଠ ଦେଇ, ପ୍ରଦୂଷଣମୁକ୍ତ ପରିବେଶ ଦେଇଥାଏ। ତେଣୁ ଆସନ୍ତୁ ଏଇ ମୌସୁମୀରେ ଧରଣୀକୁ ସବୁଜ ରଙ୍ଗରେ ସଜାଇଦେବା । ସକ୍ରେଟିସ୍ଙ୍କ ମତରେ ବୃକ୍ଷରୁ ଜଳ, ଜଳରୁ ଶସ୍ୟ, ଶସ୍ୟ ହିଁ ଜୀବନ ଅର୍ଥାତ୍ ବୃକ୍ଷ ଥିଲେ ବର୍ଷା ହୁଏ, ବର୍ଷା ହେଲେ ଶସ୍ୟ ହୁଏ, ଆଉ ଶସ୍ୟ ହିଁ ଜୀବନ ରକ୍ଷା କରିଥାଏ। ମଣିଷର ଅର୍ଥନୈତିକ, ସାମାଜିକ ମାନଦଣ୍ଡକୁ ବଢ଼ାଇଥାଏ ଏ କଥାକୁ ସମସ୍ତେ ହୃଦୟଙ୍ଗମ କରିବା, ଗଛ ଲଗାଇବା ଆଉ ଦିନେ ସେହି ଗଛ ଡାଳରେ ଚଢ଼େଇର ସଙ୍ଗୀତ ଶୁଣିବା, ବାୟା ଚଢ଼େଇର ବସା ଦେଖିବା ପ୍ରକୃତିର ସବୁଜିମାକୁ ପାର୍କ ଓ ଭ୍ରମଣ ସ୍ଥାନରେ ଦେଖି ମୁଗ୍ଧ ହେଉଥିବା। ଗଛ ଛାଇରେ ବସି ତାସ୍ ଖେଳିବା, ରଜଦୋଳି ବାନ୍ଧି ଖୁସିରେ ଖୁସିରେ ସମୟ କାଟିବା। ପରିବାର ସହ ସବୁଜ ସୁନ୍ଦର ଶସ୍ୟ ଶ୍ୟାମଳ ବନଭୂମିର ସେଲ୍ଫି ଉଠାଇବା।

ମୋ: ୭୯୭୮୧୧୦୪୭୪

## ଏଇ ଭାରତରେ

କ୍ଷେତକୁ ଫସଲ ଖାଇବାକୁ ବନ୍ୟପ୍ରାଣୀ ଆସିଲେ ସେମାନଙ୍କୁ ହତ୍ୟା କିମ୍ବା ଗୁରୁତର ଆହତ କରାଯାଉଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟା ଦୂର କରିପାରୁଛି ବେଙ୍ଗାଲୁରୁର 'କଟିଧନ' ଷ୍ଟାର୍ଟଅପ୍। ଏସ୍.ଆର୍.ଆୟନ ଏହି ଷ୍ଟାର୍ଟଅପ୍ର ପ୍ରତିଷ୍ଠାତା। ପ୍ରଯୁକ୍ତି ବ୍ୟବହାର କରି ପ୍ରାଣୀମାନଙ୍କୁ ଫସଲଠାରୁ ଦୂରେଇ ରଖାଯାଇପାରୁଛି। ଏଥିରେ ପ୍ରାଣୀଙ୍କର କୌଣସି କ୍ଷତି ଘଟୁନାହିଁ। ଆୟନ ଜଣେ ରୋବୋଟିକ ଇଞ୍ଜିନିୟର ଓ ସେ କଞ୍ଜୁମର ରୋବୋ ନିର୍ମାଣ କରୁଥିଲେ। କିନ୍ତୁ ପ୍ରାଣୀ– ମଣିଷ ସଂଘର୍ଷର କ୍ଷତି ବିଷୟରେ ଜାଣିବା ପରେ ଏହାକୁ ହ୍ରାସ କରିବା ଲାଗି ଉପାୟ ଚିନ୍ତା କରିଥିଲେ। ପରେ କେତେଜଣ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ସହ ଏକ ଛୋଟ ଟିମ୍କୁ ନେଇ କାମ ଆରମ୍ଭ କରି ସଫଳତା ପାଇଲେ। ସୌରଶକ୍ତି ଚାଳିତ ଅଟୋଲାଇଟ ଏହାର ମୁଖ୍ୟ ସାଧନ, ଯାହା ହାତୀ, ବାଘ, ବାରହା ଆଦି ପ୍ରାଣୀଙ୍କୁ ସହଜରେ କ୍ଷେତ ନିକଟରୁ ତଡ଼ି ଦେଇପାରୁଛି। ଏହି ଉତ୍ପାଦ ସ୍ୱୟଂଚାଳିତ। ରାତିସାରା ବିଭିନ୍ନ ପ୍ରକାର ଫ୍ଲାଶ୍ ଲାଇଟ ଦେଇଥାଏ ଓ ସେଠାରେ ପ୍ରାଣୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରି ସେମାନଙ୍କୁ ତଡ଼ି ଦେଇଥାଏ। ଏଥିରେ ପ୍ରାଣୀମାନଙ୍କର କୌଣସି କ୍ଷତି ହୋଇ ନ ଥାଏ। ଏବେ ସୁଦ୍ଧା ଏହି କମ୍ପାନୀ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ ୨,୦୦୦ରୁ ଅଧିକ କୃଷକଙ୍କ ନିକଟରେ ତାହାର ଉତ୍ପାଦକୁ ପହଞ୍ଚାଇସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଜୁଲାଇ ୧୯୭୫**

- ବାଗଲକୋଟଠାରେ ଘଟପ୍ରଭା ନଦୀରେ ନୌକା ଦୁର୍ଘଟଣାରେ ୩୦ ଯାତ୍ରୀ ବୁଡ଼ିଯାଇଛନ୍ତି।
- ମାନ୍ଦ୍ରାଜର ମାଉଣ୍ଟରୋଡ୍ରେ ଅବସ୍ଥିତ ଜୀବନବୀମା କର୍ପୋରେସନର ବହୁତଳ ବିଶିଷ୍ଟ କୋଠାଘରେ ନିଆଁ ଲାଗି ବିପୁଳ କ୍ଷତି।
- ବିହାର ସରକାର ରାଜ୍ୟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକର ଦାୟିତ୍ୱ ସୈନ୍ୟବାହିନୀ ଇଞ୍ଜିନିୟରମାନଙ୍କ ହାତରେ ଦେବାକୁ ନିଷ୍ପତ୍ତି କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଦରବୃଦ୍ଧି ନେଇ ଖାଉଟି ହନ୍ତସନ୍ତ

ମହାଶୟ,

ଆମ ଦେଶ ତଥା ରାଜ୍ୟରେ ଏବେ ସମସ୍ତ ରାଶନ ସାମଗ୍ରୀ ଠାରୁ ଆରମ୍ଭ କରି ସବୁଜ ପନିପରିବା ଦର ଅତି ମାତ୍ରାରେ ବଢ଼ି ଚାଲିଛି। ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକମାନେ କଷ୍ଟ ଭୋଗୁଛନ୍ତି । ହରଡ ଡାଲି କିଲୋ ପିଛା ୨୦୦ ଟଙ୍କା, ମୁଗ ଡାଲି ୧୮୦ , ବୁଟଡାଲି ୧୪୦, ବିଭିନ୍ନ ଖାଇବା ତେଲ ୧୫୦ରୁ ୨୫୦ ଟଙ୍କା ଯାଏ ରହିଛି । ସବୁଜ ପରିବା ଦର ଆକାଶଛୁଆଁ। ବଡ଼ କଥା ହେଲା ଯେ ଚାଷୀ ଓ ଚାଷ ପାଇଁ ସରକାର ବହୁ ଯୋଜନା କରିଛନ୍ତି କିନ୍ତୁ ତାହା କେବଳ କାଗଜ କଲମରେ ସୀମିତ। ଚାଷୀ ଠିକ୍ ସମୟରେ ଉତ୍ତମ ମଞ୍ଜି, ଚାରା, କୀଟ ନାଶକ, ସାର ଇତ୍ୟାଦି ପାଇପାରୁ ନାହିଁ । ପରିବା ଓ ଶସ୍ୟ ରଖିବାକୁ ଶୀତଳ ଭଣ୍ଡାର ନାହିଁ। ପ୍ରତି ରାଜ୍ୟରେ କୃଷି ମହାବିଦ୍ୟାଳୟ ଅଛି ତା' ଛଡା ଓଡ଼ିଶାର କଟକ ଜିଲାରେ ଧାନ ଗବେଷଣା କେନ୍ଦ୍ର ସରକାରୀ ସ୍ତରରେ ଅଛି । ଅନେକ ଉଚ୍ଚ ପଦାଧିକାରୀ ଅଛନ୍ତି । ସେମାନେ କ'ଣ କରୁଛନ୍ତି ? ଯଦି ନିର୍ବାଚିତ ପ୍ରତିନିଧିମାନେ ନିଜ ଅଞ୍ଚଳରେ ଚାଷ ଓ ଚାଷୀଙ୍କର ଉନ୍ନତିରେ ସହଯୋଗ କରନ୍ତେ ତେବେ ଅଧିକ ଉତ୍ପାଦନ ହୋଇପାରନ୍ତା । ବାହାରୁ କିଛି କିଣିବାକୁ ପଡନ୍ତା ନାହିଁ କି ଦର ଏମିତି ବଢନ୍ତା ନାହିଁ। ମନେ ରଖିବାକୁ ହେବ ଯେ, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କଲେ ଜନତା ଖୁସିରେ ରହିବେ ।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଚିରନ୍ତନୀ

ଜଗତର ଶତ ପୀଡ଼ନେ ପୀଡ଼ିତ
ଦଗ୍ଧ ପରାଣେ ମୋରି
ଚମ୍ପକହାସ ହସିଯାଅ ଧୀରେ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରଙ୍କୁ ଅଧ୍ୟକ୍ଷଙ୍କ ମାଡ଼ ଅଭିଯୋଗ

ଭୁବନେଶ୍ୱର,୧୨।୭
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଣେ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ର ଜଣକ ଶୁକ୍ରବାର ଖାରବେଳନଗର ଥାନାରେ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ନାମରେ ଏତଲା ଦେଇଛନ୍ତି। ଅଭିଯୋଗକାରୀ ହେଲେ ଯୁକ୍ତ ୩ ବଂଶୀ ବିଭାଗର ଛାତ୍ର ନୀଳାମ୍ବର ଦାସ। ଯୁକ୍ତ ୨ ସାର୍ଟିଫିକେଟ୍ ପାଇଁ ଅଧିକ ଟଙ୍କା ନିଆଯାଉଥିବାବେଳେ ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ କଲେଜ ଅଧ୍ୟକ୍ଷ, ବଂଶୀ ବିଭାଗ ଏଚ୍‌ଓଡି ଓ ଅନ୍ୟ କେତେଜଣ ଅଧ୍ୟାପକ ଗାଳିଗୁଲଜ କରିବା ସହ ମାଡ ମାରିଥିବା ନୀଳାମ୍ବର ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଯୁକ୍ତ୨ର ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଦେବା ପାଇଁ ଧାର୍ଯ୍ୟ ୨୦୦ ଟଙ୍କା ପରିବର୍ତ୍ତେ ବିନା ରସିଦ୍‌ରେ ୨୩୦ ଟଙ୍କା ନିଆଯାଉଥିବାରୁ ନୀଳାମ୍ବର ପ୍ରତିବାଦ କରିଥିଲେ। ଏଥିପାଇଁ ଅଧ୍ୟକ୍ଷ ଓ ଅନ୍ୟମାନେ ଜୁନ୍ ୨୮ ପୂର୍ବାହ୍ନ ୧୦ଟା ୪୦ରୁ ୧୧ଟା ୩୦

■ ଯୁକ୍ତ ୨ ସାର୍ଟିଫିକେଟ୍ ପାଇ ଅଧିକ ଟଙ୍କା ନିଆଯିବାରୁ ପ୍ରତିବାଦ କରିଥିଲେ
■ ଅଭିଯୋଗକୁ ଖଣ୍ଡନ କଲେ ଅଧ୍ୟକ୍ଷ

ମଧ୍ୟରେ ତାଙ୍କୁ କାର୍ଯ୍ୟାଳୟକୁ ଡାକି ଚାମ୍ବର ଭିତରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି କଲେଜରୁ ତାଙ୍କୁ ବାହାର କରିଦେବାକୁ ଧମକ ଦେବା ସହ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସେହିଦିନ ଅପରାହ୍ନରେ ସେ ଥାନାକୁ ଅଭିଯୋଗ କରିବାକୁ ଆସିବାବେଳେ ଅଧ୍ୟକ୍ଷଙ୍କ ପ୍ରରୋଚନାରେ ଜଣେ ସ୍ଥାନୀୟ ଗୁଣ୍ଡା ତାଙ୍କୁ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଜୁନ ୨୮ରେ ଏହି ଘଟଣା ଘଟିଥିବାରୁ ପୋଲିସ ପୁରୁଣା ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏନେଇ ଥାନାରେ ଆଇପିସି ଦଫା ୩୫୨, ୨୯୪, ୩୨୩, ୫୦୬, ୩୪ରେ ମାମଲା (ନଂ.୩୧୭/୨୦୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ଏହି ଅଭିଯୋଗକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା ଖଣ୍ଡନ କରିଛନ୍ତି। ବିଜୟଙ୍କ କହିବା କଥା, କଲେଜ ପକ୍ଷରୁ କୌଣସି ଅଧିକ ଦେୟ ନିଆଯାଉନାହିଁ। କାଉନ୍‌ସିଲ ସାର୍ଟିଫିକେଟ୍‌ପାଇଁ ୨୦୦ ଟଙ୍କା ଦେୟ ରହିଥିବାବେଳେ ୨୫ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଓ ୫ ଟଙ୍କା ସିଏଲ୍‌ସି (କଲେଜ୍ ଲିଭିଂ) ଚାର୍ଜ ନିଆଯାଉଛି। ଛାତ୍ର ନୀଳାମ୍ବର ଜଣେ ବିଶୃଙ୍ଖଳିତ ପିଲା। ଏଭଳି ପିଲା କଲେଜ ପାଇଁ ଗ୍ରହଣୀୟ ନୁହେଁ। ସଙ୍ଗୀତ ମହାବିଦ୍ୟାଳୟ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ଚାଲୁଛି। କଲେଜରେ ଗଣ୍ଡଗୋଳ ହେଉ ବୋଲି ନୀଳାମ୍ବର ଚାହୁଁଛନ୍ତି। ଏହି ଘଟଣା ପଛରେ ନୀଳାମ୍ବରଙ୍କ ସହ ଆଉଜଣେ ବ୍ୟକ୍ତି ଥାଇପାରନ୍ତି ବୋଲି ସେ ଆଶଙ୍କା କରୁଥିବା କହିଛନ୍ତି। ନୀଳାମ୍ବର ପୂର୍ବରୁ କଲେଜର ବିଭିନ୍ନ କାମକୁ ନେଇ ପ୍ରତିବାଦ କରିବା ସହ ବିଶୃଙ୍ଖଳା କରନ୍ତି। ହେଲେ ତାଙ୍କ ବିରୋଧରେ କଲେଜ ପକ୍ଷରୁ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେ ଆମକୁ ଦାଣ୍ଡରେ ବସାଇବା ପାଇଁ ପୂର୍ବରୁ ଧମକ ଦେଇଥିଲେ। ସେ କଳାର ମନ୍ଦିରକୁ ବଦନାମ କରିବାକୁ ଚାହୁଁଛନ୍ତି ବୋଲି ଅଧ୍ୟକ୍ଷ କହିଛନ୍ତି।

## ୧୫ରେ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୭ (ଅସମାପିକା ସାହୁ):** ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସେହିଦିନ ପୂର୍ବାହ୍ନ ୧୧ଟାରୁ ଶୁଣାଣି ହେବ। ଏଥିପାଇଁ ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ପଞ୍ଜୀକରଣ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଅଭିଯୋଗ ଶୁଣାଣି ସ୍ଥାନରେ ଯଥା ସମୟରେ ଉପସ୍ଥିତ ରହି ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

LEPRA SOCIETY
Requires M&E-cum -Accountant for Target Intervention (IDU) Project, Bhubaneswar. Qualification: B.Com. or above with minimum 2Yr. experience with Social Development. Salary: Rs.16,000/- (P.M.). Apply to: hrd@leprahealthinaction.in by 16.07.2024. For apply detail visit: www.leprasociety.in.
(Apply with reference number mention in website).

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା ୧୦୦୦୦/– ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ – 7809525452

See Career Appointment on every Wednesday & Saturday

REQUIREMENT
For a Construction Site
(Experienced Only)
SITE SUPERVISOR
Mob.: 8338905555
sitekhorda@gmail.com

# ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର,୧୨।୭(ସତ୍ୟଜିତ୍ ରାଉତ)

ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ୫ ସହଯୋଗୀଙ୍କ ସହ ମିଶି ଓଡ଼ିଶା ସଚିବାଳୟ ସେବାର କର୍ତ୍ତବ୍ୟରତ ଏଏସ୍‌ଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ବୈକୁଣ୍ଠନାଥ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ଏବେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଲଳିତ ଓ ଅନ୍ୟମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଶୁକ୍ରବାର ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ କମିଶନଙ୍କ ପକ୍ଷରୁ ଏହି ଅଭିଯୋଗପତ୍ରକୁ ଗ୍ରହଣ କରାଯାଇ ଡାଏରୀ ନଂ (୧୦୭୬୯/ଆଏନ୍/୨୦୨୪)

**ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅଙ୍କ ଆକ୍ରମଣ ଘଟଣା**

ରୁଜୁ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଲଳିତ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନଙ୍କ ପକ୍ଷରୁ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବୈକୁଣ୍ଠନାଥଙ୍କୁ ପୋଲିସ ସୁରକ୍ଷା ମଧ୍ୟ ଦିଆଯାଉ। ବୈକୁଣ୍ଠନାଥଙ୍କୁ ମାନସିକ ଯନ୍ତ୍ରଣା ଓ ଶାରୀରିକ ନିର୍ଯାତନା ଦିଆଯାଇଥିବାରୁ ତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କମିଶନ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଜୟନ୍ତ ଅଭିଯୋଗ ପତ୍ରରେ ପ୍ରାର୍ଥନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବୈକୁଣ୍ଠନାଥ ଏନେଇ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଜୁଲାଇ ୮ରେ ମୌଖିକ ଅବଗତ କରି ନ୍ୟାୟ ପାଇଁ ଗୁହାରି କରିଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ବୁଧବାର ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ବୈକୁଣ୍ଠନାଥ ଗତ ଜୁଲାଇ ୭ ଓ ୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ସମୟରେ ପୁରୀ ରାଜଭବନର ଇନ୍‌ଚାର୍ଜ ଦାୟିତ୍ୱରେ ଥିବାବେଳେ ଏହି ଘଟଣା ଘଟିଥିଲା। ଜୁଲାଇ ୭ ରାତିରେ ଲଳିତ ତାଙ୍କୁ ସେଠାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଲଳିତ ତାଙ୍କୁ ଚାପୁଡ଼ା ମାରିଥିଲେ। ପରେ ଆନେକ୍ସ ବିଲ୍ଡିଂରେ ବୈକୁଣ୍ଠନାଥ ଲୁଚି ରହିବାକୁ ଚେଷ୍ଟା କରୁଥିବାବେଳେ ଦୁଇ ପିଏସ୍‌ଓ ତାଙ୍କୁ ଲଳିତଙ୍କ ପାଖକୁ ଟେକି ନେବାପରେ ଲଳିତ ଏବଂ ଅନ୍ୟମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ସରିଲା ଯୁକ୍ତ୨ ଆବେଦନ: ୨୦ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର,୧୨।୭
(ଅସମାପିକା ସାହୁ)

୨୦୨୪–୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୧ଟା ୪୫ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୭ତାରିଖ ସନ୍ଧ୍ୟା ୬ଟା ଭିତରେ ନାମଲେଖାଇବେ। ଅଗଷ୍ଟ ୫ ଅପରାହ୍ନ ୩ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ ଓ ମନୋନୀତ ଛାତ୍ରୀଛାତ୍ର ୭ ରୁ ୧୦ତାରିଖ ମଧ୍ୟରେ ନାମଲେଖାଇବାକୁ ପଡ଼ିବ। ୨୦ତାରିଖରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ତେବେ ଅଗଷ୍ଟ ୧ରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ କରିବାକୁ ପୂର୍ବରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୨,୩୪୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୫,୪୮,୨୪୯ଟି ସିଟ୍ ରହିଛି। ସେଥିମଧ୍ୟରୁ କଳାରେ ୩,୧୦,୧୩୬ଟିସିଟ୍‌ରହିଥିବାବେଳେ ବିଜ୍ଞାନରେ ୧,୭୩,୫୪୯, ବାଣିଜ୍ୟରେ ୪୧,୦୮୦, ସଂସ୍କୃତରେ ୧୩,୦୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୩୯୬ଟି ସିଟ୍ ରହିଛି। ତେବେ ଚଳିତବର୍ଷ ଯୁକ୍ତ୨ ପ୍ରଥମବର୍ଷରେ ନାମଲେଖା ପାଇଁ ୪ଲକ୍ଷ ୭୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

# ବସ୍ ଧକ୍କାରେ ମା', ପୁଅ ମୃତ

ଚଣ୍ଡିଖୋଲ,୧୨।୭
(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବନ୍ଦାଳ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ଧର୍ମଶାଳା ଥାନା ଅନ୍ତର୍ଗତ ଭଡ଼ଙ୍ଗା ଗ୍ରାମର ସନ୍ଧ୍ୟାରାଣୀ ନାୟକ (୫୦) ଓ ତାଙ୍କ ପୁଅ ଦିବ୍ୟକିଶୋର ନାୟକ (୨୪)। ଉଭୟ ରାତି ପ୍ରାୟ ୮ଟାରେ ଛଟିଆଠାରେ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ମୋଟର ସାଇକେଲ ଯୋଗେ ଯାଉଥିଲେ। ଏହି ସମୟରେ ବନ୍ଦାଳ ଛକ ନିକଟରେ ଏକ ବସ୍ ତାଙ୍କୁ ଧକ୍କା ଦେଇ କଟକ ଅଭିମୁଖେ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ମା' ଓ ପୁଅ ଗୁରୁତର ହୋଇଥିଲେ। ବଡ଼ଚଣା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମା' ଓ ପୁଅଙ୍କୁ କେଉଁ ବସ୍ ଧକ୍କା ଦେଇଛି ତାହା ଜଣାପଡ଼ିନାହିଁ। ପୋଲିସ ମୋଟର ସାଇକେଲକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ୨୦୬୦ରେ ଭାରତର ଜନସଂଖ୍ୟା ୧୭୦ କୋଟି ଛୁଇଁବ

ନୂଆଦିଲ୍ଲୀ, ୧୨।୭

୨୦୬୦ ସୁଦ୍ଧା ଭାରତର ଜନସଂଖ୍ୟା ୧୭୦ କୋଟି ଛୁଇଁବା ନେଇ ମିଳିତ ଜାତିସଂଘ(ୟୁଏନ୍) ଅନୁମାନ କରିଛି। ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ (ୟୁଏନ୍‌ଡିଇଏସ୍‌ଏ) ଶୁକ୍ରବାର ୱାର୍ଲ୍ଡ ପପୁଲେଶନ ପ୍ରସ୍ପେକ୍ଟସ୍ ୨୦୨୪ ରିପୋର୍ଟରୁ ଏହି ତଥ୍ୟ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଚାଇନାର ଜନସଂଖ୍ୟାକୁ ଟପି ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ଥିବା ଦେଶ ହୋଇପାରିଛି। ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୫ କୋଟି ହୋଇଥିବାବେଳେ ୨୦୬୦ ସୁଦ୍ଧା

**ଗତବର୍ଷ ଚାଇନାକୁ ଟପିଛି**

ଏହା ୧୭୦ କୋଟିରେ ପହଞ୍ଚିବ। ତେବେ ୨୦୬୦ ପରଠାରୁ ଭାରତର ଜନସଂଖ୍ୟା କିଛିମାତ୍ରାରେ ହ୍ରାସ ପାଇ ୨,୧୦୦ ମସିହା ବେଳକୁ ୧୫୦ କୋଟିରେ ପହଞ୍ଚିବ। ତେବେ ଚଳିତ ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ଦେଶ ଭାବେ ନିଜର ସ୍ଥାନ ବଜାୟ ରଖିବ। ୨୦୬୦ ପରଠାରୁ ଭାରତର ପ୍ରଜନନ ହାର ବର୍ତ୍ତମାନଠାରୁ କମ୍ ରହିବ ବୋଲି ଏହି ରିପୋର୍ଟ କହିଛି। ତେବେ ଆସନ୍ତା ବର୍ଷଗୁଡ଼ିକରେ ଚାଇନାର ଜନସଂଖ୍ୟା ମଧ୍ୟ ହ୍ରାସ ପାଇବ। ବର୍ତ୍ତମାନ ଚାଇନାର ଜନସଂଖ୍ୟା ୧୪୫ କୋଟି ହୋଇଥିବାବେଳେ ୨୦୫୪ ବେଳକୁ ଏହି ସଂଖ୍ୟା ହ୍ରାସ ପାଇ ୧୨୧ କୋଟିରେ ପହଞ୍ଚିବ ବୋଲି ଏହି ରିପୋର୍ଟ କହିଛି। ଅନ୍ୟପକ୍ଷରେ ଆସନ୍ତା କିଛି ଦଶନ୍ଧି ବିଶ୍ୱର ସମୁଦାୟ ଜନସଂଖ୍ୟାରେ ବୃଦ୍ଧି ଘଟିବ।

Fusion Finance
ପୋଷ୍ଟ: RO/SR. RO
(ପୁରୁଷ / ମହିଳା)
ଯୋଗ୍ୟତା: ଦ୍ୱାଦଶ ପାସ୍ / ସ୍ନାତକ, ବୟସ: 18-35 ବର୍ଷ
ଦରମା: 14000/- ରୁ 15000/-, ପେଟ୍ରୋଲ୍: 4000/- + ପ୍ରୋତ୍ସାହନ 2000/- ରୁ 9500/- + ମାଗଣା ଆବାସ ଏବଂ ମେସ୍ ସୁବିଧା ଉପଲବ୍ଧ
ଡକ୍ୟୁମେଣ୍ଟ: ପାନ୍, ଆଧାର, ସ୍ମାର୍ଟ ଫୋନ୍, ଡ୍ରାଇଭିଂ ଲାଇସେନ୍ସ, ବାଇକ ଅନିବାର୍ଯ୍ୟ
ସାକ୍ଷାତକାର: 13-14 ଜୁଲାଇ 2024, ସମୟ -10 ରୁ 5 ଟା
ଫ୍ୟୁଜନ୍ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍
HIG (B-42), ଅନନ୍ତ ବିହାର, ଦ୍ୱିତୀୟ ପର୍ଯ୍ୟାୟ, ଆୟଶା ଲେଡିଜ୍ ଟେଲର୍ ନିକଟରେ, PO: ପୋଖରୀପୁଟ, ବିବିଏସଆର୍, ଖୋର୍ଦ୍ଧା, ଓଡିଶା - 751020
ମୋବାଇଲ୍: 9599236900
ଗୌତମ ନଗର, ପ୍ରଥମ ଲାଇନ, ମହିଳା କଲେଜ ନିକଟରେ, ପୋ/ଜିଲ୍ଲା-ରାୟଗଡା ଓଡିଶା-765001
ମୋବାଇଲ୍: 9667993072
ରାଜନପାଲି, ବଟୁପାଲି HN-169/263, କଲେଜ ରୋଡ୍, ବୌଦ୍ଧ-762014
ମୋବାଇଲ୍: 9599612051
୨ୟ ମହଲା, ରୟାଲ୍ ଗ୍ରୀନ୍ କୋଶଳ, ପାଲେସ ଲାଇନ, ପ୍ଲେସ୍ ଲାଇନ, ଇଣ୍ଡସ୍ ଇଣ୍ଡଷଇଣ୍ଡ ବ୍ୟାଙ୍କ, ବଲାଙ୍ଗୀର, ଓଡିଶା -767001
ମୋବାଇଲ୍: 9599612051
ତୁଳସୀଚଉରା ପୋ-ତୁଳାସିଚୁରା PS-ବାରିପଦା, ମୟୂରଭଞ୍ଜ ଓଡିଶା-757001
ମୋବାଇଲ୍: 9205089473
ସାକ୍ଷାତକାର: 14 ଜୁଲାଇ 2024, ସମୟ -10 ରୁ 5 ଟା
ହୋଟେଲ ଭାମା ଇନ୍
ଏନଏଚ:୬, ରିଲିଆନ୍ସ ପେଟ୍ରୋଲ ପମ୍ପ ପାଖ, ବାରେଇପଲ୍ଲୀ, ସମ୍ବଲପୁର
ମୋବାଇଲ୍: 7428659625
ହୋଟେଲ HCB
ଜାନାନା ହସ୍ପିଟାଲ୍ ରୋଡ, ତୁଳସୀ ନାଗର, ବ୍ରହ୍ମପୁର,ଓଡିଶା 760001
ମୋବାଇଲ୍: 8448698842
ହୋଟେଲ ଭିମସେନ୍ ପ୍ରାସାଦ
ଗୋପବନ୍ଧୁ ଛକ, ପାଖ ପେଟ୍ରୋଲ ପମ୍ପ, ବ୍ୟାସନଗର, ଯାଜପୁର ରୋଡ, ଓଡିଶା
ମୋବାଇଲ୍: 9205682106
ହୋଟେଲ । ନାମ୍ରା
ସପ୍ତମ ଗଳି, ଅମାଲାପଡା, ଅନଗୁଳ, ଓଡିଶା 759122
ମୋବାଇଲ୍: 6372918670

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No.COL/JAJ/VIIL-30C/2022 /3431/LA/(Civil) dated 15.03.2024**

**No. XXIV-05:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ସରକାର (**Appropriate Government**) ସରକାରୀ ବ୍ୟୟରେ ମୌଜା–ୟୁନିଟ ନଂ.୧୩ ଗରୁଡ ନଗର, ଥାନା–ଯାଜପୁର ନଂ.୨୧୨, ତହସିଲ–ଯାଜପୁର, ଜିଲ୍ଲା–ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨.୮୩୮ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (**Appropriate Government**) ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଯାଜପୁର ଜିଲ୍ଲାରେ ଯାଜପୁର ଶାଖା କେନାଲ–୧ ର ବାମବନ୍ଧ ରାସ୍ତା ଭାୟା ମାନସାପୋଲ– ଅଠରନାଳ–ପ୍ରହରାଜପୁର ୦/୪୦୦ କି.ମି.ରୁ ୭/୨୫୦ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ।
୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୬୫୪୩/୦୬.୦୩.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଯାଜପୁର ।
୬.ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ ୧୩ ଗରୁଡ ନଗର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫.୧୮୬ ଡି | ଏ. ୨.୮୩୮ ଡି. | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ–ଯାଜପୁର ଶାଖା କେନାଲ–୧ର ବାମ ବନ୍ଧ ରାସ୍ତା ଭାୟା ମାନସାପୋଲ–ଅଠରନଳା–ପ୍ରହରାଜପୁର ୦/୪୦୦ କିମି ରୁ ୭/୨୫୦ କିମି ପର୍ଯ୍ୟନ୍ତର ଉନ୍ନତିକରଣ ଓ ପ୍ରଶସ୍ତିକରଣ**

**ମୌଜା–ୟୁନିଟ ନଂ ୧୩ ଗରୁଡ ନଗର, ଥାନା ନଂ–୨୧୨, ଥାନା/ତହସିଲ/ଜିଲ୍ଲା–ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୨୨ | ୮୮୪ | ୦.୦୩୦ | ୦.୦୧୫ | ଘରବାରି–୨ | ବଂଶୀଧର ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ଦଶଅଣା ଆଠପାହି, ବା:ସୁନେଇ ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ପାଞ୍ଚଅଣା ଚାରିପାହି |
| ୨ | ୩୨୨ | ୮୮୫ | ୦.୦୭୦ | ୦.୦୬୦ | ଘରବାରି–୨ | ବଂଶୀଧର ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ଦଶଅଣା ଆଠପାହି, ବା:ସୁନେଇ ପୃଷ୍ଟି, ପି:ଭିମ ପୃଷ୍ଟି, ଜା:ତନ୍ତି, ବା:ଶିରିଆପୁର, କିସ୍ମତ ପାଞ୍ଚଅଣା ଚାରିପାହି |
| ୩ | ୩୫୦ | ୮୮୬ | ୦.୦୮୦ | ୦.୦୮୦ | ଘରବାରି–୨ | ହରି ସାହୁ, ନାରଣ ସାହୁ, ବଳରାମ ସାହୁ, ନୃସିଂହ ସାହୁ, ପି:ଡମେଇ ସାହୁ, ଜା:ଗୁଡିଆ, ବା:ଚଣ୍ଡେଶ୍ୱର |
| ୪ | ୨୬୮/୮୩ | ୮୮୭ | ୦.୧୧୦ | ୦.୧୧୦ | ଘରବାରି | ନାରାୟଣ ସାହୁ, ବଳରାମ ସାହୁ, ନୃସିଂହ ଚରଣ ସାହୁ, ପି:ଡମେଇ ସାହୁ,ଜା:ଗୁଡିଆ, ବା:ଚଣ୍ଡେଶ୍ୱର |
| ୫ | ୩୦୯ | ୮୮୮ | ୦.୦୫୦ | ୦.୦୧୦ | ଘରବାରି–୨ | ପଦ୍ମନାଭ ବାଇ, ଦୟାନିଧି ବାଇ, ଭଗବାନ ବାଇ, ପୋକି ବାଇ, ପି:ଭିମ ବାଇ, ଦେବେନ୍ଦ୍ର ବାଇ, ପି:କନ୍ଦ ବାଇ, ନେତ୍ର ବାଇ, ସ୍ୱା:କନ୍ଦ ବାଇ, ଜା:ତନ୍ତି, ବା:ଚଣ୍ଡେଶ୍ୱର |
| ୬ | ୧୩୧ | ୮୮୯ | ୦.୧୫୦ | ୦.୦୮୦ | ଜଳାଶୟ–୨ | ପଦ୍ମନାଭ ବାଇ, ଦୟାନିଧି ବାଇ, ଭଗବାନ ବାଇ, ପୋକି ବାଇ, ପି:ଭିମ ବାଇ, ଦେବେନ୍ଦ୍ର ବାଇ, ପି:କନ୍ଦ ବାଇ, ନେତ୍ର ବାଇ, ସ୍ୱା:କନ୍ଦ ବାଇ, ଜା:ତନ୍ତି, ବା:ଶିରିଆପୁର |
| ୭ | ୨୬୮/୧୧୧ | ୮୯୩ | ୦.୧୯୨ | ୦.୧୫୦ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– ୬୪, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୮ | ୨୬୮/୧୧୧ | ୮୯୬ | ୦.୧୦୦ | ୦.୦୯୦ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– ୬୪, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୯ | ୨୬୮/୧୧୧ | ୮୯୭ | ୦.୦୫୫ | ୦.୦୫୫ | ଶାରଦ ଜଳ–୧ | ସତ୍‌ସଙ୍ଗ ସୋସାଇଟି ସେକ୍ରେଟାରୀ ରେଜିଷ୍ଟର୍ଡ ଅଫିସ ନଂ.– ୬୪, ସୂର୍ଯ୍ୟସେନ ଷ୍ଟ୍ରିଟ୍ କଲିକତା–୨ |
| ୧୦ | ୧୧ | ୮୯୮ | ୦.୩୦୦ | ୦.୦୧୫ | ଘରବାରି–୨ | ଶ୍ରୀ ଅମରେନ୍ଦ୍ରନାଥ ଚକ୍ରବର୍ତ୍ତୀ, ପି:ଶ୍ରୀ ଠାକୁର ଅନୁକୁଳ ଚନ୍ଦ୍ର, ବା:ସାତସଙ୍ଗ, ଥା:ଦେଓଘର, ଜି:ସାନ୍ତୋଲ ପ୍ରଗନା, ବିହାର |
| ୧୧ | ୧୩୮ | ୯୦୩ | ୦.୦୪୦ | ୦.୦୧୦ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୨ | ୧୩୮ | ୯୦୪ | ୦.୧୩୫ | ୦.୧୩୫ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୩ | ୧୩୮ | ୯୦୫ | ୦.୩୫୫ | ୦.୦୨୦ | ଶାରଦ ଜଳ–୧ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତାମ୍ବର ସାହୁ, ପି:ଶ୍ରୀହରି ସାହୁ, ଜା:ଗୁଡିଆ, ବା:ଶିରିଆପୁର |
| ୧୪ | ୨୬୮/୧୨୦ | ୯୧୦/୧୧୨୮ | ୦.୦୫୫ | ୦.୦୫୫ | ଶାରଦ ଜଳ–୧ | ଆନନ୍ଦ ଚନ୍ଦ୍ର ସାହୁ, ପି:ନବ ସାହୁ, ଜା:ଶୁଣ୍ଡି, ବା:ନହରପଦା, ହା.ସା. ୟୁନିଟ ନଂ– 14 |
| ୧୫ | ୨୬୮/୧୧୯ | ୯୧୦/୧୨୫୫ | ୦.୦୧୦ | ୦.୦୧୦ | ଘରବାରି | ବିଜୟ କୁମାର ସାହୁ, ପି:ଆନନ୍ଦ ଚନ୍ଦ୍ର ସାହୁ, ଜା:ଶୁଣ୍ଡି, ବା:ନହରପଦା, ହା.ସା. ୟୁନିଟ ନଂ.–14 |
| ୧୬ | ୨୬୮/୨୨୫ | ୯୧୦ | ୦.୦୭୦ | ୦.୦୭୦ | ଘରବାରି | ଆନନ୍ଦ ଚନ୍ଦ୍ର ସାହୁ, ପି:ନବ କିଶୋର ସାହୁ, ଜା:ଶୁଣ୍ଡି, ବା:ନହରପଦା, ୟୁନିଟ ନଂ.–14 |
| ୧୭ | ୨୬୮/୬୧ | ୯୧୧/୧୨୦୯ | ୦.୧୫୪ | ୦.୧୫୪ | ଶାରଦ ଜଳ–୧ | ଗୋବିନ୍ଦ ଚନ୍ଦ୍ର କର, ପି:ଗଣେଶ ଚନ୍ଦ୍ର କର, ଜା:ବ୍ରାହ୍ମଣ, ବା:ଖାଡଙ୍ଗା |
| ୧୮ | ୨୬୮/୧୩୦ | ୯୧୨ | ୦.୦୪୦ | ୦.୦୧୦ | ଘରବାରି–୧ | ପ୍ରଭାତୀ ପ୍ରଧାନ, ସ୍ୱା:ପ୍ରମୋଦ କୁମାର ପ୍ରଧାନ, ଜା:ଖଣ୍ଡାୟତ, ବା:ଆନ୍ଦୋଳା |
| ୧୯ | ୨୬୮/୧୩୦ | ୯୧୩/୧୨୪୩ | ୦.୦୧୫ | ୦.୦୦୭ | ଘରବାରି | ପ୍ରଭାତୀ ପ୍ରଧାନ, ସ୍ୱା:ପ୍ରମୋଦ କୁମାର ପ୍ରଧାନ, ଜା:ଖଣ୍ଡାୟତ, ବା:ଆନ୍ଦୋଳା |
| ୨୦ | ୨୬୮/୪୩୦ | ୯୧୨/୧୧୮୭ | ୦.୦୧୩ | ୦.୦୧୩ | ଶାରଦ ଜଳ–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୧ | ୨୬୮/୪୩୦ | ୯୧୨/୧୨୪୨ | ୦.୦୨୭ | ୦.୦୨୭ | ଘରବାରି–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୨ | ୨୬୮/୪୩୦ | ୯୧୩/୧୧୮୮ | ୦.୦୨୦ | ୦.୦୨୦ | ଘରବାରି–୧ | ଶୁଭଶ୍ରୀ ସାମଲ, ସ୍ୱା:ସୁଭ୍ରାଂଶୁ ଶେଖର ସାମଲ, ଜା:ଖଣ୍ଡାୟତ, ବା:କହରାଗଣ୍ଡ, ଥା:ବିଂଝାରପୁର, ହା.ସା. ୟୁନିଟ ନଂ.3, ରାଉତରାପୁର |
| ୨୩ | ୨୬୮/୭୦ | ୯୧୩/୧୨୧୯ | ୦.୦୪୩ | ୦.୦୩୦ | ଘରବାରି–୧ | ନାରାୟଣ ସେଠୀ, ପି:ନବ କିଶୋର ସେଠୀ, ଜା:ଧୋବା, ବା:କଲ୍ୟାଣପୁର |
| ୨୪ | ୨୬୮/୭୦ | ୯୧୪/୧୨୨୦ | ୦.୦୪୮ | ୦.୦୩୫ | ଘରବାରି–୧ | ନାରାୟଣ ସେଠୀ, ପି:ନବ କିଶୋର ସେଠୀ, ଜା:ଧୋବା, ବା:କଲ୍ୟାଣପୁର |
| ୨୫ | ୨୬୮/୧୩ | ୯୧୪/୧୧୬୫ | ୦.୦୪୦ | ୦.୦୧୦ | ଘରବାରି–୧ | ଭଜନାନନ୍ଦ ମାଝୀ, ପି:ବଳରାମ ମାଝୀ, ଜା:କୈବର୍ତ୍ତ, ବା:କମାଳପୁର |
| ୨୬ | ୨୬୮/୧୩ | ୯୧୪/୧୧୬୫/୧ | ୦.୦୩୦ | ୦.୦୧୦ | ଘରବାରି–୧ | ଭଜନାନନ୍ଦ ମାଝୀ, ପି:ବଳରାମ ମାଝୀ, ଜା:କୈବର୍ତ୍ତ, ବା:କମାଳପୁର |
| ୨୭ | ୨୬୮/୧୦ | ୯୧୪/୧୧୬୨ | ୦.୦୨୦ | ୦.୦୨୦ | ଘରବାରି | ଗୁରୁଚରଣ ରାୟ, ପି:ଦୁର୍ଯ୍ୟୋଧନ ରାୟ, ଜା:ଖଣ୍ଡାୟତ, ବା:ରତଲାଙ୍ଗ, ଥା–ବିଂଝାରପୁର, ଜି–ଯାଜପୁର |
| ୨୮ | ୨୬୮/୧୦ | ୯୧୩/୧୧୬୧ | ୦.୦୨୦ | ୦.୦୨୦ | ଘରବାରି | ଗୁରୁଚରଣ ରାୟ, ପି:ଦୁର୍ଯ୍ୟୋଧନ ରାୟ, ଜା:ଖଣ୍ଡାୟତ, ବା:ରତଲାଙ୍ଗ, ଥା–ବିଂଝାରପୁର, ଜି–ଯାଜପୁର |
| ୨୯ | ୨୬୮/୪୨୭ | ୯୧୫ | ୦.୦୫୦ | ୦.୦୫୦ | ଘରବାରି | ତୁଷାରକାନ୍ତ ସାହୁ, ପି:ଉମାକାନ୍ତ ସାହୁ, ଜା:ତେଲି, ବା:ନିଜାମପୁର, ଥା:ମଙ୍ଗଳପୁର |
| ୩୦ | ୨୬୮/୨୭୨ | ୯୧୫/୧୨୯୨ | ୦.୦୪୦ | ୦.୦୧୫ | ଘରବାରି | ନବକୁମାର ମିଶ୍ର, ପି:ଦୁର୍ଗାଚରଣ ମିଶ୍ର, ମାନିନୀ ଦାଶ, ସ୍ୱା: ନବକୁମାର ମିଶ୍ର, ଜା:ବ୍ରାହ୍ମଣ, ବା:ନନ୍ଦିପୁର |
| ୩୧ | ୫୫ | ୯୧୭ | ୦.୧୪୦ | ୦.୧୦୦ | ଶାରଦ ଜଳ–୧ | ଗୟାଧର ସେଠୀ, ପି:ତିଲେଇ ସେଠୀ, ଜା:ଧୋବା, ବା:ଶିରିଆପୁର |
| ୩୨ | ୨୬୮/୫୩୬ | ୯୧୯ | ୦.୦୮୦ | ୦.୦୪୫ | ଶାରଦ ଜଳ–୧ | ଧର୍ମେନ୍ଦ୍ର ଯେନା, ପି:ଆଦିତ୍ୟ ପ୍ରସାଦ ଯେନା, ଜା:ପାଣ, ବା:ଅରଡ଼ପଦା |
| ୩୩ | ୨୪୬ | ୯୨୧ | ୦.୦୯୫ | ୦.୦୫୩ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୩୪ | ୧୧୮ | ୯୨୨ | ୦.୦୭୫ | ୦.୦୭୫ | ଶାରଦ ଜଳ–୧ | ନାରଣ ସେଠୀ, ବିଶ୍ୱମ୍ବର ସେଠୀ, ପି:ଚନ୍ଦୁରୀ ସେଠୀ, ଦିନବନ୍ଧୁ ସେଠୀ, ଜଗବନ୍ଧୁ ସେଠୀ, ଗଙ୍ଗାଧର ସେଠୀ, ବୁଢ଼ିଆ ସେଠୀ, ସରସ୍ୱତୀ ସେଠୀ, ପି:ଚିନ୍ତାମଣି ସେଠୀ, ହାରାମଣି ସେଠୀ, ସ୍ୱା: ଚିନ୍ତାମଣି ସେଠୀ,ଜା:ଧୋବା, ବା:ଶିରିଆପୁର |
| ୩୫ | ୨୬୮/୪୦୪ | ୯୫୧/୧୩୬୯ | ୦.୧୦୦ | ୦.୦୩୫ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୬ | ୨୬୮/୪୬୨ | ୯୫୧/୧୪୨୩ | ୦.୦୬୦ | ୦.୦୨୮ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୭ | ୨୪୬ | ୯୫୧ | ୦.୨୧୫ | ୦.୦୮୧ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୩୮ | ୨୬୮/୫୮୨ | ୯୫୧/୧୪୯୬ | ୦.୦୫୫ | ୦.୦୦୯ | ଶାରଦ ଜଳ–୧ | ଅନନ୍ତ ସାହୁ, ପି:ସୁରେନ୍ଦ୍ର କୁମାର ସାହୁ, ଜା:ଶୁଣ୍ଡି,ବା:ନହରପଦା |
| ୩୯ | ୧୧୮ | ୯୭୫ | ୦.୦୪୬ | ୦.୦୩୬ | ଶାରଦ ଜଳ–୧ | ନାରଣ ସେଠୀ, ବିଶ୍ୱମ୍ବର ସେଠୀ, ପି:ଚନ୍ଦୁରୀ ସେଠୀ, ଦିନବନ୍ଧୁ ସେଠୀ, ଜଗବନ୍ଧୁ ସେଠୀ, ଗଙ୍ଗାଧର ସେଠୀ, ବୁଢ଼ିଆ ସେଠୀ, ସରସ୍ୱତୀ ସେଠୀ, ପି:ଚିନ୍ତାମଣି ସେଠୀ, ହାରାମଣି ସେଠୀ, ସ୍ୱା: ଚିନ୍ତାମଣି ସେଠୀ,ଜା:ଧୋବା, ବା:ଶିରିଆପୁର |
| ୪୦ | ୨୪୬ | ୯୭୬ | ୦.୨୦୫ | ୦.୧୩୦ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୧ | ୨୪୬ | ୯୭୭ | ୦.୧୫୫ | ୦.୦୫୫ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୨ | ୨୬୮/୧୯୯ | ୯୮୪/୧୧୨୫ | ୦.୦୩୦ | ୦.୦୩୦ | ଶାରଦ ଜଳ–୧ | ଝୁନୁରାଣୀ ବିଶ୍ୱାଳ, ପି:ମାୟାଧର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ମିର୍ଜାପୁର, ହା.ସା.ନିଜଗାଁ |
| ୪୩ | ୨୬୮/୧୯୯ | ୯୮୪ | ୦.୧୫୦ | ୦.୦୩୫ | ଶାରଦ ଜଳ–୧ | ଝୁନୁରାଣୀ ବିଶ୍ୱାଳ, ପି:ମାୟାଧର ବିଶ୍ୱାଳ, ଜା:ଖଣ୍ଡାୟତ, ବା:ମିର୍ଜାପୁର, ହା.ସା.ନିଜଗାଁ |
| ୪୪ | ୨୩୨ | ୯୮୫ | ୦.୧୧୦ | ୦.୦୪୦ | ଶାରଦ ଜଳ–୧ | ସରସ୍ୱତୀ ସେଠୀ, ପି:ବୁଲେଇ ସେଠି, ବାବନ ସେଠି, ଗଗନ ସେଠି, ପି:ନବ ସେଠି, ଜା:ଧୋବା,ବା:ଶିରିଆପୁର |
| ୪୫ | ୨୩୨ | ୯୮୬ | ୦.୦୯୦ | ୦.୦୩୫ | ଶାରଦ ଜଳ–୧ | ସରସ୍ୱତୀ ସେଠୀ, ପି:ବୁଲେଇ ସେଠି, ବାବନ ସେଠି, ଗଗନ ସେଠି, ପି:ନବ ସେଠି, ଜା:ଧୋବା,ବା:ଶିରିଆପୁର |
| ୪୬ | ୨୪୬ | ୯୮୭ | ୦.୦୯୦ | ୦.୦୩୫ | ଶାରଦ ଜଳ–୧ | ଶୁକଦେବ ସାହୁ, ପି:ଅଇଁଠୁ ସାହୁ, ଜା:ଶୁଣ୍ଡି, ବା:ନରପଦା |
| ୪୭ | ୨୬୮/୪୩୩ | ୯୮୮ | ୦.୧୦୦ | ୦.୦୫୦ | ଶାରଦ ଜଳ–୧ | କମଳାକାନ୍ତ ପଣ୍ଡା, ପି:ସୁରେନ୍ଦ୍ର କୁମାର ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ ସାମିଲ, ଶିରିଆପୁର |
| ୪୮ | ୨୬୮/୧୩୧ | ୧୦୦୮ | ୦.୦୩୦ | ୦.୦୨୫ | ଶାରଦ ଜଳ–୧ | ଗିରିଶ କୁମାର ପଣ୍ଡା, ପି:ଉପେନ୍ଦ୍ର କୁମାର ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୪୯ | ୧୯୭ | ୧୦୦୯ | ୦.୧୦୩ | ୦.୦୪୫ | ଶାରଦ ଜଳ–୧ | ଉମାରାଣୀ ପଣ୍ଡା, ସ୍ୱା:ମୋହନ ଚରଣ ପଣ୍ଡା, ବିଭୂତି ଭୂଷଣ ପଣ୍ଡା, ଗୁରୁ ଚରଣ ପଣ୍ଡା, ରାଜ କିଶୋର ପଣ୍ଡା, ସରସ୍ୱତୀ ପଣ୍ଡା, ପି:ମୋହନ ଚରଣ ପଣ୍ଡା, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୦ | ୨୬୮/୪୨୮ | ୧୦୧୧/୧୩୯୬ | ୦.୦୮୦ | ୦.୦୫୦ | ଶାରଦ ଜଳ–୧ | ପ୍ରଦିପ କୁମାର ପଣ୍ଡା, ପି:ବାବାଜି ଚରଣ ପଣ୍ଡା, ବା:ଜଲଶରପୁର, ଅଜୟ କୁମାର ଷଡଙ୍ଗି, ପି:କାଶିନାଥ ଷଡଙ୍ଗି, ଜା:ବ୍ରାହ୍ମଣ, ବା:ମାଂସଡାବିନ୍ଧା ନଂ.1 |
| ୫୧ | ୪୩ | ୧୦୧୨ | ୦.୧୯୦ | ୦.୦୯୦ | ଶାରଦ ଜଳ–୧ | କେଶବ ଚନ୍ଦ୍ର ମିଶ୍ର, ପି:କ୍ଷେତ୍ର ମୋହନ ମିଶ୍ର, ବାସନ୍ତି କୁମାରୀ ମିଶ୍ର, ସ୍ୱା:ଅର୍ଜୁନ ମିଶ୍ର, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୨ | ୪୩ | ୧୦୧୩ | ୦.୨୦୫ | ୦.୦୮୫ | ଶାରଦ ଜଳ–୧ | କେଶବ ଚନ୍ଦ୍ର ମିଶ୍ର, ପି:କ୍ଷେତ୍ର ମୋହନ ମିଶ୍ର, ବାସନ୍ତି କୁମାରୀ ମିଶ୍ର, ସ୍ୱା:ଅର୍ଜୁନ ମିଶ୍ର, ଜା:ବ୍ରାହ୍ମଣ, ବା:ଶିରିଆପୁର |
| ୫୩ | ୭୪ | ୧୦୩୨ | ୦.୩୦୫ | ୦.୧୪୦ | ଶାରଦ ଜଳ–୧ | ଗୋବିନ୍ଦ ସେଠୀ, ପି:ମଙ୍ଗୁଳି ସେଠୀ, ଜା:ଧୋବା, ବା:ନାହାକ ସାହି |
| ୫୪ | ୫୫ | ୧୦୩୪ | ୦.୧୧୫ | ୦.୧୧୫ | ଶାରଦ ଜଳ–୧ | ଗୟାଧର ସେଠୀ, ପି:ତିଲେଇ ସେଠୀ, ଜା:ଧୋବା, ବା:ଶିରିଆପୁର |
| | | | ମୋଟ | ୨.୮୩୮ | | |

**ସ୍ୱା./–ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ, ଯାଜପୁର**
**OIPR-24163/14/0020/2425**

# ଦେବଦଳନ, ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼

ପୁରୀ, ୧୨।୭(ଅଜିତ୍ କୁମାର ମହାନ୍ତି)

ବାହୁଡ଼ା ଯାତ୍ରା ପାଇଁ ଶୁକ୍ରବାର ଦୁଇରଥକୁ ଦକ୍ଷିଣମୋଡ଼ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ପ୍ରଦାନ କରାଯିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ରଥ ତ୍ରୟର ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରଥଗୁଡ଼ିକୁ ଟଣାଯାଇ ନାକଚଣା ଦ୍ୱାର ନିକଟକୁ ନିଆଯାଇଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚିଥିବାବେଳେ ନୀତି ବିଳମ୍ବ ସାଙ୍ଗକୁ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ହୋଇପାରିନାହିଁ। ଶନିବାର ଏହି ରଥର ଦକ୍ଷିଣ ମୋଡ଼ କରାଯିବ।

ଶୁକ୍ରବାର ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ଫଳରେ ମହାପ୍ରଭୁଙ୍କ ସକାଳ ଧୂପ ଓ ରଥକୁ ଆଜ୍ଞାମାଳ ଆସିବାରେ ବିଳମ୍ବ ଘଟିଥିଲା। ଏଥିଯୋଗୁ ରଥ ଟଣା ମଧ ବିଳମ୍ବ ହୋଇଥିଲା। ତେଣୁ ୩ଯାକ



ରଥର ଦକ୍ଷିଣ ମୋଡ଼ କରାଯାଇପାରି ନ ଥିଲା। ଶୁକ୍ରବାର ଅପରାହ୍ନ ୨ଟା ରେ ସକାଳ ଧୂପ ଶେଷ ପରେ ରଥକୁ ଆଜ୍ଞାମାଳ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୩ଟା ୧୫ରେ ଆଜ୍ଞାମାଳ ରଥକୁ ବିଜେ କରିଥିଲା। ଘଣ୍ଟ, ଓଲାର, କାହାଳୀ ସହ ତିନିଜଣ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ପଟୁଆରରେ ଆଣିଥିଲେ। ପରମ୍ପରା ଅନୁସାରେ ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ

**ନୀତି ବିଳମ୍ବ ପାଇଁ ନନ୍ଦିଘୋଷର ଦକ୍ଷିଣମୋଡ଼ ହୋଇପାରିଲାନି, ଆଜି ହେବ**

ଦେବଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଏହାପରେ ତାଳଧ୍ୱଜ ରଥ ଉପରକୁ ଘଣ୍ଟ, ଓଲାର (ଛତି), କାହାଳୀ, ବୈଜୟନ୍ତୀ ସହ ବିଶ୍ୱକର୍ମା ମହାରଣା ଚଢିଥିଲେ। ରଥ ଦକ୍ଷିଣ ମୋଡ ପାଇଁ ବିଜେ କାହାଳୀ, ଘଣ୍ଟ ବାଜିଥିଲା। ଭୋଇସେବକମାନେ ସୁଭଦ୍ରାଙ୍କ ରଥରେ ବ୍ରେକ୍ ଓ ଦଉଡି ସଂଯୋଗ କରିଥିଲେ। ପରେ ଘୋଷ ଘଣ୍ଟୁଆଙ୍କ ଘଣ୍ଟ ନାଦରେ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ସୁରକ୍ଷା କର୍ମୀମାନେ ରଥକୁ ଦକ୍ଷିଣମୋଡ଼ କରିଥିଲେ। ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ କରାଯାଇଥିଲା। ଅନେକ ଭକ୍ତ ରଥ ଟାଣିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା।



ରଥ ଦକ୍ଷିଣ ମୋଡ ପାଇଁ ପୂଜାପଣ୍ଡା ସାମନ୍ତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥକୁ ବିଜେ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)




ପଲ୍ଲିଶ୍ରୀ ମେଳାରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ପଲ୍ଲିଶ୍ରୀ ମେଳାର ଏକ ପ୍ରଦର୍ଶନୀ ଷ୍ଟଲରେ ମହିଳାମାନେ ସେଲ୍‌ଫି ନେଉଛନ୍ତି।



ମେଳାରେ ପ୍ଲାଷ୍ଟିକ ଫୁଲର ପସରା।




ଜଣେ ବ୍ୟବସାୟୀ କାଠ୍‌ରେ ତିଆରି ସାମଗ୍ରୀ ବିକ୍ରି କରୁଛନ୍ତି।




ଏକ ଷ୍ଟଲରେ ବିକ୍ରି ପାଇଁ ସଜାଇ ରଖାଯାଇଥିବା ମାଟିତିଆରି ଆକର୍ଷଣୀୟ ସାମଗ୍ରୀ।

## ମା’ ବେଲେଶ୍ୱରୀଙ୍କ ଗ୍ରାମ ପରିକ୍ରମା, ଯଜ୍ଞ ପୂର୍ଣ୍ଣାହୁତି

ଚାରିଛକ,୧୨।୭(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ତେଲିପାଟଣା ଗ୍ରାମରେ ଗ୍ରାମ ମୁଖିଆ ଉପେନ୍ଦ୍ର ସାହୁ ନେତୃତ୍ୱରେ ମା’ ବେଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମା’ ବେଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନିକଟ ପ୍ରାଚୀନଦୀରୁ ୧୨୧ କଳସ ପାଣି ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ମହାଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ବାଇଧର ସାହୁ କର୍ମରେ ବସିଥିଲେ। କର୍ତ୍ତା ଭାବେ କମଳକାନ୍ତ ପୃଷ୍ଟି, ଗଗନ ସାହୁ, ଦୈତାରି ସାହୁ, ଗୟାଧର ସାହୁ, କାଳନ୍ଦୀ ସାହୁ ଓ ଚିତ୍ତରଞ୍ଜନ ସାହୁ ଯୋଗଦେଇଥିଲେ। ମୁଖ୍ୟ କର୍ତ୍ତ୍ରୀ ଭାବେ ରଶ୍ମିତା ସାହୁ ସହିତ ଗୋଲାପ, ରଶ୍ମି, ସୁନାଲି, ରାଜଶ୍ରୀ, ସରୋଜିନୀ, ଲକ୍ଷ୍ମୀ ପୂଜାରେ ବସିଥିଲେ। ମହାଯଜ୍ଞର ଶେଷଦିନ ମା’ ବେଲେଶ୍ୱରୀଙ୍କ ନୂତନ ବିଗ୍ରହକୁ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ବସାଯାଇ ତେଲିପାଟଣା ଗ୍ରାମ ପରିକ୍ରମା କରି ପ୍ରତି ଘରର ଦ୍ୱାର ମୁହଁରେ ଝୋଟି ପକାଇ ନୂତନ ବସ୍ତ୍ର ଦାଣ୍ଡରେ ପକାଇ ଧୂପ, ଦୀପ ଜାଳି ଭୋଗ ଦେଇ ବନ୍ଦାପନା କରିଥିଲେ। ପରିକ୍ରମା ସମୟରେ ଯୋଡ଼ି ମହୁରୀ ସହିତ ଘଣ୍ଟ, ପଖୌଜ, ନାମକୀର୍ତ୍ତନ ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ମା’ ବେଲେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ମହାଯଜ୍ଞରେ ଗ୍ରାମର ଧ୍ରୁବଚରଣ ସାହୁ, ଦ୍ୱିଜବର ସାହୁ, ମଗୁଲି ବେହେରା, କୃଷ୍ଣଚନ୍ଦ୍ର ସାହୁ, ଅର୍ଜୁନ ସାହୁଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ମା’ ବେଲେଶ୍ୱରୀଙ୍କ ଗ୍ରାମ ପରିକ୍ରମା ବେଳେ ଘଣ୍ଟ, ପଖୌଜ, ଯୋଡ଼ି ମହୁରୀ, ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳିରେ ଗାଁ କମ୍ପି ଉଠିଥିଲା।



ମହାଯଜ୍ଞ ଅବସରରେ ସଂକୀର୍ତ୍ତନ କରାଯାଉଛି।

## ବୃଦ୍ଧ ଦମ୍ପତିଙ୍କ ପାଇଁ ଗୃହ ନିର୍ମାଣ କଲେ ୯ ସାଙ୍ଗ

ଗୋପ,୧୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

**■୪୨ ବର୍ଷର ବନ୍ଧୁତା ଅନ୍ୟମାନଙ୍କ ପାଇଁ ଉଦାହରଣ**

**■ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ ବୃଦ୍ଧାବୃଦ୍ଧ**

ଅନେକ ସମୟରେ ସ୍ୱାର୍ଥରେ ଟିକେ ଆଞ୍ଚ ଆସିଲେ ସାଙ୍ଗ ସବୁ ସମ୍ପର୍କ ଭୁଲିଯିବା ଭଳି ଘଟଣା ନଜିର ରହିଛି। ତେବେ ଗୋପ ବ୍ଲକ କୁଶୁପୁରଠାରେ ୯ ଜଣ ସାଙ୍ଗ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ, ଅବହେଳିତ ବୃଦ୍ଧାବୃଦ୍ଧଙ୍କ ଲାଗି ନିଜସ୍ୱ ପ୍ରଚେଷ୍ଟାରେ ଗୃହ ନିର୍ମାଣକରି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି।

ପ୍ରକାଶ ଯେ, ଗୋପ ଅଞ୍ଚଳର ଇଞ୍ଜିନିୟର ଭଗବାନ ସାହୁ, ପ୍ରମୋଦ ସ୍ୱାଇଁ, ରବୀନ୍ଦ୍ର ନାଥ ପ୍ରଧାନ, ସମରେନ୍ଦ୍ର ସିଂ, ନାରାୟଣ ପଣ୍ଡା, ମହେନ୍ଦ୍ର ପାଇକରାୟ, ଶରତ ସାହୁ, ପ୍ରଦୀପ୍ତ ପାଇକରାୟ ଏକାଠି ଗୋଟିଏ କ୍ଲାସ୍‌ରେ ପଢୁଥିଲେ। ପାଠ ପଢ଼ିବାବେଳେ ସମାଜ ପାଇଁ କିଛି କରିବାର ନିଶା ସେମାନଙ୍କୁ ସବୁ ସମୟରେ ବ୍ୟଥିତ କରୁଥିଲା ଏବଂ ସେମାନେ ନିଜ ପ୍ରଚେଷ୍ଟାରେ କେତେଜଣଙ୍କୁ ସାହାଯ୍ୟ ମଧ କରିଛନ୍ତି। ୧୯୯୯ ମହାବାତ୍ୟାଠାରୁ ଆରମ୍ଭକରି ଅନ୍ୟାନ୍ୟ ସମୟରେ ସମାଜରେ ଘଟୁଥିବା ଘଟଣାବଳୀ ଓ ବିଶେଷକରି ବୟସର ଅପରାହ୍ନରେ ନିର୍ଯାତନାର ଶିକାର ହେଉଥିବା ବୃଦ୍ଧାବୃଦ୍ଧଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ସବୁବେଳେ ତତ୍ପର ରହିଆନ୍ତି। ତେବେ ସେମାନେ ନିଜସ୍ୱ ପାଣ୍ଠିରେ ଜମି କିଣିବା ପରେ ନୂତନ ଗୃହ ନିର୍ମାଣ କରି ନବଗ୍ରହ ନିବାସ ଭାବରେ ଉଦ୍‌ଘାଟନ କରିଛନ୍ତି। ସେମାନଙ୍କର ଏଭଳି କାମକୁ ଅଞ୍ଚଳରେ ବହୁ ପ୍ରଶଂସା ମିଳୁଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରମୋଦ କୁହନ୍ତି, ସମାଜରେ କିପରି ବିଶୃଙ୍ଖଳିତ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ବୃଦ୍ଧାବୃଦ୍ଧ ବାରଦୁଆର ଶୁଙ୍ଘିପିଣ୍ଡା ହେଉଥିବା ଦେଖି ସେମାନେ ଏପରି ନିଷ୍ପତ୍ତି ନେଇଛନ୍ତି। ଭବିଷ୍ୟତରେ ମଧ ଏହି ଗୃହ ସମାଜସେବା କ୍ଷେତ୍ରରେ ପ୍ରଯୁଜ୍ୟ ହେବ ବୋଲି ସେ କହିଛନ୍ତି।



ନୂତନ ଗୃହ ଉଦ୍‌ଘାଟନ ଅବସରରେ ସହଧର୍ମିଣୀଙ୍କ ସହ ୯ ସାଙ୍ଗ।

## ୫ ମିନିଟ୍‌ରେ ଡାକ୍ତରଖାନାରେ ପହଞ୍ଚାଇ ମହିଳାଙ୍କ ଜୀବନ ବଞ୍ଚାଇଲେ

ଗୋପ,୧୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

**ଗୋପ ତହସିଲଦାରଙ୍କୁ ପ୍ରଶଂସା**

ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ାଙ୍କ ପାଇଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀ ସରସ୍ୱତୀ ସାହୁଙ୍କ ଜୀବନ ବଞ୍ଚିଯାଇଥିବା ଜଣାପଡ଼ିଛି। ମାତ୍ର ୫ ମିନିଟ୍‌ରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳାଙ୍କୁ ପହଞ୍ଚାଇପାରିଥିବା ତହସିଲଦାର ପରିଡ଼ାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନରେ କାର୍ଯ୍ୟରତ ସରସ୍ୱତୀ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। କିନ୍ତୁ କିଛି ସୁବିଧା ନ ଥିବାରୁ ମହିଳା କର୍ମଚାରୀଙ୍କୁ ଅନ୍ୟ କର୍ମଚାରୀମାନେ ପାଣି ଛିଞ୍ଚିଥିଲେ। ଖବର ପାଇ ତହସିଲଦାର ପରିଡ଼ା ସେଠାରେ ପହଞ୍ଚି ମହିଳାଙ୍କ ଏପରି ଅବସ୍ଥା ଦେଖି ତାଙ୍କୁ ତୁରନ୍ତ ନିଜେ ଅଫିସ୍ ଗାଡ଼ିରେ ନେଇ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ମହିଳାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। କିଛି ସମୟ ପରେ ତାଙ୍କ ଚେତା ଫେରିବା ସହ ବିପଦମୁକ୍ତ ବୋଲି ଡାକ୍ତର ସୂଚନା ଦେଇଥିଲେ। ତହସିଲଦାରଙ୍କ ଏପରି କାର୍ଯ୍ୟକୁ ଡାକ୍ତରଖାନାରେ ଥିବା ସାଧାରଣ ଲୋକେ ପ୍ରଶଂସା କରିଥିଲେ। ଏନେଇ ତହସିଲଦାର ପରିଡ଼ାଙ୍କୁ ପଚାରିବାରେ, ମଣିଷ ମଣିଷଙ୍କୁ ସାହାଯ୍ୟ କରିବା ନିହାତି ଭାବେ ଏକ ସେବା। ସେ କେବଳ ଏହି ମହିଳାଙ୍କ କ୍ଷେତ୍ରରେ ନୁହେଁ, ସମସ୍ତଙ୍କ କ୍ଷେତ୍ରରେ ସାହାଯ୍ୟର ହାତ ବଢ଼ାଇଥାନ୍ତି ବୋଲି କହିଥିଲେ।

## ବିଦ୍ୟାଳୟ ପରିଦର୍ଶନ କଲେ ଏମ୍‌ପି, ବିଧାୟକ

କଣାସ,୧୨।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମରେ ପ୍ରତିଷ୍ଠିତ ସାହସପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଶୁକ୍ରବାର ଅଚାନକ ପରିଦର୍ଶନରେ ଆସିଥିଲେ। ଗ୍ରାମ୍ୟ କମିଟି ସଭାପତି ତଥା ଖବରଦାତା ହେମନ୍ତ ମହାରଥୀ, ସୁଶାନ୍ତ ମହାରଥୀ, ରମେଶ ହରିଚନ୍ଦନ, ସୌରୀ ସାହୁ, ଧନେଶ୍ୱର ସାମନ୍ତରାୟ, ବସୁଦେବ ସାହୁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ସପ୍ତାହେ ମଧ୍ୟରେ ଏହି ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଡିଜାଇନ୍ ଦେଇପାରୁନି ବିଡିଏ
# ଅଟକିଛି ଭଗବାନପୁର ମାର୍କେଟ


ୟୁନିଟ୍-୧ ପରିବା ହାଟ

**ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)**

ଡିଜାଇନ ଦେଇପାରୁନି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଅଟକି ରହିଛି ଭଗବାନପୁରରେ ପ୍ରସ୍ତାବିତ ମାର୍କେଟ ନିର୍ମାଣ। ଫଳରେ ରାଜଧାନୀର ପ୍ରମୁଖ ୟୁନିଟ୍-୧ ପରିବା ବଜାରକୁ ଭଗବାନପୁରକୁ ସ୍ଥାନାନ୍ତର ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବଡ଼ ଯୋଜନା କେବଳ ଘୋଷଣାରେ ସୀମିତ ରହିଛି।

**ୟୁନିଟ୍-୧ ହାଟର ବିକାଶ ଓ ହୋଲ୍‌ସେଲ ପରିବା ମାର୍କେଟ ସ୍ଥାନାନ୍ତର ନିଷ୍ପତ୍ତିରେ ସୀମିତ**

ଭୁବନେଶ୍ୱରର ପ୍ରଥମ ଦୈନିକ ହାଟ ଭାବେ ୧୯୫୮ରେ ଆରମ୍ଭ ହୋଇଥିଲା ୧ନଂ. ହାଟ। ପନିପରିବା ହେଉ ଅବା ଅନ୍ୟ କୌଣସି ସାମଗ୍ରୀ ସବୁକିଛି ଏହି ହାଟରେ ଅତି ସହଜରେ କମ୍ ମୂଲ୍ୟରେ ମିଳିଯାଉଥିବାରୁ ସହର ଏବଂ ଆଖପାଖ ଅଞ୍ଚଳର ହଜାର ହଜାର ବ୍ୟବସାୟୀଓ ସାଧାରଣ ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ତେବେ ସହରର ଲୋକସଂଖ୍ୟା ବଢି ଚାଲିଥିବାବେଳେ ପରିବା ହାଟ ଉପରେ ଚାପ ମଧ୍ୟ ବଢିବାରେ ଲାଗିଛି। ପୁଣି ଜବରଦଖଲ ବଢିବା ସହ ମାର୍କେଟ ଭିତରକୁ ପ୍ରତିଦିନ ୨ଶହରୁ ଊର୍ଦ୍ଧ୍ୱ ଟ୍ରକ ଯାତାୟାତ କରୁଛି। ସଂକୀର୍ଣ୍ଣ ରାସ୍ତା ପାଇଁ ବ୍ୟବସାୟୀ ଓ ସହରବାସୀ ନାନା ହଇରାଣ ହେଉଛନ୍ତି। ତେଣୁ ୧ନଂ. ହାଟ ଉପରୁ ଚାପ ହଟାଇବା ପାଇଁ ଏଠାରେ ଥିବା ହୋଲ୍‌ସେଲ୍ ମାର୍କେଟ ଏବଂ ଗୋଦାମକୁ ଭଗବାନପୁରକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଭଗବାନପୁରରେ ୫୦ଟି ଗୋଦାମ ତିଆରି ହେବା ସହ ପର୍ଯ୍ୟାପ୍ତ ପାର୍କିଂ, କର୍ମଚାରୀ ରହିବା ପାଇଁ ଡର୍ମିଟୋରୀ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନିର୍ମାଣ କରିବାକୁ ବିଏମ୍‌ସି ବଡ଼ ଯୋଜନା କରିଥିଲା। ପରିବା ବ୍ୟବସାୟୀମାନେ ଭଗବାନପୁର ଗୋଦାମରୁ ମାଲ୍ ଆଣି ୟୁନିଟ୍-୧ ହାଟରେ ବିକ୍ରି କରିବେ ବୋଲି ସ୍ଥିର ହୋଇଥିଲା। ସ୍ଥାନାନ୍ତର ପରେ ୧ ନଂ. ହାଟର ଉନ୍ନତୀକରଣ କରାଯାଇ ସେଠାରେ ୩ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଏଥିସହ ମାର୍କେଟ ସମ୍ମୁଖରେ ଏକ ହେରିଟେଜ୍ ମାର୍କେଟ୍ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ୨୦୧୯ରେ ଜିଏ ବିଭାଗ ଭଗବାନପୁରରେ ଦୁଇଥରରେ ମୋଟ୍ ୧୦ଏକର ଜମି ବିଏମ୍‌ସିକୁ ଦେଲା। ୨୦୨୨ରେ ବିଏମ୍‌ସି ଏହି ଜମିରେ ଥିବା ଶହଶହ ଗଛକୁ କାଟି ଚାରିପାଖେ ପାଚେରି ତିଆରି କରିଥିଲା। ଏଥିସହ



ଉକ୍ତ ଜମିରୁ ପ୍ରାୟ ଦେଢ ଏକରରେ ଏକ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ନିର୍ମାଣ କରାଯାଇଛି। କାମ ଠିକ୍‌ଭାବେ ଚାଲିଥିବାବେଳେ ପ୍ରାୟ ବର୍ଷକ ମଧ୍ୟରେ ମାର୍କେଟ ନିର୍ମାଣ ସରିଯିବ ବୋଲି ଆଶା କରାଯାଉଥିଲା। ମାତ୍ର ଏହା ମଧ୍ୟରେ ୨ବର୍ଷ ବିତିବାକୁ ଥିବାବେଳେ କାମ ଆଉ ଆଗେଇ ପାରୁନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ବିଏମ୍‌ସି ମାର୍କେଟର ଡିଜାଇନ୍ ପ୍ରସ୍ତୁତ କରି କାମ ଆରମ୍ଭ କରୁଥିବାବେଳେ ହଠାତ୍ ଏହାର ଦାୟିତ୍ୱ ବିଡିଏକୁ ଟେକି ଦିଆଯାଇଥିଲା। ତେବେ କେବେ, କାହିଁକି ଓ କାହା ଚାପରେ ବିଏମ୍‌ସି ହାତରୁ ମାର୍କେଟ ନିର୍ମାଣ ଦାୟିତ୍ୱ ବିଡିଏକୁ ହସ୍ତାନ୍ତର କରାଗଲା ଏବଂ ତତ୍କାଳୀନ ବିଏମ୍‌ସି କମିଶନର, ଅତିରିକ୍ତ କମିଶନର କାହିଁକି ଚୁପ୍ ରହିଲେ ସେ ନେଇ କାହା ପାଖରେ ଠିକ୍ ଉତ୍ତର ନାହିଁ।

### ବଦଳୁଛି ୟୁନିଟ୍-୧ ହାଟ ମାର୍କେଟ କମ୍ପ୍ଲେକ୍ସର ଡିଜାଇନ

ଅପରପକ୍ଷେ ୟୁନିଟ୍-୧ ହାଟରେ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ଡିଜାଇନ୍ ଦାୟିତ୍ୱ ବିଏମ୍‌ସିର ପିଏମ୍ୟୁ ସେଲ୍‌କୁ ଦିଆଯାଇଛି। ମାତ୍ର ଏଯାଏ ତାହା ପ୍ରସ୍ତୁତ ହୋଇପାରି ନାହିଁ। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନା ଆରମ୍ଭ ହେବାଠାରୁ ଇତି ମଧ୍ୟରେ ବିଏମ୍‌ସି କମିଶନର ବଦଳିବା ସହ ମାର୍କେଟ କମ୍ପ୍ଲେକ୍ସର ଡିଜାଇନ୍ ମଧ ଥରକୁ ଥର ବଦଳୁଛି। ଏପରିକି ୨୦୨୩ରେ ଏନେଇ ବିଏମ୍‌ସି କର୍ପୋରେଶନରେ ପ୍ରସ୍ତାବ ଦିଆଯାଇଥିଲେ ବି ଶେଷ ମୁହୂର୍ତ୍ତରେ ତାହାକୁ ପାସ୍ ନ କରି ଅଟକାଇ ଦିଆଯାଇଥିଲା।

### ଅସନ୍ତୋଷ ପ୍ରକାଶ କଲେ ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ ସଭାପତି

ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ବିଏମ୍‌ସି ଭଗବାନପୁରରେ ଆମକୁ ମାର୍କେଟ ତିଆରି କରି ଦେବାର ଥିଲା। ମାତ୍ର ଏବେ ମାର୍କେଟ ନିର୍ମାଣ ଦାୟିତ୍ୱ ବିଡିଏ ନେବା ସହ ମନଇଚ୍ଛା ଡିଜାଇନ୍ ଦେଉଛି। ତେଣୁ ସେଥିରେ ଆମେ ରାଜି ହୋଇପାରୁନାହୁଁ। ଏଥିସହ ଆମର ୫୦ଜଣ ହୋଲ୍‌ସେଲର ଅଛନ୍ତି। ପ୍ରତିଦିନ ୨ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ଯାତାୟାତ କରିବ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପାର୍କିଂସ୍ଥଳ ରହିବା ଦରକାର। ମାତ୍ର ବିଡିଏ ଅନ୍ୟ ହୋଲ୍‌ସେଲରଙ୍କୁ ଆଣି ସେଠାରେ ରଖିବାକୁ ଚାହୁଁଛି। ଏଥିରେ ଅରାଜି ହେବାରୁ ଆମକୁ ଧମକାଉଛନ୍ତି। ତେଣୁ ବିଡିଏ ଏଭଳି ପ୍ରସ୍ତାବରେ ଆମେ ରାଜି ହେଉ ନ ଥିବାରୁ କାମ ଆଗେଇ ପାରୁନାହିଁ। ତେବେ ଏନେଇ ମହାସଂଘ ଖୁବ୍‌ଶୀଘ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବ ବୋଲି କବିରାଜ କହିଛନ୍ତି।

ଅପରପକ୍ଷେ ପ୍ରାୟ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବିଡିଏ ଭଗବାନପୁର ମାର୍କେଟ ପାଇଁ ଡିଜାଇନ୍ ପ୍ରସ୍ତୁତ କରିପାରୁ ନ ଥିବାବେଳେ କାମ ଆରମ୍ଭ ହୋଇ ପାରୁନାହିଁ। ଅପରପକ୍ଷେ ଭଗବାନପୁରକୁ ହୋଲ୍‌ସେଲ୍ ମାର୍କେଟ ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ୟୁନିଟ୍-୧ ମାର୍କେଟ କମ୍ପ୍ଲେକ୍ସ ଓ ଉନ୍ନୟନ କାର୍ଯ୍ୟ ହୋଇପାରୁ ନାହିଁ। ତେଣୁ ବିଡିଏ ଅବହେଳା ପାଇଁ ଏବେ ବିଏମ୍‌ସି ଏକପ୍ରକାର ହାତବାନ୍ଧି ବସିଥିବା କୁହାଯାଉଛି। ବିଡିଏ ଏଯାଏ ଡିଜାଇନ୍ ପ୍ରସ୍ତୁତ କରିପାରୁ ନ ଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ଏନେଇ ବିଡିଏ ଉପାଧ୍ୟକ୍ଷ ବଳଓ୍ୱନ୍ତ ସିଂହଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ବାହାନା କରି ଭେଟିବାକୁ ସୁଯୋଗ ଦେଇ ନ ଥିଲେ।

### କେସ୍ କରିବ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ

୧ନଂ. ହାଟରେ ଜବରଦଖଲ ଏବଂ ବହୁ ପ୍ରତୀକ୍ଷିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ବହୁବାର ଦାବି କରି ଆସୁଥିଲେ ମଧ୍ୟ ବିଏମ୍‌ସି କୌଣସି ପଦକ୍ଷେପ ନେଉ ନ ଥିବାରୁ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲା। ଏଥିରେ ସ୍ୱତନ୍ତ୍ର ସଚିବ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ, ଅର୍ବାନ ସଚିବ, ଜିଲାପାଳ, ପୋଲିସ କମିଶନର, ବିଡିଏ ଉପାଧ୍ୟକ୍ଷ, ବିଏମ୍‌ସି କମିଶନର, ଜୋନାଲ ଡେପୁଟି କମିଶନର ମୋଟ୍ ୭ଜଣଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମାମଲାର ଶୁଣାଣି କରି ୮ସପ୍ତାହ ମଧ୍ୟରେ ହାଟର ଚାରିପାଖ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା ସ୍ଥାନକୁ ଜବରଦଖଲମୁକ୍ତ କରିବାକୁ ହାଇକୋର୍ଟ ଏପ୍ରିଲ୍ ୧୦ରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ କୋର୍ଟ ଅବମାନନା ନେଇ କେସ୍ କରିବାକୁ ସଂଘ ସଜବାଜ ହେଉଥିବା ସଭାପତି ଗୟାଧର ସ୍ୱାଇଁ କହିଛନ୍ତି। ୧୯୮୪ ଜିଏ ବିଭାଗ ଦେଇଥିବା ନିର୍ଦ୍ଦେଶରେ ମାର୍କେଟ ମଧ୍ୟରେ ପନିପରିବାର ହୋଲ୍‌ସେଲ୍ ବ୍ୟବସାୟ କରାଯାଇ ପାରିବ ନାହିଁ, ଟ୍ରକ୍, ଲରୀ, ମିନିଟ୍ରକ୍ ଭଳି ଭାରିଯାନ ଏହା ମଧ୍ୟକୁ ପ୍ରବେଶ କରିପାରିବ ନାହିଁ, ମାର୍କେଟର ଉତ୍ତର ଗେଟ୍ ବା ରାଜପଥ ଆଡକୁ ଥିବା ଗେଟ୍ ଖୋଲା ରହିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ମାତ୍ର ଏଥିମଧ୍ୟରୁ କୌଣସି ନିୟମକୁ ବିଏମ୍‌ସି ପାଳନ କରୁନାହିଁ। ଭିତରକୁ ଯିବା ପାଇଁ ୨ଟି ବାଟ ଥିବାବେଳେ ସେଗୁଡିକ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ଆଇଗିଣିଆରେ ଗୋଦାମ ଥାଇ ମଧ ମାର୍କେଟରେ ହୋଲ୍‌ସେଲ୍ ବେପାର କରାଯାଉଛି। ଏନେଇ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ ବିଏମ୍‌ସି ସେମାନଙ୍କୁ ପ୍ରୋତ୍ସାହନ ଦେଇ ଚାଲିଥିବା ଗୟାଧର ଅଭିଯୋଗ କରିଛନ୍ତି।

## ଜୟନ୍ତୀରେ ଗଙ୍ଗାଧର ପାଇକରାୟଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୨।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ଓ ସିପିଆଇର ପୂର୍ବତନ ଦଳପତି ଗଙ୍ଗାଧର ପାଇକରାୟଙ୍କ ୧୦୮ତମ ଜୟନ୍ତୀ ସମାରୋହ ଭଗବତୀ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିପିଆଇର ଜୋନ୍ ସମ୍ପାଦକ ସୁର ଜେନା ସମାବେଶରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଖୋର୍ଦ୍ଧା ଜିଲା ସିପିଆଇ ସହସମ୍ପାଦକ ସତୀଶ ମିଶ୍ର, ଉତ୍କଳ ମହିଳା ସମିତିର ରାଜ୍ୟ ଉପଦେଷ୍ଟା ବନଲତା ଜେନା, ନୂଆଦୁନିଆର ସମ୍ପାଦକ ରମେଶ ପାଢୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ବେଳେ ମହାତ୍ମା ଗାନ୍ଧୀ ଓ ୧୯୩୦ ଦଶକର ଦ୍ୱିତୀୟାର୍ଦ୍ଧରେ କମ୍ୟୁନିଷ୍ଟଙ୍କ ନେତୃତ୍ୱରେ ଚାଲିଥିବା କୃଷକ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନର ପ୍ରଭାବ ଗଙ୍ଗାଧର ପାଇକରାୟଙ୍କ ଉପରେ ପଡ଼ିଥିଲା। ରଣପୁରରେ ପଲିଟିକାଲ ଏଜେଣ୍ଟ ବେଜେଲଗେଟ୍‌ଙ୍କୁ ହତ୍ୟା ପରେ ପୋଲିସ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ରଣପୁରର ନରନାରୀଙ୍କୁ ବୋଲଗଡ଼ ଓ ବେଗୁନିଆ ଅଞ୍ଚଳରେ ପାଇକରାୟ ଆଶ୍ରୟ ଦେବା ସହିତ ଏଖରାତ ମାହାଲ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୪ଥର ବିଧାନସଭା ସଦସ୍ୟ ଓ ସିପିଆଇ ବିଧାନସଭା ଦଳର ଦଳପତି ହୋଇଥିଲେ। ସେ ଯେଉଁ ମାର୍କ୍ସବାଦୀ ଆଦର୍ଶରେ ବିଶ୍ୱାସ କରୁଥିଲେ ତାହା ବିଜ୍ଞାନସମ୍ମତ। ଆଜି ସାମ୍ପ୍ରଦାୟିକ ଫାସିଷ୍ଟ ଶକ୍ତି କେନ୍ଦ୍ର ଓ ରାଜ୍ୟରେ କ୍ଷମତା ଦଖଲ କରି ଲୋକଙ୍କୁ ପୁଣି ବ୍ରିଟିଶ ରାଜ ବେଳର ଅନ୍ଧକାର ମଧ୍ୟକୁ ଠେଲିଦେବାକୁ ଉଦ୍ୟମରତ। ଏହାକୁ ପ୍ରତିରୋଧକରି କରି ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିକୁ ଐକ୍ୟବଦ୍ଧ କରିପାରିଲେ ତାହା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। ଦେବାଶିଷ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବାବେଳେ ବସନ୍ତ କୁମାର ପାଇକରାୟ, ପ୍ରମୋଦିନୀ ପାଇକରାୟ, ସିପିଆଇ ଜୋନ୍ ସହସମ୍ପାଦକ କୈଳାସ ପୁହାଣ, ସମାଜସେବୀ ଗୌରୀଶଙ୍କର ମିଶ୍ର ଓ କମ୍ୟୁନିଷ୍ଟ ନେତା ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଶୁକ୍ରବାର ଉଦ୍‌ଯାପନ ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ

**ପୁରୁଣା ଭୁବନେଶ୍ୱର, ୧୨।୭ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର ନିର୍ବାଚନମଣ୍ଡଳୀ ପଞ୍ଚାୟତ ଅଞ୍ଚଳରେ ଶୁକ୍ରବାର ବିଧାୟକ ବାବୁ ସିଂ ବିଭିନ୍ନ ଲୋକଙ୍କ ସହ ମିଶିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଦୟାସେତୁଠାରୁ ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁର ଶାସନ ଗ୍ରାମ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା, ଇଟିପୁର ପଞ୍ଚାୟତ ଅଞ୍ଚଳରେ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଦ୍ୱିତୀୟ ଦୟାସେତୁ ଓ ରାସ୍ତା ନିର୍ମାଣ ଉପରେ ସମୀକ୍ଷା କରିଥିଲେ। ଶୁକ୍ରବାର ସକାଳୁ ବିଧାୟକ ସିଂ ବିଭାଗୀୟ ଅଧିକାରୀଙ୍କ ସହ ଏନେଇ ସମୀକ୍ଷା କରିବା ପରେ ଖୁବ୍‌ଶୀଘ୍ର ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଦାଣ୍ଡିମାଳ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ସାହୁ, ବୃନ୍ଦାବନ ସ୍ୱାଇଁ, ଟିଙ୍କିନା ମଲ୍ଲିକ, ପ୍ରକାଶ ସାହୁ, ପଞ୍ଚାନନ ସ୍ୱାଇଁ, ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏବର୍ଷ ଡେଙ୍ଗୁ ସଂକ୍ରମଣ କମ୍ ରହିଛି: ମେୟର

**ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡେଙ୍ଗୁ ଦେଖାଦେଉଛି। ମାତ୍ର ଭୁବନେଶ୍ୱରରେ ସେପରି ସ୍ଥିତି ନାହିଁ। ଗତବର୍ଷ ଜୁଲାଇ ମାସ ତୁଳନାରେ ଚଳିତ ବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ବର୍ଷାଦିନ ପୂର୍ବରୁ ବିଏମ୍‌ସି ସଚେତନତା ରଣନୀତି ପ୍ରସ୍ତୁତ କରି ବିଭିନ୍ନ ୱାର୍ଡରେ କାର୍ଯ୍ୟକ୍ରମ ଚାଲୁ ରଖିଛି। କଞ୍ଜରଭେନ୍ସି ଲେନ୍‌ଗୁଡିକରେ ପେଭର ବ୍ଲକ ପଡିବା ସହ ସେଗୁଡିକୁ ପରିଷ୍କାର ରଖିବା ଦ୍ୱାରା ମଶା ବଂଶ ବୃଦ୍ଧି ହ୍ରାସ ପାଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟ ଏକାମ୍ର ହଲରେ ଅନୁଷ୍ଠିତ ପରିମଳ ଓ ଡ୍ରେନେଜ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ସମସ୍ତ କର୍ପୋରେଟରଙ୍କଠାରୁ ସେମାନଙ୍କ ଅଞ୍ଚଳର ଡ୍ରେନ ଓ ପରିମଳ ସମ୍ପର୍କିତ ସମସ୍ୟା ଓ ତା'ର ସମାଧାନ ବାବଦରେ ମେୟର ଆଲୋଚନା କରିଥିଲେ। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସିଟି ଇଂଜିନିୟର ବିକାଶ କୁମାର ବେହେରା, ଡ୍ରେନଜ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷାର ଅବ୍ୟବହିତ ପୂର୍ବରୁ ବିଏମସି ଓ ସିଟିହେଲଥ ସୋସାଇଟିର ମିଳିତ ପ୍ରୟାସରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛସାଥୀ, ପରିମଳ କର୍ମୀମାନଙ୍କୁ ନେଇ ୱାର୍ଡସ୍ତରୀୟ ଟିମ୍ ଗଠନ ହୋଇଥିଲା। ୩ଟିଯାକ ଜୋନର ପ୍ରାୟ ୮ଶହ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ରୋଗ ନିରୀକ୍ଷଣ ଏବଂ ମଶାଉତ୍ସ ଦମନ ସହିତ ନାଗରିକଙ୍କ ମଧ୍ୟରେ ସଚେତନତା ପାଇଁ ନିୟୋଜିତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ୱାର୍ଡରେ ମୋଟ ୫୭ ହଜାର ଘର ବୁଲି ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସଚେତନ କରାଯାଇଛି। ଇତି ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ୧୫୯ଟି ସଚେତନତା କାର୍ଯ୍ୟକ୍ରମ ହୋଇସାରିଥିବା ସୂଚନା ଦିଆଯାଇଛି। ସେହିପରି ଆଗାମୀ ଦିନରେ ସଫେଇ, ପ୍ଲାଗାଥନ ଆଦି ବିଭିନ୍ନ ପ୍ରକାର ସଚେତନତା ମୂଳକ ପଦକ୍ଷେପ ନେବା ପାଇଁ ବିଏମ ସି ପକ୍ଷରୁ ଯୋଜନା ରହିଥିବା କୁହାଯାଇଛି।

## ସାମାଜିକ ନ୍ୟାୟ କ୍ଷେତ୍ରରେ ସାଧାରଣ ଜନତାଙ୍କ ଦାୟିତ୍ୱ ରହିଛି

**ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)**

ସ୍ୱେଚ୍ଛାସେବୀ ସଂଗଠନ ସୋସାଇଟି ଫର୍ ନେଚର୍ ଏଜୁକେଶନ ଆଣ୍ଡ ହେଲ୍‌ଥ (ସ୍ନେହ) ଓ ମେନୋ ନାଇଟ୍ ସେଣ୍ଟ୍ରାଲ କମିଟି ପକ୍ଷରୁ 'ପୋଲିସ ପବ୍ଲିକ ଇଣ୍ଟର୍‌ଫେସ' ଓ 'ରେଷ୍ଟୋରେଟିଭ୍ ଜଷ୍ଟିସ' ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲିଆ ସାହିର ସ୍ନେହ କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍‌ପି ସୁମତୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସାମାଜିକ ନ୍ୟାୟ କ୍ଷେତ୍ରରେ ସାଧାରଣ ଜନତାର ଦାୟିତ୍ୱ ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ, ଆଇନଜୀବୀ ପ୍ରସନ୍ନ ମିଶ୍ର, ହଳଧର ସେଠୀ ଓ ସ୍ମିତା କାନୁନ୍‌ଗୋ, ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ହୋତା, ସୁଦର୍ଶନ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ସ୍ନେହ ଅନୁଷ୍ଠାନର ସଭାନେତ୍ରୀ ସୁବର୍ଷା ଘୋଷ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାଲିଆ ସାହିର ୮ଟି ସାହିର ମୁଖିଆ ଓ ସ୍ନେହ ଦ୍ୱାରା ଗଢ଼ାଯାଇଥିବା ଶାନ୍ତି କମିଟିର ସଭ୍ୟା ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଦିବାକର ମାହାଳୀ ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ଶ୍ୱସ୍ତିକା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ସାଲିଆ ସାହିଠାରେ ଅନୁଷ୍ଠିତ 'ପୋଲିସ ପବ୍ଲିକ ଇଣ୍ଟର୍‌ଫେସ' ଓ 'ରେଷ୍ଟୋରେଟିଭ୍ ଜଷ୍ଟିସ' ସମ୍ପର୍କିତ କାର୍ଯ୍ୟକ୍ରମ।

## ବହୁଗୁଣିତ ହେବ ମତ୍ସ୍ୟଚାଷୀଙ୍କ ରୋଜଗାର

### ଜାତୀୟ ମତ୍ସ୍ୟ ଚାଷୀ ଦିବସ

**କଟକ, ୧୨।୭ (କାର୍ତ୍ତିକ ସାହୁ)**

ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ଗୋଷ୍ଠୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଅତୁଳନୀୟ ଅବଦାନ ରହିଛି। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ରୋଜଗାରକୁ ବହୁଗୁଣିତ କରିବା ନିମନ୍ତେ ସରକାର ନିରନ୍ତର ପ୍ରୟାସରତ। ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ସହ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏବେ ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହୋଇଛି ବୋଲି ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ମୁରଲୀଧର ଜେନା କହିଛନ୍ତି।

କଟକ ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ଯୋବ୍ରାସ୍ଥିତ ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଜାତୀୟ ମତ୍ସ୍ୟଚାଷୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ଜେନା କହିଛନ୍ତି, ଆଜିର ଐତିହାସିକ ଦିନରେ ଓଡ଼ିଶା ମାଟିରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଉଲ୍ଲେଖନୀୟ ସଫଳତା ମିଳିଥିଲା। ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ। ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେରଖିବା ପାଇଁ ଜୁଲାଇ ୧୦ ତାରିଖକୁ ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଭାବେ ପାଳନ କରାଯାଇଆସୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସଂକ୍ରାନ୍ତରେ ଆଲୋକପାତ କରାଯାଇଥିଲା। ମତ୍ସ୍ୟ ସମ୍ପଦର ବିକାଶ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ଓ ବ୍ୟାପକ ଆତ୍ମନିଯୁକ୍ତି ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ତାମିଲନାଡୁର ମଦୁରାଇଠାରେ ଆୟୋଜିତ ଫିସେରିଜ୍ ସମର ମିଟ୍-୨୦୨୪ କାର୍ଯ୍ୟକ୍ରମର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ମତ୍ସ୍ୟ ଚାଷୀମାନେ ଭାଗନେଇ ମତ ବିନିମୟ କରିଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ମୁରଲୀଧର ଜେନା ଉଦ୍‌ବୋଧନ ଦେଉଛନ୍ତି।

# ଖୋର୍ଦ୍ଧା ଜିଲାରେ ୧୨୦ ଡେଙ୍ଗୁ ରୋଗୀ ଚିହ୍ନଟ

ଖୋର୍ଦ୍ଧା,୧୨।୭ (ପ୍ରଭାତ ପାଣିଗ୍ରାହୀ)

- ବିଏମ୍‌ସିରେ ୮୮, ଗ୍ରାମାଞ୍ଚଳରେ ୩୨
- ସତର୍କ, ସଜାଗ, ସଚେତନତା ଜରୁରୀ
- ଖାଇବା ପୂର୍ବରୁ, ଶୌଚ ପରେ ହାତ ଧୁଅନ୍ତୁ



ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ଜୁଲାଇ ପହିଲାରୁ ଶୁକ୍ରବାର ସୁଦ୍ଧା ୧୨୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ ବିଏମସିରେ ୮୮ ଜଣ ରହିଛନ୍ତି। ୩୨ଜଣ ଖୋର୍ଦ୍ଧା ଗ୍ରାମାଞ୍ଚଳ (ବିଏମ୍‌ସି ବ୍ୟତୀତ)ରେ ରହିଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚଓ) ଡା. ରାଜଶ୍ରୀ ପଟ୍ଟନାୟକ ଶୁକ୍ରବାର ସୂଚନା ଦେଇଛନ୍ତି। ଗତବର୍ଷ ତୁଳନାରେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ଏବଂ ଗ୍ରାମାଞ୍ଚଳରେ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଅଧିକ ଆକ୍ରାନ୍ତ ରହିଛନ୍ତି। ବର୍ଷାଋତୁ ଆସିଲେ ଡେଙ୍ଗୁ, ମ୍ୟାଲେରିଆ ବଢିଥାଏ। ଏଥିଲାଗି ଆବଶ୍ୟକ ପଦପେକ୍ଷ ନେବାକୁ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଜୁଲାଇ ପହିଲାରୁ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, କ୍ଷୟଣ, କୁଷ୍ଠ ଓ ସମ୍ପୂର୍ଣ୍ଣ ଟିକାକରଣ ହୋଇ ନ ଥିବା ଶିଶୁ ଓ ହେପାଟାଇଟିସ-ବି ପରୀକ୍ଷା କରାଇ ନ ଥିବା ଗର୍ଭବତୀ ମହିଳାଙ୍କୁ ଚିହ୍ନଟ ପାଇଁ ସମନ୍ୱିତ ସର୍ବେକ୍ଷଣ କରିବେ। ଆବଶ୍ୟକ ସ୍ଥଳେ ଟିକାକରଣ ଓ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇବେ।

ନିକଟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ ଟିମ୍‌କୁ ନେଇ ବୈଠକ ବସିଥିଲା। ସମସ୍ତ ବିଭାଗକୁ ସର୍ତକ ରହିବାକୁ କୁହାଯାଇଛି। ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପ୍ରତି କିପରି ସତର୍କତା ଅବଲମ୍ବନ କରିବେ, ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କୁ ବୁଝାଉଛନ୍ତି। ଶିଶୁଙ୍କୁ ୧୪ ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣରେ ଓଆର୍‌ଏସ୍, ଜିଙ୍କ୍ ବଟିକା ସେବନ କରାଇଲେ ଡାଇରିଆଜନିତ ମୃତ୍ୟୁକୁ ଏଡାଇ ଦିଆଯାଇପାରିବ। ଖାଇବା ପୂର୍ବରୁ ଏବଂ ଶୌଚ ହେବା ପରେ ସାବୁନରେ ହାତକୁ ଭଲ ଭାବେ ଧୁଅନ୍ତୁ। ଫୁଟାପାଣି ଅଥବା ହାଲୋଜିନ ବଟିକା ପଡିଥିବା ପାଣି ପିଇବା ସହ ଶୌଚ ପାଇଁ ପାଇଖାନା ବ୍ୟବହାର କରିବାକୁ ସଚେତନ କରାଯାଇଛି। ଘର ବାହାରେ ସନ୍ତସନ୍ତିଆ ରହିବାକୁ ଦିଅନ୍ତୁ ନାହିଁ। ପାଣି ଜମିଥିଲେ ନିଷ୍କାସନ ସହ ଖାଲୁଆ ଅଂଶକୁ ପୋତିବାକୁ ସେମାନେ ପରାମର୍ଶ ଦେଇଥିଲେ। ମ୍ୟାଲେରିଆରୁ ମୁକ୍ତ ପାଇଁ ମଶାରି ବ୍ୟବହାର ଓ ଜ୍ୱର ହେଲେ ରକ୍ତ ପରୀକ୍ଷା କରି ଔଷଧ ଖାଇଲେ ମ୍ୟାଲେରିଆ ଓ ଡେଙ୍ଗୁ ରୋକାଯାଇପାରିବ। ୨ସପ୍ତାହରୁ ଅଧିକ ଦିନ କାଶ ଟିବିର ଲକ୍ଷଣ ଓ ବଧିରା ଛଉ କୁଷ୍ଠ ରୋଗର ଲକ୍ଷଣ। ଏହି ରୋଗର ଚିକିତ୍ସା ସହଜ ଏବଂ ମାଗଣାରେ ଉପଲବ୍ଧ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଦୈନିକ ୨୦ରୁ ୩୦ ଘର ବୁଲି ଏ ଦିଗରେ ସଚେତନ କରିବା ସହ ଏ ସଂକ୍ରାନ୍ତରେ ରିପୋର୍ଟ ସଂଗ୍ରହ କରିବେ। ଘରେ ପରିବାର ସଦସ୍ୟ ହାତକୁ କିପରି ଧୋଇବେ, ତାହାର ଡେମୋନଷ୍ଟ୍ରେଶନ ଦେଖାଇବେ। ଏଥିସହିତ ବିଦ୍ୟାଳୟରେ ହାତଧୁଆ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲାର ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି), ୪୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଏବଂ ୨୦୨ ଉପକେନ୍ଦ୍ରରେ ଏହି ଅଭିଯାନକୁ ବ୍ୟାପକ କରାଯିବ।

## ବିପୁଳ ପରିମାଣର ମଦ ଜବତ, ପୋଚ ନଷ୍ଟ: ଯୁବକ ଗିରଫ



ବେଗୁନିଆ,୧୨।୭(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ସଦର ରେଞ୍ଜ, ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଚଟୁଆ ଗ୍ରାମରେ ମିଳିତ ଚଢ଼ାଉ କରାଯାଇ ୧୧ ହଜାର ୮ ଶହ ଲିଟର ପୋଚ ନଷ୍ଟ କରାଯିବା ସହ ୧ ହଜାର ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସରଞ୍ଜାମ ଜବତ ଓ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ ସାହୁ ଓ ବେଗୁନିଆ ଅବକାରୀ ବିଭାଗ ଉପନିରୀକ୍ଷକ ଏନ୍ ଜାଗିନ ରାଓ ପ୍ରମୁଖ ଚଢ଼ାଉରେ ସାମିଲ ହୋଇ ଗ୍ରାମର ମନୋଜ ସାହୁଙ୍କଠାରୁ ଦେଶୀ ମଦ ଜବତ କରିଥିଲେ।

## ବିଦ୍ୟାଳୟରେ ଚାରାରୋପଣ, ତର୍କ ପ୍ରତିଯୋଗିତା



ବେଗୁନିଆ,୧୨।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ ଓ ତର୍କ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅତସୀ କୁସୁମ ଓ ଶିକ୍ଷକ ପଠାଣି ସାହୁଙ୍କ ସଂଯୋଜନାରେ ବିଦ୍ୟାଳୟ ପୋଷ୍ୟକର୍ତ୍ତା ବାଉରୀ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୃକ୍ଷ ପରିବେଶର ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ ବୋଲି ଅତିଥି ମତ ବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ସମୀର ଚିନେରା ପରିବେଶ ସମ୍ପର୍କିତ ସଚେତନତା ଧର୍ମୀ ଗୀତ ପରିବେଷଣ କରିଥିଲେ। ପରେ ୪ର୍ଥରୁ ୭ମ ଜୁନିୟର ଓ ୮ରୁ ୧୦ମ ସିନିୟର ବର୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା କରାଯାଇଥିଲା। ଜୁନିୟର ବର୍ଗର ଲକ୍ଷ୍ମୀ ଜେନା, ତପସିନୀ ମହାପାତ୍ର, ଆଶୁତୋଷ ପଣ୍ଡା ଏବଂ ସିନିୟର ବର୍ଗର ସ୍ଥିତିପ୍ରଜ୍ଞା ଜେନା, ବାସୁଦେବ ଦାଶ, ମାନସ ସାମଲଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପ୍ରାଣୀ କାମୁଡ଼ାରେ ୨୭ ମେଣ୍ଢା ମୃତ

ବେଗୁନିଆ,୧୨।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ କୁଶପଲାର ଗ୍ରାମଦେବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଆଣି ମେଣ୍ଢାଚାଷ କରିଥିଲେ। ଗୁରୁବାର ରାତିରେ କୌଣସି ଏକ ଅଜଣା ପ୍ରାଣୀ ମେଣ୍ଢା ରହିବା ସ୍ଥାନରେ ପଶି ୨୭ ମେଣ୍ଢାଙ୍କ ବେକକୁ କାମୁଡ଼ି ଦେବାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ନେଇ ମାଲିକ ସକାଳେ ଦେଖିବାକୁ ପାଇଥିଲେ। ଏନେଇ ବେଗୁନିଆ ପ୍ରାଣୀ ଚିକିତ୍ସାଧିକାରୀ ବନ୍ଦିତା ବେହେରାଙ୍କୁ ଜଣାଇବାରେ ସେ ମୃତ ମେଣ୍ଢାଙ୍କୁ ଗୋଟିଏ ସ୍ଥାନରେ ପୋତିଦେବା ସହ ଘଟଣାର ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ବାରଙ୍ଗ,୧୨।୭(ଲିଙ୍ଗରାଜ ରାଉତ)

ଜଣେ ମହିଳାଙ୍କ ବେକରୁ ଗୁରୁବାର ସନ୍ଧ୍ୟାରେ ସୁନାଚେନ୍ ଲୁଟ୍ ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଲୁଟେରାଙ୍କ ପତ୍ତା ପାଇପାରିନାହିଁ। ପ୍ରକାସ ଯେ, ଗୋଡ଼ିସାହି ଫାଣ୍ଡି ଅଧୀନ ନେତଲ ଗ୍ରାମର ସସ୍ମିତା ବେହେରା ତାଙ୍କ ସ୍କୁଟିରେ ଗୁରୁବାର ସନ୍ଧ୍ୟାରେ ବାରଙ୍ଗରୁ ଘରକୁ ଫେରୁଥିଲେ। ତ୍ରିଶୁଲିଆ ଗାଁମୁଣ୍ଡରେ ପହଞ୍ଚିବାବେଳେ ପଛପଟରୁ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ମହିଳାଙ୍କ ବେକରୁ ୧୨ ଗ୍ରାମ ଓଜନର ସୁନାଚେନ୍ ଓ ଲକେଟ୍ ଛିଣ୍ଡାଇ ତ୍ରିଶୁଳିଆ ଆଡ଼କୁ ପଳାଇଯାଇଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ କଟକ-ଭୁବନେଶ୍ୱର ୨ଟି ପ୍ରମୁଖ ସହରକୁ ସଂଯୋଗ କରୁଥିବା ସୁବାସ ସେତୁର ଉଦ୍‌ଘାଟନ ପରେ ବାରଙ୍ଗ ରାସ୍ତା ସବୁ ସମୟରେ ଜନଗହଳି ହୋଇଉଠିଛି। ଏହି ସୁଯୋଗରେ ଚୋର ଲୁଟେରାଙ୍କ ପ୍ରଦୁର୍ଭାବ ବଢିବାରେ ଲାଗିଛି।

## ବାହୁଡ଼ା ଯାତ୍ରା ଦେଖିବାକୁ ଗଞ୍ଜାମରୁ ପୁରୀ ଚାଲିଲେ ଭକ୍ତ



କୃଷ୍ଣପ୍ରସାଦ,୧୨।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଦିନେ ଭକ୍ତ ସାଲବେଗ ଜଗନ୍ନାଥଙ୍କ ରଥକୁ ଟାଣିବାକୁ ୭୫୦ କୋଶ ରାସ୍ତା ଚାଲି ଚାଲି ଆସିଥିଲେ। ତେବେ ରଥ ଟାଣିବା ସମୟ ହୋଇଯାଇଥିଲେ ମଧ୍ୟ ସାଲବେଗ ପହଞ୍ଚି ପାରି ନ ଥିଲେ। ସେ ବ୍ୟାକୁଳ ହୋଇ ପଡ଼ି ଠାକୁରଙ୍କୁ କହିଲେ, ପ୍ରଭୁ ମୁଁ କଣ ରଥରେ ତୁମକୁ ଦର୍ଶନ କରିପାରିବିନି? ଯଦି ତୁମେ ମୋ ପ୍ରଭୁ ହୋଇଥାଅ, ତେବେ ମୁଁ ଯିବା ଯାଏଁ ତୁମର ରଥ ଗଡିବନି। ପରେ ରଥକୁ ଭକ୍ତ ସାଲବେଗଙ୍କ ପାଇଁ ଅଟକିବାକୁ ପଡ଼ିଥିଲା। ଶୁକ୍ରବାର କୃଷ୍ଣପ୍ରସାଦ ରାସ୍ତାରେ ଦେଖିବାକୁ ମିଳିଛନ୍ତି ଶହ ଶହ ସାଲବେଗ। ଗଞ୍ଜାମ ଜିଲାର ରମ୍ଭା, ନିଳାଦ୍ରୀପୁର, ଖଟୁଆକୁଦା, କଣ୍ଟିଆ ଗଡ଼, ହୁମାରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଠାକୁରଙ୍କୁ ବାହୁଡ଼ା ରଥରେ ଦର୍ଶନ କରିବାକୁ ଚାଲି ଚାଲି ୧୨୦ କିମି ରାସ୍ତା ଯାଉଛନ୍ତି। କାମେଶ୍ୱର ପ୍ରଧାନ, ମିଟୁରାଜ ପ୍ରଧାନ, ବସନ୍ତ ଛଟାଇ, କାଦାମୀ ତରେଇ, ବାସନ୍ତୀ ପ୍ରଧାନ, ବିନ୍ନୁ ବେହେରା, ଅଶ୍ୱିନୀ ତରେଇ, ମାମି ତରେଇ ଏବଂ ଟିକି ବେହେରା କହିଛନ୍ତି, ସେମାନେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହିଭଳି ଚାଲି ଚାଲି ଯାଇ ରଥରେ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ଦିନକୁ ଦିନ ତାଙ୍କ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଠାକୁରଙ୍କ ମହିମାରୁ କିଛି କଷ୍ଟ ହୁଏନାହିଁ।

## ଏସ୍‌ଏଚ୍‌ଜି ଡ୍ରେସ୍ କୋଡ୍ ରଙ୍ଗକୁ ନେଇ ଦ୍ୱନ୍ଦ୍ୱ

କଟକ ସଦର, ୧୨।୭
(ସୁଶାନ୍ତ କୁମାର ଜେନା)

ବିଜେଡି ସରକାର ଅମଳରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇ ମୁଣ୍ଡ ପିଛା ୧ ହଜାର ଟଙ୍କା ଦିଆଯାଇଥିଲା। ବର୍ତ୍ତମାନ ସରକାର ବଦଳିବା ପରେ କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂଆ ସରକାରଙ୍କ କେତେଜଣ କର୍ମୀ ଗେରୁଆ ରଙ୍ଗ ଥିବା ଶାଢ଼ି କିଣିବା ପାଇଁ ପ୍ରବର୍ତ୍ତାଇବା ଲକ୍ଷ୍ୟ କରାଯାଉଛି। ଅନେକ ଗୋଷ୍ଠୀର ସଭ୍ୟା ସବୁଜ ରଙ୍ଗର ଶଙ୍ଖଚିହ୍ନ ଥିବା ଶାଢ଼ୀ କିଣି ସାରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ୭୦୦ ଟଙ୍କା ନେଇ ଏହି ଶାଢି ଯୋଗାଇଛନ୍ତି। ଅବଶ୍ୟ ଏହି କିଣାବିକା ନିର୍ବାଚନ ପୂର୍ବରୁ ହୋଇଥିଲା। ଗୋଷ୍ଠୀର ମାସିକିଆ ସଭା କିମ୍ବା ସରକାରୀ କାର୍ଯ୍ୟକ୍ରମ ହେଲେ ଏହି ଡ୍ରେସ୍‌କୋଡ୍ ଲାଗୁ ହେବ ବୋଲି କୁହାଯାଇଥିଲା। ମାତ୍ର ସରକାର ବଦଳିବା ପରେ ସମ୍ପୃକ୍ତ ଗୋଷ୍ଠୀର ସଭ୍ୟାମାନେ ଆଉ ସେହି ଶାଢ଼ି ପିନ୍ଧିବା ପାଇଁ ମନ ବଳାଉନାହାନ୍ତି। କାରଣ ବିରୋଧୀ ଦଳର ସମର୍ଥକ ବୋଲି ଚିହ୍ନା ପଡ଼ିଯିବେ। ଶାଢ଼ି କିଣି ନ ଥିବା ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଗେରୁଆ ରଙ୍ଗକୁ ପସନ୍ଦ କରୁନାହାନ୍ତି। ଏହାକୁ ନେଇ ଉକ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏନେଇ ବ୍ଲକ ମିଶନ ଶକ୍ତି ସଂଯୋଜିକା ନିବେଦିତା ବିଶ୍ୱାଳ କହିଛନ୍ତି, ଯେକୌଣସି ଗୋଷ୍ଠୀ ନିଜର ସଭ୍ୟାମାନଙ୍କ ପାଇଁ ଶାଢ଼ି କିଣିବାବେଳେ ରଙ୍ଗ ଓ ଡିଜାଇନ ପସନ୍ଦ କରିବାର ସ୍ୱାଧୀନତା ରହିଛି। ସରକାର କେବଳ ଟଙ୍କା ଦେଇ ଏକା ରଙ୍ଗର ଶାଢ଼ି କିଣିବା ପାଇଁ କହିଛନ୍ତି।

## ପୌର ଅଧିକାରୀଙ୍କୁ ପୋଲିସର ମାଡ଼

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

**କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ି ବସିଲେ ସରକାରୀ କର୍ମଚାରୀ**

ପୁରୀ ସହରରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡିୟୁଟିରେ ଥିବା ଜଣେ ସରକାରୀ ଅଧିକାରୀଙ୍କୁ ପୋଲିସ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଧ୍ୟା ପ୍ରାୟ ୮ଟାରେ ତାଙ୍କର ମାଜିଷ୍ଟ୍ରେଟ୍ ଡିୟୁଟି ଥିବାରୁ ଗୁଣ୍ଡିଚା ମନ୍ଦିର ଆଡକୁ ଆସୁଥିଲେ। ତେବେ ବଡ଼ଶଙ୍ଖଠାରେ ଥିବା ମୁତୟନ ଥିବା ଦୁଇଜଣ ପୋଲିସ କର୍ମଚାରୀ ଗାଡ଼ି ଆଗକୁ ଯିବ ନାହିଁ ବୋଲି କହିବା ସହ ତେଣୁ ଗାଡ଼ି ବୁଲାଇବାକୁ କହିଥିଲେ। ତେବେ ସେ ତାଙ୍କ ପରିଚୟ ଦେବା ସହ ଡିୟୁଟିରେ ଥିବା କଥା ପୋଲିସ କର୍ମଚାରୀଙ୍କୁ କହିଥିଲେ। ଏପରିକି ସେ ତାଙ୍କର ପାସ୍ ଓ ଡିୟୁଟି କାର୍ଡ ପୋଲିସ କର୍ମଚାରୀଙ୍କୁ ଦେଖାଇଥିଲେ। ମାତ୍ର ପୋଲିସ କର୍ମଚାରୀ ତାଙ୍କ କଥା ନ ଶୁଣି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ କଲର ଧରି ମାଡ଼ ମାରିଥିଲେ। ଏହି ଖବର ପୌରସଂସ୍ଥା ଅଧିକାରୀମାନେ ଜାଣିବା ପରେ ଘଟଣାସ୍ଥଳକୁ ଆସି ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଡ଼ିବସିଥିଲେ। ଜିଲାପାଳ, ଉପଜିଲାପାଳ, ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଆସି କର୍ମଚାରୀମାନଙ୍କୁ ବୁଝାଶୁଝା କରିଥିଲେ। ତେବେ କର୍ମଚାରୀମାନେ ଉକ୍ତ ଦୁଇ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ଦାବି କରିଥିଲେ। ଲିଖିତ ଅଭିଯୋଗ କଲେ ସମ୍ପୃକ୍ତ ଦୁଇ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚ ଅଧିକାରୀମାନେ କହି ଆକ୍ରମଣର ଶିକାର ହୋଇଥିବା ଅଧିକାରୀଙ୍କୁ ନିଜ ସାଙ୍ଗରେ ନେଇଯାଇଥିଲେ।

## ପାରିକୁଦରେ ଶ୍ରୀଜୀଉଙ୍କ ହେରାପଞ୍ଚମୀ

କୃଷ୍ଣପ୍ରସାଦ,୧୨।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହେରାପଞ୍ଚମୀ ଉତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନରେ ଭୋଗଲାଗି ହୋଇଥିଲା। ଇପିଙ୍ଗ ସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଏକ ସୁସଜ୍ଜିତ ବିମାନ ଯୋଗେ ମା’ ଲକ୍ଷ୍ମୀ ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ସେଠାରେ ରୀତିନୀତି ପ୍ରକାରେ ମା’ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଇ ରଥଭଙ୍ଗା ନୀତି ପାଳନ ହୋଇଥିଲା। ଏହି ଅବସରରେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ବ୍ଲକସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଚାରକ ମଣ୍ଡଳୀ ଭାବେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ହୃଦାନନ୍ଦ ଜେନା, ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀ ଚରଣ ବାରିକ୍, ଯୁବକବି ମନୋଜ ବାରିକ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ଦୁର୍ଗାଚରଣ ସ୍ୱାଇଁ ପ୍ରାରମ୍ଭିକ ସଙ୍ଗୀତ ଓ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ସ୍ଥାନରୁ ୩୦ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ଼ୁ, ସମ୍ପାଦକ ସୁବ୍ରତ ପଣ୍ଡା, ଉପସଭାପତି ମକଦ୍ଦମ ସିଂ, ସହ ସମ୍ପାଦକ ପ୍ରମୋଦ ସାହୁ, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ସୁଶାନ୍ତ ଭାରିମଲ୍ଲ, ଚରଣ ପରିଡ଼ା, ଅଜୟ ସାଇଁ, ଅମିନ ତରେଇଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରୁଥିବା ଜଣାପଡ଼ିଛି। କୃତୀ ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ



ବୋଲଗଡ଼,୧୨।୭(ଦେବବ୍ରତ ହୋତା)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ଜୟନ୍ତୀ ବୋଲଗଡ଼ ଓ ତାଙ୍କ ଜନ୍ମସ୍ଥାନ ସାନପଦରଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ସେ ୧୯୧୫, ଜୁଲାଇ ୧୨ରେ ସ୍ଥାନୀୟ ବ୍ଲକ ସାନପଦର ଗ୍ରାମରେ ଜନ୍ମ ହୋଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ୧୯୩୬ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ମୁକୁଳି ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିଲେ। ସ୍ୱର୍ଗତ ଗଙ୍ଗାଧର ୧୯୫୧, ୧୯୬୧, ୧୯୬୭ ଓ ୧୯୭୧ ମସିହାରେ ୪ଥର ବେଗୁନିଆ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଜୟନ୍ତୀ ଅବସରରେ ବୋଲଗଡ଼ସ୍ଥିତ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ଦିବାକର ପରମ୍‌ଗୁରୁଙ୍କ ପୌରୋହିତ୍ୟରେ ସିପିଆଇର ବୋଲଗଡ଼ ଜୋନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅମିୟ ପଟ୍ଟନାୟକ, ବସନ୍ତ ମଞ୍ଜରୀ ପରମ୍‌ଗୁରୁ, ରବୀନ୍ଦ୍ର ପରିଡ଼ା, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ପ୍ରଫୁଲ୍ଲ ମହାପାତ୍ର, ବୈକୁଣ୍ଠ ମହାରଣା, ଲକ୍ଷ୍ମଣ ସେଠୀ, ଗଗନ ନାୟକ, ହରିବନ୍ଧୁ ସାହୁ ପ୍ରମୁଖ ସ୍ୱର୍ଗତ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ପ୍ରଫୁଲ୍ଲ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦେବଦଳନ, ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼

ପୁରୀ, ୧୨।୭(ଅଜିତ୍ କୁମାର ମହାନ୍ତି)

**ନୀତି ବିଳମ୍ବ ପାଇଁ ନନ୍ଦିଘୋଷର ଦକ୍ଷିଣ ମୋଡ଼ ହୋଇପାରିଲାନି, ଆଜି ହେବ**



ବାହୁଡ଼ା ଯାତ୍ରା ପାଇଁ ଶୁକ୍ରବାର ଦୁଇରଥକୁ ଦକ୍ଷିଣମୋଡ଼ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ପ୍ରଦାନ କରାଯିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ରଥ ତ୍ରୟର ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରଥଗୁଡ଼ିକୁ ଟଣାଯାଇ ନାକଚଣା ଦ୍ୱାର ନିକଟକୁ ନିଆଯାଇଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚିଥିବାବେଳେ ନୀତି ବିଳମ୍ବ ସାଙ୍ଗକୁ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ହୋଇପାରିନାହିଁ। ଶନିବାର ଏହି ରଥର ଦକ୍ଷିଣ ମୋଡ଼ କରାଯିବ।

ଶୁକ୍ରବାର ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ଫଳରେ ମହାପ୍ରଭୁଙ୍କ ସକାଳ ଧୂପ ଓ ରଥକୁ ଆଜ୍ଞାମାଳ ଆସିବାରେ ବିଳମ୍ବ ଘଟିଥିଲା। ଏଥିଯୋଗୁ ରଥ ଟଣା ମଧ୍ୟ ବିଳମ୍ବ ହୋଇଥିଲା। ତେଣୁ ୩ଟି ଯାକ ରଥର ଦକ୍ଷିଣ ମୋଡ଼ କରାଯାଇପାରି ନ ଥିଲା। ଶୁକ୍ରବାର ଅପରାହ୍ନ ୨ଟାରେ ସକାଳ ଧୂପ ଶେଷ ପରେ ରଥକୁ ଆଜ୍ଞାମାଳ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୩ଟା ୧୫ରେ ଆଜ୍ଞାମାଳ ରଥକୁ ବିଜେ କରିଥିଲା। ଘଣ୍ଟ, ଓଳାର, କାହାଳୀ ସହ ତିନିଜଣ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ପଟୁଆରରେ ଆଣିଥିଲେ। ପରମ୍ପରା ଅନୁସାରେ ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଏହାପରେ ତାଳଧ୍ୱଜ ରଥ ଉପରକୁ ଘଣ୍ଟ, ଓଳାର (ଛତି), କାହାଳୀ, ବୈଜୟନ୍ତୀ ସହ ବିଶ୍ୱକର୍ମା ମହାରଣା ଚଢିଥିଲେ। ରଥ ଦକ୍ଷିଣ ମୋଡ ପାଇଁ ବିଜେ କାହାଳୀ, ଘଣ୍ଟ ବାଜିଥିଲା। ଭୋଇସେବକମାନେ ସୁଭଦ୍ରାଙ୍କ ରଥରେ ବ୍ରେକ୍ ଓ ଦଉଡି ସଂଯୋଗ କରିଥିଲେ। ପରେ ଘୋଷ ଘଣ୍ଟୁଆଙ୍କ ଘଣ୍ଟ ନାଦରେ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ସୁରକ୍ଷା କର୍ମୀମାନେ ରଥକୁ ଦକ୍ଷିଣମୋଡ଼ କରିଥିଲେ। ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ କରାଯାଇଥିଲା। ଅନେକ ଭକ୍ତ ରଥ ଟାଣିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା।

# ଦବିଗଲାଣି ପେଭର ବ୍ଲକ, ରାସ୍ତାରେ ଖାଲ


ଗୋରାକବର ରିଂରୋଡ ଫୁଟ୍‌ପାଥରେ ପେଭର ବ୍ଲକ ଦବିଯାଇଛି।


କଲେଜ ଛକ-ଷ୍ଟେଶନ ରୋଡ୍ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

କଟକ,୧୨।୭ (କାର୍ତ୍ତିକ ସାହୁ)

କଟକ ସହରର ଗଳିକନ୍ଦିରେ ଏବେ ବିଛାଚାଲିଛି ପେଭର ବ୍ଲକ। ଏହି ପେଭର ବ୍ଲକ୍‌ର ସୁନ୍ଦରିଆ ରାସ୍ତା ରଙ୍ଗବେରଙ୍ଗରେ ଚକ୍‌ମକ୍ କରୁଛି। ହେଲେ ଦିନ କେଇଟା ଯାଉନାହିଁ ପେଭର ବ୍ଲକ ଭାଙ୍ଗି ନଷ୍ଟ ହୋଇଯାଇଛି। କେଉଁଠି ସେଗୁଡ଼ିକ ଦବି ଯାଇ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଛି। ନିମ୍ନମାନର ପେଭର ବ୍ଲକ ଏବଂ ନିର୍ମାଣ ଯୋଗୁ ଏଭଳି ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି।

ଲିଙ୍କ୍‌ରୋଡ୍-ବାଦାମବାଡି ରାସ୍ତାର ଉଭୟ ପାର୍ଶ୍ୱରେ ଫୁଟ୍‌ପାଥ୍ ନିର୍ମାଣ ପାଇଁ ପେଭର ବ୍ଲକ୍ ଖଞ୍ଜାଯାଉଛି। ଏହା ପୂର୍ବରୁ ରିଂବନ୍ଧର ଫୁଟ୍‌ପାଥ୍‌କୁ ମଧ୍ୟ ପେଭର ବ୍ଲକ୍ ଦ୍ୱାରା ନିର୍ମାଣ କରାଯାଇଛି। ସିମେଣ୍ଟ କଂକ୍ରିଟ୍‌ରେ ନିର୍ମିତ ଏହି ପେଭର ବ୍ଲକ ସାହାଯ୍ୟରେ କମ୍ ସମୟରେ ରାସ୍ତା ତିଆରି ହୋଇପାରୁଛି। ସହରର ଅଧିକାଂଶ ଅଞ୍ଚଳରେ ପେଭର ବ୍ଲକ୍ ବିଛାଯାଇ ନୂଆରାସ୍ତା ସହରବାସୀଙ୍କୁ ଭେଟି ଦିଆଯାଉଛି। ହେଲେ ସେଗୁଡ଼ିକର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ମହାନଦୀ ରିଂବନ୍ଧ ରାସ୍ତା, ଗୋରାକବର ରିଂରୋଡ ଫୁଟ୍‌ପାଥ, ଗୌରୀଶଙ୍କର ପାର୍କ ଅଞ୍ଚଳ ରାସ୍ତାପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ ଦବି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି। ଯାହାକି ପଥଚାରୀଙ୍କ ପାଇଁ

### ଯାତାୟାତରେ ସମସ୍ୟା, ଘଟୁଛି ଦୁର୍ଘଟଣା

ବିପଦକୁ ଆମନ୍ତ୍ରଣ କରୁଛି। ଏହିଭଳି ଭାବେ ସହରର ଅନ୍ୟ ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ପେଭର ବ୍ଲକଗୁଡ଼ିକ ନଷ୍ଟ ହୋଇଗଲେ ମଧ୍ୟ ମରାମତି ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହାଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅପରପକ୍ଷରେ ସହରର ପ୍ରମୁଖ ଅଞ୍ଚଳରେ ପିଚୁରାସ୍ତା ମରାମତି କରାଯାଉନାହିଁ। ଫଳରେ ଖାଲଖମା ସୃଷ୍ଟି ହୋଇଛି। ସହରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ କଲେଜ ଛକଠାରୁ ଷ୍ଟେଶନ ବଜାର ରାସ୍ତାର ଦୁରବସ୍ଥା ଦେଖିଲେ ବାସ୍ତବ ସ୍ଥିତି ଅନୁମାନ କରିହେବ। ଷ୍ଟେଶନ ବଜାର ରାସ୍ତାରେ ପିଚୁ ଉଠିଯାଇ ଗୋଡ଼ିସବୁ ବିଛୁଡ଼ି ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ମାରିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ, ବ୍ୟବସାୟୀ, ଛାତ୍ରୀଛାତ୍ର ତଥା ରେଳଯାତ୍ରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଖାଲି ସେତିକି ନୁହେଁ ଏଠାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ରହିଛି। ଏହାବାଦ୍ ଦିନରାତି କଟକ ରେଳଷ୍ଟେଶନକୁ ଯାତ୍ରୀଙ୍କ ଗମନାଗମନ ଲାଗିରହିଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ରାସ୍ତାର ଅବସ୍ଥା ଏପରି ହେଲେ ଅନ୍ୟ ଅଞ୍ଚଳ ରାସ୍ତା କଥା ନ କହିବା ଭଲ। ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ନଷ୍ଟ ହୋଇଯାଇଥିବା ପେଭର ବ୍ଲକଗୁଡ଼ିକ ତୁରନ୍ତ ମରାମତି କରାଯିବ। ଏଥିସହ ଆଗାମୀ ଦିନରେ ପେଭର ବ୍ଲକଗୁଡ଼ିକ ଉନ୍ନତମାନର କରାଯିବା ଦିଗରେ ଦୃଷ୍ଟି ଦିଆଯିବ। ସେହିପରି ନଷ୍ଟ ହୋଇଥିବା ରାସ୍ତାଗୁଡ଼ିକର ମରାମତି ଖୁବ୍‌ଶୀଘ୍ର କରାଯିବାକୁ ପଦକ୍ଷେପ ନିଆଯାଉଛି।

## ସିଏମ୍‌ସି ଦେବ ଜମି, ଚାରା: ଲଗାଇବ ଏନ୍‌ଜିଓ

କଟକ,୧୨।୭ (କାର୍ତ୍ତିକ ସାହୁ)

ସହରର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି। ଗ୍ରୀଷ୍ମ ପ୍ରକୋପରେ ସହରବାସୀ ଅଣନିଃଶ୍ୱାସୀ ହେଉଛନ୍ତି। ଏହି ତାପମାତ୍ରା ବୃଦ୍ଧିର ମୁକାବିଲା ପାଇଁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ବଡ଼ ପଦକ୍ଷେପ ହାତକୁ ନିଆଯାଇଛି। ସିଏମ୍‌ସି ଅଧୀନ ୫୯ଟି ୱାର୍ଡରେ ଚଳିତବର୍ଷ ପ୍ରାୟ ୫ଲକ୍ଷ ଚାରା ଲଗାଇବାର ଯୋଜନା ହୋଇଛି। ଏହି ଯୋଜନାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ବିଭିନ୍ନ ଏନ୍‌ଜିଓକୁ ସାମିଲ କରାଯାଇଛି। ସିଏମ୍‌ସି ଜମି ଓ ଚାରା ଯୋଗାଇ ଦେବ। ଏନ୍‌ଜିଓଗୁଡିକ ଏହି ଚାରାଗୁଡ଼ିକ ଚିହ୍ନଟ ଜମିରେ ଲଗାଇ ରକ୍ଷଣାବେକ୍ଷଣ କରିବେ।

ସିଏମ୍‌ସିର ଚୌଧୁରୀବଜାରସ୍ଥିତ ବିଜୁଭବନ ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ, କମିଶନର ବିଜୟ କୁମାର ଦାସ ଚାରାରୋପଣ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ସହର ତାପମାତ୍ରା ନିୟନ୍ତ୍ରଣ ପାଇଁ ଚାରାରୋପଣ ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଦାବି କରି ଆସୁଥିଲେ। ଏବେ ଏନ୍‌ଜିଓଗୁଡ଼ିକ ଦ୍ୱାରା ସହରର ବିଭିନ୍ନ ଖାଲି ସ୍ଥାନରେ ଚାରା ଲଗାଯିବ। ସେଗୁଡ଼ିକର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ତୁଲାଇବ। ବିଗତଦିନରେ ବହୁଚାରା ରୋପଣ ହୋଇଥିଲେ ବି ରକ୍ଷଣାବେକ୍ଷଣ ଅଭାବରୁ ସେତେଟା ଫଳପ୍ରଦ ହୋଇପାରିନାହିଁ। ମାତ୍ର ଚଳିତବର୍ଷଠାରୁ ଲଗାଯାଇଥିବା ଚାରାଗୁଡ଼ିକର ରକ୍ଷଣାବେକ୍ଷଣକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯିବ। ଯଦ୍ୱାରା ଆଗାମୀ ଦିନରେ ସହରର ତାପମାତ୍ରା ନିୟନ୍ତ୍ରଣ ଦିଗରେ ସିଏମ୍‌ସିର ଏହି ପଦକ୍ଷେପ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ସାମାଜିକ କର୍ମୀ ପ୍ରକାଶ ଅଗ୍ରୱାଲ, ଆଇନଜୀବୀ ସବ୍ୟସାଚୀ ମହାପାତ୍ର, ଅବିନାଶ କେଡ଼ିଆ, ରବି ଶର୍ମାଙ୍କ ସମେତ ବହୁ ପଦାଧିକାରୀ ଓ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

## 'ବିକଶିତ ଓଡ଼ିଶାର ସମ୍ଭାବନା ଉଜ୍ଜ୍ୱଳ'



ଆଲୋଚନାଚକ୍ରରେ ଏମ୍‌ପି ଭର୍ତ୍ତୃହରି ମହତାବ ବକ୍ତବ୍ୟ ଦେଉଛନ୍ତି।

କଟକ,୧୨।୭ (କାର୍ତ୍ତିକ ସାହୁ)

କଟକ ଖ୍ରୀଷ୍ଟ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ନବଗଠିତ ଓଡ଼ିଶା ସରକାରଙ୍କ ପାଇଁ ଅର୍ଥନୀତିକ ଆହ୍ୱାନ ଶୀର୍ଷକ ବାର୍ଷିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ରାଜ୍ୟର ଅର୍ଥନୀତି ବିଷୟରେ ଆଲୋକପାତ କରିବା ସହ ବିକଶିତ ଓଡ଼ିଶାର ବିଭିନ୍ନ ସମ୍ଭାବନା ଉଜ୍ଜ୍ୱଳ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଖ୍ରୀଷ୍ଟ କଲେଜ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ସୁବାଶିଷ ସାହୁ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ. ଯୋଗଶଙ୍କର ମହାପ୍ରଶସ୍ତ ପ୍ରାରମ୍ଭିକ ସୂଚନା, ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ଅତିଥି ପରିଚୟ ଓ ବିଦ୍ୟାର୍ଥୀ ଦୀପ୍ତି ପତି ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜ ପରିଚାଳନା ସମିତି ସଦସ୍ୟ ବିଧାନ ଚନ୍ଦ୍ର ରାଉତ, ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ଶିକ୍ଷକ ପ୍ରତିନିଧି ସୁମନ ରୟଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ମର୍ଦ୍ଦରାଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ଇନର ହୁଇଲ୍ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

କଟକ,୧୨।୭ (କାର୍ତ୍ତିକ ସାହୁ)

କଟକ ଇନର୍ ହୁଇଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜଧାନୀ କଲେଜର ସୋସିଓଲୋଜି ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଜେନା ଯୋଗଦେଇ କହିଛନ୍ତି, ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର ଆଜିର ପିଲା ଓ ମାତାପିତାଙ୍କ ମଧ୍ୟରେ ଦୂରତା ବଢ଼ିବାର ଏକ ପ୍ରମୁଖ ମାଧ୍ୟମ ହୋଇଛି। କୌଣସି ମାତାପିତା ନିଜ ପିଲାଙ୍କୁ ଅନ୍ୟ ସହିତ ତୁଳନାତ୍ମକ ବିଶ୍ଳେଷଣ କରିବା ଅନୁଚିତ। ମା' ବାପା ପିଲାର ସବୁଠାରୁ ବଡ ବନ୍ଧୁ। ଏପରି କଥା ମନରେ ରଖି ପିଲାଙ୍କ ସହ ମିଶିଲେ ପରସ୍ପର ସହ ସମ୍ପର୍କ ବଢ଼ିବ ଓ ବହୁ ସମସ୍ୟାର ସମାଧାନ ହୋଇପାରିବ। କ୍ଲବ୍‌ର ପୁରାତନ ସଭାପତି ଲୋରାମିତ୍ରା ରଥ ନୂତନ ସଭାପତି ମମତା ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ସମ୍ପାଦିକା ଭାବେ ରୀତିମୁକ୍ତା ପଟ୍ଟନାୟକ, କୋଷାଧ୍ୟକ୍ଷ ସୁନୀତା ଅଗ୍ରୱାଲ, ଆଇଏସ୍‌ଓ ପ୍ରଣୀତା ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ୩ ଜଣ ନୂତନ ସଦସ୍ୟ ଯୋଗଦେଇଥିଲେ। ଏଥିସହ ୨ ଜଣ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ୍ ବୁଲେଟିନ ସ୍ୱାଗତିକାର ଏକ ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା।



କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅନନ୍ତ ନିର୍ଝରର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ


ତ୍ରୈମାସିକ ସାହିତ୍ୟ ପତ୍ରିକା ଅନନ୍ତ ନିର୍ଝରର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୧୨।୭ (କାର୍ତ୍ତିକ ସାହୁ)

ହେରାପଞ୍ଚମୀ ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା ଅନନ୍ତ ନିର୍ଝରର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ମଧୁପାଟଣାସ୍ଥିତ ମାଉସୀ ମା' ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପତ୍ରିକାର ମୁଖ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପ୍ରଫେସର ଡ. ବିଜୟାନନ୍ଦ ସିଂହ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ପରମାନନ୍ଦ ମିଶ୍ର, ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଶିବାଶିଷ କର, ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପାଦକ ଆଦିକନ୍ଦ ରାଉତ, ଉତ୍କଳ ଗ୍ରାମସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, କାଠଯୋଡ଼ି ମହିଳା ସମିତିର କାର୍ଯ୍ୟକାରୀ ସଭାପତି ପ୍ରମିଳା ପତି ପ୍ରମୁଖ୍ୟ ଯୋଗଦେଇ ପତ୍ରିକାର ଲେଖାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲ। ନିରୁପମା ମିଶ୍ର, ଅରୁଣ କୁମାର ବିଶ୍ୱାଳ, ବାବାଜୀ ଚରଣ ଲେଙ୍କା, ମିନତି ସେନାପତି, ରବୀନ୍ଦ୍ର ନାଥ ଦାସ, ଯତୀନ୍ଦ୍ର କୁମାର ମହାନ୍ତି, ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ସରୋଜିନୀ ମିଶ୍ର ବିବରଣୀ ପାଠ ଓ ଡକ୍ଟର କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ।

## ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ

ସାଲେପୁର,୧୨।୭(ଅରବିନ୍ଦ ଭୂୟାଁ)

ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ସାଲେପୁର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସରକାରୀ ଯୋଜନାର ସୁପରିଚାଳନା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ଅପରାହ୍ନରେ ରାୟ ଭାଜପା ସମର୍ଥକଙ୍କ ସହ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ୍‌ରେ ବାକି ଥିବା ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଚଇନି, ଲୋଲୁପ କୁମାର ବିଶ୍ୱାଳ, ସତ୍ୟଶିବସୁନ୍ଦର କର, ସଲିଳ ରଞ୍ଜନ ନାୟକ, ମନୋଜ ସାହୁ, କରୁଣାକର ମହାପାତ୍ର, ବିକ୍ରମ କେଶରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏଚ୍‌ଜି ଡ୍ରେସ୍ କୋଡ୍ ରଙ୍ଗକୁ ନେଇ ଦ୍ୱନ୍ଦ୍ୱ

କଟକ ସଦର, ୧୨।୭(ସୁଶାନ୍ତ କୁମାର ଜେନା)

ବିଜେଡି ସରକାର ଅମଳରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇ ମୁଣ୍ଡ ପିଛା ୧ ହଜାର ଟଙ୍କା ଦିଆଯାଇଥିଲା। ବର୍ତ୍ତମାନ ସରକାର ବଦଳିବା ପରେ କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂଆ ସରକାରଙ୍କ କେତେଜଣ କର୍ମୀ ଗେରୁଆ ରଙ୍ଗ ଥିବା ଶାଢ଼ି କିଣିବା ପାଇଁ ପ୍ରବର୍ତ୍ତାଇବା ଲକ୍ଷ୍ୟ କରାଯାଉଛି। ଅନେକ ଗୋଷ୍ଠୀର ସଭ୍ୟା ସବୁଜ ରଙ୍ଗର ଶଙ୍ଖଚିହ୍ନ ଥିବା ଶାଢ଼ୀ କିଣି ସାରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ୭୦୦ ଟଙ୍କା ନେଇ ଏହି ଶାଢି ଯୋଗାଇଛନ୍ତି। ଅବଶ୍ୟ ଏହି କିଣାବିକା ନିର୍ବାଚନ ପୂର୍ବରୁ ହୋଇଥିଲା। ଗୋଷ୍ଠୀର ମାସିକିଆ ସଭା କିମ୍ବା ସରକାରୀ କାର୍ଯ୍ୟକ୍ରମ ହେଲେ ଏହି ଡ୍ରେସ୍‌କୋଡ୍ ଲାଗୁ ହେବ ବୋଲି କୁହାଯାଇଥିଲା। ମାତ୍ର ସରକାର ବଦଳିବା ପରେ ସମ୍ପୃକ୍ତ ଗୋଷ୍ଠୀର ସଭ୍ୟାମାନେ ଆଉ ସେହି ଶାଢ଼ି ପିନ୍ଧିବା ପାଇଁ ମନ ବଳାଉନାହାନ୍ତି। କାରଣ ବିରୋଧୀ ଦଳର ସମର୍ଥକ ବୋଲି ଚିହ୍ନା ପଡ଼ିଯିବେ। ଶାଢ଼ି କିଣି ନ ଥିବା ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଗେରୁଆ ରଙ୍ଗକୁ ପସନ୍ଦ କରୁନାହାନ୍ତି। ଏହାକୁ ନେଇ ଉକ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏନେଇ ବ୍ଲକ ମିଶନ ଶକ୍ତି ସଂଯୋଜିକା ନିବେଦିତା ବିଶ୍ୱାଳ କହିଛନ୍ତି, ଯେକୌଣସି ଗୋଷ୍ଠୀ ନିଜର ସଭ୍ୟାମାନଙ୍କ ପାଇଁ ଶାଢ଼ି କିଣିବାବେଳେ ରଙ୍ଗ ଓ ଡିଜାଇନ ପସନ୍ଦ କରିବାର ସ୍ୱାଧୀନତା ରହିଛି। ସରକାର କେବଳ ଟଙ୍କା ଦେଇ ଏକା ରଙ୍ଗର ଶାଢ଼ି କିଣିବା ପାଇଁ କହିଛନ୍ତି।

## ମୂଲ୍ୟଯୁକ୍ତ ଅଭିବୃଦ୍ଧି ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ

କଟକ,୧୨।୭(କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ୍ ଅଫ୍ କଟକ ମିଲେନିୟମ ପକ୍ଷରୁ ଲିଙ୍କ୍‌ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବିଶ୍ୱ ଜନସଂଖ୍ୟା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବବ୍ରତ ଦାସ ଯୋଗଦେଇ ଜନସଂଖ୍ୟା ଦିବସର ତାତ୍ପର୍ଯ୍ୟ ଏବଂ ଜନସଂଖ୍ୟା ସମ୍ବନ୍ଧିତ ବିବିଧ ବିଷୟର ପରିସଂଖ୍ୟାନଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଦେଶର ମୂଲ୍ୟଯୁକ୍ତ ଅଭିବୃଦ୍ଧି ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କ୍ଲବ୍ ସଭାପତି ଦୀପକ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଗଣେଶ ପ୍ରସାଦ ସାହୁ ଅନୁଷ୍ଠାନର ଆଗାମୀ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ଚନ୍ଦ୍ରପ୍ରଭା ମହାନ୍ତି, ପ୍ରଦୀପ କୁମାର ମହାନ୍ତି, ଡ. ନାରାୟଣ ମହାନ୍ତି, ଡ. ଜଗନ୍ନାଥ ଦାସ, ଡ. ଶରତ ଚନ୍ଦ୍ର ଦାସ, ସଞ୍ଜୀବ କୁମାର ବୈଶାଖ, ପୂର୍ବତନ ସମ୍ପାଦକ ସୁଧୀର ରଥ, ଜ୍ଞାନେନ୍ଦ୍ର ବିଶ୍ୱାଳ, ପୂର୍ବତନ କୋଷାଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ, ପ୍ରତ୍ୟୁଷ ମହାରଣାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଦାବି ପୂରଣ ନ ହେଲେ କାରଖାନା ସମ୍ପୂର୍ଣ୍ଣ ବନ୍ଦ ହେବ

ଖୁଣ୍ଟୁଣୀ,୧୨।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀଠାରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଆନ୍ଦୋଳନ ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ବି.କେ. ଷ୍ଟିଲ କାରଖାନାରେ ପୁନଃ ନିଯୁକ୍ତି, ୨୦୧୨ରେ କାର୍ଯ୍ୟରତ ସମସ୍ତ ଶ୍ରମିକ/କର୍ମଚାରୀଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ଏହି ୪ ଦିନ ମଧ୍ୟରେ କଟକର ଅତିରିକ୍ତ ଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ଦେବଦତ୍ତ ବରାଳ ଆସି ଆନ୍ଦୋଳନରତ କର୍ମଚାରୀ ଓ କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ହେଲେ କାରଖାନା କର୍ତ୍ତୃପକ୍ଷ ତାଙ୍କ ଜିଦ୍‌ରେ ଅଟଳ ରହିଥିବାରୁ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଶୁକ୍ରବାର ସନ୍ଧ୍ୟାରେ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୩ ଡିସେମ୍ବର ୧୫ରେ କଟକ ଜିଲା ଶ୍ରମବିଭାଗ ଅଧିକାରୀଙ୍କ ସହିତ କାରଖାନା କର୍ତ୍ତୃପକ୍ଷ ଓ ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା ଆଲୋଚନା କରି ଅଦାଲତଙ୍କ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲା ଶ୍ରମ ବିଭାଗ ନିର୍ଦ୍ଦେଶ ଦେଇଥିଲା। ସେଠାରେ

### ୪ର୍ଥ ଦିନରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଆନ୍ଦୋଳନ

କାରଖାନା କର୍ତ୍ତୃପକ୍ଷ ୧୫ ଦିନ ମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତିରୁ ଓହରି ଯାଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କାରଖାନା କର୍ତ୍ତୃପକ୍ଷ ଅନ୍ୟ ଏକ ସଂଘର କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଚାଲିଛନ୍ତି ବୋଲି କର୍ମଚାରୀ ସଂଘ ଉପସଭାପତି ଚଣ୍ଡୀପ୍ରସାଦ ଶତପଥୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। କାରଖାନା କର୍ତ୍ତୃପକ୍ଷ ଜାଣିଶୁଣି ଆମ୍ଭ ସଂଘର କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ବିଶୃଙ୍ଖଳା ସୃଷ୍ଟି ପାଇଁ ଉସ୍‌କାଉଥିବା ସମ୍ପାଦକ ପ୍ରକାଶ ରାଉତ କହିଛନ୍ତି। ଯଦି ଆସନ୍ତା ରବିବାର ମଧ୍ୟରେ ଆମ ଦାବି ପୂରଣ ନ ହୁଏ ତେବେ କାରଖାନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବୁ। ଏଥିପାଇଁ କାରଖାନା କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଶୁକ୍ରବାର ଆଲୋଚନାରେ ନିଷ୍ପତ୍ତି ନିଆଯାଇଥିବା ଶତପଥୀ କହିଛନ୍ତି।

## ବହୁଗୁଣିତ ହେବ ମତ୍ସ୍ୟଚାଷୀଙ୍କ ରୋଜଗାର

କଟକ,୧୨।୭ (କାର୍ତ୍ତିକ ସାହୁ)

ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ଗୋଷ୍ଠୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଅତୁଳନୀୟ ଅବଦାନ ରହିଛି। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ରୋଜଗାରକୁ ବହୁଗୁଣିତ କରିବା ନିମନ୍ତେ ସରକାର ନିରନ୍ତର ପ୍ରୟାସରତ। ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ସହ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏବେ ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହୋଇଛି ବୋଲି ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ମୁରଲୀଧର ଜେନା କହିଛନ୍ତି।

କଟକ ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ଯୋବ୍ରାସ୍ଥିତ ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଜାତୀୟ ମତ୍ସ୍ୟଚାଷୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ଜେନା କହିଛନ୍ତି, ଆଜିର ଐତିହାସିକ ଦିନରେ ଓଡ଼ିଶା ମାଟିରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଉଲ୍ଲେଖନୀୟ ସଫଳତା ମିଳିଥିଲା। ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ। ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ


କାର୍ଯ୍ୟକ୍ରମରେ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ମୁରଲୀଧର ଜେନା ଉଦ୍‌ବୋଧନ ଦେଉଛନ୍ତି।

### ଜାତୀୟ ମତ୍ସ୍ୟ ଚାଷୀ ଦିବସ

ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେରଖିବା ପାଇଁ ଜୁଲାଇ ୧୦ ତାରିଖକୁ ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଭାବେ ପାଳନ କରାଯାଇଆସୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସଂକ୍ରାନ୍ତରେ ଆଲୋକପାତ କରାଯାଇଥିଲା। ମତ୍ସ୍ୟ ସମ୍ପଦର ବିକାଶ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ଓ ବ୍ୟାପକ ଆତ୍ମନିଯୁକ୍ତି ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ତାମିଲନାଡୁର ମଦୁରାଇଠାରେ ଆୟୋଜିତ ଫିସେରିଜ୍ ସମର ମିଟ୍-୨୦୨୪ କାର୍ଯ୍ୟକ୍ରମର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ମତ୍ସ୍ୟ ଚାଷୀମାନେ ଭାଗନେଇ ମତ ବିନିମୟ କରିଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ଧନ୍ୟବାଦ ଦେଇଥିଲେ। କଟକ ଜିଲାର ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।




୧୨।୭।୨୦୨୪

| ୧,୮୦, ୭୨୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ଚାଲାଣ ପୂର୍ବରୁ ୨୮ ଗୋରୁ ଉଦ୍ଧାର

ଅସ୍ତରଙ୍ଗ,୧୨।୭(ମମତା ଜେନା)

କାକଟପୁର ଥାନା ଅଧୀନ ବାଙ୍କେଶ୍ୱରଠାରେ ବେଆଇନ ଭାବେ ଗୋଚାଲାଣ ହେଉଥିବାବେଳେ ଖବରପାଇ କାକଟପୁର ଥାନା ଆଇଆଇସି ବିଜୟକେତନ ବେହେରାଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ଥାନରେ ଚଢ଼ାଉ କରି ୨୮ ଗୋରୁଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସମ୍ପୃକ୍ତ ଚାଲାଣକାରୀ ପୋଲିସକୁ ଦେଖି ଗୋରୁଙ୍କୁ ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ। ଉଦ୍ଧାର ଗୋରୁଙ୍କୁ ପୋଲିସ ଟିମ୍‌ର ତତ୍ତ୍ୱାବଧାନରେ ପୁରୀ ବାଲିଘାଇସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଏ ସଂକ୍ରାନ୍ତରେ ଥାନା କେସ୍ ନଂ.୧୪୬/୨୪ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ତଦନ୍ତକାରୀ ଅଧିକାରୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି। ଏଠାରେ ସୂଚନାଥାଉ କି, ବିଗତ ଦିନରେ ଗୋସୁରକ୍ଷାକୁ ନେଇ ଗଠିତ ଶାନ୍ତି କମିଟି ସଦସ୍ୟ ମିହିର ରଞ୍ଜନ ଦୀକ୍ଷିତ, ଶେଖ୍ ସେହେଜାଦ, ଶେଖ୍ ମୁସ୍ତାକ, ଶେଖ୍ ସର୍ଫରାଜ, ପ୍ୟାର ମୋହବାଦ, ସୁକାନ୍ତ ନାୟକ, ଶ୍ରୀଧର ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟ ଏହି ଚଢ଼ାଉ ସମୟରେ ସହଯୋଗ କରିଥିବାରୁ ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଏସ୍‌ଆଇ ମନୋରଞ୍ଜନ ପରିଡ଼ାଙ୍କ ସମେତ ଏକ ପୋଲିସ ଟିମ୍ ଚଢ଼ାଉରେ ସାମିଲ ଥିଲେ।

## ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଯୋଗେଶ୍ୱରପୁର,୧୨।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଜଙ୍ଗଲବୋରି ପଞ୍ଚାୟତର କାକଟପୁର ବିଦ୍ୟୁତ୍ ବିଭାଗ ୨ ଅଧୀନରେ ଥିବା ବଡ଼ ପାତ୍ରସାହି ନୟାହାଟ ଅସ୍ତରଙ୍ଗ ରାସ୍ତାକଡ଼ରେ ଦୀର୍ଘବର୍ଷ ହେଲା ଏକ ଟ୍ରାନ୍ସଫର୍ମର ମୁକୁଳା ପଡ଼ିରହିଛି। ଟ୍ରାନ୍ସଫର୍ମର ଚାରିପାଖେ ତାରଜାଲି ନ ଥିବାରୁ ମଣିଷ ଓ ଗୋରୁ ପାଇଁ ବିପଦ ସୃଷ୍ଟି କରିଛି। ଟ୍ରାନ୍ସଫର୍ମର ଉପରେ ଅନାବନା ଲତା ମାଡ଼ିଯାଇଛି। ଗୋରୁମାନେ ଲତାପତ୍ର ଖାଇବାକୁ ଆସୁଥିବାରୁ ତାଙ୍କ ପ୍ରତି ଏହା ବିପଦ ଥିବାବେଳେ ଅନେକ ମୃତ୍ୟୁମୁଖରେ ପଡୁଛନ୍ତି। ଟ୍ରାନ୍ସଫର୍ମରକୁ ତାରିଜାଲି ସାହାଯ୍ୟରେ ଆବଦ୍ଧ କରିବାକୁ ଗ୍ରାମର ପବନ ପାତ୍ରଙ୍କ ସମେତ ଅନେକ ଲୋକ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସଙ୍କେତ ବେଉରାଙ୍କୁ ପଚାରିବାରେ, ଆର୍ଥିକ ଅନୁଦାନ ଆସିଲେ କାମ ହେବ ବୋଲି କହିଛନ୍ତି।

# ନୀତି ବିଳମ୍ବ:ଭକ୍ତଙ୍କୁ ମିଳିଲାନି ଆଡ଼ପ ଅବଢ଼ା

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)

## ୧୦ ଲକ୍ଷ ଟଙ୍କା କ୍ଷତି ସହିଲା ସୁଆର ମହାସୁଆର ନିଯୋଗ



ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଭାଇଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରାରେ ଶ୍ରୀମନ୍ଦିର ଛାଡ଼ି ଏବେ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଭକ୍ତଙ୍କ ଗହଳି ହେଉଛି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସହ ଆଡ଼ପ ଅବଢା ସେବନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ସେହିପରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଲୋକେ ବ୍ରାହ୍ମଣ ଭୋଜନ ଓ ମହାପ୍ରସାଦ ଦାନ କରାଇଥାନ୍ତି। ରଥଯାତ୍ରା ସମୟରେ ଅନେକ ମାଙ୍ଗଳିକ କର୍ମ ଅନୁଷ୍ଠିତ ହୋଇଥାଏ। ତେଣୁ ଅଧିକାଂଶ ବ୍ୟକ୍ତି ମହାପ୍ରସାଦ ଉପରେ ନିର୍ଭର କରିଥାନ୍ତି। ମହାପ୍ରଭୁଙ୍କ ଆଡ଼ପ ଅବଢ଼ା ପାଇବା ପାଇଁ ଭକ୍ତଙ୍କ ମନରେ ପ୍ରବଳ ଆଗ୍ରହ ରହିଥାଏ। ତେବେ ଗତ ଦୁଇଦିନ ହେବ ନୀତି ବିଳମ୍ବ କାରଣରୁ ଅନେକ ଭକ୍ତ ଆଡ଼ପ ଅବଢା ପାଇପାରୁନାହାନ୍ତି। ନୀତି ବିଳମ୍ବ କାରଣରୁ ଭୋଗ ଉଠିବାରେ ବିଳମ୍ବ ହେଉଛି। ଫଳରେ ବରାଦି ଅବଢା ଲୋକେ ନ ପାଇ ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ସୁଆର ମହାସୁଆର କ୍ଷତି ସହୁଥିବା ଅଭିଯୋଗ ହେଉଛି। ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ଏବଂ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ମହାପ୍ରସାଦ ବାହାରିବାରେ ବିଳମ୍ବ ଘଟୁଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଗୁରୁବାର ହେରାପଞ୍ଚମୀ ଥିଲା। ତେଣୁ ବରାଦି ମହାପ୍ରସାଦ ରହିଥିଲା। ସକାଳଧୂପ ପରେ ପ୍ରଥମ ଭୋଗ ମଣ୍ଡପ ଅନୁଷ୍ଠିତ ହୋଇଥିଲା। ମାତ୍ର ତା' ପରେ ନୀତିରେ ବିଳମ୍ବ ଘଟିଥିଲା। ଫଳରେ ରାତି ୧୦ଟା ୩୦ ପାଖାପାଖି ସମୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରିଥିଲା। ବିଳମ୍ବିତ ରାତିରେ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବାରୁ ବରାଦି ନେଇଥିବା ସୁଆର ମହାସୁଆରମାନଙ୍କୁ ୮ରୁ ୧୦ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ଅଧିକ ରାତି ହେବାରୁ ମହାପ୍ରସାଦ ପାଇଁ ବରାଦ ଦେଇଥିବା ଲୋକେ ବରାଦ ଭୋଗ ନେଇ ନ ଥିଲେ। ସେହିପରି ପ୍ରାୟ ୫୦ ହଜାର ଭକ୍ତ ମହାପ୍ରସାଦ ନ ପାଇ ଫେରିଗଲେ। ଫଳରେ ସୁଆର ମହାସୁଆର ନିଯୋଗର କ୍ଷତି ହୋଇଛି। ଶୁକ୍ରବାର ମଧ୍ୟ ନୀତି ବିଳମ୍ବ ହୋଇଥିବା ଜଣାପଡ଼ିଛି। ଭୋଗ ମଣ୍ଡପ ସରିବା ପରେ ସିଂହାରୀ ସେବାୟତଙ୍କ ଅନୁପସ୍ଥିତ କାରଣରୁ ନୀତିରେ ଅହେତୁକ ବିଳମ୍ବ ହୋଇଥିବା ନାରାୟଣ ଅଭିଯୋଗ କରିଛନ୍ତି। ଯଦି ଏହିଭଳି ନୀତି ବିଳମ୍ବ ହୁଏ, ତେବେ ଭକ୍ତମାନେ ମହାପ୍ରସାଦ ପାଇବାରୁ ବଞ୍ଚିତ ହେବେ ବୋଲି ନାରାୟଣ କହିଛନ୍ତି। ନୀତି ବିଳମ୍ବ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଠିକ୍ ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁନାହାନ୍ତି। ମୁଖ୍ୟତଃ ସମନ୍ୱୟର ଅଭାବରୁ ଏପରି ସମସ୍ୟା ଅନେକ ସମୟରେ ଉପୁଜୁଛି ବୋଲି ନାରାୟଣ କ୍ଷୋଭର ସହ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୀତିରେ ଶୁକ୍ରବାର ବିଳମ୍ବ ହୋଇଥିବା ଦେଖିବାକୁ ମିଳିଛି। ନୀତି ବିଳମ୍ବର କାରଣ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

# ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତଲେ ସୁଦର୍ଶନ

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିଅନସିପ୍‌ରେ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜୁଲାଇ ୪ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍ ୧୨ ତାରିଖରେ ଶେଷ ହୋଇଛି। ବିଶ୍ୱରୁ ମୋଟ ୨୧ଜଣ ବାଲୁକା ଶିଳ୍ପୀ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୋଗଦେଇଥିଲାବେଳେ ଭାରତରୁ ସୁଦର୍ଶନ ଏକମାତ୍ର ପ୍ରତିଯୋଗୀ ଥିଲେ। ସେ ସେଠାରେ ମହାପ୍ରଭୁ ଜଗନ୍ନାଥ ଓ ତାଙ୍କ ଭକ୍ତ ତଥା କବି ବଳରାମ ଦାସଙ୍କ ଉପରେ ଏକ ବାଲୁକା କଳା ପ୍ରସ୍ତୁତ କରିଥିଲେ, ଯାହା ବିଚାରକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

ତେବେ ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍‌ରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା ସ୍ୱର୍ଣ୍ଣ ପଦକ ଜିତିଥିବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତିଭା ତାଙ୍କୁ ବ୍ୟକ୍ତିଗତ ଭାବେ ପ୍ରତିଷ୍ଠା ଦେଇଥିବା ବେଳେ ସାରା ଓଡ଼ିଶାକୁ ଗର୍ବିତ କରିଛି। ସେ ଓଡ଼ିଶା ସମେତ ସାରା ଦେଶର ଗର୍ବ ଓ ଗୌରବ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ସେ ବାଲୁକା କଳାରେ ନିଜର ପରାକାଷ୍ଠା ଦେଖାଇ ଚାଲିଛନ୍ତି। ଆଗାମୀ ଦିନରେ ସେ ଆହୁରି ପ୍ରତିଷ୍ଠା ହାସଲ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।




ନିଜ ବାଲୁକା କଳା ନିକଟରେ ପଦକ ସହ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

# ବିକାଶମୂଳକ ପ୍ରକଳ୍ପର ସମୀକ୍ଷାକଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୧୨।୭ (ବନ୍ଦନା ସେଠୀ)

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ମୟୂରଭଞ୍ଜ ଜିଲାର ମୋରୋଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାସଗୋବିନ୍ଦପୁର ଗସ୍ତରେ ଯାଇ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ତଦାରଖ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ରାସଗୋବିନ୍ଦପୁର ବ୍ଲକରେ ବିଭିନ୍ନ କାର୍ଯ୍ୟ ଓ ପଦକ୍ଷେପର ବିସ୍ତୃତ ସମୀକ୍ଷା କରିଥିଲେ। ଚାଲୁଥିବା କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ସ୍ଥାନୀୟ ସମ୍ପ୍ରଦାୟର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ।



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି।

## ୨ ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ/ ବଳଙ୍ଗା ୧୨।୭(ପ୍ରଦୀପ୍ତ କୁମାର ଦୀକ୍ଷିତ/ କେଦାରେଶ୍ୱର ନନ୍ଦ)

ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଜପାମାଳି ବେହେରା (୪୪)। ଏନେଇ ପୋଲିସ ୧୬୯/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଜପାମାଳି ପୂର୍ବରୁ ମହିଳାଙ୍କ ଘରକୁ ବିଭିନ୍ନ ସମୟରେ ଯାଉଥିବାବେଳେ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେହିପରି ବଳଙ୍ଗା ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଓ ୨୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଜଣେ ମହିଳା ଗୁରୁବାର ରାତିରେ ଖାଇସାରି ସ୍ୱାମୀ ଓ ପୁଅ ସହ ଶୋଇଥିଲେ। ବିଳମ୍ବିତ ରାତିରେ ମହିଳାଙ୍କ ସ୍ୱାମୀ ପରିସ୍ରା କରିବାକୁ ବାହାରକୁ ଯାଇଥିଲେ। ଏହାର ସୁଯୋଗରେ ରେସିଙ୍ଗା ଗ୍ରାମର ଜଣେ ଯୁବକ ତାଙ୍କ ଘରେ ପଶି ଟ୍ରଙ୍କରୁ ଟଙ୍କା ଚୋରି କରୁଥିବାବେଳେ ମହିଳାଙ୍କ ନିଦ ଭାଙ୍ଗିଯାଇଥିଲା। ଏହି ସମୟରେ ଯୁବକ ଜଣଙ୍କ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଉକ୍ତ ଯୁବକଙ୍କୁ ଠେଲି ଦେଇ ପାଟି କରିବାରୁ ସେ ସେଠାରୁ ପଳାଇ ଯାଇଥିଲେ। ପରେ ମହିଳା ତାଙ୍କ ସ୍ୱାମୀଙ୍କୁ ସବୁକଥା କହିବାରେ ସେମାନେ ଟ୍ରଙ୍କରେ ୨୦ ହଜାର ଟଙ୍କା ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରମେଶ



@ ସପନ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଏଲିଜାବେଥ୍ ଫୌରେ

ଭୁବନେଶ୍ୱର,୧୨।୭(ଅନୁରାଧା ମହାରଣା)

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି)ର ଭାରତ ପ୍ରତିନିଧି ତଥା କଣ୍ଟ୍ରି ଡାଇରେକ୍ଟର ଏଲିଜାବେଥ୍ ଫୌରେ ଏବଂ ଓଡ଼ିଶା ମୁଖ୍ୟ ହିମାଂଶୁ ବଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶୁକ୍ରବାର ଫୌରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଓଡ଼ିଶାରେ ଡବ୍ଲ୍ୟୁଏଫ୍‌ପିର ଯାତ୍ରା, ସ୍ଥାୟୀ ଖାଦ୍ୟ ନିରାପତ୍ତା ଏବଂ ପୋଷଣ ହାସଲ ଦିଗରେ ଓଡ଼ିଶା ସହିତ ଦୀର୍ଘଦିନର ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଓଡ଼ିଶାରେ ଡବ୍ଲ୍ୟୁଏଫ୍‌ପି ଖାଦ୍ୟ ଉପଲବ୍ଧତା, ମହିଳା ଓ ଶିଶୁମାନଙ୍କୁ ଉନ୍ନତ ପୋଷଣ, ନିରନ୍ତର ବିକାଶ, ମହିଳା ସଶକ୍ତୀକରଣ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟ କରୁଛି। ଗ୍ରୀନ୍ ଏଟିଏମ୍, ମୋବାଇଲ ଷ୍ଟୋରେଜ୍ ୟୁନିଟ୍ ଏବଂ ସୌର ଶକ୍ତିଚାଳିତ ଶୀତଳ ଭଣ୍ଡାର ସ୍ଥାପନ ହେଉଛି ଡବ୍ଲ୍ୟୁଏଫ୍‌ପିର ଅଭିନବ ପ୍ରୟାସ। ସେହିଭଳି ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାର ଏକ ମଡେଲ୍ ପ୍ରସ୍ତୁତ କରିବା ସହ ଅମଳ ପରବର୍ତ୍ତୀ କ୍ଷତିକୁ ହ୍ରାସ କରିବାରେ ବହୁତ ସାହାଯ୍ୟ କରୁଛି । କୃଷି ବିକାଶ କ୍ଷେତ୍ରରେ ଯୋଡି ହୋଇ କୃଷିର ଉନ୍ନତି ସହିତ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଡବ୍ଲ୍ୟୁଏଫ୍‌ପି ନିରନ୍ତର ପ୍ରୟାସ ଜାରି ରଖିଥିବା ଫୌରେ କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ କହିଲେ, ବିଭିନ୍ନ ସେବା ଏବଂ ସରକାରୀ ଯୋଜନାଗୁଡିକର ରୂପାୟନ ଦିଗରେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ବର୍ତ୍ତମାନ ସରକାରଙ୍କର ବଜେଟ ପ୍ରସ୍ତୁତି ଚାଲିଛି। ବିତ୍ତୀୟ ଅନୁଦାନକୁ ନେଇ ସମସ୍ତ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହେବ। ଏହାସହ କୃଷି ବିଭାଗ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିବା ସହ ସରକାରଙ୍କ କଲ୍ୟାଣକାରୀ ଯୋଜନା ଏବଂ ଏହାର ଉପଲବ୍ଧତାକୁ ସହଜ କରିବାରେ ସାହାଯ୍ୟ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଡବ୍ଲ୍ୟୁଏଫ୍‌ପିର ସହାୟତା ଲୋଡିଥିଲେ।



ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି)ର ଭାରତ ପ୍ରତିନିଧି ଏଲିଜାବେଥ୍ ଫୌରେ ଏବଂ ଓଡ଼ିଶା ମୁଖ୍ୟ ହିମାଂଶୁ ବଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ସେବାୟତ ବିବାଦରୁ ବିଳମ୍ବରେ ବନ୍ଧାଗଲା ପତିତପାବନ ବାନା

ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ କିଛି ସମୟ ପାଇଁ ବିବାଦ ଦେଖାଦେଇଥିଲା। ଫଳରେ ଶ୍ରୀମନ୍ଦିର ନୀଳଚକ୍ରରେ ପତିତପାବନ ବାନା ଲାଗିବାରେ ବିଳମ୍ବ ଘଟିଥିଲ। ଚୂନରା ସେବାୟତ, ଦଇତାପତି ଓ ଲେଙ୍କା ସେବକଙ୍କ ମଧ୍ୟରେ ବିବାଦକୁ ନେଇ ଶ୍ରୀମନ୍ଦିର ନୀଳଚକ୍ରରେ ପତିତପାବନ ବାନା ବିଳମ୍ବରେ ଲାଗିଥିଲା। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀମନ୍ଦିର ନୀଳଚକ୍ରରେ ପତିତପାବନ ବାନା ଲାଗିଥାଏ। ଚୂନରା ସେବକମାନେ ଶ୍ରୀମନ୍ଦିର ଉପରକୁ ଚଢି ନୀଳଚକ୍ରରେ ବାନା ବାନ୍ଧିଥାନ୍ତି ଓ ପୂର୍ବ ଦିନରୁ ଲାଗିଥିବା ବାନାକୁ ଓଲାଗି କରିଆଣିଥାନ୍ତି। ଚୂନରା ସେବକମାନେ ବାନା ବାନ୍ଧିବା ନିମନ୍ତେ ପାଉଣା ପାଉଥିବା ବେଳେ ଓଲାଗି ବାନାକୁ ଭକ୍ତଙ୍କୁ ବିକ୍ରି କରି ପ୍ରାପ୍ୟ ପାଇଥାନ୍ତି। ମାତ୍ର ଦଇତାପତିମାନେ ରଥଯାତ୍ରା ସମୟରେ ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ବାନା ବାବଦ ପ୍ରାପ୍ୟ ପାଉଣା ଦାବି କରିଥାନ୍ତି। ତେବେ ଚୂନରା ସେବକଙ୍କ କହିବା ଅନୁଯାୟୀ, ସେମାନେ ଏ ସଂକ୍ରାନ୍ତ ମାମଲାରେ କୋର୍ଟରେ ବିଜୟୀ ହୋଇଥିବାରୁ ବାନାର ପ୍ରାପ୍ୟ ପାଉଣା କେବଳ ଚୂନରା ସେବକ ନେବେ, ଦଇତାଙ୍କୁ ଦେବେ ନାହିଁ। ଅପରପକ୍ଷରେ ନୀଳଚକ୍ରରେ ଲାଗିବା ନିମନ୍ତେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆସୁଥିବା ଡୋନେସନ୍ ବାନା ବା ମାନସିକ ବାନାଗୁଡ଼ିକୁ ଲେଙ୍କା ସେବକ ରଖିଥାନ୍ତି ଓ ଉକ୍ତ ବାନାଗୁଡିକୁ ଲଗାଇବା ନିମନ୍ତେ ଚୂନରାସେବକଙ୍କୁ ପ୍ରଦାନ କରିଥାନ୍ତି। ତେଣୁ ଲେଙ୍କା ସେବକ ସେଥିପାଇଁ କିଛି ପ୍ରାପ୍ୟ ଚୂନରାସେବକଙ୍କଠାରୁ ନେଇଥାନ୍ତି। ଶୁକ୍ରବାର ପାଉଣା ନ ପାଇବାରୁ ଲେଙ୍କା ସେବକ ଚୂନରା ସେବକଙ୍କୁ ବାନା ଦେଇ ନ ଥିଲେ। ଫଳରେ ଚୂନରାସେବକ ବାନା ନ ନେଇ ବସିରହିଥିଲେ। ତିନି ସେବାୟତ ନିଜ ନିଜ ଜିଦ୍‌ରେ ଅଡ଼ିବସିଥିଲେ। ଫଳରେ ବାନା ବନ୍ଧା ବିଳମ୍ବ ହୋଇଥିଲା। ଖବରପାଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶ୍ରୀମନ୍ଦିରକୁ ଯାଇ ସମସ୍ତଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଚୂନରା ସେବକଙ୍କୁ ବାନା ଦେବାକୁ ଲେଙ୍କା ସେବକଙ୍କୁ କହିବା ସହ ବାନା ବାନ୍ଧିବାକୁ ଚୂନରା ସେବକଙ୍କୁ କହିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୪୮ରେ ଚୂନରା ସେବକମାନେ ନୀଳଚକ୍ରରେ ବାନା ବାନ୍ଧିଥିଲେ। ଗତ ୮ ତାରିଖରୁ ଚୂନରା ଓ ଦଇତାପତି ସେବାୟତଙ୍କ ମଧ୍ୟରେ ପାଉଣାକୁ ନେଇ ବିବାଦ ଲାଗିରହିଥିବାବେଳେ ଶୁକ୍ରବାର ଏହା ଉଗ୍ରରୂପ ନେଇଥିଲା। ତେବେ ନୀଳଚକ୍ରରେ ବାନା କାହିଁକି ବିଳମ୍ବରେ ଲାଗିଲା ସେ ନେଇ ଚୂନରା, ଲେଙ୍କା ଏବଂ ଦଇତାପତି ନିଯୋଗ କିମ୍ବା ସେବାୟତମାନଙ୍କ ନିକଟରୁ କୌଣସି ଉତ୍ତର ମିଳିପାରିନାହିଁ।

**ଖଣି ପୋଖରୀରେ ଯୁବକ ନିଖୋଜ ଘଟଣା**

# ଓମ୍‌ଙ୍କୁ ଡାକିନେଇ ମାରିଦେଇଥିବା ଅଭିଯୋଗ

ଖୋର୍ଦ୍ଧା,୧୨।୭
(ପ୍ରଭାତ ପାଣିଗ୍ରାହୀ)





ଓମ୍‌ପ୍ରକାଶ ରଥ

■ ୫ମ ଦିନରେ ମିଳିଲା ମୃତଦେହ
■ ହେଲାନି ସିନ୍ ରି-କ୍ରିଏଶନ, ୨ ଛାତ୍ର ଅଟକ

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗମୁଣ୍ଡିଆ ବଡ଼ସାଉଁଳି ଖଣି ପୋଖରୀରେ ବୁଡ଼ିଯାଇ ନିଖୋଜ ଥିବା ଓମ୍‌ପ୍ରକାଶ ରଥଙ୍କ ମୃତଦେହ ଶୁକ୍ରବାର ରେସ୍‌କ୍ୟୁ ଟିମ୍ ଉଦ୍ଧାର କରିଛି। ଘଟଣାର ୪ଦିନ ପରେ ମୃତଦେହ ଭାସମାନ ଅବସ୍ଥାରେ ମିଳିଛି। ପରିବାର ଲୋକେ ଓମ୍‌ଙ୍କ ମୃତଦେହ ଚିହ୍ନଟ କରିବା ସହ ତାଙ୍କୁ ଡାକିନେଇ ହତ୍ୟାକରି ପୋଖରୀରେ ଫିଙ୍ଗିଦିଆଯାଇଥିଲା ବୋଲି ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୬୭/୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପଟେ ଓମ୍‌ଙ୍କୁ ସେମାନଙ୍କ ସାଥିରେ ଡାକିନେଇଥିବା ଅଭିଯୁକ୍ତ ୨ଜଣ ଛାତ୍ରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ମୃତଦେହ ମିଳିବା ପରେ ସିନ୍ ରି-କ୍ରିଏଶନ ପାଇଁ ପୋଲିସ ଯୋଜନା କରିଥିଲା। ତେବେ ପରିବାର ଲୋକଙ୍କ ଅଭିଯୋଗ ପରେ ସାମୟିକ ଭାବେ ଏହାକୁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ୮ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ର ଓ ଜଣେ ଛାତ୍ରୀ ସେଠାରୁ ଏକ କାର୍‌ରେ ତାପଙ୍ଗ ଅଞ୍ଚଳକୁ ବୁଲିବାକୁ ଆସିଥିଲେ। ସେମାନେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଓମ୍‌ଙ୍କୁ ସେମାନଙ୍କ ସାଥିରେ ଡାକିନେଇଥିଲେ। ସମସ୍ତେ ତାପଙ୍ଗମୁଣ୍ଡିଆ ବଡ଼ସାଉଁଳି ଖଣି ପୋଖରୀ ନିକକୁ ଯାଇ ସେଲ୍ଫି ଉଠାଇବା ସହ ରିଲ୍ସ ବନାଉଥିଲେ। ଏହି ସମୟରେ ହଠାତ ଜଣକ ଗୋଡ଼ ଖସିଯିବାରୁ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଓମ୍ ଗଭୀର ଜଳରେ ବୁଡ଼ିଯାଇଥିଲେ। ଉଦ୍ଧାର ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସ ପଠାଯାଇଥିଲା। ଖବର ପାଇ ସଦର ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ଢେଙ୍କାନାଳରୁ ୭ଜଣିଆ ଓଡ୍ରାଫ ଟିମ୍ ବୋଟ୍ ସହ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ତୃତୀୟ ଦିନ ଆଇଆର୍‌ବି, ଭାରତୀୟ ନୌସେନା ଚିଲିକାର ୭ଜଣିଆ ଟିମ୍ ସାମିଲ ହୋଇଥିଲେ। ନୌସେନାର ଅଭିଜ୍ଞ ବୁଡ଼ାଳି ପ୍ରାୟ ୯୦ ଫୁଟ ପର୍ଯ୍ୟନ୍ତ ଗଭୀରକୁ ଯାଇ ଖୋଜାଖୋଜି କରିବା ସହ ଇନର କ୍ୟାମେରା ସହଯୋଗ ନେଇଥିଲେ। ଚତୁର୍ଥ ଦିନ ଗୁରୁବାର ଏନ୍‌ଆଇଟି ରାଉରକେଲାର ପାସ୍ ଆଉଟ୍ ଛାତ୍ରଙ୍କ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ରୋବୋ ଅଣାଯାଇଥିଲା। ଏଥିସହିତ କଟକ ମୁଣ୍ଡୁଳିରୁ ଏନ୍‌ଡିଆର୍‌ଏଫ୍ କମାଣ୍ଡର ପି.କେ. ଯାଦବଙ୍କ ନେତୃତ୍ୱରେ ଏକ ୪୦ଜଣିଆ ଟିମ ରେସ୍‌କ୍ୟୁ ଅପରେଶନରେ ସାମିଲ ହୋଇଥିଲେ। ଏନ୍‌ଡିଆର୍‌ଏଫ୍‌ର ୩ଜଣ ଅଭିଜ୍ଞ ବୁଡାଳି ଖଣି ପୋଖରୀରେ ଖୋଜାଖୋଜି ଜାରି ରଖିଥିଲେ। ଅନ୍ୟପଟେ ଏନ୍‌ଆଇଟି ଛାତ୍ରମାନେ ରୋବେ ମାଧମରେ ଗଭୀର ଜଳରେ ରେସ୍‌କ୍ୟୁ ଅପରେଶନ ଜାରି ରଖିଥିଲେ। ଯେଉଁ ସ୍ଥାନରେ ଓମ୍ ନିଖୋଜ ହୋଇଥିଲେ, ସେଠାକାର ୪୫ ଡିଗ୍ରୀରେ ୧୫ ମିଟର ଦୂରରେ ତାଙ୍କ ମୃତଦେହ ଶୁକ୍ରବାର ହଠାତ୍ ଉପରକୁ ଉଠି ଭାସିଥିଲା। ରେସ୍‌କ୍ୟୁ ଟିମ୍ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ଓମ୍‌ଙ୍କୁ ଡାକିନେଇ ମାରି ଫିଙ୍ଗିଦେଲେ ବୋଲି ତାଙ୍କ ମା' ଦୀପ୍ତିରେଖା ମିଶ୍ର ଅଭିଯୋଗ ଆଣିଛନ୍ତି। ଘଟଣା ଦିନ ଘରେ ଓମ୍ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଥିଲେ। ଭୁବନେଶ୍ୱରରୁ ସାଙ୍ଗମାନେ ଆସିଛନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦେଖାକରି ଫେରିଆସିବି କହି ଘରୁ ଯାଇଥିଲେ। ପରେ ମଧ୍ୟାହ୍ନ ୧୨ଟା ୩୦ରେ ମା' ଖବର ପାଇଲେ ଯେ, ଓମ୍ ପୋଖରୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କର ସବୁ ସ୍ୱପ୍ନ ଧୂଳିସାତ ହୋଇଗଲା ବୋଲି ଦୀପ୍ତିରେଖା କହିଛନ୍ତି। ମୃତକଙ୍କ ଭଉଣୀ କହିଛନ୍ତି, ମୋ' ଭାଇଙ୍କୁ ଘରୁ ଡାକିନେଇ ମାରିଦେଲେ। ସେ ରିଲ୍ସ କରିବା ଘଟଣା ସତ୍ୟ ନୁହଁ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯାଉ। ଅନ୍ୟପକ୍ଷରେ ଘଟଣାଦିନ ଓମ୍‌ଙ୍କ ସାଥିରେ ଥିବା ୨ ଯୁବକ ଓ ଯୁବତୀଙ୍କୁ ଘଟଣାସ୍ଥଳକୁ ଆଣିବା ପାଇଁ ଦୀପ୍ତିରେଖା ଜିଦ୍ ଧରିଥିଲେ। ଅଢ଼େଇ ଘଣ୍ଟା ଧରି ମୃତଦେହ ନିକଟରେ ପରିବାର ଲୋକେ ବସିରହିଥିଲେ। ଫଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ, ସଦର ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ବିଭାସ ପାଣିଗ୍ରାହୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲା। ଡାକ୍ତରଙ୍କ ମୃତ ଘୋଷଣା ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଏନେଇ ଅତିରିକ୍ତ ଏସ୍‌ପି ମୁର୍ମୁ କହିଛନ୍ତି, ସମସ୍ତ ରେସ୍‌କ୍ୟୁ ଟିମ୍ ପ୍ରଚେଷ୍ଟାରେ ଏହି ଅପରେଶନ ସଫଳ ହୋଇଛି। ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ। ଏହି ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧାଞ୍ଚଳ ଘୋଷଣା ପାଇଁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯିବ। ସେହିପରି ଏନ୍‌ଡିଆର୍‌ଏଫ୍ କମାଣ୍ଡର ଯାଦବ, ଓଡ୍ରାଫ ଟିମ୍ ଲିଡର ହାବିଲଦାର ସୁଶାନ୍ତ ସ୍ୱାଇଁ ଏବଂ ନୌସେନା ଟିମ୍ ଲିଡରଙ୍କ କହିବାନୁଯାୟୀ, ଏହା ଆମ ପାଇଁ ଚ୍ୟାଲେଞ୍ଜ ରହିଥିଲା। ପୋଖରୀରେ ପ୍ରାୟ ୩ଶହ ଫୁଟ ଗଭୀର ଏବଂ ଠାଏ ଠାଏ ପଥର, ପଙ୍କ, ଶିଉଳି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ଘଟିଲା।

# ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣାରେ ଆଉ ୨ ଗିରଫ

ଭୁବନେଶ୍ୱର,୧୨।୭
(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରପୁରରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ମଞ୍ଚେଶ୍ୱର ପୋଲିସ ଗୁରୁବାର ତଳ ସାହିର ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ଆଉ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉପରସାହିର ପ୍ରଭାତ ଦାସ ଓ କାହ୍ନୁ ଦାସ। ଅପରପକ୍ଷେ ଗାଁରେ ଯେମିତି କୌଣସି ବିଶୃଙ୍ଖଳା ଭଳି ପରିସ୍ଥିତିର ପୁନରାବୃତ୍ତି ନ ହୁଏ ସେଥିପାଇଁ ପୋଲିସ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ କରାଯାଇଛି। ଏପରିକି ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ବର୍ତ୍ତମାନ ପରିସ୍ଥିତି ସ୍ୱାଭାବିକ ରହିଛି। ଅନ୍ୟପଟେ ଅଶାନ୍ତ ସୃଷ୍ଟି ହେବାରୁ ଗାଁ ଛାଡ଼ିଥିବା କିଛି ଲୋକେ ଏବେ ଘରକୁ ଫେରୁଥିବା ସୂଚନା ମିଳିଛି।

ସୂଚନାନୁସାରେ ଗତ ୬ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ କେଳାସାହିର ତଳ ସାହି ଓ ଉପର ସାହିର କେତେକ ଲୋକଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ବଚସା ହୋଇଥିଲା। ପରେ ପରସ୍ପର ଟେକା ପଥର, କାଚ ବୋତଲ ଏବଂ ବୋମା ମାଡ଼ ମଧ୍ୟ ହୋଇଥିଲା। ଫଳରେ ଅଞ୍ଚଳରେ ଅଶାନ୍ତ ସୃଷ୍ଟି ହୋଇଥିଲା।

# ସପ୍ତମ ବାଟାଲିୟନ କ୍ୟାମ୍ପସରୁ ସିପାହିଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୨।୭
(ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ କ୍ୟାମ୍ପସରୁ ଜଣେ ସିପାହିଙ୍କ ମୃତଦେହ ଏକ ଗଛରେ ରଶିଦ୍ୱାରା ଝୁଲୁଥିବା ଅବସ୍ଥାରେ ମିଳିଛି। ମୃତକ ହେଲେ ନିଆଳି ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳର ଦୁର୍ଯ୍ୟୋଧନ ମହାନ୍ତି(୫୦)। ଶୁକ୍ରବାର ସକାଳେ ମୈତ୍ରୀ ବିହାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଦୁର୍ଯ୍ୟୋଧନଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ କରୁଛନ୍ତି। ସେମାନେ ଗଣମାଧ୍ୟମ ଆଗରେ ହତ୍ୟା ଅଭିଯୋଗ କରିଥିଲେ ମଧ୍ୟ ଥାନାରେ ସେମିତି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଲୀନା ମହାନ୍ତି ସ୍ୱାମୀ ଆତ୍ମହତ୍ୟା କରିଥିବା ନେଇ ଏକ ଅଭିଯୋଗ କରିଛନ୍ତି। ସେହି ଆଧାରରେ ଏକ ଅପମୃତ୍ୟୁ ମାମଲା (୩୨/୨୦୨୪) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସେ କହିଛନ୍ତି। ତେବେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ପୋଲିସ ଖୋଜି ବାହାର କରୁ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

ସୂଚନାନୁସାରେ, ଦୁର୍ଯ୍ୟୋଧନ ୨୨ ବର୍ଷ ହେବ ସିପାହି ଭାବେ କାର୍ଯ୍ୟ କରିବା ସହ ସପ୍ତମ ବାଟାଲିୟନ କ୍ୟାମ୍ପସରେ ରୁହନ୍ତି। ସେ ଏବେ କ୍ୟାମ୍ପସ ସଫା ସୁତୁରା ଦାୟିତ୍ୱରେ ଥିଲେ। ତେଣୁ ଶୁକ୍ରବାର ଭୋର୍ ୫ଟାରେ ସେ ଘରୁ ବାହାରିଥିଲେ। ଦେଢ଼ ଘଣ୍ଟା ପରେ ବାଟାଲିୟନ କ୍ୟାମ୍ପସରେ ଥିବା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉକ୍ତ କ୍ୟାମ୍ପସରେ ମର୍ନିଂ ୱାକ୍ କରୁଥିବା କେତେଜଣ କର୍ମଚାରୀ ଏହା ଦେଖି ପୋଲିସକୁ ଖବର ଦେଇଥିଲେ।

# ଭିଜିଲାନ୍ସ ଜାଲରେ ବଲାଙ୍ଗୀର ଚିଫ୍ ସିଏସ୍‌ଓ

ସୋନପୁର,୧୨।୭
(ମୃତ୍ୟୁଞ୍ଜୟ ଶତପଥୀ)



ଚିଫ୍ ସିଏସ୍‌ଓ ଜି. ପ୍ରଭାକର ପାତ୍ର

**ସିଏମ୍‌ଆର୍ ବିଲ୍ ପାଇଁ ମିଲର୍ସଙ୍କଠାରୁ ନେଉଥିଲେ ଲାଞ୍ଚ**



ଉଦ୍ଧାର ହୋଇଥିବା ରାସାୟନିକ ରଙ୍ଗବୋଳା ଟଙ୍କା।

ମିଲର୍ସଙ୍କ କଷ୍ଟମ୍ ମିଲିଂ ରାଇସ୍(ସିଏମ୍‌ଆର) ବିଲ୍ ପାଇଁ ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ବଲାଙ୍ଗୀର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ (ଚିଫ୍ ସିଏସଓ) ଜି. ପ୍ରଭାକର ପାତ୍ର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପାତ୍ର ତାଙ୍କ ବଲାଙ୍ଗୀରସ୍ଥିତ ଅଫିସ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଚିଫ୍ ସିଏସ୍‌ଓଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ସିଲିକନ୍ ଭ୍ୟାଲିସ୍ଥିତ ଭଡ଼ାଘର, ଭୁବନେଶ୍ୱର ସୂର୍ଯ୍ୟନଗରସ୍ଥିତ ଫ୍ଲାଟ୍ ଓ ଗଞ୍ଜାମ ଜିଲା ବୁଗୁଡ଼ା ବାଲିପଦରସ୍ଥିତ ମାର୍କେଟ୍ କମ୍ପ୍ଲେକ୍ସରେ ଏକକାଳୀନ ଚଢ଼ାଉ କରାଯାଇଛି। ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼ ଓ ବଲାଙ୍ଗୀର ଭିଜିଲାନ୍ସ ବିଭାଗର ୫ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଏହାସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୬/୨୪)ରୁଜୁ କରାଯାଇଛି। ଅଭିଯୁକ୍ତ ପାତ୍ରଙ୍କୁ ବଲାଙ୍ଗୀରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ବଲାଙ୍ଗୀର ଜିଲା ତୁଷୁରାସ୍ଥିତ ଗଜାନନ ରାଇସ ମିଲ୍ ୨୦୨୩-୨୪ ଖରିଫ୍ ଋତୁ ଧାନ ସଂଗ୍ରହରେ ସାମିଲ ହୋଇ ସରକାରଙ୍କୁ କଷ୍ଟମ ମିଲିଂ ରାଇସ୍ ପ୍ରଦାନ କରିଥିଲା। ମିଲିଂ ବିଲ୍ ବାବଦରେ ମିଲ୍‌ର ମାଲିକ ଆଶିଷ କୁମାର ଶର୍ମାଙ୍କ ନିକଟରୁ ଚିଫ୍ ସିଏସ୍‌ଓ କିଛିଦିନ ପୂର୍ବରୁ ୧ଲକ୍ଷ ୩୦ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଚିଫ୍ ସିଏସ୍‌ଓ ପାତ୍ର ବକେୟା ୧୫ଲକ୍ଷ ୫୦ହଜାର ଟଙ୍କା ବିଲ୍ ପ୍ରଦାନ ପାଇଁ ପୁଣି ୫୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗୁରୁବାର ମିଲର୍ସ ଶର୍ମା ଏସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ମିଲର୍ସ ଶର୍ମା ଶୁକ୍ରବାର ବଲାଙ୍ଗୀର ଚିଫ୍ ସିଏସ୍‌ଓଙ୍କ ପ୍ରକୋଷ୍ଠକୁ ଆସିଥିଲେ। ଦାବି ଅନୁଯାୟୀ ସେ ଚିଫ୍ ସିଏସଓ ପାତ୍ରଙ୍କୁ ରାସାୟନିକ ରଙ୍ଗ ବୋଳା ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ପାତ୍ର ଉକ୍ତ ଟଙ୍କାକୁ ହାତରେ ଧରି ଡ୍ରୟରରେ ରଖିବା ସମୟରେ ପୂର୍ବରୁ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ପାତ୍ରଙ୍କୁ କାବୁ କରି ନେଇଥିଲେ। ତାଙ୍କ ନିକଟରୁ ୧୦୦ଟି ରଙ୍ଗବୋଳା ୫୦୦ଟଙ୍କିଆ ନୋଟ୍ ଭିଜିଲାନ୍ସ ଟିମ୍ ପକ୍ଷରୁ ଉଦ୍ଧାର କରାଯାଇଛି। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ପଧାନଙ୍କ ନେତୃତ୍ୱରେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ସୁଜାତା ପଣ୍ଡା ଓ ବରଗଡ଼ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ହେମାମାଳିନୀ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗୀର ସହରସ୍ଥିତ ସିଲିକନ୍ ଭ୍ୟାଲିସ୍ଥିତ ଭଡ଼ାଘରେ ଯାଞ୍ଚ କରିଛନ୍ତି। ସେହିପରି ବଲାଙ୍ଗୀର ଡିଏସ୍‌ପି ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଗଞ୍ଜାମ ଜିଲାର ବାଲିପଦରରେ ଯାଞ୍ଚ କରୁଛି। ଅନ୍ୟ ଏକ ଟିମ୍ ଭୁବନେଶ୍ୱର ସୂର୍ଯ୍ୟ ଏନ୍‌କ୍ଲେଭସ୍ଥିତ ଫ୍ଲାଟ୍‌ରେ ଯାଞ୍ଚ କରୁଥିବା ଜଣାପଡିଛି। ବଲାଙ୍ଗୀର ସିଲିକନ ଭ୍ୟାଲିସ୍ଥିତ ଭଡ଼ାଘରେ ଯାଞ୍ଚ ସମୟରେ ନଗଦ ୪ଲକ୍ଷ ୩୯ହଜାର ଟଙ୍କା ଓ ୨୫୦ ଗ୍ରାମ ସୁନାଅଳଙ୍କାର ଠାବ ହୋଇଛି। ଏହି ଟଙ୍କା କେଉଁଠୁ ଆସିଲା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପାତ୍ର ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ରାତି ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି। ପାତ୍ର ୨୦୨୩ ଅଗଷ୍ଟ ମାସଠାରୁ ବଲାଙ୍ଗୀର ଚିଫ୍ ସିଏସ୍‌ଓ ଭାବେ ଅବସ୍ଥାପିତ ଅଛନ୍ତି। ଅନ୍ୟପକ୍ଷେ ସମ୍ବଲପୁର ଏସ୍‌ପି ସରୋଜ କୁମାର ସାମଲ ସୁବର୍ଣ୍ଣପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

# କେନାଲରୁ ମିଳିଲା ମୃତଦେହ



ଚୂଡ଼ାମଣି ସାହୁଙ୍କ ଫାଇଲ ଫଟୋ

■ ଗୁରୁବାର ରାତିରୁ ଘରୁ ଚାଲି ଯାଇଥିଲେ
■ ପକେଟ୍‌ରୁ ସୁଇସାଇଡ୍ ନୋଟ୍ ଜବତ

ବରଗଡ଼,୧୨।୭
(ପ୍ରେମାନନ୍ଦ ଖମାରୀ)

ବରଗଡ ମୁଖ୍ୟ କେନାଲର ବରଡ଼ୋଲ-ଦେଓଗାଁ ମଝିରେ ଥିବା ଗ୍ରୀଶୁଲ ବ୍ରିଜ ନିକଟରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ.୨ ତଳିପଡ଼ା ନିବାସୀ ଚୂଡ଼ାମଣି ସାହୁ(୪୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି। ମୃତକଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ଭିଆଇପିଏସ୍ ୱାଲେଟ୍ ବିଜନେସ୍‌ରେ ତାଙ୍କର ୬ ଲକ୍ଷ ଟଙ୍କା ଫସି ଯାଇଥିବାବେଳେ ଏଥିପାଇଁ ସେ ଜଣେ କଲେଜ କର୍ମଚାରୀଙ୍କୁ ଦାୟୀ କରିଛନ୍ତି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

ପ୍ରକାଶ ଯେ, ଛତିଶଗଡ଼ ମହାସମୁଦ ଜିଲାର ମୂଳବାସିନ୍ଦା ଚୂଡ଼ାମଣି ପ୍ରାୟ ୧୫ବର୍ଷତଳୁ ବରଗଡ଼ ସହରରେ ଆସି ରହୁଛନ୍ତି। ବରଗଡ଼-ଅମ୍ବାପାଲି ରାସ୍ତାପାର୍ଶ୍ୱରେ ତାଙ୍କର ଏକ ପାନ ଦୋକାନ ଅଛି। ସ୍ତ୍ରୀ, ଗୋଟିଏ ଝିଅ, ଗୋଟିଏ ପୁଅ ସହିତ ସେ ଏଠାରେ ରହୁଥିଲେ। ଗୁରୁବାର ରାତିରୁ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ଆଉ ତାଙ୍କୁ ନ ପାଇ ସ୍ଥାନୀୟ ପୋଲିସରେ ଜଣାଇଥିଲେ। ଅନ୍ୟପଟେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍‌ରେ ତାଙ୍କ ମୃତଦେହ ବରଗଡ଼ ମୁଖ୍ୟ କେନାଲରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇବା ପରେ ତାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚିଥିଲେ। ମୃତଦେହ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା।


**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଧପୁର, ସୁକିନ୍ଦା, ଯାଜପୁର**
**ODISHA ADARSHA VIDYALAYA, MADHAPUR, SUKINDA, JAJPUR**
(Under the Department of School and Mass Education, Govt. of Odisha)
At: Madhapur, P.O.: Sukinda, Dist.: Jajpur, Odisha - 755018
Email: sukinda@oav.edu.in, Contact No. 7605941522
UDIESE Code: 21131010459 Affiliation No. 1520191 School Code: 17277

**TENDER CALL NOTICE**

No. 317 Date: 11.07.2024

No. n-38: Tender Call Notice for supply of different consumables and non-consumable items for 100 Seated Girl's Hostel Kasturba Gandhi Balika Vidyalaya (KGBV) Type-IV running at OAV Madhapur, under Sukinda Block of Jajpur district, having 100 girl students in the age group of 11 to 17 is published on 11.07.2024 in the website. Interested suppliers are requested to refer Jajpur district website i.e. **www.jajpur.nic.in** and OSEPA website i.e. **osepa.odisha.gov.in** for tender documents i.e. category-wise items, specification, terms and conditions.

Sd./- DPC, SS, Jajpur-cum-Chairman
School (KGBV) Level Purchase Committee
OIPR-27157/11/0001/2425



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-558: **E-procurement notice**

| Sl. | Bid Document No. | Name of the Work | Availability of Tender Documents | Bid Due Date |
|---|---|---|---|---|
| 1 | OMC/ E-PROC/ C&P/011/2024-25, Dtd.11.07.2024 | Supply of Kitchen Equipment for Aahar Kendra at HKM State Library, Bhubaneswar | 15.07.2024 | 06.08.2024 |

All other details can be seen from the Tender Document available on the e-Procurement portal of the Government of Odisha (www.tendersodisha.gov.in.) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0052/2425 Sd./- Head (C&P)



**OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA, KANDHAMAL - 762103**
Tel : 06846-243249, Fax : 06846-243066, NO.MM-85
e-mail : dfo_balliguda@yahoo.co.in
Tender No. 01/1F Dated Balliguda the 11th July 2024

**TENDER FOR SELECTION OF A SERVICE PROVIDER FIRM FOR ENGAGEMENT OF MANPOWER IN BALLIGUDA FOREST DIVISION**

| | | |
|---|---|---|
| Date of Sale of Tender Paper/Document | : | 13.07.2024 By 10:30 AM |
| Last Date For Submission of Sealed Tender paper/Document | : | 26.07.2024 By 11:00 AM |
| Opening of sealed Tender Paper/Document in Presence of service Provider | : | 30.07.2024 By 12:00 Noon |

The sealed tender Paper should reach in the O/o the DFO, Balliguda Forest Division, Balliguda, At/Po.- Balliguda, Kandhamal on or before 26.07.2024 by 11:00 AM through Registered/Speed Post/Courier service and can also be dropped in the Tender box placed in the O/o the DFO, Balliguda.

Sd./- Divisional Forest Officer
Balliguda Forest Division
OIPR-08047/11/0001/2425



No.C-202:

**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender ID: 2024_ORULB_103636
Tender Call Notice No. (PW) Date:12.07.2024
Name of Works: 2 Nos.
Bid Value : Rs.34.83 Lakhs to Rs.34.89 Lakhs
Period of Completion: Two Calendar Months
Date and Time schedule:

| Start | End | Opening |
|---|---|---|
| 11.00 AM on dt. 15.07.2024 | 5.00 P.M. on dt.22.07.2024 | 11.00 A.M. on dt.25.07.2024 |

Tender Details: can be seen from the procurement portal: **www.tendersorissa.gov.in.**

Sd./- Executive Engineer,
City Division-III, CMC
OIPR-13031/11/0015/2425



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
E-mail: eedklpwd@gmail.com
**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 03/2024-25**
No.B-83 **Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double Cover System in ONLINE MODE only, for Construction of Building work as detailed below. | | |
| 2. | Nature of Work | : | Building Works |
| 3. | No. of Work | : | 02 Nos. |
| 4. | Bid Cost | : | Rs.10,000/- each |
| 5. | Class of Contractor | : | 'B' Class |
| 6. | Availability of Bid documents in the website | : | From 10.00 AM of 19.07.2024 to 5.00 PM of 02.08.2024 |
| 7. | Date of Opening of Bid | : | Dt.03.08.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

OIPR-34016/11/0002/2425
Sd./- Superintending Engineer
Dhenkanal (R&B) Division, Dhenkanal



No.C-200:

**Government of Odisha**
**"e" Procurement Notice**
**Bid Identification No.06/2024-25**

| | | | |
|---|---|---|---|
| 1. | Name of the Work | : | 01 No. of Work |
| 2. | Estimated Cost | : | 22.38 Lakhs |
| 3. | Period of Completion | : | 03 (Three) Months |
| 4. | Date & Time of availability of bid document in the portal | : | From 11.00 AM of 19.07.2024 to 5.00 PM of 29.07.2024 |
| 5. | Last date/time for receipt of bids in the portal | : | 5.00 PM of 29.07.2024 |
| 6. | Name and address of the Officer Inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-Procurement portal in the website (http://tendersorissa.gov.in)

Sd./- Additional Chief Engineer
P.H.Division, Bhubaneswar
OIPR-13205/11/0011/2425



**Zilla Swasthya Samiti, Ganjam**
(Cancellation Notice for Contractual appointment of Physiotherapist Post (IPU) under NHM Programme)
Notice No. 10349 Date : 12.07.2024

**Cancellation Notice for Contractual appointment of Physiotherapist (IPU) post under NHM Programme**

No.E-119: In reference to the letter No. 3400/Rec. Date - 14.03.2024 of the Joint Director (Admin)-Cum-Manager, HR NHM Odisha the Adv. No. - 3541 dated 06.03.2023 of the CDM & PHO Ganjam published in daily newspaper "The Dharitri & The Sambad" on dated 10.03.2023 for different posts and Notice for Objection vide No. - 10280 dated 21.07.2023 of the CDM & PHO, Ganjam published in daily newspaper " The Dharitri & The Anupam Bharat " on dated 22.07.2023 for Contractual appointment of Physiotherapist Post (IPU) under NHM Programme, of Ganjam district out of different posts is here by cancelled. The candidates who have applied for the post of Physiotherapist (IPU) only became infructuous. The status of rest posts are remain unchanged.

OIPR-10041/11/0002/2425 Sd./- CDM & PHO-Cum-DMD, Ganjam



DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG, DIST-KHURDA, PIN-754005
PHONE (M) 9437022023
Email:deputydirector.kanan@gmail.com
NANDANKANAN
Web: www.nandankanan.org

No.MM-86: **e-PROCUREMENT NOTICE**

| | | | |
|---|---|---|---|
| 1 | Name of the Work | :- | Tender for Construction of Gharial exhibit and allied works inside Nandakanan Zoological Park for the year 2024-2025. |
| 2 | No. of Works | :- | 1 (One) No. |
| 3 | Date of availability of bid document in the portal | :- | 12.07.2024 |
| 4 | Class of Contractor | :- | 'A' & 'Special' Class Contractor |
| 5 | Last date for receipt of bids in the portal | :- | 25.07.2024 |
| 6 | Date of Opening of Technical Bid (Cover-I) | :- | 26.07.2024 |
| 7 | Name & Address of Officer Inviting Tender (OIT) | :- | Deputy Director, Nandankanan Zoological Park, P.O.- Barang, Dist-Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.

OIPR-08070/11/0008/2425 Sd./- Deputy Director, Nandankanan Zoological Park

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No.RDM-LAA-MBJ-0014-2023-20157/ R&DM,** **Dated: 28 JUNE 2024**

No.XXI-27: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ପୁରୁଣିଆ, ଥାନା: ବୈଶିଙ୍ଗା (ନଂ. ୨୩୫), ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୭୧୯ ତା୦୫।୧୨।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା: ପୁରୁଣିଆ, ଥାନା: ବୈଶିଙ୍ଗା (ନଂ. ୨୩୫), ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

### ଜିଲ୍ଲା: ମୟୂରଭଞ୍ଜ, ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପୁରୁଣିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୪୧.୯୫ | ଏକର ୩୪.୯୧ | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ

### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

### ଜିଲ୍ଲା: ମୟୂରଭଞ୍ଜ, ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୯।୦୨।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୨୨।୨୧
ଏ.୩୪.୯୧ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିମନ୍ତେ**

**ମୌଜା– ପୁରୁଣିଆ, ଥାନା: ବୈଶିଙ୍ଗା, ନଂ.–୨୩୫, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 5 | 254 | 1.92 | 0.19 | ଶାରଦ ଦୁଇ | ଅଚ୍ୟୁତାନନ୍ଦ ଦାସ, ଅଦୈତ୍ୟାନନ୍ଦ ଦାସ, ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି.: ଉପେନ୍ଦ୍ର ଦାସ, ସୁଲୋଚନା ଦାସ, ସ୍ୱା.: ଉପେନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ନିଜଗାଁ |
| 23 | 1352 | 0.16 | 0.01 | ଶାରଦ ତିନି | ଆନନ୍ଦ ମାହାନ୍ତ, ବିନୋଦ ମାହାନ୍ତ, ବିଦ୍ୟାଧର ମାହାନ୍ତ, ଜା.କୁଡୁମୀ, ବା.ନିଜଗାଁ, କେଶବ ମାହାନ୍ତ, ଜା.କୁଡୁମୀ, ବା. ଭାଲିଆ, ଗୁଟୁଇ ମାହାନ୍ତ, ପି. ଦିନା ମାହାନ୍ତ, ଜା.କୁଡୁମୀ, ବା. ଖମାରି |
| | 1636 | 0.34 | 0.18 | ଶାରଦ ତିନି | |
| | 1712 | 0.64 | 0.01 | ଶାରଦ ତିନି | |
| 32 | 247 | 0.12 | 0.12 | ଶାରଦ ଦୁଇ | ଉଦିଆ ସିଂ, ପି.ରାମ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 248 | 0.32 | 0.06 | ଶାରଦ ଦୁଇ | |
| 41 | 1254 | 0.72 | 0.22 | ଶାରଦ ତିନି | କସ୍ତୁରୀ ଦାସ, ମହେନ୍ଦ୍ର ଦାସ, ହାଡିଆ ଦାସ, ପି. ହୀରା ଦାସ, ଜା.ଖଣ୍ଡାୟତ, ବା.ନିଜଗାଁ |
| 44 | 1372 | 1.40 | 0.27 | ଶାରଦ ତିନି | କସ୍ତୁରୀ ସିଂ, ଗଣଶା ସିଂ, ପି.ମହନ ସିଂ, ଜା.ଭୂମିଜ, ବା.ନିଜଗାଁ |
| 45 | 1337 | 1.30 | 0.05 | ଶାରଦ ଦୁଇ | କସ୍ତୁରି ସିଂ, ଗଣଶା ସିଂ, ପି.ମୋହନ ସିଂ, ବିନ ସିଂ, ଅନନ୍ତ ସିଂ, ନାରାୟଣ ସିଂ, କାନ୍ଦୁରୁ ସିଂ, ପି. ପଇତୁ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, ପଦୁ ସିଂ, ପି. ରୋହିଆ ସିଂ, ସୁରେନ୍ଦ୍ର ସିଂ, ଦାସୀଆ ସିଂ, ପି. ଗୋବିନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 1363 | 1.94 | 0.60 | ଶାରଦ ତିନି | |
| | 1373 | 1.31 | 0.51 | ଶାରଦ ତିନି | |
| 53 | 1672 | 0.91 | 0.27 | ଶାରଦ ତିନି | କରମଚାନ୍ଦ ମହାନ୍ତ, ପି. ଶ୍ରୀନାଥ ମହାନ୍ତ, ଜା. କୁଡୁମୀ କ୍ଷତ୍ରୀୟ, ବା.ନିଜଗାଁ |
| | 1716 | 0.50 | 0.17 | ଶାରଦ ତିନି | |
| 56 | 1351 | 0.21 | 0.21 | ଶାରଦ ତିନି | କରମୁ ମହାନ୍ତ, ପି. ଚୁନୁ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 68 | 352 | 0.61 | 0.05 | ଶାରଦ ତିନି | କାଲା ସିଂ, ପି. ବିନ ସିଂ, ଜା.ଭୂମିଜ, ବା. ନିଜଗାଁ |
| 70 | 1609 | 0.34 | 0.02 | ଶାରଦ ତିନି | କାଳିଆ ମାଝି, ମାତାଲ ମାଝି, ଫାଗୁ ମାଝି, ପି. ଶୁବୁଦା ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 74 | 1284 | 1.23 | 0.27 | ଶାରଦ ତିନି | କାଳୀଚରଣ ନାୟକ, ପି. ମଧୁସୁଦନ ନାୟକ, ଜା.ଖଣ୍ଡାୟତ, ବା. ଟୀକାଏତପୁର |
| 79 | 1109 | 0.08 | 0.06 | ଶାରଦ ତିନି | କାଶୀନାଥ ଦାସ, ପି. ଦିନୁ ଦାସ, ରମାକାନ୍ତ ଦାସ, ଉମେଶ ଚନ୍ଦ୍ର ଦାସ, ବାସନ୍ତୀ ଦାସ, ପି.ଗୟା ଦାସ, ଶାରଦାମଣି ଦାସ, ସ୍ୱା. ଗୟା ଦାସ, ଜା. କ୍ଷେତ୍ରୀୟ, ବା.ନିଜଗାଁ |
| 82 | 137 | 0.59 | 0.07 | ଶାରଦ ଦୁଇ | କାଶୀନାଥ ମହାନ୍ତ, ପି.ଚୈତନ୍ୟ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 142 | 0.72 | 0.07 | ଶାରଦ ଦୁଇ | |
| | 238 | 0.44 | 0.12 | ଶାରଦ ଦୁଇ | |
| | 249 | 1.94 | 0.81 | ଶାରଦ ତିନି | |
| 83 | 1110 | 0.24 | 0.08 | ଶାରଦ ଏକ | ଶ୍ରୀ ବାବା ବୈଦ୍ୟନାଥ ମହାଦେବ ବିଜେ କାଶୀ ମାର୍ଫତ ବା. କାଶୀ ଦାସ, ପି. ଦନୁ ଦାସ, ରମାକାନ୍ତ ଦାସ, ଉମେଶ ଚନ୍ଦ୍ର ଦାସ, ପି. ଗୟା ଦାସ, ଜା. କ୍ଷେତ୍ରୀୟ, ବା.ନିଜଗାଁ, ଜବର ଦଖଲ, ବା. ମାଗୁଣି ମହାନ୍ତି, ପି. ବୃନ୍ଦାବନ ମହାନ୍ତି, ଜା.ଖଣ୍ଡାୟତ, ବା.ନିଜଗାଁ |
| 90 | 1290 | 0.37 | 0.20 | ଶାରଦ ତିନି | କୁନା ସିଂ, ପି.ଜେନା ସିଂ, ଜା.କୋହ୍ଲ, ବା.ନିଜ ଗାଁ |
| 94 | 7/2699 | 0.68 | 0.40 | ଶାରଦ ଦୁଇ | କୃଷ୍ଣଚନ୍ଦ୍ର ମହାନ୍ତ, ପି. ଗଣେଶ୍ୱର ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ ସାମିଲ, ହରିପୁର |
| 97 | 1679/ 2841 | 0.66 | 0.02 | ଶାରଦ ତିନି | କୈଳାଶଚନ୍ଦ୍ର ମହାନ୍ତ, ପି.ଦୁର୍ଯ୍ୟୋଧନ ମହାନ୍ତ, ଜା. କୁଡୁମୀ କ୍ଷତ୍ରୀୟ, ବା.ନିଜଗାଁ |
| 115 | 1608 | 0.32 | 0.01 | ଶାରଦ ତିନି | ଗୁବୁରା ମହାନ୍ତ, ପି.କିଶୁ ମହାନ୍ତ, ଶମ୍ଭୁନାଥ ମହାନ୍ତ, ପି. ଗୋବରା ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| | 1608/ 2833 | 0.27 | 0.10 | ଶାରଦ ତିନି | |
| 118 | 1736 | 2.21 | 0.78 | ଶାରଦ ତିନି | ଗୁରୁବାରି ସିଂ, ସୁନୀ ସିଂ, କୋଇଲି ସିଂ, ପି. ଭାଦୁ ସିଂ, ଜା. ଭୂମିଜ, ବା.ଅଙ୍ଗାରିଆ |
| 123 | 1632 | 0.59 | 0.07 | ଶାରଦ ତିନି | ଗୋବରା ମହାନ୍ତ, ପି.କିଶୁ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| 134 | 136 | 0.73 | 0.02 | ଶାରଦ ଦୁଇ | ଗୌର ମହାନ୍ତ, କୃଷ୍ଣ ମହାନ୍ତ, ପି. ସନା ମହାନ୍ତ, ଜା. କୁଡୁମି, ବା.ନିଜଗାଁ, ଯଶୋଦା ମହାନ୍ତ, ପି. ସନା ମହାନ୍ତ, ଜା.କୁଡୁମି, ବା. ଗବପାଳ, ଫୁଣିଗି ମହାନ୍ତ, ପି. ସନା ମହାନ୍ତ, ଜା.କୁଡୁମି, ବା. ଟିକାଏତପୁର, ଶଚି ମହାନ୍ତ, ସ୍ୱା. ସନା ମହାନ୍ତ, ଜା.କୁଡୁମି, ବା.ନିଜଗାଁ |
| | 143 | 0.74 | 0.06 | ଶାରଦ ତିନି | |
| | 1429 | 0.58 | 0.06 | ଶାରଦ ତିନି | |
| | 1430 | 0.18 | 0.01 | ଶାରଦ ତିନି | |
| 154 | 179 | 1.98 | 0.65 | ଶାରଦ ଦୁଇ | ଚୈତନ୍ୟ ମହାନ୍ତ, ବୁଧୁ ମହାନ୍ତ, ଶୁକଦେବ ମହାନ୍ତ, ଚେପି ମହାନ୍ତ, ପି. ଜୀବନ ମହାନ୍ତ, ଜା. କୁଡୁମୀ, ବା.ନିଜଗାଁ, ମୁସୁରୀ ମହାନ୍ତ, ପି. ଜୀବନ ମହାନ୍ତ, ଜା.କୁଡୁମୀ, ବା.ବଇଶିଙ୍ଗା, ମୁଗି ମହାନ୍ତ, ସ୍ୱା.ଜୀବନ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 159 | 350 | 0.24 | 0.03 | ଶାରଦ ତିନି | ଛୁଟୁ ସିଂ, ପି. ନଛୁଆ ସିଂ, ଜା. ଭୂମିଜ, ବା.ନିଜଗାଁ |
| 161 | 1290/ 2894 | 0.09 | 0.06 | ଶାରଦ ତିନି | ଛୋଟରାଏ ସିଂ, ପି. ଜେନା ସିଂ, ଜା.କୋହ୍ଲ, ବା.ନିଜଗାଁ |
| 163 | 1610 | 0.42 | 0.12 | ଶାରଦ ତିନି | ଛୋଟା ମାଝୀ, ପି. ନୁନ୍ଦରୁ ମାଝୀ, ଶତ୍ରୁ ମାଝୀ, ପି. କୁସନ ମାଝୀ, ଜା.ସାନ୍ତାଳ, ବା.ନିଜଗାଁ |
| 186 | 64/ 2906 | 0.15 | 0.12 | ଶାରଦ ତିନି | ଝାନୀ ବିନ୍ଧାଣି, ପି.ରାମ ବିନ୍ଧାଣି, ଜା.କମାର, ବା.ନିଜଗାଁ, ଜବରଦଖଲ, ବା.ରାଧା ମାଝି, ପି. ଦାସ ମାଝି, ଜା.ସାନ୍ତାଳ, ବା.ନିଜଗାଁ |
| 189 | 38/2701 | 0.19 | 0.15 | ଶାରଦ ତିନି | ଝାଡେଶ୍ୱର ମହାନ୍ତ, ମଘନ ମହାନ୍ତ, ବିଶ୍ୱମ୍ବର ମହାନ୍ତ, ପି. ରିଦୟ ମହାନ୍ତ, ଜା.କୁଡୁମୀ, କ୍ଷତ୍ରିୟ, ବା.ନିଜଗାଁ |
| 191 | 1349/ 2692 | 0.08 | 0.04 | ଶାରଦ ଦୁଇ | ଠେଲୁ ମହାନ୍ତ, ପି.କୋଚିଲା ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| 195 | 1359 | 1.53 | 0.50 | ଶାରଦ ତିନି | ଡୁମା ସିଂ, ଦୁର୍ଗା ସିଂ, ପି. ଟିମା ସିଂ, ବାଙ୍ଗୁରୁ ସିଂ, ମୂଷା ସିଂ, ପି.ଚକ୍ରା ସିଂ, ମୁକ୍ତା ସିଂ, ସ୍ୱା.ଚୌଧୁରୀ ସିଂ, ଜା. ଭୂମିଜ, ବା.ନିଜଗାଁ |
| | 1376 | 1.32 | 0.62 | ଶାରଦ ତିନି | |
| | 1377 | 0.95 | 0.14 | ଶାରଦ ତିନି | |
| 201 | 1721 | 0.74 | 0.19 | ଶାରଦ ତିନି | ତ୍ରିଲୋଚନ ମହାନ୍ତ, ପି. ବଳରାମ ମହାନ୍ତ, ଡି ମହାନ୍ତ, ସ୍ୱା. ତ୍ରିଲୋଚନ ମହାନ୍ତ, ଜା. କୁଡୁମୀ, କ୍ଷତ୍ରିୟ, ବା.ନିଜଗାଁ |
| 211 | 342 | 1.49 | 0.50 | ଶାରଦ ତିନି | ଦିବାକର ଦାସ, ପି.କୁଞ୍ଜ ଦାସ, ଜା.ଧୋବା, ବା. ନିଜଗାଁ |
| 212 | 339 | 0.57 | 0.20 | ଶାରଦ ତିନି | ଦିବାକର ଦାସ, ପି.କୁଞ୍ଜ ଦାସ, ମଧୁସୂଦନ ଦାସ, ଦୁର୍ଯ୍ୟୋଧନ ଦାସ, ବୃନ୍ଦାବନ ଦାସ, ମିନତୀ ଦାସ, ପି. ନରେନ୍ଦ୍ର ଦାସ, ଚଞ୍ଚଳା ଦାସ, ସ୍ୱା. ନରେନ୍ଦ୍ର ଦାସ, ଜା. ଧୋବା, ବା.ନିଜଗାଁ |
| 215 | 167 | 1.00 | 0.12 | ଶାରଦ ଦୁଇ | ଦୀନବନ୍ଧୁ ସାହୁ, ମନୋରଞ୍ଜନ ସାହୁ, ଭାଗବତ ସାହୁ, ପି. ହରିପଦ ସାହୁ, ଭିକାରି ଚରଣ ସାହୁ, ଲମ୍ବୁଦର ସାହୁ, ରତ୍ନାକର ସାହୁ, ପି. କୃଷ୍ଣ ସାହୁ, ସୀତାରାମ ସାହୁ, ପି. ଲୋକନାଥ ସାହୁ, ଜା.କୁବେର, ବା. ବାଛୁରିପଡା, ବେଆଇନ ଖରିଦ ସୂତ୍ରେ ଦାଖଲ, ବା. ଫାଦୁର ସିଂ, କ୍ଷେତ୍ରମୋହନ ସିଂ, ପି. ଲୋଚନ ସିଂ, ଜା. ଭୂମିଜ, ବା.ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୯୯୮, ତା. ୧୦.୦୪.୬୮ ଜରସମନ ଟ. ୧୦୦୦.୦୦ ବା. |
| 216 | 1019 | 0.98 | 0.13 | ଶାରଦ ଏକ | ଦୀନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, ପି.: ଭରତ ଚନ୍ଦ୍ର ଦାସ, ଜା: କ୍ଷେତ୍ରୀୟ, ବା: ନିଜଗାଁ |
| | 1022 | 0.38 | 0.05 | ଶାରଦ ଏକ | |
| 217 | 1023 | 0.18 | 0.05 | ଶାରଦ ତିନି | ଦୀନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, ପି. ଭରତ ଚନ୍ଦ୍ର ଦାସ, ମୁକ୍ତମଣି ଦାସ, ସ୍ୱା.: ଭରତ ଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା.ନିଜଗାଁ |
| | 1028 | 0.44 | 0.12 | ଶାରଦ ଦୁଇ | |
| | 1029 | 0.34 | 0.06 | ଶାରଦ ଦୁଇ | |
| 218 | 1041 | 0.69 | 0.03 | ଶାରଦ ଦୁଇ | ଦୀନବନ୍ଧୁ ସେଠୀ, ରାମଚନ୍ଦ୍ର ସେଠୀ, ପି. ବାବୁ ସେଠୀ, ଜା. ରଜକ, ବା.ନିଜଗାଁ |
| 221 | 1615 | 0.23 | 0.10 | ଶାରଦ ତିନି | ଦୁର୍ଯ୍ୟୋଧନ ମହାନ୍ତ, ପି. ବୀରବଲ ମହାନ୍ତ, ଜା. କୁଡୁମୀ, କ୍ଷତ୍ରିୟ, ବା.ନିଜଗାଁ |
| | 1616 | 0.70 | 0.03 | ଶାରଦ ତିନି | |
| | 1671/ 2834 | 0.33 | 0.01 | ଶାରଦ ତିନି | |
| 228 | 1253 | 0.38 | 0.12 | ଶାରଦ ତିନି | ଦେବେନ୍ଦ୍ର ଦାସ, ପି.ରାମଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା.ନିଜଗାଁ |
| 239 | 152 | 0.46 | 0.06 | ଶାରଦ ଦୁଇ | ନଳିନୀକାନ୍ତ ସିଂହ, ପି. ଦେବୀ ପ୍ରସାଦ ସିଂ, ମିଲାନ କାନ୍ତ ସିଂହ, ରାଜ କିଶୋର ସିଂହ, ମୀରାମଣି ସିଂହ, ପି. ନଳିନକାନ୍ତ ସିଂହ,ଜା.କ୍ଷେତ୍ରୀୟ,ବା.ନିଜଗାଁ |
| 241 | 1425 | 0.05 | 0.02 | ଶାରଦ ତିନି | ନଛୁଆ ସିଂ, ପି. ଭଞ୍ଜ ସିଂ, ରଇବାରି ସିଂ, ସ୍ୱା. ନନ୍ଦ ସିଂ, ସନିଆ ସିଂ, ମକୁନ୍ଦ ସିଂ, ପି. ପାଣ୍ଡୁ ସିଂ, ମଡି ସିଂ, ପାତି ସିଂ, ସୁବାସ ସିଂ, ମୀନ ସିଂ, ନିନୀ ସିଂ, ପି.: ନନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 1426 | 0.07 | 0.02 | ଶାରଦ ତିନି | |
| | 1427 | 0.07 | 0.02 | ଶାରଦ ତିନି | |
| | 1428/ 2566 | 0.34 | 0.10 | ଶାରଦ ତିନି | |
| 247 | 1631 | 1.74 | 0.18 | ଶାରଦ ତିନି | ନରେନ୍ଦ୍ର ମହାନ୍ତ, ପି. ବୀରବଲ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| | 1671 | 0.42 | 0.05 | ଶାରଦ ତିନି | |
| | 1720 | 0.72 | 0.34 | ଶାରଦ ତିନି | |
| 255 | 1630 | 0.59 | 0.07 | ଶାରଦ ତିନି | ନୀଳକଣ୍ଠ ମହାନ୍ତ, ପି. ରଘୁ ମହାନ୍ତ, ଜହ୍ନ ମହାନ୍ତ, ସ୍ୱା.ରଘୁ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| 275 | 1637 | 1.66 | 0.63 | ଶାରଦ ତିନି | ପ୍ରସାଦ ମହାନ୍ତ, ରଘୁନାଥ ମହାନ୍ତ, ଆଦର ମହାନ୍ତ, ପି. ହାଡିଆ ମହାନ୍ତ, ଜା.କୁଡୁମୀ, ବା.ନିଜଗାଁ |
| | 1639 | 0.40 | 0.10 | ଘରବାରି | |
| 298 | 1103 | 0.81 | 0.01 | ଶାରଦ ତିନି | ପୂର୍ଣ୍ଣଚନ୍ଦ୍ର ଦାସ, ମନୋରଞ୍ଜନ ଦାସ, ପି.ଶିବ ନାରାୟଣ ଦାସ, ଜା. କ୍ଷେତ୍ରୀୟ, ବା.ନିଜଗାଁ |
| | 1104 | 0.38 | 0.14 | ଶାରଦ ତିନି | |
| 306 | 292 | 1.26 | 0.34 | ଶାରଦ ଦୁଇ | ଫାଦୂର ସିଂ, ମାଷ୍ଟର ସିଂ, କ୍ଷେତ୍ର ମୋହନ ସିଂ, ପି.ଲୋଚନ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 68 | 0.76 | 0.38 | ଶାରଦ ତିନି | |
| | 69 | 1.03 | 0.36 | ଶାରଦ ତିନି | |
| 307 | 293/ 2714 | 0.70 | 0.28 | ଶାରଦ ତିନି | ଫାଦୂର ସିଂ, ମାଷ୍ଟର ସିଂ, ପି. ଲୋଚନ ସିଂ, ବାବୁ ସିଂ, ପି. କ୍ଷେତ୍ରମୋହନ ସିଂ, ବାସନ୍ତୀ ସିଂ, ସ୍ୱା. କ୍ଷେତ୍ର ମୋହନ ସିଂ, ଜା. ଭୂମିଜ, ବା. ନିଜଗାଁ |
| 315 | 149 | 0.32 | 0.06 | ଶାରଦ ଦୁଇ | ବନ ସିଂ, ଆନନ୍ଦ ସିଂ, ନାରାଣ ସିଂ, କାନ୍ଦୁରୁ ସିଂ, ପି. ପଇତୁ ସିଂ, ସୁରେନ୍ଦ୍ର ସିଂ, ଦାସରଥି ସିଂ, ପି. ଗୋବିନ୍ଦ ସିଂ, କସ୍ତୁରୁ ସିଂ, ପି. ମହନ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, ପଦୁ ସିଂ, ପି. ରୁହିଆ ସିଂ, ଜା. ଭୂମିଜ, ବା.ନିଜଗାଁ |
| 317 | 58 | 0.58 | 0.37 | ଶାରଦ ତିନି | ବଟକୃଷ୍ଣ ସାହୁ, ପି. କାଳିଆ ସାହୁ, ଜା.କୁବେର, ବା. ବାଛୁରିପଡା, ଖରିଦ ସୂତ୍ରେ ଦଖଲ, ବା. ପୂର୍ଣ୍ଣଚନ୍ଦ୍ର ସାହୁ, ବନମାଳୀ ସାହୁ, ଶତ୍ରୁଘ୍ନ ସାହୁ, ହରିହର ସାହୁ, ପି. ଭୋଳାନାଥ ସାହୁ,ଜା.କୁବେର, ବା. ବାଛୁରିପଡା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୯୨, ତା.୧୯.୦୨.୭୪ ଜରସମନ ଟ.୩୦୦.୦୦ ବା. |
| 320 | 326 | 0.80 | 0.06 | ଶାରଦ ଦୁଇ | ବଂଶୀଧର ଧଳ, ଦାମୋଦର ଧଳ, ଭଗବାନ ଧଳ, ପି.ବଳି ଧଳ, ଜା. ଧୋବା, ବା.ନିଜଗାଁ |
| | 337 | 0.64 | 0.10 | ଶାରଦ ଦୁଇ | |
| 327 | 1726 | 0.95 | 0.11 | ଶାରଦ ତିନି | ବାଇଧର ସିଂ, ଶଙ୍କାରା ସିଂ, ଶାମ ସିଂ, କାର୍ତ୍ତିକ ସିଂ, ପି. ମଙ୍ଗୁଲିଆ ସିଂ, ବାମଡା ସିଂ, ପି. ମଦନ ସିଂ, ଜା.ଭୂମିଜ, ବା. ଅଙ୍ଗାରିଆ |
| | 1726/ 2852 | 4.44 | 0.90 | ଶାରଦ ତିନି | |
| | 1726/ 2853 | 1.21 | 0.26 | ଶାରଦ ତିନି | |
| | 1726/ 2854 | 1.37 | 0.18 | ଶାରଦ ତିନି | |
| | 1726/ 2855 | 1.40 | 0.07 | ଶାରଦ ତିନି | |
| 337 | 278 | 1.21 | 0.08 | ଶାରଦ ଦୁଇ | ବାଞ୍ଛାନିଧି ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପି. ଗଙ୍ଗାଧର ମହାନ୍ତି, ଜା. ଖଣ୍ଡାୟତ, ବା.ନିଜଗାଁ |
| | 1017 | 0.73 | 0.08 | ଶାରଦ ଏକ | |
| 351 | 1350 | 0.35 | 0.35 | ଶାରଦ ତିନି | ବିଶ୍ୱମ୍ବର ମହାନ୍ତ, ପି. ରୂପା ମହାନ୍ତ, ଜା.କୁଡୁମୀ, କ୍ଷେତ୍ରୀୟ, ବା.ନିଜଗାଁ |
| 375 | 258 | 0.76 | 0.22 | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି. ଭକ୍ତା ମହାନ୍ତ, ଜା.କୁଡୁମୀ, ବା.ପୁରୁଣିଆ ସାମିଲ ହରିପୁର |
| 382 | 38 | 0.37 | 0.24 | ଶାରଦ ତିନି | ଭାଗୀରଥୀ ମହାନ୍ତ, ପି. ଚୂନକା ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| | 38/2702 | 0.30 | 0.15 | ଶାରଦ ତିନି | |
| 387 | 1111 | 0.57 | 0.11 | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି.କାଳୀ ଚରଣ ପଣ୍ଡା, ଜା.ବ୍ରାହ୍ମଣ, ବା.ନିଜଗାଁ |
| 388 | 1248/ 2815 | 0.20 | 0.08 | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି.ଶଙ୍କର୍ଷଣ ପଣ୍ଡା, ଜା.ବ୍ରାହ୍ମଣ, ବା.ନିଜଗାଁ |
| 390 | 1600 | 1.42 | 0.18 | ଶାରଦ ତିନି | ଭିକାରି ସିଂ, ବୈଷ୍ଣବ ସିଂହ, ବାବାଜି ସିଂହ, ପି. ସାହେବ ସିଂହ, ଜା.ରାଜପୁତ, ବା.ନିଜଗାଁ |
| 401 | 62 | 0.45 | 0.17 | ଶାରଦ ତିନି | ମଙ୍ଗୁଲିଆ ସିଂ, ପି.ସୁଦୁରା ସିଂ, ଜା.ଭୂମିଜ, ବା.ନିଜଗାଁ |
| | 351 | 0.75 | 0.15 | ଶାରଦ ତିନି | |
| 407 | 1729 | 0.42 | 0.02 | ଶାରଦ ତିନି | ମଙ୍ଗୁଲିଆ ସିଂ, ପି.ସୁକୁରା ସିଂ, ଜା.ଭୂମିଜ, ବା.ଅଙ୍ଗାରିଆ |
| 408 | 1375 | 0.81 | 0.38 | ଶାରଦ ଦୁଇ | ମଗର ସିଂ, ପି.ହାଡିଆ ସିଂ, ମାଟିଆ ସିଂ, ପି. ମଦନା ସିଂ, ଲୋଚନ ସିଂ, ପି.ପୁଟୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 197 | 1.60 | 0.40 | ଶାରଦ ତିନି | |
| 414 | 289 | 0.63 | 0.30 | ଶାରଦ ଦୁଇ | ମଧୁସୂଦନ ହାଁସଦା, ପି.ଦାମା ହାଁସଦା, ଜା.ସାନ୍ତାଳ, ବା.ନିଜଗାଁ |
| 424 | 279 | 1.89 | 0.54 | ଶାରଦ ଦୁଇ | ମନୋରଞ୍ଜନ ସିଂହ, ପୀତାମ୍ବର ସିଂହ, ପି. ଚିନ୍ତାମଣି ସିଂହ, ଜା. କ୍ଷେତ୍ରୀୟ, ବା.ନିଜଗାଁ |
| | 1251 | 1.06 | 0.15 | ଶାରଦ ତିନି | |
| | 1336 | 0.64 | 0.05 | ଶାରଦ ଦୁଇ | |
| 428 | 286 | 0.28 | 0.04 | ଶାରଦ ଦୁଇ | ମହେନ୍ଦ୍ର ସାହୁ, ପି.ଫକିର ସାହୁ, ଜା.କୁବେର, ବା.ବାଛୁରିପଡା |
| | 287 | 0.36 | 0.20 | ଶାରଦ ଦୁଇ | |
| 438 | 1044 | 0.75 | 0.06 | ଶାରଦ ଦୁଇ | ମହେଶ୍ୱର ଦାସ, ପି.ଚକ୍ର ଦାସ, ଜା.ଧୋବା, ବା.ନିଜଗାଁ |
| 442 | 1108 | 0.53 | 0.12 | ଶାରଦ ତିନି | ମାଗୁଣି ମହାନ୍ତି, ପି. ବୃନ୍ଦାବନ ମହାନ୍ତି, ଜା.ଖଣ୍ଡାୟତ, ବା.ନିଜଗାଁ |
| 443 | 1248/ 2814 | 0.53 | 0.01 | ଶାରଦ ତିନି | ମାଗୁଣି ମହାନ୍ତି, ଖଗେଶ୍ୱର ମହାନ୍ତି, ହରିହର ମହାନ୍ତି, ପି. ବୃନ୍ଦାବନ ମହାନ୍ତି, ଜା.ଖଣ୍ଡାୟତ, ବା.ନିଜଗାଁ |
| | 1282/ 2816 | 0.76 | 0.02 | ଶାରଦ ତିନି | |
| 445 | 231 | 1.05 | 0.02 | ଶାରଦ ଦୁଇ | ମାଘୁଆ ସିଂ, ପି.ରଟେଇ ସିଂ, ଜା.ଭୂମିଜ, ବା. ନିଜଗାଁ |
| 448 | 1719 | 0.68 | 0.11 | ଶାରଦ ତିନି | ମାୟା ମାଝି, ସ୍ୱା.ମିର୍ଜା ମାଝି, ଜା.ସାନ୍ତାଳ, ବା.ଅଙ୍ଗାରିଆ |
| | 1721/ 2567 | 0.94 | 0.54 | ଶାରଦ ତିନି | |
| 456 | 42 | 0.21 | 0.06 | ଶାରଦ ତିନି | ମୀନକେତନ ସାହୁ, ପଦ୍ମଲୋଚନ ସାହୁ, ସୁବଶିନୀ ସାହୁ, ସେବମଣି ସାହୁ, ପି. ଭଗବାନ ସାହୁ, ଜା.କୁବେର, ବା.ନିଜଗାଁ, ସୁଶୀଳାମଣି ସାହୁ, ପି. ଭଗବାନ ସାହୁ, ଜା.କୁବେର, ବା.ଚାଷିପଡା, ଥା.ବସ୍ତା, ସରସ୍ୱତୀ ସାହୁ,ପି.ଭଗବାନ ସାହୁ, ଜା. କୁବେର, ବା.ଛାନୁଆ, ଥା.ବାଲେଶ୍ୱର, ଜି.ବାଲେଶ୍ୱର, ଉଷାମଣି ସାହୁ, ପି.ଭଗବାନ ସାହୁ, ଜା.କୁବେର, ବା.ବଳଦିଆ, ଥା.ମୁରୁଡା, ପଦ୍ମାମଣି ସାହୁ, ସ୍ୱା.ଭଗବାନ ସାହୁ, ଜା.କୁବେର, ବା.ନିଜଗାଁ, ଗୋବିନ୍ଦ ସାହୁ, ପି. ନନ୍ଦ କିଶୋର ସାହୁ, ଜା.କୁବେର, ବା.କଲ୍ୟାଣପୁର, ଥା.ବାଲେଶ୍ୱର, ଜି.ବାଲେଶ୍ୱର |
| | 43 | 0.06 | 0.04 | ଶାରଦ ତିନି | |
| 469 | 195 | 0.17 | 0.09 | ଘରବାରି | ରଘୁ ସିଂ, ଜାରକା ସିଂ, ଶନିଆ ସିଂ, ଗୁଣଠୁରା ସିଂ, ବାଦାମ ସିଂ, ପି.: ରାବଣ ସିଂ, ଜା: ଭୂମିଜ, ବା: ନିଜଗାଁ |
| | 196 | 1.00 | 0.38 | ଶାରଦ ତିନି | |
| 472 | 1675 | 0.48 | 0.01 | ଶାରଦ ତିନି | ସାନ ରଘୁନାଥ ମହାନ୍ତ, ପି.: ଶ୍ରୀଧର ମହାନ୍ତ, ଜା: କୁଡୁମୀ, ବା: ଭୁରୁକୁଣ୍ଡି |
| 482 | 199 | 1.95 | 0.44 | ଶାରଦ ତିନି | ରମେଶ ସିଂ, ଯଗେଶ୍ୱର ସିଂ, ରାମେଶ୍ୱର ସିଂ, ପି.: ଚୈତା ସିଂ, ରାଙ୍କି ସିଂ, ପି.: ସୁନ୍ଦ୍ରୀ ସିଂ, ଜା: ଭୂମିଜ, ବା: ନିଜଗାଁ |
| 488 | 1679 | 0.96 | 0.31 | ଶାରଦ ତିନି | ରବୀନ୍ଦ୍ର ମହାନ୍ତି, ଅନନ୍ତ ମହାନ୍ତି, ଜା: ଲକ୍ଷ୍ମୀ ନାରାୟଣ ଗୋଲା, ବା: ଟୀକାଏତପୁର |
| 491 | 1679/ 2840 | 0.09 | 0.01 | ଶାରଦ ତିନି | ରତ୍ନାକର ମହାନ୍ତି, ପ୍ରଭାକର ମହାନ୍ତି, ପି.: ମହନ ମହାନ୍ତି, ଜା: ଖଣ୍ଡାୟତ, ବା: ଟିକାଏତପୁର |
| 509 | 64 | 1.05 | 0.32 | ଶାରଦ ତିନି | ରାଧା ମାଝି, ପି.: ଦାସ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| 510 | 10 | 1.90 | 0.60 | ଶାରଦ ଦୁଇ | ରାଧା ମାଝି, ରୋହିଆ ମାଝି, ବାଇଧର ମାଝି, ପି.: ଦାସ ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| 516 | 341 | 0.24 | 0.20 | ଶାରଦ ତିନି | ରାଧାମୋହନ ସେଠୀ, ପି.: ଯୁଧିଷ୍ଠିର ସେଠୀ, ଜା: ରଜକ, ବା: ପିଞ୍ଛାବଣିଆ |
| 527 | 1729/ 2849 | 0.33 | 0.11 | ଶାରଦ ତିନି | ରୋହିଆ ସିଂ, ପି.: ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| 537 | 37 | 0.29 | 0.17 | ଶାରଦ ତିନି | ଲକ୍ଷ୍ମଣ ମାଝି, ପି.: ବୁଢ଼ଣ ମାଝି, ଜା: ସାନ୍ତାଳ, ବା: ଡାଉରୁବିଲ |
| | 39 | 1.58 | 0.62 | ଶାରଦ ତିନି | |
| 548 | 236 | 0.54 | 0.03 | ଶାରଦ ଦୁଇ | ଲୋଚନ ସିଂ, ପି.: ପୁଟୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| 574 | 327 | 0.47 | 0.47 | ଶାରଦ ତିନି | ସମଭୁଆ ମହାନ୍ତ, ପି.: ଲକ୍ଷ୍ମୀରାମ ମହାନ୍ତ, ଜା: କୁଡୁମୀ କ୍ଷତ୍ରୀୟ, ବା: ନିଜଗାଁ |
| | 328 | 0.77 | 0.22 | ଶାରଦ ତିନି | |
| 596 | 1246 | 0.14 | 0.14 | ଶାରଦ ତିନି | ଶାନ୍ତିଲତା ପଣ୍ଡା, ପି.: ନିରଞ୍ଜନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| 597 | 1283 | 0.98 | 0.12 | ଶାରଦ ତିନି | ସାବିତ୍ରୀ ପାଢ଼ୀ, ପି.: ପଦ୍ମଲୋଚନା ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 1289 | 0.52 | 0.27 | ଶାରଦ ତିନି | |
| 616 | 291 | 1.03 | 0.30 | ଶାରଦ ଦୁଇ | ଶ୍ରୀକାନ୍ତ ମହାନ୍ତ, ପି.: ଭକତୁ ମହାନ୍ତ, ଜା: କୁଡୁମୀ କ୍ଷତ୍ରୀୟ, ବା: ନିଜଗାଁ |
| 618 | 1435 | 0.44 | 0.12 | ଶାରଦ ତିନି | ଶ୍ରୀଧର ମହାନ୍ତ, ପି.: ରଘୁନାଥ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 619 | 258/ 2711 | 0.64 | 0.15 | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି.: ଭକ୍ତା ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ (ହରିପୁର) |
| 620 | 144 | 0.65 | 0.06 | ଶାରଦ ଦୁଇ | ଶ୍ରୀଧର ମହାନ୍ତ, ପି.: ରଘୁନାଥ ମହାନ୍ତ, ଫୁସକିଆ ମହାନ୍ତ, ସ୍ୱା.: ରଘୁନାଥ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 626 | 1290/ 2893 | 0.40 | 0.06 | ଶାରଦ ତିନି | ଶୁକୁରା ସିଂ, ପି.: ଜେନା ସିଂ, ଜା: କୋହ୍ଲ, ବା: ନିଜଗାଁ |
| 631 | 190 | 0.94 | 0.15 | ଶାରଦ ତିନି | ସୁଦାମ ସିଂ, ଟିବିନ ସିଂ, ପୂର୍ଣ୍ଣ ସିଂ, ପି.: ଗଣଶା ସିଂ, ବୁଣ୍ଟୁ ସିଂ, କାନ୍ଦରା ସିଂ, ପି.: ଦୁର୍ଗା ସିଂ, କଟି ସିଂ, ପି.: ବାଇନ ସିଂ, ଜା: ଭୂମିଜ, ବା: ନିଜଗାଁ |
| | 198 | 1.00 | 0.07 | ଶାରଦ ତିନି | |
| 639 | 1743 | 0.74 | 0.03 | ଶାରଦ ତିନି | ଶୁବୁଦୀ ମାଝି, ପି.: ଚିନ୍ତା ମାଝି, ଜା: ସାନ୍ତାଳ, ବା: ଅଙ୍ଗାରିଆ |
| 654 | 235 | 0.52 | 0.18 | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା.: ସାଇବା ମହାନ୍ତ, ରହନୀ ମହାନ୍ତ,, ଶ୍ରୀମତୀ ମହାନ୍ତ,, ନଳିତା ମହାନ୍ତ, ପି.: ସାଇବା ମହାନ୍ତ,, ଜା: କୁଡୁମୀ, ବା: ନିଜଗାଁ |
| 655 | 148 | 0.43 | 0.05 | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା.: ସାଇବା ମହାନ୍ତ, ରହନୀ ମହାନ୍ତ, ଶ୍ରୀମତୀ ମହାନ୍ତ, ଲଳିତା ମହାନ୍ତ, ପି.: ସାଇବା ମହାନ୍ତ, ଆଶାତୁ ମହାନ୍ତ, ପି.: ଶାମ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| | 1437 | 0.48 | 0.16 | ଶାରଦ ତିନି | |
| 662 | 281 | 0.60 | 0.31 | ଶାରଦ ଦୁଇ | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ଆକୁଳି ମହାନ୍ତ, ଜା: କୁଡୁମୀ କ୍ଷତ୍ରୀୟ, ବା: ନିଜଗାଁ |
| 664 | 1717 | 0.67 | 0.13 | ଶାରଦ ତିନି | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ଆକୁଳି ମହାନ୍ତ, ଛୁଟୁ ମହାନ୍ତ, ସ୍ୱା.: ଆକୁଳି ମହାନ୍ତ, ନକୁଳ ମହାନ୍ତ, ସହଦେବ ମହାନ୍ତ, ପି.: ଅର୍ଜୁନ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 672 | 147 | 0.67 | 0.05 | ଶାରଦ ତିନି | ହରିଶ୍ଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରମିଳା ମହାନ୍ତ, ଉର୍ମିଳା ମହାନ୍ତ, ପି.: ଗଣେଶ୍ୱର ମହାନ୍ତ, ସରସ୍ୱତୀ ମହାନ୍ତ, ସ୍ୱା.: ଗଣେଶ୍ୱର ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 683 | 8 | 1.27 | 0.44 | ଶାରଦ ଦୁଇ | ହାଦୀ ମାଝି, ସ୍ୱା.: ଭାଲୁ ମାଝି, ଝାନୁ ମାଝି, ମାଙ୍ଗୀ ମାଝି, ପି.: ଭୀଲୁ ମାଝି, କୁଆର ମାଝି, ନିମାଇ ମାଝି, ଭାଞ୍ଜ ମାଝି, ପି.: ଚିନ୍ତାମଣି ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| | 9 | 0.36 | 0.16 | ଶାରଦ ଦୁଇ | |
| | 47 | 1.60 | 0.15 | ଶାରଦ ତିନି | |

# ପୌର ଅଧିକାରୀଙ୍କୁ ପୋଲିସର ମାଡ଼

**ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)**

### କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ିବସିଲେ ସରକାରୀ କର୍ମଚାରୀ

ପୁରୀ ସହରରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡିଉଟିରେ ଥିବା ଜଣେ ସରକାରୀ ଅଧିକାରୀଙ୍କୁ ପୋଲିସ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଧ୍ୟା ପ୍ରାୟ ୮ଟାରେ ତାଙ୍କର ମାଜିଷ୍ଟ୍ରେଟ୍ ଡିଉଟି ଥିବାରୁ ଗୁଣ୍ଡିଚା ମନ୍ଦିର ଆଡକୁ ଆସୁଥିଲେ। ତେବେ ବଡ଼ଶଙ୍ଖଠାରେ ଥିବା ମୁତୟନ ଥିବା ଦୁଇଜଣ ପୋଲିସ କର୍ମଚାରୀ ଗାଡ଼ି ଆଗକୁ ଯିବ ନାହିଁ ବୋଲି କହିବା ସହ ତେଣୁ ଗାଡ଼ି ବୁଲାଇବାକୁ କହିଥିଲେ। ତେବେ ସେ ତାଙ୍କ ପରିଚୟ ଦେବା ସହ ଡିଉଟିରେ ଥିବା କଥା ପୋଲିସ କର୍ମଚାରୀଙ୍କୁ କହିଥିଲେ। ଏପରିକି ସେ ତାଙ୍କର ପାସ୍ ଓ ଡିଉଟି କାର୍ଡ ପୋଲିସ କର୍ମଚାରୀଙ୍କୁ ଦେଖାଇଥିଲେ। ମାତ୍ର ପୋଲିସ କର୍ମଚାରୀ ତାଙ୍କ କଥା ନ ଶୁଣି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ କଲର ଧରି ମାଡ଼ ମାରିଥିଲେ। ଏହି ଖବର ପୌରସଂସ୍ଥା ଅଧିକାରୀମାନେ ଜାଣିବା ପରେ ଘଟଣାସ୍ଥଳକୁ ଆସି ଆକ୍ରମଣ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଡ଼ିବସିଥିଲେ। ଜିଲାପାଳ, ଉପଜିଲାପାଳ, ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଆସି କର୍ମଚାରୀମାନଙ୍କୁ ବୁଝାଶୁଝା କରିଥିଲେ। ତେବେ କର୍ମଚାରୀମାନେ ଉକ୍ତ ଦୁଇ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ଦାବି କରିଥିଲେ। ଲିଖିତ ଅଭିଯୋଗ କଲେ ସମ୍ପୃକ୍ତ ଦୁଇ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚ ଅଧିକାରୀମାନେ କହି ଆକ୍ରମଣର ଶିକାର ହୋଇଥିବା ଅଧିକାରୀଙ୍କୁ ନିଜ ସାଙ୍ଗରେ ନେଇଯାଇଥିଲେ।

# ଭାରତୀୟ ନ୍ୟାୟ ସଂହିତା ଆଧାରରେ ପ୍ରଥମ ମାମଲା ରୁଜୁ

**ଅସ୍ତରଙ୍ଗ,୧୨।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ନୂଆ ଆଇନ ଲାଗୁ ପରେ ପୁରୀ ଜିଲା ଅସ୍ତରଙ୍ଗ ଥାନାରେ ଶୁକ୍ରବାର ପ୍ରଥମ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ ଜୁଲାଇ ୯ରେ ମେଡିକାଲ ଗ୍ରିଲ୍ ଭାଙ୍ଗି ୩ ଜଣ ଯୁବକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅସ୍ତରଙ୍ଗ ଥାନା ଅଞ୍ଚଳର ଶୁଭଲକ୍ଷ୍ମୀ ଭୋଇ ଅଭିଯୋଗ କରିଛନ୍ତି। ୧୬୭/୨୪ରେ ପ୍ରଥମ ଏଫଆଇଆର ନମ୍ବର ରହିଛି। ପୂର୍ବରୁ ଏନେଇ ଆଇପିସିରେ ମାମଲା ରୁଜୁ ହେଉଥିଲା। ଏବେ ଭାରତୀୟ ନ୍ୟାୟ ସଂହିତା ଦଫା ୨୯୬, ୩୫୧(୧), ୩୫୧(୨), ୩୩୧(୧), ୩୩୧(୪), ୩(୫)ରେ ପ୍ରଥମ ମାମଲା ରୁଜୁ କରାଯାଇଛି। ତେବେ ନୂଆ ଆଇନ ଲାଗୁ ହେବା ପରେ ତଦନ୍ତ ତ୍ୱରାନ୍ୱିତ ହୋଇପାରିବ। ବ୍ରିଟିଶ ଅମଳରୁ ଚଳି ଆସୁଥିବା ଭାରତୀୟ ପିଙ୍ଗଳ କୋଡ (ଆଇପିସି), ଫୌଜଦାରୀ ଦଣ୍ଡ ବିଧି ଆଇନ (ସିଆର୍‌ପିସି) ଓ ଭାରତୀୟ ସାକ୍ଷ୍ୟ ଆଇନ (ଇଣ୍ଡିଆନ ଏଭିଡେନ୍ସ ଆକ୍ଟ) ଇତିହାସ ପାଲଟିଯାଇଛି। ଏହା ବଦଳରେ ୩ ନୂଆ ଫୌଜଦାରୀ ଆଇନ୍ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ)କାର୍ଯ୍ୟକାରୀ ହୋଇଛି। ଏହି ନୂଆ ଆଇନରେ ଦଣ୍ଡ ବିଧାନ ଅପେକ୍ଷା ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦେବ।


## SAMBALPUR DISTRICT CO-OPERATIVE CENTRAL BANK LTD.

HEAD OFFICE : BARGARH - 768028
Phone : (06646) 233157/232634, Fax : (06646) 232696, Email : headoffice@sambalpurdccb.com
Ref No. 1711 CB/Estt./2024-25 Date - 12.07.2024

**QUOTATION CALL NOTICE**

Sealed quotations are invited from intending IRDAI certified Agencies, fulfilling the IRDAI norms, for entering into floater group health insurance policy covering employees of the Bank along with their spouse, Children up to 3 (three) and dependent Parents for a period of 1 (one) year. The sum assured of the policy of Rs.5,00,000/- (Rupees five lakh) only / Rs. 10,00,000/- (Rupees ten lakh) only will be decided by the Competent Authority of the Bank. The intended companies may provide the proposal for sum assured of the policy of Rs. 5,00,000/- and Rs. 10,00,000/- separately.
Intended companies may obtain required data from Manager, Establishment Section at Head Office of the Bank to prepare a proposal of the policy with optimum services as well as benefits with minimum possible premium. The proposal should be submitted to "The Premises Officer, Sambalpur Dist. Co-Op Central Bank Ltd. Head Office, Bargarh, at-Lengu Mishra Chowk, PO/Dist. - Bargarh, Odisha 786028", on or before 20.07.2024 by 3.00 P.M by hand only. Proposal/Quotation received through any other mode or after the stipulated time shall not be accepted. The quotations so recived shall be opened and scrutinized by the tender committee of the Bank on 20.07.2024 at 4 P.M. in the conference hall of the Bank at Head Office, Bargarh.
The undersigned reserves the right to accept or reject any or all quotations without assigning any reason thereof.
For more details please visit our website : https://sambalpurdccb.com
E-mail : headoffice@sambalpurdccb.com

**Sd./- Chief Executive Officer**


# ବିଧାୟକଙ୍କ ପ୍ରଥମ ସମୀକ୍ଷା ବୈଠକ



**ଡେଲାଙ୍ଗ,୧୨।୭(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଶୁକ୍ରବାର ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ କ୍ଷିତିଶ ବେହେରା, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ଯନ୍ତ୍ରୀ ଚନ୍ଦ୍ରୋତ୍ପଳା ନାୟକ, ରଞ୍ଜନ ମିଶ୍ର, ସ୍ୱାଗତିକା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ପରେ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହା ସମେତ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ବିଧାୟକ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା, ଜଳ ସେଚନ ସମସ୍ୟା, ମହିଳା ଗୋଷ୍ଠୀଗୁଡ଼ିକର ନବୀକରଣ, ଆବାସ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା, ବାଦ୍ ପଡ଼ିଥିବା କୃଷକଙ୍କୁ ପିଏମ୍ କିଷାନ ସହାୟତା, ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଉଜ୍ଜଳା ଗ୍ୟାସରେ ସାମିଲ କରିବା, ବ୍ଲକରେ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ବିଭିନ୍ନ ଅଭିଯୋଗ ହୋଇଥିଲା। ଯଥାଶୀଘ୍ର ଅଭିଯୋଗଗୁଡ଼ିକର ସମାଧାନ କରାଯିବ ବୋଲି ବିଧାୟକ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ପଦବି ଖାଲି ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ସେବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହୋଇଥିଲା। ଡାକ୍ତର ପଦବୀ ପୂରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀଙ୍କୁ ଏସମ୍ପର୍କରେ ଚିଠି ଲେଖାଯାଇ ଅବଗତ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ବିଧାୟକ କ୍ଷୁବ୍ଧ ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା, ସନ୍ଧ୍ୟାବତୀ ପ୍ରଧାନଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ମା' ସାହାରେଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାରାରୋପଣ

**ଚାରିଛକ,୧୨।୭(ଶିଶିର ସ୍ୱାଇଁ)**

ଗଛ ଦିନକୁ ଦିନ ହ୍ରାସ ପାଉଥିବାରୁ ତାପମାତ୍ରା ବୃଦ୍ଧି ଘଟିବା ସହ ଅମ୍ଳଜାନର ଅଭାବ ଘଟୁଛି। ପ୍ରାଣୀଙ୍କ ବଞ୍ଚିବା କଷ୍ଟକର ହୋଇପଡୁଛି। ଏହି ସବୁ ସମସ୍ୟାର ନିରାକରଣ ପାଇଁ 'ଏକ୍ ପେଡ୍ ମା' କେ ନାମ୍' ଜରିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନିମାପଡ଼ା ବ୍ଲକ ବାହାରଣା ପଞ୍ଚାୟତର ଅଟେଇହୁଡ଼ା ଗ୍ରାମର ମା' ସାହାରେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି କବିତା ବେହେରାଙ୍କ ନେତୃତ୍ୱରେ 'ଗୋଟିଏ ଗଛ ମୋ' ମାଆ ପାଇଁ' କାର୍ଯ୍ୟକ୍ରମ ଅବସରରେ ପ୍ରତ୍ୟେକ ସଭ୍ୟା ନିଜ ନିଜ ବାଡ଼ିରେ ଶୁକ୍ରବାର ଚାରା ରୋପଣ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ପାଦିକା ଝିଲି ବାରିକ୍‌ଙ୍କ ସମେତ ସଭ୍ୟା ରଞ୍ଜୁଲତା ବେହେରା, ଗୌରୀ ବାରିକ୍, ପାର୍ବତୀ ବେହେରା, ଭାବେନୀ ମଲିକ, ଶାନ୍ତିଲତା ବେହେରା, ସାଗରିକା ବେହେରା, ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।


## କେନ୍ଦ୍ରୀୟ ଆୟୁର୍ବେଦୀୟ ବିଜ୍ଞାନ ଅନୁସନ୍ଧାନ ପରିଷଦ

ଆୟୁଷ ମନ୍ତ୍ରାଳୟ, ଭାରତ ସରକାର
ଜେ.ଏଲ୍.ଏନ୍.ବି.ସି.ଇ.ଏଚ୍., ଅନୁସନ୍ଧାନ ଭବନ ନଂ. 61-65, ଇନ୍‌ଷ୍ଟିଚ୍ୟୁଟନାଲ ଏରିଆ, ସମ୍ମୁଖ ''ଡି'' ବ୍ଲକ, ଜନକପୁରୀ, ନୂଆଦିଲ୍ଲୀ – 110058
ଇମେଲ୍: dg-ccras@nic.in, ୱେବ୍‌ସାଇଟ୍: www.ccras.nic.in, ଫୋନ୍: 011-28525852

**ବିଜ୍ଞାପନ – 24**

**ପଞ୍ଚକର୍ମା ଟେକନୀଶିୟନ କୋର୍ସ**

କେନ୍ଦ୍ରୀୟ ଆୟୁର୍ବେଦୀୟ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆରଏଏସ୍), ଆୟୁଷ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ହେଲ୍‌ଥକେୟାର ସେକ୍ଟର ସ୍କିଲ କାଉନ୍‌ସିଲ (ଏଚଏସଏସସି) – ନ୍ୟାସନାଲ ସ୍କିଲ ଡେଭଲପମେଣ୍ଟ କର୍‌ପୋରେଶନ (ଏନଏସ୍‌ଡିସି) ସହ ଅନୁବନ୍ଧିତ ନିମ୍ନଲିଖିତ ୪ ପ୍ରଶିକ୍ଷଣ/ତାଲିମ କେନ୍ଦ୍ର ଯଥା (୧) ସିଏଆରଆଇ, ନୂଆଦିଲ୍ଲୀ (୧୦ ସିଟ୍), (୨) ଏନଏଆରଆଇପି, ଚେରୁଥୁରୁଥି (୩୦ ସିଟ୍), (୩) ଆରଏଆରଆଇ, ଜମ୍ମୁ (୧୫ ସିଟ୍) ଏବଂ (୪) ସିଏଆରଆଇ, ଗୁଆହାଟୀ (୧୦ ସିଟ୍)ରେ ସିସିଆରଏଏସ୍, ଆୟୁଷ ମନ୍ତ୍ରାଳୟ, ନୂଆଦିଲ୍ଲୀ ଦ୍ୱାରା ସଂଚାଳିତ ଏକ ବର୍ଷୀୟ ପୂର୍ଣ୍ଣକାଳୀନ ଏବଂ ସ୍ୱ-ନିଧିୟତ/ପଞ୍ଚକର୍ମା ଟେକନୀଶିୟନ କୋର୍ସ ପାଇଁ ଦ୍ୱାଦଶ ପାସ୍ ଛାତ୍ରଛାତ୍ରୀମାନଙ୍କଠାରୁ ଆବେଦନ କରିବା ପାଇଁ ଆମନ୍ତ୍ରଣ କରାଯାଉଅଛି। ବିଜ୍ଞାପନ, ଆବେଦନ ପ୍ରୋଫର୍ମା, ପାଠ୍ୟକ୍ରମ (କୋର୍ସ), କିପରି ଆବେଦନ କରିବେ, ପାଠ୍ୟକ୍ରମ ଫି, ବୟସ ସୀମା, ସଂରକ୍ଷଣ ଏବଂ ଆବେଦନ ଗ୍ରହଣ ପାଇଁ ଶେଷ ତାରିଖ ଇତ୍ୟାଦି ପରିଷଦ ୱେବ୍‌ସାଇଟ୍: www.ccras.nic.inରୁ ପ୍ରାପ୍ତ କରିପାରିବେ।

CBC-17216/11/0006/2425 ପ୍ରଶାସନିକ ଅଧିକାରୀ (ସ୍ଥାପନା)



## ଯୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India

यूनियन बैंक ऑफ इंडिया — भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର,** ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ନଂ. ୨୦୦୨ର ୫୪)ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା(ମାନ)ଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ଉକ୍ତ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋଲସରା** ଶାଖା ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ପୋଲସରା ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ମା ଖମ୍ବେଶ୍ୱରୀ ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ରାମ କୃଷ୍ଣ ଗୌଡ,** ପିତା: ଅଭିମନ୍ୟୁ ଗୌଡ, ସା: ଖାତା ନଂ.: ୨୭୭/୮୦, ପ୍ଲଟ୍ ନଂ.: ୧୧୪୩/୨୨୦୧, କେ. ରାଣୀପଡ଼ା, ବେରୁଆଁବାଡ଼ି, କୋଦଳା, ଥାନା: ପୋଲସରା, ଗଞ୍ଜାମ, ଓଡ଼ିଶା-୭୬୧୦୩୨, ୨) **ଶ୍ରୀ ରାମ କୃଷ୍ଣ ଗୌଡ,** ପିତା: ଅଭିମନ୍ୟୁ ଗୌଡ, ସା: କାଳିମେଘି, ପୋ: ଜାଗିଲିପଦର, ଥାନା: କୋଦଳା, ଗଞ୍ଜାମ, ଓଡ଼ିଶା-୭୬୧୦୩୨ / **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ଅଭିମନ୍ୟୁ ଗୌଡ,** ପିତା: ବାଉରୀ ବନ୍ଧୁ ଗୌଡ, ୨) **ଶ୍ରୀମତୀ ସଜନୀ ଗୌଡ,** ସ୍ୱାମୀ: ଅଭିମନ୍ୟୁ ଗୌଡ, ୩) **ଶ୍ରୀ ବଟ କୃଷ୍ଣ ଗୌଡ,** ପିତା: ଅଭିମନ୍ୟୁ ଗୌଡ, ସମସ୍ତଙ୍କ ଠିକଣା- ଗଣେଶ ବଜାର, କାଳିମେଘି, ପୋ: ଜାଗିଲିପଦର, ଥାନା: କୋଦଳା, ଗଞ୍ଜାମ, ଓଡ଼ିଶା-୭୬୧୦୩୨, ୪) **ଶ୍ରୀ ସନ୍ତୋଷ କୁମାର ସ୍ୱାଇଁ,** ପିତା: ନିତ୍ୟାନନ୍ଦ ସ୍ୱାଇଁ, ବେରୁଆଁବାଡ଼ି, କେ. ରାଣୀପଡ଼ା, ସାନଉସ୍ତାପଡା, ବେରୁଆଁବାଡ଼ି, କୋଦଳା, ଗଞ୍ଜାମ, ଓଡ଼ିଶା-୭୬୧୦୩୨ | ଟ.୧,୦୧,୧୪,୪୬୧.୦୦ + ସେବାବଦ ସୁଧ ଏବଂ ଆଇନଗତ ଦେୟ | ୨୫.୦୪.୨୦୨୪ / ୦୯.୦୭.୨୦୨୪ | **(୧) ସଜନୀ ଗୌଡ,** ସ୍ୱାମୀ: ଅଭିମନ୍ୟୁ ଗୌଡଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୨୦/୪୦୫୪, ଖାତା ନଂ.: ୩୮୭/୫୭, କ୍ଷେତ୍ର: ଏକର୦.୦୪୫ଡିସିମିଲି, ମୌଜା: କାଳିମେଘି, ତହସିଲ: କୋଦଳା, ଗଞ୍ଜାମ, ଓଡ଼ିଶା, ଏହାର ଚଉହଦୀରେ- ପୂର୍ବ: ପ୍ରମିଳା ଗୌଡଙ୍କ ଜମି, ପଶ୍ଚିମ: ଶ୍ରୀ ରଘୁନାଥ ମହାପ୍ରଭୁଙ୍କ ଜମି, ଉତ୍ତର: ରାସ୍ତା ଏବଂ ଦକ୍ଷିଣ: ଦୁଃଖିଶ୍ୟାମ ଜେନାଙ୍କ ଜମି, **(୨) ଅଭିମନ୍ୟୁ ଗୌଡ,** ପିତା: ବାଉରୀବନ୍ଧୁ ଗୌଡଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୪୨/୨୧୮୯, ଖାତା ନଂ.: ୨୭୭/୬୪, କ୍ଷେତ୍ର: ଏକର୦.୨୮୦ଡିସିମିଲି, ମୌଜା: କନ୍ଧରାଣୀପଡ଼ା, ତହସିଲ: କୋଦଳା, ଗଞ୍ଜାମ, ଓଡ଼ିଶା, ଏହାର ଚଉହଦୀରେ- ପୂର୍ବ: ବଳରାମ ପଣ୍ଡାଙ୍କ ଜମି, ପଶ୍ଚିମ: ଅର୍ଜୁନ ବେହେରାଙ୍କ ଜମି, ଉତ୍ତର: ରାସ୍ତା ଏବଂ ଦକ୍ଷିଣ: ମୋହନ ସ୍ୱାଇଁଙ୍କ ଜମି, **(୩) ବଟ କୃଷ୍ଣ ଗୌଡ,** ପିତା: ଅଭିମନ୍ୟୁ ଗୌଡଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୪୩/୨୨୦୧, ଖାତା ନଂ.: ୨୭୭/୮୦, କ୍ଷେତ୍ର: ଏକର୦.୧୧୬ଡିସିମିଲି, ମୌଜା: କନ୍ଧରାଣୀପଡ଼ା, ତହସିଲ: କୋଦଳା, ଗଞ୍ଜାମ, ଓଡ଼ିଶା, ଏହାର ଚଉହଦୀରେ- ପୂର୍ବ: କେଶବ ନାହାକଙ୍କ ଜମି, ପଶ୍ଚିମ: ବଟ କୃଷ୍ଣ ଗୌଡଙ୍କ ଜମି, ଉତ୍ତର: ବଟ କୃଷ୍ଣ ଗୌଡଙ୍କ ଜମି ଏବଂ ଦକ୍ଷିଣ: ଦେବରାଜ ସ୍ୱାଇଁଙ୍କ ଜମି |
| **ପୋଲସରା ଶାଖା /** **ଋଣଗ୍ରହୀତା: ମେସର୍ସ ମା ତାରା ତାରିଣୀ ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ଭଗବାନ ସାହୁ,** ପିତା: ପିତାମ୍ବର ସାହୁ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭଗବାନ ସାହୁ,** ପିତା: ପିତାମ୍ବର ସାହୁ / **ଜାମିନ୍‌ଦାର: ପିତାମ୍ବର ସାହୁ,** ପିତା: କ୍ଷେତ୍ର ସାହୁ, ସମସ୍ତଙ୍କ ଠିକଣା- ଜକର, ବଣପଲ୍ଲୀ, ପୋଲସରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୫ | ଟ.୪୭,୩୨,୮୪୦.୦୦ + ସେବାବଦ ସୁଧ ଏବଂ ଆଇନଗତ ଦେୟ | ୨୫.୦୪.୨୦୨୪ / ୦୯.୦୭.୨୦୨୪ | **ଶ୍ରୀ ଭଗବାନ ସାହୁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଯାହାର ଖାତା ନଂ.: ୧୬୯୨/୯ (ପୁରୁଣା) ଏବଂ ବର୍ତ୍ତମାନ ଆର୍‌ଓଆର୍ ଅନୁଯାୟୀ ୧୬୯୨/୨୫୧, ପ୍ଲଟ୍ ନଂ.: ୧୨୨୨୭, କ୍ଷେତ୍ର: ଏକର୦.୧୪୫ଡିସିମିଲି, ମୌଜା: ଜକର, ତହସିଲ: ପୋଲସରା, କବିସୂର୍ଯ୍ୟନଗର ବ୍ଲକ୍, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚଉହଦୀରେ- ପୂର୍ବ: ରାସ୍ତା, ପଶ୍ଚିମ: ଜମିର ବିକ୍ରେତା ପିତାମ୍ବର ସାହୁ, ଉତ୍ତର: ବଂଶୀଧର ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା |

ତାରିଖ: ୧୨.୦୭.୨୦୨୪
ସ୍ଥାନ: ବ୍ରହ୍ମପୁର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# 'ଆମ ହାତରେ ଆମ ସମସ୍ୟାର ସମାଧାନ'

**ପୁରୀ,୧୨।୭(ଅଜିତ୍ କୁମାର ମହାନ୍ତି)**

ସରକାରୀ ଚିକିତ୍ସା ଉପଲବ୍ଧ ତଥା ସେବା କେନ୍ଦ୍ରର ଉପଯୁକ୍ତ ପରିଚାଳନା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ଏକ୍ସ' ଠିକଣା ଦିଆଯାଇଛି। ପ୍ରତ୍ୟେକ ଡାକ୍ତରଖାନା 'ଏକ୍ସ' ମାଧ୍ୟମରେ ଆସୁଥିବା ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏନେଇ ସଚେତନତା ସୃଷ୍ଟି ପାଇଁ 'ଆଟା' ପକ୍ଷରୁ ଏକ ସଚେତନତା ଶିବିର ଖୋଲାଯାଇଛି। ସ୍ୱାସ୍ଥ୍ୟ ହିଁ ସମ୍ପଦକୁ କାର୍ଯ୍ୟକାରୀ କରିବା ସହ ଠିକ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଏହି ଶିବିର ବାର୍ତ୍ତା ଦେଉଛି। ଏବେ ସୋସିଆଲ ମିଡିଆର ଯୁଗ। ଆମ ସମସ୍ତଙ୍କ ହାତରେ ଆଣ୍ଡ୍ରଏଡ ଫୋନ୍ ସହ ଇଣ୍ଟରନେଟ ସୁବିଧା ରହିଛି। ପୂର୍ବରୁ ଏହାର ସୁଫଳ ମଧ୍ୟ ରାଜ୍ୟର ବିଭିନ୍ନ ଜିଲାବାସୀ ପାଇଛନ୍ତି। ଏଣୁ ଏହି ସୁବିଧାକୁ ଘରେ ଘରେ ଲୋକଙ୍କ ପାଖେ ପହଞ୍ଚାଇ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ପାଇଁ 'ଆସୋସିଏଶନ୍ ଅଫ ଟୁଇଟର ଆକ୍ଟିଭିଷ୍ଟସ୍' 'ଆମ ହାତରେ ଆମ ସମସ୍ୟାର ସମାଧାନ' କାର୍ଯ୍ୟକ୍ରମ ଆରମ୍ଭ କରିଛି। ରଥଯାତ୍ରା ଅବସରରେ ଭକ୍ତଙ୍କ ଗହଳି ରହୁଛି। ତେଣୁ ଏହି ସଚେତନତାକୁ ବ୍ୟାପକ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ନେଇ ଅନୁଷ୍ଠାନ ପକ୍ଷରୁ ଶରଧାବାଲିରେ ଏକ ଷ୍ଟଲ୍ ଖୋଲାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଦୀପକ କୁମାର ପ୍ରଧାନ, ଜଗନ୍ନାଥ ସେଠୀ, ଗୀତାଞ୍ଜଳି ଜେନା, ନିରାକାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), DHENKANAL

No. 6112/Dt. 12.07.2024

**SHORT TENDER CALL NOTICE**

Sealed tender in prescribed forms are invited from the intending Registered firms / Authorized licensing Transporting Contractors / Agents for undertaking the work of transportation of MDM food stuff quarterly from FSD, FCI/OSCSC, Dhenkanal/ Selected Depot to all school points of Dhenkanal district under Mid-Day-Meal Programme for the year 2024-25 (July, 24 to Mar, 25). The tender paper / terms and condition can be obtained from the office of the District Project Management Unit (MDM), Dhenkanal, O/o the District Education Officer, Dhenkanal and also available at District website **(www.dhenkanal.nic.in)** from dt.11.07.2024 to 20.07.2024 on any working day during office hour on payment of 15,000/- (Rupees Fifteen thousand) only in shape of Demand Draft (Non refundable) in favour of District Nodal Officer (MDM)-cum-District Education Officer, Dhenkanal payable at Dhenkanal. In case of submission of downloaded tender paper, it must accompany the demand draft amounting Rs. 15,000/- as mentioned above, failing which the tender application will be rejected. The tender shall be received by the District Education Officer, Dhenkanal during the office hour from 11.07.2024 to 20.07.2024 through **Registered Post / Speed Post** only and will be opened on 22.07.2024 at 4:00 PM in the Office Chamber of Collector, Dhenkanal in presence of the members of the tender committee and the tenderers or their authorized representatives. There shall be two stages of bidding-Technical and Financial. The interested bidders must submit the Technical bid in a envelope super - scribed as **"Technical Bid for Tender of Transportation of Mid Day Meal Food stuff in Dhenkanal district for 2024-25"**. The Financial Bid must be submitted in a separate envelope super-scribed as **"Financial Bid for Tender of Transportation of Mid Day Meal food stuff in Dhenkanal district for 2024-25"**. Both these envelopes must then be placed in a third envelopes super-scribed as **" Tender of Transportation of Mid Day Meal Food stuff in Dhenkanal district for 2024-25"**. The tenders received beyond the scheduled date and time shall be rejected. The undersigned reserves the right to reject/cancel/withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.

**Sd./- Collector & District Magistrate, Dhenkanal**



| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 689 | 63 | 0.89 | 0.28 | ଶାରଦ ତିନି | ହେମ ବିନ୍ଧାଣି, ଗୁରୁବାରି ବିନ୍ଧାଣି, ପି.: ରଥିଆ ବିନ୍ଧାଣି, ରଥିଆ ବିନ୍ଧାଣି, ପି.: କାଳିଆ ବିନ୍ଧାଣି, ଜା: କମାର, ବା: ପାଇକ ସାହି |
| 692 | 252 | 0.54 | 0.05 | ଶାରଦ ତିନି | ହେଟ ସିଂ, କଟି ସିଂ, ଗୁରୁଭା ସିଂ, ପି.: ବିନ ସିଂ, ଜା: ଭୂମିଜ, ବା: ନିଜଗାଁ |
| 692/10 | 2407/ 2912 | 2.00 | 0.20 | ଶାରଦ ତିନି | ଦୁଲା ମାଝି, ପି.: ବିଶ୍ୱନାଥ ମାଝି, ବା: ନିଜଗାଁ |
| 692/23 | 2402 | 1.17 | 0.14 | ଶାରଦ ତିନି | କୁଶାଳ ମାଝି, ପି.: ଖେଲା ମାଝି, ଜା: ସାନ୍ତାଳ, ବା: ପୁରୁଣାପାଣି ସାମିଲ କେସରା ସାହି |
| 692/76 | 1679/ 2840/ 2967 | 0.69 | 0.35 | ଶାରଦ ତିନି | ଅନନ୍ତ ମହାନ୍ତି, ପି.: ଭାଗବତ ମହାନ୍ତି, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା: ଟୀକାଏତପୁର |
| 692/80 | 2418/ 2664/ 2969 | 0.75 | 0.22 | ଆଶୁ | ବିଶ୍ୱନାଥ ମାଝି, ପି.: ଦୁଲା ମାଝି, ଜା: ସାନ୍ତାଳ, ବା: ପୁରୁଣିଆ |
| 692/123 | 166 | 0.35 | 0.17 | ଶାରଦ ଦୁଇ | ରବୀନ୍ଦ୍ର ସିଂ, ପି.: ଫାଦରୁ ସିଂ, ଜା: ଭୂମିଜ, ବା: ପୁରୁଣିଆ |
| 692/127 | 153/ 2368/ 3019 | 0.35 | 0.13 | ଶାରଦ ଦୁଇ | ମଙ୍ଗଲ ଚରଣ ଟୁଡୁ, ମନୋରଞ୍ଜନ ଟୁଡୁ, ପି.: ପାଣ୍ଡୁଚରଣ ଟୁଡୁ, ଜା: ସାନ୍ତାଳ, ବା: ପୁରୁଣିଆ |
| 692/131 | 1738 | 1.80 | 0.18 | ଶାରଦ ତିନି | ଦୁଃଖୀରାମ ସିଂ, ପି.: ଅର୍ଜୁନ ସିଂ, ଜା: ଭୂମିଜ, ବା: ନିଜଗାଁ |
| 692/133 | 2400 | 1.24 | 0.05 | ଶାରଦ ତିନି | ମଦନା ବତୀ ଦାସ, ସ୍ୱା.: ଅଚ୍ୟୁତାନନ୍ଦ ଦାସ, ଜା: ଖଣ୍ଡାୟତ, ବା: ପୁରୁଣିଆ |
| | 2401/ 3003 | 0.12 | 0.05 | ଶାରଦ ତିନି | |
| 692/134 | 1730 | 0.32 | 0.15 | ଶାରଦ ତିନି | ଯଦୁନାଥ ସିଂ, ପି.: ବୁଧୁରାମ ସିଂ, ଜା: ତାମୁଡ଼ିଆ, ବା: ପୁରୁଣିଆ |
| 692/282 | 194 | 0.24 | 0.14 | ଶାରଦ ତିନି | ରବନ୍ଦ୍ର ସିଂ, ନାବାଳକ ଗାର୍ଜନ, ପି.: ଲୋଚନ ସିଂ, ଜା: ଭୂମିଜ, ବା: ପୁରୁଣିଆ |
| | 177 | 0.70 | 0.08 | ଶାରଦ ଦୁଇ | |
| 692/311 | 194/ 3169 | 0.29 | 0.12 | ଶାରଦ ତିନି | ସୁଦାମ ସିଂ, ଟିପିନ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ପି.: ଗଣଶା ସିଂ, ଜା: ଭୂମିଜ, ବା: ନିଜଗାଁ |
| 692/325 | 294/ 2718 | 0.38 | 0.13 | ଶାରଦ ଦୁଇ | ଗଙ୍ଗାଧର ମହାନ୍ତ, ପି.: ଭକ୍ତ ମହାନ୍ତ, ଜା: କୁର୍ମି, କ୍ଷତ୍ରୀୟ, ବା: ନିଜଗାଁ |
| | 294/ 2719 | 0.27 | 0.12 | ଶାରଦ ଦୁଇ | |
| 692/357 | 165 | 1.35 | 0.08 | ଶାରଦ ଦୁଇ | ଭକ୍ତୁ ମହାନ୍ତ, ପି.: କାଶୀନାଥ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 692/357 | 136/ 3211 | 0.35 | 0.05 | ଶାରଦ ଦୁଇ | ରୂପା ମହାନ୍ତ, ପି.: କାଶୀନାଥ ମହାନ୍ତ, ଜା: କୁଡୁମି କ୍ଷେତ୍ରୀୟ, ବା: ପୁରୁଣିଆ |
| 692/475 | 234 | 1.00 | 0.18 | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି.: ଗୌର ମୋହନ ମହାନ୍ତ, ଜା: କୁଡୁମୀ କ୍ଷତ୍ରୀୟ, ବା: ନିଜଗାଁ |
| 692/538 | 329 | 0.87 | 0.30 | ଶାରଦ ତିନି | ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି.: ଉପେନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ପୁରୁଣିଆ |
| 692/577 | 285 | 0.54 | 0.02 | ଶାରଦ ଦୁଇ | ସହଜ ମହାନ୍ତ, ପି.: ମହେଶ୍ୱର ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ ସାମିଲ ହରିପୁର |
| | 305/ 3413 | 0.17 | 0.01 | ଶାରଦ ଦୁଇ | |
| 692/595 | 338 | 1.35 | 0.50 | ଶାରଦ ତିନି | ଦୁର୍ଯ୍ୟୋଧନ ଦାସ, ପି.: ନରେନ୍ଦ୍ର ଦାସ, ଜା: ଧୋବା, ବା: ପୁରୁଣିଆ |
| 692/597 | 342/ 3430 | 0.35 | 0.18 | ଶାରଦ ତିନି | ମଧୁସୂଦନ ଦାସ, ପି.: ନରେନ୍ଦ୍ର ଦାସ, ଜା: ଧୋବା, ବା: ପୁରୁଣିଆ |
| 692/626 | 1250 | 0.26 | 0.26 | ଶାରଦ ଦୁଇ | ପ୍ରଶାନ୍ତ କୁମାର ଦାସ, ସୁମନ୍ତ କୁମାର ଦାସ, ପି.: ପୂର୍ଣ୍ଣଚନ୍ଦ୍ର ଦାସ, ଜା: କ୍ଷତ୍ରିୟ, ବା: ପୁରୁଣିଆ |
| 692/653 | 254/ 3487 | 0.50 | 0.08 | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି.: ଗୌର ମୋହନ ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ |
| 692/672 | 254/ 3503 | 0.50 | 0.09 | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି.: ଗୌର ମୋହନ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 692/703 | 1035/ 3531 | 0.55 | 0.04 | ଶାରଦ ଦୁଇ | ପଙ୍କଜ ନାରାୟଣ ଦେଓବାବୁ, ପି.: ଜୟନାରାୟଣ ଦେଓବାବୁ, ଜା: କ୍ଷତ୍ରିୟ, ବା: ପୁରୁଣିଆ |
| 692/736 | 1290/ 2894/ 3556 | 0.32 | 0.10 | ଶାରଦ ଅଣ ଜଳସେଚିତ ତିନି | ଲକ୍ଷ୍ମୀମଣି ସିଂ, ସ୍ୱା.: ଚଗଲା ସିଂ, ଜା: ମୁଣ୍ଡା, ବା: କାଠଗୋଛି, ଥା: ନୀଳଗିରି, ଜି.: ବାଲେଶ୍ୱର |
| 692/774 | 242 | 0.79 | 0.50 | ଶାରଦ ତିନି | ଘନଶ୍ୟାମ ସିଂ, ପି.: ଗଦା ସିଂ, ଜା: ଭୂମିଜ, ବା: ପୁରୁଣିଆ ସାମିଲ ହରିପୁର |
| 692/782 | 1288/ 3595 | 0.62 | 0.04 | ଶାରଦ ଦୁଇ | ଲମ୍ବୋଦର ଧଳ, ସୃଷ୍ଟିଧର ଧଳ, ପି.: ଦାମୋଦର ଧଳ, ଜା: ଧୋବା, ବା: ନିଜଗାଁ |
| 692/692 | 1468 | 1.36 | 0.15 | ଶାରଦ ତିନି | କୈଳାଶ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି.: ଦୁର୍ଯ୍ୟୋଧନ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 692/785 | 1375/ 3598 | 0.25 | 0.06 | ଶାରଦ ଦୁଇ | ବୃନ୍ଦାବନ ସିଂ, ପି.: ଅନନ୍ତ ସିଂ, ଜା: ଭୂମିଜ, ବା: ନିଜଗାଁ |
| 692/804 | 241 | 0.38 | 0.24 | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି.: ଗୌର ମୋହନ ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ନିଜଗାଁ |
| 692/818 | 1288/ 3624 | 0.31 | 0.06 | ଶାରଦ ଦୁଇ | ସୃଷ୍ଟିଧର ଧଳ, ପି.: ଦାମୋଦର ଧଳ, ଜା: ଧୋବା, ବା: ନିଜଗାଁ |
| 692/820 | 1718 | 1.29 | 0.35 | ଶାରଦ ତିନି | ନିରଞ୍ଜନ ମହାନ୍ତ, ପି.: ଗୋକୁଳ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 692/840 | 351/ 3641 | 0.35 | 0.05 | ଶାରଦ ତିନି | ସୁଦର୍ଶନ ସିଂ, ପି.: କଳା ସିଂ, ଜା: ଭୂମିଜ, ବା: ନିଜଗାଁ |
| 692/858 | 178 | 1.03 | 0.01 | ଶାରଦ ତିନି | ବୃନ୍ଦାବନ ସିଂ, ପି.: ଅନନ୍ତ ସିଂ, ଜା: ଭୂମିଜ, ବା: ପୁରୁଣିଆ ସାମିଲ ହରିପୁର |
| 692/878 | 1638/ 3673 | 0.87 | 0.43 | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି.: ଅନୁକୁଳ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| | 1680/ 2903/ 3677 | 0.65 | 0.10 | ଶାରଦ ତିନି | |
| 692/879 | 1638 | 0.87 | 0.23 | ଶାରଦ ତିନି | ପରେଶ ମହାନ୍ତ, ପି.: ଅନୁକୁଳ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| | 1680/ 2903 | 0.65 | 0.02 | ଶାରଦ ତିନି | |
| 692/893 | 1713/ 3687 | 0.34 | 0.06 | ଶାରଦ ତିନି | ସୁବଳ କୁମାର ନାୟକ, ପି.: ଧୀରେନ୍ଦ୍ର ନାୟକ, ପୂର୍ଣ୍ଣିମା ଜେନା, ସ୍ୱା.: ସୁବଳ କୁମାର ନାୟକ, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଥା: ବାଲେଶ୍ୱର ସଦର, ଜି.: ବାଲେଶ୍ୱର |
| 692/899 | 246/ 3683 | 0.69 | 0.30 | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି.: ଗୌରମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 692/903 | 1349/ 3722 | 0.09 | 0.02 | ଶାରଦ ତିନି | ରତିକାନ୍ତ ମହାନ୍ତ, ପି.: ଦେଓ୍ୱାନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 692/907 | 1349 | 0.09 | 0.09 | ଶାରଦ ତିନି | ପ୍ରଭାକର ମହାନ୍ତ, ପି.: ଦେଓ୍ୱାନ ମହାନ୍ତ, ଜା: କୁଡୁମି, ବା: ପୁରୁଣିଆ (ହରିପୁର) |
| 711 | 2113/2 | 1.02 | 0.30 | ଘରବାରି | ବିଶ୍ୱନାଥ ସିଂ, ଶିବନାଥ ସିଂ, ପି.: ଲାଲମୋହନ ସିଂ, ମଲି ସିଂ, ସ୍ୱା.: ବଶ୍ୱନାଥ ସିଂ, ସୁମତି ସିଂ, ସ୍ୱା.: ଶିବନାଥ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ମୋଟ | ୧୯୬ ପ୍ଲଟକୁ | ଏ. ୧୪୧.୯୫ ଡେ.ମି. | ଏ. ୩୪.୯୧ ଡେ.ମି. | | |

**Sd./- AMIN**
**Baripada Zone**

**Sd./- Rev-Inspector**
**Zone-I, Baripada**

**Sd./- Zone Officer-I-cum-L.A. Collector**
**S.I.P., Baripada Zone**

**Spl. Land Acquisition Officer**
**S.I.P., Baripada**

OIPR-24001/ 14/ 0074/ 2425



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଶୁକ୍ରବାର ଅମରାବତିସ୍ଥିତ ଉନ୍ଦାଭଲି ବାସଭବନରୁ ସଚିବାଳୟକୁ ଯାଉଥିବାବେଳେ ନିଜ ଗାଡ଼ି ଅଟକାଇ ଲୋକଙ୍କ କଥା ବୁଝୁଛନ୍ତି।



ମୁମ୍ବାଇରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନ୍‌ସିପି–ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କୁ ଭେଟୁଛନ୍ତି।

# ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ



ନିମ୍ନମାନର ଓଭରବ୍ରିଜ୍ ନିର୍ମାଣକୁ ବିରୋଧ କରି ଶୁକ୍ରବାର ପ୍ରଦେଶ ଛାତ୍ର, ଯୁବ ଓ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରାଯାଉଛି।

## ନିମ୍ନମାନର ଓଭରବ୍ରିଜ୍ ନିର୍ମାଣକୁ ବିରୋଧ

**ଭୁବନେଶ୍ୱର,୧୨।୭(ଅନିଲ ଦାସ)**

ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଦେଇ ଯାଇଥିବା ଜାତୀୟ ରାଜପଥ ନଂ.–୧୬ରେ ହୋଇଥିବା ଓଭରବ୍ରିଜ୍‌ର ବିଭିନ୍ନ ସ୍ଥାନରେ ଦବିଯାଇ ଗର୍ତ୍ତ ସୃଷ୍ଟି ହେଉଛି। ଯାତାୟାତ କରୁଥିବା ଯାନବାହନଗୁଡ଼ିକ ବିପଦଗ୍ରସ୍ତ ହେଉଛି। ଏହି ବ୍ରିଜ୍‌ରେ ଯାତ୍ରା କରିବା ବିପଦସଙ୍କୁଳ ହୋଇପଡ଼ିଛି। ଏହାର ପ୍ରତିବାଦରେ ଶୁକ୍ରବାର ପ୍ରଦେଶ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ଭୁବନେଶ୍ୱର ଜିଲା କଂଗ୍ରେସର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ (ପାଲହାଇଟ୍ ମଲ୍) ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି ଯେ ହଂସପାଳଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯେଉଁସବୁ ଓଭରବ୍ରିଜ୍ ନିର୍ମାଣ ହୋଇଛି ତାହା ଅତି ନିମ୍ନମାନର। ନିକଟରେ ଆଇଗିଣିଆ ବ୍ରିଜ୍ ଦବିଯିବା ଫଳରେ ସେଠାରେ ଏକ ମିନିଟ୍ରକ୍ ଫସିଯିବା ଯୋଗୁ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ବ୍ରିଜ୍ ଭୁଶୁଡ଼ିପଡ଼ିବା ଭୟରେ ବ୍ରିଜ୍ ତଳେ ଥିବା ଲୋକ ଗାଡ଼ିମୋଟର ଛାଡ଼ି ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସେହିପରି ହଂସପାଳଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛେଲା ଛାଡ଼ିବା ସହ ବାରମ୍ବାର ନବନିର୍ମିତ ବ୍ରିଜ୍‌କୁ ମରାମତି କରାଯାଉଛି। ନିର୍ମାଣ ଠିକ୍ ଭାବରେ ହୋଇନାହିଁ। ଏତେ ଘଟଣା ଘଟିଲେ ବି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଚୁପ୍ ରହୁଛନ୍ତି। ବିଶେଷକରି ଜାତୀୟ ରାଜପଥ ପ୍ରାଧିକରଣର ସାଧାରଣ ଯନ୍ତ୍ରୀଙ୍କଠାରୁ ମୁଖ୍ୟ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ବୁଡ଼ି ରହି ଏହି ଓଭରବ୍ରିଜ୍‌ଗୁଡ଼ିକୁ ଏଭଳି ନିର୍ମାଣ କରିଛନ୍ତି। ଏପରି କି ଯେଉଁଠାରେ ବାଲି ଆବଶ୍ୟକ ସେଠାରେ ମାଟି ଫିଲିଂ କରାଯାଇଛି। ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ସାରା ଭାରତରେ ମୋଦି ନିର୍ମାଣ ବା କେତେକ ବ୍ରିଜ୍ ନିର୍ମାଣ କରି ମୋଦି ସରକାର ଯେଉଁ ବାହାବା ନେଉଛନ୍ତି ସେସବୁ ବ୍ରିଜ୍ ନିର୍ମାଣର କିଛି ମାସ ପରେ ଭୁଶୁଡ଼ି ପଡ଼ୁଛି ବୋଲି ୟାସିର କହିଛନ୍ତି । ଭୁବନେଶ୍ୱର ଓ ଖୋର୍ଦ୍ଧା ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣରେ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ଏକ ବିଶେଷଜ୍ଞ ଦଳ ଏହି ବ୍ରିଜ୍ ନିର୍ମାଣର ଅନୁଧ୍ୟାନ କରି ଏଥିରେ ଗାଡ଼ିମୋଟର ଯିବା ବିପଦସଙ୍କୁଳ ରହିଛି କି ନାହିଁ ତାହା ଘୋଷଣା କରିବା ଦରକାର। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କୁ ଉଚ୍ଚସ୍ତରୀୟ ତଦନ୍ତର ପ୍ରତିଶ୍ରୁତି ଦେଇଥିବା ୟାସିର କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପିସିସି ଉପସଭାପତି ଶିବାନନ୍ଦ ରାୟ,ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଗଣେଶ ଦାସ, ସୋନାଲି ସାହୁ, ସୁବ୍ରତ ମହାପାତ୍ର, ନୀହାର ବେହେରା, ମହମ୍ମଦ ଗୁଲଫାମ, ମିର୍ଜା ଇସ୍‌ଲାମ ବେଗ୍, ମହମ୍ମଦ ପରଭେଜ, ସୁଦୀପ ସାମଲ, ଗୋପନ ମାର୍ଥା, ଶାହାରୁଖ ଖାନ, ପ୍ରସନ୍ନ ନାୟକ, ମିହିର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡିକୁ କେବଳ ବିଜେଡି ହରାଇଛି: ନୃସିଂହ

**ଭୁବନେଶ୍ୱର,୧୨।୭(ଅନିଲ ଦାସ)**

ଗତ ନିର୍ବାଚନରେ ବିଜେଡିର ପରାଜୟକୁ ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଜେଡି ହିଁ ବିଜେଡିକୁ ହରାଇଛି। ବେଶିଦିନ କ୍ଷମତାରେ ରହିଲେ ଟିକେ ଅଳସୁଆ, ମନମୁଖି, ଦିଗହରା, ଖାମଖିଆଲ ହୋଇଯାଇଥିଲେ। ଆମେ ତ ଜିତୁଛୁ, ଜିତିବୁ। ଓଭର କନ୍‌ଫିଡେନ୍ସ ପାଇଁ ବିଜେଡି ହାରିଲା ବୋଲି ବିଜେଡିର ବରିଷ୍ଠ ନେତା ନୃସିଂହ ଚରଣ ସାହୁ କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ଲୋକମତ ଆମ ବିରୋଧରେ ଗଲା, ଆମେ ହାରିଲୁ। ବିଭିନ୍ନ ଜାଗାରେ ମୂଷା ଥିଲେ। ବହୁତ କ୍ଷେତ୍ରରେ ବିଜେଡି ଲୋକ ବିଜେଡିକୁ ହରାଇଛନ୍ତି। ବିଜେଡି ନେତାମାନେ ଭୋଟ ପଛରେ ନ ଲାଗି ବିଜେଡି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଲାଗିଲେ। ସେମାନଙ୍କ ପଛରେ ଭାଜପା କର୍ମୀମାନେ ରହିଲେ। ବିଜେଡି ହାରିବାର ଏହା ଗୋଟିଏ କାରଣ। ଲୋକମାନେ ଆମକୁ ବିରୋଧୀ ଦଳରେ ବସାଇବା ପାଇଁ ନିଷ୍ପତ୍ତି ନେଲେ। ତେଣୁ କିଏ କାହାକୁ ଦୋଷ ଦେଉଛି, ତାହା ଭିନ୍ନ କଥା। କିନ୍ତୁ ଦଳ ଆଗକୁ ବଢ଼ିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟଧାରାକୁ ଆଗକୁ ନିଆଯାଉଛି ବୋଲି ସେ କହିଛନ୍ତି।

ଭାଜପାକୁ ଟାର୍ଗେଟ କରି ନୃସିଂହ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ମାସେ ହେଲାଣି। ହେଲେ କିଛି କାମ ହୋଇନି। ମନ୍ତ୍ରୀଙ୍କ ଭିତରେ ତାଳମେଳ ରହୁନି। ଜଣେ ମନ୍ତ୍ରୀ ଗୋଟିଏ କଥା କହିଲେ, ଆଉ ଜଣେ ମନ୍ତ୍ରୀ ଆଉ ଗୋଟିଏ କଥା କହୁଛନ୍ତି। ଖାଲି ରଙ୍ଗ ଓ ନାଁ ବଦଳାଇବାରେ ଲାଗିଛନ୍ତି। ଏହା ଭିତରେ ବହୁ କିଛି ଅନର୍ଥ ଘଟିଛି। ଶ୍ରୀମନ୍ଦିରରେ ଯେଉଁଭଳି ଭାବରେ ବଡ଼ଠାକୁର ଖସି ପଡ଼ିଲେ, ତାହା କେବେ ଅତୀତରେ ଘଟି ନ ଥିଲା। ଏଥିପାଇଁ ଓଡ଼ିଶା ବିଶ୍ୱ ଦରବାରରେ ଲଜ୍ଜିତ ହୋଇଛି ବୋଲି ନୃସିଂହ କହିଛନ୍ତି।

# ଲୋକସେବା ଭବନରେ କାର୍ଯ୍ୟାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ

**ଭୁବନେଶ୍ୱର,୧୨।୭(ଅନିଲ ଦାସ)**

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ଶୁକ୍ରବାର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟରୁ କାର୍ଯ୍ୟାରମ୍ଭ କରିଛନ୍ତି । ଏହି ଅବସରରେ ସେ ଉଭୟ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହିତ ଆଲୋଚନା ପୂର୍ବକ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ରେ ଦସ୍ତଖତ କରି ମନ୍ତ୍ରଣାଳୟ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ମନ୍ତ୍ରିମଣ୍ଡଳ ଗଠନ ହେବା ପରେ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ କୃଷି ଭବନରେ ଚାଲୁଥିଲା । ଏଣିକି ବିଭାଗର ସମସ୍ତ କାର୍ଯ୍ୟ ଲୋକସେବା ଭବନ କାର୍ଯ୍ୟାଳୟରୁ ପରିଚାଳିତ ହେବ । ଉଭୟ ବିଭାଗର ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଉପମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ । ସେ ଉଭୟ ବିଭାଗର ଅଧିକାରୀଙ୍କ ସହ ସମ୍ପୃକ୍ତ ବିଭାଗଗୁଡ଼ିକର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବିଭାଗକୁ ଲୋକାଭିମୁଖୀ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।



ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଶୁକ୍ରବାର ଆୟୋଜିତ ପ୍ରାକ୍ ବଜେଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନାଗରିକ ସମାଜ, ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ।

# ନିର୍ବାଚନୀ ଅନିୟମିତତା ନେଇ ହାଇକୋର୍ଟରେ ଦୀପାଳି ଦାସ

**କଟକ,୧୨।୭ (କାର୍ତ୍ତିକ ସାହୁ)**

ସାଧାରଣ ନିର୍ବାଚନ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ନିର୍ବାଚନ ଅନିୟମିତତା ସଂକ୍ରାନ୍ତୀୟ ମାମଲା ହାଇକୋର୍ଟରେ ପହଞ୍ଚିବାରେ ଲାଗିଛି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ମଧ୍ୟ ସମାନ ଢଙ୍ଗରେ ହାଇକୋର୍ଟରେ ପହଞ୍ଚିଛନ୍ତି। ଝାରସୁଗୁଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଭାଜପା ପ୍ରାର୍ଥୀ



ଦୀପାଳି ଦାସ



ଟଙ୍କଧର ତ୍ରିପାଠୀ

ଟଙ୍କଧର ତ୍ରିପାଠୀଙ୍କ ସଦସ୍ୟତାକୁ ଅସିଦ୍ଧ ଘୋଷଣା ପାଇଁ ସେ ପିଟିଶନ ଦାୟର କରିଛନ୍ତି। ଟଙ୍କଧର ତାଙ୍କ ସତ୍ୟପାଠରେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ତେଣୁ ତାଙ୍କ ସଦସ୍ୟତାକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ପୂର୍ବତନ ବିଧାୟକ ଦୀପାଳି ଦାସ ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ ନିକଟରେ ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଓ ସୋର ନିର୍ବାଚନ ମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ପର୍ଶୁରାମ ଧଡ଼ା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସଂପୃକ୍ତ ନିର୍ବାଚନ ମଣ୍ଡଳୀରେ ବିଜୟୀ ବିଜେଡି ପ୍ରାର୍ଥୀ ନିର୍ବାଚନ ସମୟରେ ଅନିୟମିତତା କରିଥିବା ନେଇ ସେମାନେ ପିଟିଶନରେ ଦର୍ଶାଇଛନ୍ତି।

# ଅବଧି ସରିଥିବା ପ୍ରକଳ୍ପ କାର୍ଯ୍ୟ ବର୍ଷକ ମଧ୍ୟରେ ଶେଷ କର: ମନ୍ତ୍ରୀ ସମ୍ପଦ

**କୁଜଙ୍ଗ,୧୨।୭(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ସମୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଯୋଗଦେଇ ପାନୀୟ ଜଳଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ସେମାନେ କହିଥିଲେ, କୁଜଙ୍ଗ ବ୍ଲକ ଅଞ୍ଚଳର ଜଳସ୍ତର ଲବଣାକ୍ତ ଓ ଲୌହଯୁକ୍ତ। ଏହା ପାନୀୟ ଉପଯୋଗୀ ନୁହେଁ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନର କାର୍ଯ୍ୟକରିତା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କହିଥିଲେ। ବିଭାଗୀୟ ଯନ୍ତ୍ରୀ କହିଥିଲେ, ଜଗତ୍‌ସିଂହପୁର ଜିଲାର ଚାରୋଟି ବ୍ଲକ ଯଥା କୁଜଙ୍ଗ, ଏରସମା, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ୪ ଶହ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏନେଇ ଠିକାଦାର ନିଯୁକ୍ତ କରାଯାଇ ୨୦୨୨ରେ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟକୁ ୨ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲା। ଏହାମଧ୍ୟରେ ଅବଧି ଶେଷ ହୋଇଥିଲେ ମଧ୍ୟ ମାତ୍ର ଶତକଡା ୨୫ ଭାଗ କାମ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା କୁଜଙ୍ଗ ବ୍ଲକର ୧୫୩ଟି ଗାଁ ର ଲୋକ ଉପକୃତ ହେବାର ଯୋଜନା ଥିବା ବେଳେ ଗୋରଡ ପଞ୍ଚାୟତର କାମ ଶେଷ ହୋଇଛି ବୋଲି ଯନ୍ତ୍ରୀ ମାନସୀ ବେହେରା କହିଥିଲେ। ଏହାଶୁଣି ମନ୍ତ୍ରୀ ଓ ଏମ୍‌ପି ଅସନ୍ତୋଷବ୍ୟକ୍ତ କରିଥିଲେ। ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ସମ୍ପୃକ୍ତ ଠିକାସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଦାବି କରିଥିଲେ। ତେବେ ଅବଶିଷ୍ଟ ୭୫ ଭାଗ କିପରି ଏକ ବର୍ଷରେ ଶେଷ ହେବ ସେନେଇ ରିପୋର୍ଟ ପ୍ରସ୍ତୁତ କରି ୫ ଦିନରେ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ମିଶନ ଶକ୍ତି ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଆଗପାଳ ସରପଞ୍ଚ ବିପିନ ବିଶାଳ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ପ୍ରମୁଖ ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ଯେଉଁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ଘର ଯୋଗାଇ ଦେବାକୁ ବିଡିଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଓ ଏମ୍‌ପି ଫଣ୍ଡ ଏବଂ ବନ୍ୟା କ୍ଷୟକ୍ଷତି ଅନୁଦାନରେ ହୋଇଥିବା କାମଗୁଡ଼ିକୁ ଏକ କମିଟି ଦ୍ୱାରା ତଦନ୍ତ ଲାଗି ମନ୍ତ୍ରୀ ସ୍ୱାଇଁ ଓ ଏମ୍‌ପି ତରାଇ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇ ନ ଥିଲେ। ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ବିଡିଓ ପ୍ରଶାନ୍ତ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରସନ୍ନ ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଶୁକ୍ରବାର ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଓ ଅନ୍ୟମାନେ।

# ବିଜେଡିରୁ ଇସ୍ତଫା ଦେଲେ ଦେବାଶିଷ

**ଡେରାବିଶ,୧୨।୭ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବିଜେଡି ସଭାପତି ଥିବା ଦେବାଶିଷ ଆଚାର୍ଯ୍ୟ ବୁଧବାର ତାଙ୍କ ପଦବୀରୁ ଇସ୍ତଫା ଦେଇଥିବା ଜଣାଯାଇଛି। ଏ ନେଇ ଦେବାଶିଷ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ତାଙ୍କ ଇସ୍ତଫାପତ୍ରରେ ବ୍ଲକ ବିଜେଡି ସଭାପତି ପଦରୁ ସେ ଇସ୍ତଫା ଦେବାକୁ ଆଗ୍ରହ ପ୍ରକାଶ କରୁଥିବା ଉଲ୍ଲେଖ କରିଛନ୍ତି। ଏହି ଇସ୍ତଫା ପତ୍ର ଗ୍ରହଣ କରିବା ପାଇଁ ସେ ସଭାପତିଙ୍କୁ ନିବେଦନ କରିଛନ୍ତି। ଏହାର ଏକ ନକଲ କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ଧୀରେନ କୁମାର ସାହୁଙ୍କୁ ପଠାଇଥିବା ନେଇ ସାହୁ ମଧ୍ୟ ସୂଚନା ଦେଇଛନ୍ତି। ତେବେ ସଭାପତି ପଦରୁ ସେ ଇସ୍ତଫା ଦେଲେ ମଧ୍ୟ ଆଗାମୀଦିନରେ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ଦେଇଥିବା ଇସ୍ତଫା ପତ୍ରରେ ଦେବାଶିଷ ଉଲ୍ଲେଖ କରିଛନ୍ତି।

# ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୫.୦୮%

**ଭୁବନେଶ୍ୱର,୧୨।୭(ଅନୁରାଧା ମହାରଣା)**

ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ହାର ପୁଣି ଥରେ ୫ ପ୍ରତିଶତ ଅତିକ୍ରମ କରିଛି। ଜୁନ୍ ୨୦୨୪ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୮ ପ୍ରତିଶତ ହୋଇଛି ଯାହା ମେ ୨୦୨୪ ରେ ୪.୮୦ ପ୍ରତିଶତ ଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି ଏବଂ ଏହା ୯ ପ୍ରତିଶତ ଅତିକ୍ରମ କରିଛି। ଜୁନ୍ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୩୬ ପ୍ରତିଶତ ହୋଇଛି, ଯାହା ମେ ମାସରେ ୮.୮୩ ପ୍ରତିଶତ ଥିଲା ।



ପରିସଂଖ୍ୟାନ ମନ୍ତ୍ରଣାଳୟ ଜୁନ୍ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାର ସମ୍ପର୍କିତ ତଥ୍ୟ ପ୍ରକାଶ କରିଥିବାବେଳେ ଏଥିରୁ ଏହି ସୂଚନା ମିଳିଛି। ତଥ୍ୟ ଅନୁଯାୟୀ, ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୮ ପ୍ରତିଶତ ହୋଇଛି। ୧ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭ ପ୍ରତିଶତ ଥିଲା। ୨୦୨୩ ଜୁନ୍‌ରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୪.୩୧ ପ୍ରତିଶତ ଥିଲା।

ଦେଶର ଅଧିକାଂଶ ରାଜ୍ୟ ବର୍ଷାରେ ଅନିୟମିତତା ହେତୁ ପନିପରିବା ମୂଲ୍ୟରେ ବୃଦ୍ଧି ଘଟିଛି। ପନିପରିବାର ମୁଦ୍ରାସ୍ଫୀତି ହାର ଜୁନ୍ ମାସରେ ୨୯.୩୨ ପ୍ରତିଶତ ଥିଲା, ଯାହା ମେ ମାସରେ ୨୭.୩୩ ପ୍ରତିଶତ ଥିଲା। ଡାଲିର ମୁଦ୍ରାସ୍ଫୀତି ହାର ଜୁନ୍ ମାସରେ ୧୬.୦୭ ପ୍ରତିଶତ ରହିଛି ଯାହା ମେ ମାସରେ ୧୭.୧୪ ପ୍ରତିଶତ ଥିଲା । ଜୁନ୍‌ରେ ଡାଲିର ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ଘଟିଛି। ଫଳର ମୁଦ୍ରାସ୍ଫୀତି ହାର ଜୁନ୍‌ରେ ୭.୧ ପ୍ରତିଶତ ରହିଛି ଯାହା ମେ ମାସରେ ୬.୬୮ ପ୍ରତିଶତ ଥିଲା। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୮.୭୫ ପ୍ରତିଶତ ହୋଇଛି ଯାହା ମେ ମାସରେ ୮.୬୯ ପ୍ରତିଶତ ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୫.୮୩ ପ୍ରତିଶତ ହୋଇଛି ଯାହା ମେ ମାସରେ ୫.୭୦ ପ୍ରତିଶତ ଥିଲା। ଅଣ୍ଡାର ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି ଏବଂ ଏହା ୩.୯୯ ପ୍ରତିଶତ ରହିଛି। ଏହା ମେ ମାସରେ ୭.୬୨ ପ୍ରତିଶତ ଥିଲା ।

ଖୁଚୁରା ମୁଦ୍ରାସ୍ଫୀତିର ବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଏକ ବଡ଼ ଝଟକା ଦେଇଛି। ଆର୍‌ବିଆଇ ଏହାକୁ ୪ ପ୍ରତିଶତକୁ ଆଣିବାକୁ ଚେଷ୍ଟା କରିଥିଲା। ମାତ୍ର ତଥ୍ୟ ସମ୍ପୂର୍ଣ୍ଣ ବିପରୀତ ହୋଇଛି। ଖୁଚୁରା ମୁଦ୍ରାସ୍ଫୀତି ହାର ୫ ପ୍ରତିଶତରୁ ଅଧିକ ହୋଇଯାଇଛି। ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରେ ନ ପହଞ୍ଚିବା ପର୍ଯ୍ୟନ୍ତ ସୁଧ ହାର ହ୍ରାସ କରିବା ବିଷୟରେ ମତ ରଖିବା ଠିକ୍ ହେବ ନାହିଁ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିଥିଲେ। ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ଗଭର୍ନର ଦାସଙ୍କ ଏପରି ମତ ପରେ ନିକଟ ଭବିଷ୍ୟତରେ ସୁଧ ହାରରେ କୌଣସି ହ୍ରାସ ହେବ ନାହିଁ ସ୍ପଷ୍ଟ ହୋଇଛି।

# ବଢ଼ିଲା ଶିଳ୍ପ ଉତ୍ପାଦନ

**ଭୁବନେଶ୍ୱର,୧୨।୭(ଅନୁରାଧା ମହାରଣା)**

ଦେଶରେ ଶିଳ୍ପ ଉତ୍ପାଦନର ଗତି ବୃଦ୍ଧି ପାଇଛି। ମେ ୨୦୨୪ ପାଇଁ ଘୋଷିତ ତଥ୍ୟ ଅନୁଯାୟୀ, ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଇଣ୍ଡେକ୍ସ (ଆଇଆଇପି) ୫.୯ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଖଣି ଏବଂ ବିଦ୍ୟୁତ୍ କ୍ଷେତ୍ର ଉତ୍ପାଦନରେ ଉତ୍କୃଷ୍ଟ ଅଭିବୃଦ୍ଧି ହେତୁ ଶିଳ୍ପ ଉତ୍ପାଦନ ହାରରେ ଏହି ବୃଦ୍ଧି ଦେଖାଦେଇଛି।ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ୫ ପ୍ରତିଶତ ହାରରେ ବୃଦ୍ଧି ପାଇଥିଲା। ୨୦୨୩ ମେ'ରେ, ୫.୭ ପ୍ରତିଶତ ଆଇଆଇପି ଅଭିବୃଦ୍ଧି ହାର ଦେଖାଯାଇଥିଲା। ଏହା କ୍ରମାଗତ ଚତୁର୍ଥ ମାସ ଯେତେବେଳେ ଶିଳ୍ପ ଉତ୍ପାଦନର ସୂଚକାଙ୍କ ୫.୭ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୨ମାସରେ ହାରାହାରି ଅଭିବୃଦ୍ଧି ୫.୪ ପ୍ରତିଶତ ହୋଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଖୁଚୁରା ମୁଦ୍ରାସ୍ଫୀତି ହାର ସହ ଆଇଆଇପି ତଥ୍ୟ ମଧ୍ୟ ପ୍ରକାଶ କରିଛି। ଏହି ପରିସଂଖ୍ୟାନ ଅନୁଯାୟୀ, ମେ ମାସରେ ବିଦ୍ୟୁତ୍ ଉତ୍ପାଦନ ୧୩.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହାକି ଏକ ବର୍ଷ ପୂର୍ବେ ସମାନ ମାସରେ ୦.୯ ପ୍ରତିଶତ ହାରରେ ବୃଦ୍ଧି ପାଇଛି।

# ଆଦାନୀ ୱିଲ୍‌ମାର୍‌ର ନୂତନ ଟିଭିସି

**ନୂଆଦିଲ୍ଲୀ,୧୨।୭ (ଅଭୟ ଦାଶ)**

ଆଦାନୀ ୱିଲ୍‌ମାର୍ ଲିମିଟେଡ୍ ପକ୍ଷରୁ ନୂତନ ଟେଲିଭିଜନ କମର୍ସିଆଲ (ଟିଭିସି)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଓଡ଼ିଶାରେ ଆଧାର ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ୍ ପାଇଁ ନୂଆ ଟିଭି ବିଜ୍ଞାପନ ଉନ୍ମୋଚନ କରିଛି। ଏହି ବିଜ୍ଞାପନରେ ସ୍ୱାଦ ପାଇଁ ଗୁଣାତ୍ମକ ମାନ ଜରୁରୀ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି, ଯାହା ଆଞ୍ଚଳିକ ସ୍ୱାଦ ଅନୁସାରେ ଭାରତୀୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଖାଇବା ତେଲ ଯୋଗାଇବା ଲାଗି ବ୍ରାଣ୍ଡର ପ୍ରତିବଦ୍ଧତାକୁ ଦୃଢ଼ କରୁଛି। ସେହିଭଳି ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ଲାଭ ପାଇଁ ଗୁଣାତ୍ମକ ମାନର ତେଲ ବ୍ୟବହାର ଉପରେ ଏହି ଟିଭି ବିଜ୍ଞାପନରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ଜଣେ ଚମତ୍କାର ମହିଳାଙ୍କୁ ଉପସ୍ଥାପନ କରାଯାଇଛି ଯିଏ ଖାଦ୍ୟ ସମ୍ପର୍କିତ ଯେକୌଣସି ପ୍ରଶ୍ନର ଉତ୍ତରରେ 'କାଲି କହିବି' କହୁଛନ୍ତି। ଆଦାନୀ ୱିଲ୍‌ମାର୍‌ର ବରିଷ୍ଠ ଉପସଭାପତି (ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ମୁକେଶ ମିଶ୍ର କହିଛନ୍ତି, ସ୍ଥାନୀୟ ବିଷୟକୁ ଭଲଭାବେ ବୁଝିବା ଏବଂ ଆଞ୍ଚଳିକ ପସନ୍ଦ ଅନୁସାରେ ଆମର ଉତ୍ପାଦ ଓ ଯୋଗାଯୋଗ ପ୍ରସ୍ତୁତ କରିବା ଅନୁସାରେ ଓଡ଼ିଶାର ଗ୍ରାହକମାନଙ୍କ ଲାଗି ଆଧାର ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ୍‌ର ନୂଆ ଟିଭି ବିଜ୍ଞାପନକୁ ଉନ୍ମୋଚନକରି ଆମେ ବେଶ୍ ରୋମାଞ୍ଚିତ ହୋଇଛୁ।

# ଏସ୍‌ବିଆଇର ନୂତନ ଡିଜିଟାଲ ସେବା

**ଭୁବନେଶ୍ୱର,୧୨।୭ (ଅଭୟ ଦାଶ)**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଡିଜିଟାଲ ସେବାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ମ୍ୟୁଚୁଆଲ ଫଣ୍ଡ ବଦଳରେ ଅନ୍‌ଲାଇନ ଋଣ ସୁବିଧାର ଶୁଭାରମ୍ଭ କରାଯାଇଛି। ଏସ୍‌ବିଆଇର ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ୟୋନୋ ଆପ୍ ଜରିଆରେ ଗ୍ରାହକ ଏହି ନୂତନ ସୁବିଧା ପାଇପାରିବେ। ସେହିଭଳି ଗ୍ରାହକମାନଙ୍କୁ ଡିଜିଟାଲ ସଶକ୍ତ କରାଯାଉଥିବାବେଳେ ସେମାନଙ୍କ ଲାଗି ନୂତନ ସୁବିଧାରେ ମଧ୍ୟ ବୃଦ୍ଧି କରାଯାଇଛି। ଏହି ନୂତନ ଡିଜିଟାଲ ସେବା ଜରିଆରେ ଗ୍ରାହକମାନେ ୧୦୦% କାଗଜବିହୀନ ଏବଂ ୨୪ ଘଣ୍ଟା ଡିଜିଟାଲ ସେବା ଓ ସୁବିଧା ପାଇପାରିବେ। ସେହିପରି ସିଏଏମ୍‌ଏସ୍‌ରେ ପଞ୍ଜୀକୃତ ହୋଇଥିବା ସମସ୍ତ ମ୍ୟୁଚୁଆଲ୍ ଫଣ୍ଡ କମ୍ପାନୀର ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍ ଉପର ଆକର୍ଷଣୀୟ ସୁଧ ସହ ଏହି ନୂଆ ଋଣ ସୁବିଧା ପ୍ରଦାନ କରାଯାଉଛି। ପୂର୍ବରୁ କେବଳ ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ଉପରେ କିମ୍ବା ଶାଖା ପରିଦର୍ଶନ କରୁଥିବା ଗ୍ରାହକଙ୍କୁ ଋଣ ସୁବିଧା ନିୟମ ଅନୁଯାୟୀ ଯୋଗାଇ ଦିଆଯାଉଥିବାବେଳେ ବର୍ତ୍ତମାନ ସେହି ସୁବିଧାର ସମ୍ପ୍ରସାରଣ କରାଯାଇଛି।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ମ୍ୟୁଚୁଆଲ ଫଣ୍ଡ ବଦଳରେ ଋଣ ସୁବିଧାର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ୟୋନୋ ଆପ୍ ଜରିଆରେ ଗ୍ରାହକମାନଙ୍କ ପାଇଁ ଏହି ନୂତନ ଡିଜିଟାଲ ସେବାର ଶୁଭାରମ୍ଭ ହୋଇଯାଇଛି। ସେହିଭଳି ଆମେ ଗ୍ରାହକଙ୍କ ଶାଖା ପରିଦର୍ଶନକୁ କମ୍ କରିବା ପାଇଁ ସେମାନଙ୍କୁ ପ୍ରଯୁକ୍ତିଭିତ୍ତିକ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବାକୁ ନିରନ୍ତର ଉଦ୍ୟମ କରୁଛୁ।

# ଶେଷ ଦିନରେ ୧.୨ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

**ନୂଆଦିଲ୍ଲୀ,୧୨।୭ (ଅଭୟ ଦାଶ)**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟୁଛି। ଫଳରେ ଶେୟାର ବଜାରର ନିବେଶକ ଓ ପୁଞ୍ଜିବଜାର କାରବାରରେ ଅଭିବୃଦ୍ଧି ହୋଇଛି। ଏପରିକି ଚଳିତ ସପ୍ତାହର ଶେଷ ଦିନର ଫଳାଫଳ ଅନୁଯାୟୀ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକ ପ୍ରାୟ ୧.୨ଲକ୍ଷ କୋଟି ଟଙ୍କା ପୁଞ୍ଜି ବଜାରରେ ଯୋଡ଼ିଛନ୍ତି। ପୂର୍ବଦିବସର କାର୍ଯ୍ୟ ଶେଷ ସୁଦ୍ଧା ବଜାର ପୁଞ୍ଜି ମୋଟ ୪୫୧.୨ ଲକ୍ଷ କୋଟି ଥିଲାବେଳେ ଶୁକ୍ରବାର ବଜାର କାରବାର ଶେଷ ସୁଦ୍ଧା ପୁଞ୍ଜିବଜାରର ପରିମାଣ ୪୫୨.୪ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୬୨୨.୦୦ ପଏଣ୍ଟ ବଢ଼ି ୮୦,୫୧୯.୩୪ ଅଙ୍କରେ କାରବାର ଶେଷ କରିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି-୫୦ରେ ମଧ୍ୟ ୧୮୬.୨୦ ପଏଣ୍ଟ ବୃଦ୍ଧି ଘଟି ୨୪,୫୦୨.୧୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## ପୂର୍ବତଟ ରେଳପଥ

Tender Notice No.: SBP-ELECT-2024-T-213
ତା.04.07.2024 ରିଖ

**କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ଭିତ୍ତିକ ଏସି କୋଚରେ ଆଉଟସୋର୍ସିଂର ଏୟାରକଣ୍ଡିସନଡ୍ କୋଚ୍ ଇଲେକ୍ଟ୍ରିକାଲ ଆଟେଣ୍ଡାଣ୍ଟ (ACCEA) କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.82,67,241.34

ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.5,000/-, EMD : ଟ.1,65,400/-

କାର୍ଯ୍ୟ ସମାପ୍ତିର ଅବଧି : LOA ଜାରି ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 05.08.2024 ରିଖ 1500 ଘଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(କି), ସମ୍ବଲପୁର
PR-295/P/24-25


# ପ୍ରଡକ୍ଟ ପୋର୍ଟଫୋଲିଓକୁ ବିସ୍ତାର କରିବ ମେଡ୍‌ଜେନୋମ୍

**ଭୁବନେଶ୍ୱର,୧୨।୭ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଡାଇଗ୍ନୋଷ୍ଟିକ ଲାବ୍ ଶୃଙ୍ଖଳା ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସର ଏକ ଅଂଶଧନକୁ ଗ୍ଲୋବାଲ ଜେନୋମିକ୍ସ-ଡ୍ରିଭେନ ଡାଇଗ୍ନୋଷ୍ଟିକ୍ସ ଆଣ୍ଡ ରିସର୍ଚ୍ଚ ସର୍ଭିସ୍ କମ୍ପାନୀ 'ମେଡ୍‌ଜେନୋମ୍' ନିକଟରେ ଅଧିଗ୍ରହଣ କରିଛି। ଏ ନେଇ ମଧ୍ୟ ମେଡ୍‌ଜେନୋମ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୧୭ରେ ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସ ଭୁବନେଶ୍ୱରର ଶହୀଦନଗରଠାରେ ସ୍ଥାପିତ ହୋଇଥିଲାବେଳେ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଫ୍ଲାଗ୍‌ଶିପ ଲାବରେଟୋରି ସମେତ ରାଜ୍ୟରେ ମୋଟ ୭ଟି ଡାଇଗ୍ନୋଷ୍ଟିକ ଓ ୬୦ଟି କଲେକ୍ସନ ସେଣ୍ଟର ସହ ଓଡ଼ିଶାର ଏକ ମଜଭୁତ ଆଞ୍ଚଳିକ ଉପସ୍ଥିତି ପ୍ରତିଷ୍ଠା କରିଛି।

ଏ ସମ୍ପର୍କରେ ମେଡ୍‌ଜେନୋମ୍‌ର ସିଇଓ ଡା.ବେଦମ୍ ରାମପ୍ରସାଦ କହିଛନ୍ତି, ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସର ଅଂଶଧନ ଅଧିଗ୍ରହଣକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ବିସ୍ତୃତ ଜନସଂଖ୍ୟାର ଆବଶ୍ୟକତାକୁ ଅଧିକ ପ୍ରଭାବୀ ରୂପେ ପୂରଣ କରିବା ପାଇଁ ବ୍ରାଣ୍ଡ ବଜାର ଉପସ୍ଥିତି ଓ ୧୩୦୦ରୁ ଅଧିକ ପରୀକ୍ଷଣର ପ୍ରଡକ୍ଟ ପୋର୍ଟଫୋଲିଓକୁ ବିସ୍ତାର କରିବ। ଏହି ଅଧିଗ୍ରହଣ ଗଭୀର ପ୍ରବେଶୀକରଣ ସହିତ ନୂଆ ବଜାର ବିକାଶକୁ ପରିଚାଳନା ଏବଂ ବଜାରକୁ ନୂଆ ପରୀକ୍ଷଣଗୁଡିକୁ ଆଣି ଭାରତରେ ଟାୟାର ୨ ଓ ୩ ସହରଗୁଡିକରେ ବ୍ରାଣ୍ଡର ନେଟ୍‌ୱର୍କକୁ ବିସ୍ତାର କରିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକ୍ସ ଭୁବନେଶ୍ୱରର ଡା. ବିଶ୍ୱଜିତ ମହାନ୍ତି କହିଛନ୍ତି, ଆମେ ମେଡ୍‌ଜେନୋମ୍ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାରେ ଆମର ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସମାଧାନର ସମ୍ପ୍ରସାରଣ ସହିତ ଏହି ରଣନୈତିକ ସହଯୋଗିତା ସମ୍ପୃକ୍ତ ଅଞ୍ଚଳର ସ୍ୱାସ୍ଥ୍ୟସେବାଗୁଡିକୁ ଉନ୍ନତ ସହ ବ୍ୟାପକ ଏବଂ ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ ସମାଧାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।

ସେହିପରି ମେଡ୍‌ଜେନୋମ୍‌ର ଓମିକ୍ସ ସଲ୍ୟୁଶନ ସହ ଆମର ବିସ୍ତୃତ ଉତ୍ପାଦ ପୋର୍ଟଫୋଲିଓକୁ ସମ୍ମିଶ୍ରଣକରି ଆମେ ପୂର୍ବଭାରତ(ପୂର୍ବାଞ୍ଚଳ)ରେ ସର୍ବୋତ୍ତମ ଡାଇଗ୍ନୋଷ୍ଟିକ ଟୁଲ୍ ସହ କ୍ଲିନିସିଆନ ଓ ଉପଭୋକ୍ତାଙ୍କୁ ସଶକ୍ତ କରିବୁ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ କଥାରେ ଚଞ୍ଚଳମତି,**
**ଧଇର୍ଯ୍ୟ ନ ଥାଏ କତି ।**

ମନ ଚଞ୍ଚଳ ହେବା ଦ୍ୱାରା ଜୀବନରେ ବହୁତ ଯାତନା ଭୋଗିବାକୁ ପଡ଼େ। ଚଞ୍ଚଳ ମନ ସାମାନ୍ୟ କଥାରେ ବିଗିଡ଼ିଯାଏ। ସାଧାରଣ କଥାକୁ ସହିନେବା ପାଇଁ ତା'ର ଧୈର୍ଯ୍ୟ ନ ଥାଏ। ଜୀବନରେ ମନକୁ ଆୟତ୍ତରେ ରଖିବା ପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଜୀବନ ଯାତ୍ରାରେ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଧଲାଟାକର କ୍ଷମତା ନାହିଁ**
**କହୁଛି କଥା ବଡ଼**
**ତାକୁ ତୋଷାମଦ କରିବ କିଏ**
**ସେ କାହାର ତାଡ଼େ ଗଡ଼ ?**

ଅର୍ଥ ଓ ପ୍ରତିପତ୍ତି ନ ଥିବା କେତେଜଣ ବ୍ୟକ୍ତି ଅନେକ ବଡ଼ ବଡ଼ କଥା କହି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସର୍ବଦା ଚେଷ୍ଟା ଚଳାଉଥିବାର ଦେଖିବାକୁ ମିଳିଥାଏ। ଏମାନେ କାହାର କାର୍ଯ୍ୟରେ ବା ଉପକାରରେ ଆସିପାରୁ ନ ଥିବା ବେଳେ ଏଭଳି ବାହାପିଆ ବ୍ୟକ୍ତିଙ୍କୁ କେହି ବି ଆଦରି ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


## ପୂର୍ବତଟ ରେଳପଥ

Tender Notice No.:17/ET/SBP/ENGG/2024-25
ତା.05.07.2024 ରିଖ

e-Tender No.: 13-eT-DENS-SBP-24

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ, କଣ୍ଟାବାଞ୍ଜି, ମୁନିଗୁଡା, ଟିଟିଲାଗଡ ଓ ବଲାଙ୍ଗୀର ଷ୍ଟେସନ୍‌ଗୁଡିକରେ ୧୦୦ KLD କ୍ଷମତା ବିଶିଷ୍ଟ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସହିତ OH ଟ୍ୟାଙ୍କ୍ ଏବଂ ପାଇପ୍ ଲାଇନ୍‌ର ବ୍ୟବସ୍ଥା ସହିତ କମିଶନିଙ୍ଗର ପରବର୍ତ୍ତୀ ୨୪ ମାସ ଅବଧିର ରକ୍ଷଣାବେକ୍ଷଣ ଏବଂ ଟର୍ନକୀ ଭିତ୍ତିରେ ୫ ବର୍ଷର AMOC।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.8,05,59,535.76

EMD: ଟ. 5,52,800/-

e-Tender No.: 15-eT-DENS-SBP-24

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ADEN/ମୁନିଗୁଡା ଅଧୀନସ୍ଥ ଦହିକାଲ୍ଲୁ ଡିପୋରେ ରେଲୱେର ବୈଶିଷ୍ଟ୍ୟ ଅନୁଯାୟୀ 1,00,000 CUM ମେସିନ୍ କ୍ରସଡ୍ ଟ୍ରାକ୍ ବାଲାଷ୍ଟର, ରେଲୱେର ଭୂମି/କ୍ୱାରୀର ବାହ୍ୟପାର୍ଶ୍ୱରୁ ଯୋଗାଣ ଷ୍ଟେକିଙ୍ଗ୍ ଏବଂ ରେଲୱେ ୱାଗନ୍‌ଗୁଡିକରେ ଲୋଡିଙ୍ଗ୍ (ସମ୍ପାଦନ ଅବଧି: ମନସୁନ ଅବଧିକୁ ବାଦ୍‌ଦେଇ ୧୮ ମାସ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ. 14,26,16,000/-

EMD: ଟ. 8,63,100/-

e-Tender No.: 17-eT-DENS-SBP-24

**କାର୍ଯ୍ୟର ନାମ:** ୩ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ADEN/ଟିଟିଲାଗଡ କ୍ଷେତ୍ରାଧୀନ ବରିଷ୍ଠ ବିଭାଗ ଯନ୍ତ୍ରୀ (P.WAY) ଟିଟିଲାଗଡ ଏବଂ ବରିଷ୍ଠ ବିଭାଗ ଯନ୍ତ୍ରୀ (P.WAY) ବଡମାଳର ସରକାରୀ ବ୍ୟବହାର ନିମନ୍ତେ ୪.୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଟାଟା LPT-613 କିମ୍ବା ତତ୍ତୁଲ୍ୟ ମଡେଲ (ପ୍ରତ୍ୟେକର)ର ୨ଟି ଅଣ ଶୀତତାପ ନିୟନ୍ତ୍ରିତ ଟ୍ରକ ନିଯୁକ୍ତ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ. 63,39,960/-

Cost of tender form: Rs. 5,900/-, Bid Security : Rs.1,26,800/-

e-Tender No.: 18-eT-DENS-SBP-24

**କାର୍ଯ୍ୟର ନାମ:** ୩ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ADEN/ମୁନିଗୁଡା କ୍ଷେତ୍ରାଧୀନ ବରିଷ୍ଠ ବିଭାଗ ଯନ୍ତ୍ରୀ(P.WAY)/ ମୁନିଗୁଡା ଏବଂ ବରିଷ୍ଠ ବିଭାଗ ଯନ୍ତ୍ରୀ (P.WAY)/ଆୟଦଳା ସରକାରୀ ବ୍ୟବହାର ନିମନ୍ତେ ୪.୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଟାଟା LPT-613 କିମ୍ବା ତତ୍ତୁଲ୍ୟ ମଡେଲ (ପ୍ରତ୍ୟେକର)ର ୨ଟି ଅଣ ଶୀତତାପ ନିୟନ୍ତ୍ରିତ ଟ୍ରକ ନିଯୁକ୍ତ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ. 63,39,960/-

Cost of tender form: Rs. 5,900/-, Bid Security : Rs.1,26,800/-

କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ (କ୍ର. ସଂ ୧ନିମନ୍ତେ), 18 (ଅଠର) ମାସ (କ୍ର. ସଂ ୨ ନିମନ୍ତେ), 3 (ତିନି) ମାସ (କ୍ର. ସଂ ୩ଏବଂ୪ ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**

ତା.01.08.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in.

ମଣ୍ଡଳ ରେଳ ପ୍ରବନ୍ଧକ(ଇଂ), ସମ୍ବଲପୁର
PR-297/P/24-25



# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂଖ୍ୟା-IX(C)-11/2024-252 ତାରିଖ-13.06.2024

**No.V-18:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବଡ଼ଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.-ଆର.ବି.କେ.୬୧) ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବଡବିଲ ୟୁ.ନଂ.୮, ଥାନା-ବଡବିଲ, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ୦.୭୨୭ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ବଡଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.-ଆର.ବି.କେ ୬୧) ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, (ଆରଏଣ୍ଡ ବି) ଡିଭିଜନ, କେନ୍ଦୁଝର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ବଡଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ.-ଆର.ବି.କେ ୬୧) ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡିକ ନକାରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏ) | ଅଧିସୂଚିତ ଜମିର ରକବା (ଏ) | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡବିଲ | ବଡବିଲ ୟୁ.ନଂ.୮ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧.୫୫୩ | ୦.୭୨୭ | ସଂଲଗ୍ନ |
| | | | | | ମୋଟ | ୧.୫୫୩ | ୦.୭୨୭ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ - ବଡଜାମଦା-ବଡବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ.ସି.ନଂ. ଆର.ବି.କେ.୬୧) ନିର୍ମାଣ**

**ମୌଜା-ବଡ଼ବିଲ ୟୁ.ନଂ:୮, ଥାନା-ବଡ଼ବିଲ ୧୫, ତହସିଲ- ବଡବିଲ, ଜିଲ୍ଲା-କେନ୍ଦୁଝର**

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୫ | ତୁଷାର ପାଣ୍ଡିଆ, ନିର୍ମଳ ପାଣ୍ଡିଆ, ନିତା ପାଣ୍ଡିଆ, ଗାୟତ୍ରୀ ପାଣ୍ଡିଆ, ପି: ହରି ପ୍ରସାଦ ପାଣ୍ଡିଆ, ଭାନୁମତି ପାଣ୍ଡିଆ, ସ୍ୱା:ହରି ପ୍ରସାଦ ପାଣ୍ଡିଆ, ଜା:ବ୍ରାହ୍ମଣ, ବା:ନିଜଗାଁ | ୪୦୫/ ୮୯୨ | ଘରବାରି ଏକ | ୦.୧୮୦ | ୦.୦୮୧ |
| ୨ | ୧୯ | ଦେବେନ୍ଦ୍ର ପ୍ରସାଦ ପାଣ୍ଡିଆ, ପି: ହିଜି ଧନର୍ଜି ପାଣ୍ଡିଆ, ଜା:ବ୍ରାହ୍ମଣ, ବା:ନିଜଗାଁ | ୪୦୫ | ଘରବାରି ଏକ | ୦.୦୮୦ | ୦.୦୭୪ |
| ୩ | ୨ | ଆଞ୍ଜୁମାନ ଇସିଲା ମିଆଁ, ବଡବିଲ ତରଫ ପ୍ରେସିଡେଣ୍ଟ, ସୟଦ ଅବଦୁଲ କାଦିର, ପିତା: ସେକ ଅବଦୁଲ ଗଫୁର, ଜାତି: ମୁସଲମାନ, ବାସସ୍ଥାନ: ନିଜଗାଁ ବା: | ୪୮୯ | ଘରବାରି ଏକ | ୦.୦୨୫ | ୦.୦୨୩ |
| ୪ | ୨୮ | ଭଗବାନ ଦାସ ମହତା, ପି: ଏମ.ସି. ମହତା, ଜା:ମାରୁଆଡି, ବା:ନିଜଗାଁ | ୫୦୮/ ୮୨୮ | ଘରବାରି ଏକ | ୦.୦୬୦ | ୦.୦୩୬ |
| ୫ | ୨୯ | ଭାରତ ପ୍ରସେସ ଏଣ୍ଡ ମେକାନିକାଲ, ଇଞ୍ଜିନିୟର୍ସ ଲିମିଟେଡ ଠାକୁରାଣୀ ବା: | ୪୦୯/ ୭୩୧ | ଘରବାରି ଏକ | ୦.୨୮୦ | ୦.୦୯୧ |
| ୬ | ୩୭ | ହାଜରା ବେଗମ, ସ୍ୱା:ମହମ୍ମଦ ନବିଜାନ, ଜାତି:ମୁସଲମାନ, ବାସସ୍ଥାନ:ନିଜଗାଁ, ବା: | ୪୯୦/ ୭୩୮ | ଘରବାରି ଏକ | ୦.୦୩୩ | ୦.୦୨୨ |
| ୭ | ୩୭/୧୦ | ଶିଭ ପ୍ରକାଶ ମୁନ୍ଦ୍ରା, ପି:ଶିଭ ରତନ ମୁନ୍ଦ୍ରା, ବା:ବଡବିଲ, ଥାନା:ବଡବିଲ, ଜିଲ୍ଲା:କେନ୍ଦୁଝର | ୪୦୫/ ୯୭୦ | ଘରବାରି ଏକ | ୦.୧୦୦ | ୦.୦୩୫ |
| ୮ | ୩୭/୧୯ | ମୋଇନ ଅଖତାର, ପି:ଅବଦୁଲ ରହିମ, ଜା:ମୁସଲମାନ, ବା:ବଡବିଲ (ଆଜାଦ ବସ୍ତି), ଥା:ବଡବିଲ, ଜିଲ୍ଲା:କେନ୍ଦୁଝର | ୪୯୭/ ୮୩୦ | ଘରବାରି ଏକ | ୦.୦୨୦ | ୦.୦୨୦ |
| ୯ | ୩୭/୨ | ଶ୍ରୀରାମ ଚନ୍ଦ୍ର ନାଏକ, ପି:ବଳରାମ ନାଏକ, ଜା:ତେଲି, ବା:ନିଜଗାଁ, ଥାନା:ବଡବିଲ, ଜିଲ୍ଲା:କେନ୍ଦୁଝର | ୪୯୪/ ୯୬୮ | ଘରବାରି ଦୁଇ | ୦.୦୩୦ | ୦.୦୧୧ |
| ୧୦ | ୩୭/୩୧ | ମନୋଜ କୁମାର ଶର୍ମା, ପି:ଚନ୍ଦ୍ରଶେଖର ପ୍ରସାଦ ଶର୍ମା, ଜା:ବ୍ରାହ୍ମଣ, ବା:ବଡବିଲ | ୪୯୦ | ଘରବାରି ଏକ | ୦.୦୩୫ | ୦.୦୧୮ |
| ୧୧ | ୩୭/୩୨ | ନିତିନ କୁମାର ଗୁପ୍ତା, ପି:ମୋତିଲାଲ ଗୁପ୍ତା, ଜା:ବଣିଆ, ବା:ବଡବିଲ, ଥା-ବଡବିଲ, ଜି-କେନ୍ଦୁଝର | ୪୯୨/ ୭୩୯ | ଘରବାରି ଏକ | ୦.୦୩୦ | ୦.୦୩୦ |
| ୧୨ | ୩୭/୬ | ରଣଜିତ ସିଂହ, ପି:ବଳଦେବ ସିଂହ, ବା:ବଡବିଲ | ୫୦୮/ ୮୨୯ | ଘରବାରି ଏକ | ୦.୦୬୦ | ୦.୦୩୭ |
| ୧୩ | ୩୯/୧ | ଓଡ଼ିଶା ଖଣି ନିଗମ ଲିମିଟେଡ, ବଡବିଲ | ୫୦୮/ ୯୭୮ | ଘରବାରି ଏକ | ୦.୩୭୦ | ୦.୧୦୫ |
| ୧୪ | ୪ | ଖିତିଶ ପାଣ୍ଡିଆ, ପ୍ରକାଶ ପାଣ୍ଡିଆ, ପି:କାନ୍ତି ପ୍ରସାଦ ହିରିଜି ପାଣ୍ଡିଆ, ନିର୍ମଳା କେ. ପାଣ୍ଡିଆ, ସ୍ୱା:କାନ୍ତି ପ୍ରସାଦ ହିରିଜି ପାଣ୍ଡିଆ, ଜା:ବ୍ରାହ୍ମଣ, ବା:ନିଜଗାଁ | ୪୦୫/ ୮୯୬ | ଘରବାରି ଏକ | ୦.୨୫୦ | ୦.୧୪୪ |
| | | | | ମୋଟ | ୧.୫୫୩ | ୦.୭୨୭ |

ସ୍ୱା./-
AMIN
L.A. (Gen.) Section
Collectorate, Keonjhar

ସ୍ୱା./-
Land Acquisition Inspector
L.A. (Gen) Section
Collectorate, Keonjhar

ସ୍ୱା./-
ଭୂ-ଅର୍ଜନ ଅଧିକାରୀ
କେନ୍ଦୁଝର

OIPR-24045/14/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................


ବାସନ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହରି ପଟ୍ଟନାୟକଙ୍କୁ ୮ମ ଡାନ୍ ବ୍ଲାକ୍ ବେଲ୍ଟ



**ଭୁବନେଶ୍ୱର, ୧୨।୭**
**(ବିଜୟ ରଣା)**

ବିଶ୍ୱ କରାଟେ ସଂଘ (ଡବ୍ଲ୍ୟୁକେଏଫ୍) ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସଭାପତି ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ୮ମ ଡାନ୍ ବ୍ଲାକ୍ ବେଲ୍ଟ ପ୍ରଦାନ କରିଛି। ପୂର୍ବାଞ୍ଚଳରୁ ପ୍ରଥମ କରାଟେକା ଭାବେ ସେ ଏହି ସଫଳତା ହାସଲ କରିବାରେ ଗୌରବ ଅର୍ଜନ କରିଥିବା ବେଳେ ଭାରତରୁ ୭ମ। ଅଷ୍ଟମ ଡାନ୍ ହାସଲ କରିଥିବା ପ୍ରଥମ ଭାରତୀୟ କରାଟେକା ହେଉଛନ୍ତି ହାନ୍ସୀ ଭରତ ଶର୍ମା। ସେ ଜାତୀୟ କରାଟେ ସଂଘ ଓ ଦକ୍ଷିଣ ଏସୀୟ କରାଟେ ସଂଘର ସଭାପତି ତଥା ବିଶ୍ୱ କରାଟେ ସଂଘର ବୈଷୟିକ ସଦସ୍ୟ ରହିଛନ୍ତି। କରାଟେ ଖେଳ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନର ସମ୍ପାଦିକା ଗୌରୀ ମହାନ୍ତି ଡବ୍ଲ୍ୟୁକେଏଫ୍ ୬ଷ୍ଠ ଡାନ୍ ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ତରଫରୁ ଉଭୟ ହରି ପ୍ରସାଦ ଓ ଗୌରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କିଟ୍‌ରେ ଇଣ୍ଡିଆନ ୟୁନିଭର୍ସିଟିଜ୍‌ର ଚୟନ ଟ୍ରାଏଲ୍


ଆର୍ଚ୍ଚେରୀ ଚୟନ ଟ୍ରାଏଲ ଅବସରରେ ପ୍ରତିଯୋଗିମାନେ।

## ଏସିଆନ ୟୁନିଭର୍ସିଟି ଆର୍ଚ୍ଚେରୀ, ବାସ୍କେଟବଲ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୭ (ତପନ ସ୍ୱାଇଁ)**

ଏସିଆନ ୟୁନିଭର୍ସିଟି ଆର୍ଚ୍ଚେରୀ ଚାମ୍ପିୟନଶିପ୍‌ର ୨ୟ ସଂସ୍କରଣ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ଏବଂ ପୁରୁଷ ବାସ୍କେଟବଲ ଚାମ୍ପିୟନଶିପ୍ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ଚାଇନିଜ୍ ତାଇପେରେ ଅନୁଷ୍ଠିତ ହେବ। ଏଥିପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ମହିଳା ଓ ପୁରୁଷ ଆର୍ଚ୍ଚେରୀ ଏବଂ ପୁରୁଷ ବାସ୍କେଟବଲ ଦଳ ଚୟନ ପାଇଁ ଚୟନ ଟ୍ରାଏଲ୍ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହା ଶନିବାର ଶେଷ ହେବ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୩୦ରୁ ଅଧିକ ଆର୍ଚ୍ଚର ଏବଂ ୪୫ରୁ ଊର୍ଦ୍ଧ୍ୱ ବାସ୍କେଟବଲ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ୪ ଉତ୍କଳ, କିଟ୍, କିସ୍ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ଖେଳାଳି ଭାଗ ନେଇଛନ୍ତି। ଆର୍ଚ୍ଚେରୀ ଟ୍ରାଏଲ୍ କିଟ୍ ଓ କିସ୍ ଅନ୍ତର୍ଜାତୀୟ ଆର୍ଚ୍ଚେରୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ସେହିପରି ବାସ୍କେଟବଲ ଚୟନ ପ୍ରକ୍ରିୟା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ହେଉଛି। ଉଭୟ ଖେଳ ପାଇଁ ଅନୁଷ୍ଠିତ ଚୟନ କମିଟିର ମୁଖ୍ୟ ଅଛନ୍ତି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ। ମନିପାଲ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ରିନା ପୁନିଆ ବାସ୍କେଟବଲ ପାଇଁ ଏବଂ ଜାତୀୟ ଆର୍ଚ୍ଚେରୀ କୋଚ୍ ସୁରିନ୍ଦର ସିଂ ରାନ୍ଧୱା ଆର୍ଚ୍ଚେରୀ ପାଇଁ ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ପୂର୍ବରୁ କିଟ୍ ଓ କିସ୍‌ରେ ଏକାଧିକ କ୍ରୀଡ଼ାର ଚୟନ ଟ୍ରାଏଲ୍ସ ସଫଳତାର ସହ ସମ୍ପନ୍ନ ହୋଇଛି। ଚୟନ ଟ୍ରାଏଲ୍ ପାଇଁ କିଟ୍ ଓ କିସ୍‌କୁ ମନୋନୀତ କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)କୁ ଧନ୍ୟବାଦ ଜଣାଇଛନ୍ତି।

# ଆମେରିକାରେ ପ୍ରଶିକ୍ଷଣ ଦେବେ ଓଡ଼ିଶାର ୪ ଦୃଷ୍ଟିବାଧିତ କ୍ରିକେଟର

**ଭୁବନେଶ୍ୱର, ୧୨।୭ (ତପନ ସ୍ୱାଇଁ)**

ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ ଚଳିତ ମାସ ୨୫ ତାରିଖରେ ଆମେରିକା ଯିବ। ସେଠାରେ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରହିବ। ଏହି ସମୟ ମଧ୍ୟରେ ଭାରତୀୟ ଖେଳାଳିମାନେ ନିଜେ ଅଭ୍ୟାସ କରିବା ସହିତ ଆମେରିକାର ଦୃଷ୍ଟିବାଧିତ କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେବେ। ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳି ନକୁଳ ବଡ଼ନାୟକ, ସୁଖରାମ ମାଝି, ପଙ୍କଜ ଭୁଏ ଓ ଦେବରାଜ ବେହେରା ମଧ୍ୟ ଆମେରିକାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ। ଚଳିତ ବର୍ଷ ନଭେମ୍ବର-ଡିସେମ୍ବରରେ ପାକିସ୍ତାନରେ ଦୃଷ୍ଟିବାଧିତ କ୍ରିକେଟ ବିଶ୍ୱକପ ହେବାର ଅଛି। ସେଥିରେ ଆମେରିକାକୁ ସମ୍ପୃକ୍ତ କରାଇବା ଲକ୍ଷ୍ୟ ରହିଛି। ଆମେରିକାରେ ଦୃଷ୍ଟିବାଧିତ କ୍ରିକେଟର ପ୍ରଚାର ପ୍ରସାର ଏହାର ଉଦ୍ଦେଶ୍ୟ ବୋଲି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକବାଲ ପ୍ରକାଶ କରିଛନ୍ତି।

# ସୌମ୍ୟରଞ୍ଜନଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା


ରାଜ୍ୟପାଳ ରଘୁବର ଦାସଙ୍କ ସହ ସୌମ୍ୟରଞ୍ଜନ ମିଶ୍ର ଓ ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ।

**ଭୁବନେଶ୍ୱର, ୧୨।୭ (ତପନ ସ୍ୱାଇଁ)**

ଚେସ୍ ତାରକା ତଥା ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ରାଜ ଭବନଠାରେ ଶୁକ୍ରବାର ରାଜ୍ୟପାଳ ରଘୁବର ଦାସଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଚେସ୍ କ୍ଷେତ୍ରରେ ସୌମ୍ୟଙ୍କ ସଫଳତାରେ ରାଜ୍ୟପାଳ ଖୁସିବ୍ୟକ୍ତ କରିବା ସହ ଆଗାମୀ ଟୁର୍ନାମେଣ୍ଟରେ ରାଜ୍ୟ ପାଇଁ ଅଧିକରୁ ଅଧିକ ଗୌରବ ଆଣିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସୌମ୍ୟଙ୍କ ସ୍ତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ଭାରତର ପ୍ରଥମ ଚେସ୍ ଖେଳାଳିଭାବେ ସୌମ୍ୟ ସର୍ବଭାରତୀୟ ପୋଷ୍ଟାଲ, ସର୍ବଭାରତୀୟ ରେଲ୍‌ୱେ ଏବଂ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ୍‌ରେ ୮୧ଥର ଟାଇଟଲ ଜିତିବାର ରେକର୍ଡ ବହନ କରୁଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-726

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp-9438677819". D-713

Residential Yellow zone plot Bhubaneswar Rajdhani College, Patia- KIIT, KIMS ODM Global School. 9938424085, 7978729819. D-718

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-679

CONSTRUCTION

Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-680




Running Ice Factory 525 Canes IIN Bhubaneswar. 6371837547, 8480204021. D-721

Duplex in Supratik Villa, Tamulia Gate, Balasore. Priority for Office/ Guesthouse/ Family. Contact 9437389709. D-723

New Dental Clinic Mainroad N/4, IRC Village, Large Parking interior complete cabinets, Drawers, Partition, Ceiling, Lighting, Flooring, Wiring with fittings, Plumbing works Toilet Coloring granite, Platform basin fitted, water tank. 9437033357. D-71584




Relax refreshment body massage therapy by experience lady therapist. 7008773793. D-76133

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Full body massage experience, good looking therapist @ 999 (Bhubaneswar). 9078484455. D-676

PILES Clinic, BBSR, ଅର୍ଶ, ମଳଦ୍ୱାର, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Relax, Refresh your body, Mind at Saikrupa Spa with best therapies. 8984068077. D-678

Fully relaxed body massage trained therapist. Central SPA. 9556483961. D-75759

Newly open health benefits SPA special Offer @ 999 Bapujinagar. 8018429809. D-76134




ଘରେ "ବାସ୍ତୁଦୋଷ" ଅଛି ବୋଲି ଭାବୁଛନ୍ତି କି? ବାସ୍ତୁ Visit ପାଇଁ ଯୋଗାଯୋଗ କରନ୍ତୁ। 6371090682. D-74321

AFFIDAVIT

By the virtue of an affidavit I Susil Nayak, Aadhaar No.- xxxx xxxx 2741, S/o- Late Sashikanta Nayak a permanent resident of At- Sukananda, P.O.- Gressingia, P.S.- G. Udayagiri, Kandhmal bearing my son's Birth Certificate vide Regd. No.- 26/2007 in which my name has been wrongly recorded as Ajit Kumar Nayak. I do hereby declare that Susil Nayak and Ajit Kumar Nayak are one and same person. D-727

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I Madhusmita Toppo, W/o- Dashrath Kerketta, Padajampali, Garvana, Rajgangpur, Odisha-770017 have changed my name to Madhusmita Kerketta vide affidavit No.- 3133 dt. 22.06.2024 sworn before Notary Loknath Rout, Jajpur for all future purposes. D-722

I Sandeep Ramchander Ojha, S/o Ramchandra Ojha, residing near Hanuman Mandir, NH-5, P.O.- Januganj, PIN-756019, Odisha declare by this affidavit No.- 377 before A.K. Swain, Notary Public, Balasore dated 06.07.2024 that now onwards I shall be known as Sandeep Ojha for all future purposes. D-724

I Rakhi, W/o Sandeep Ojha, residing near Hanuman Mandir, NH-5, P.O.- Januganj, PIN-756019 Odisha declare by this affidavit No.- 470 before A.K. Swain, Notary Public, Balasore dated 09.07.2024 that now onwards I shall be known as Rakhi Ojha for all future purposes. D-725

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

LETTER NO.- 940/ 06.07.2024

ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ)ଙ୍କ ଅଦାଲତ ନଂ.-୪ମ୍ବର ୟୁନିଟ୍ ନଂ.-୫, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଓ.ଏସ୍.ଏସ୍. କେସ୍ ନଂ.- ୭୨/୨୦୨୨

(୧) କଲ୍ୟାଣୀ ତ୍ରିପାଠୀ, ବୟସ ୪୯ବର୍ଷ, ସ୍ୱାମୀ- ଅଶିଷ କୁମାର ଶତପଥି, (୨) ଇତିଶ୍ରୀ ଶତପଥି, ବୟସ ୪୧ବର୍ଷ, ସ୍ୱାମୀ- ଅକ୍ଷୟ କୁମାର ଶତପଥି, ଠିକଣା- ଭଞ୍ଜନଗର, ପୋ- ଭଞ୍ଜନଗର, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ପିନ୍ ନଂ.- ୭୬୧୧୨୬।

....ବାଦୀ/ଦରଖାସ୍ତକାରୀ

ବନାମ

(୧)(a) ସୁରେନ୍ଦ୍ର ଦଳାଇ, ବୟସ ୫୭ବର୍ଷ, (୧)(b) ପ୍ରଶନ୍ନ ଦଳାଇ, ବୟସ ୪୮ ବର୍ଷ, (୧)(c) କୁନ୍ତି ଦଳାଇ, ବୟସ ୬୫ ବର୍ଷ, (୧) (d) ବନି ଦଳାଇ, ବୟସ ୫୫ ବର୍ଷ, (୧)(e) ଭାରତୀ ଦଳାଇ, ବୟସ ୫୦ ବର୍ଷ, (୧)(f) ଜୟା ଦଳାଇ, ବୟସ ୪୭ ବର୍ଷ, ସମସ୍ତଙ୍କର ପିତା- ୰ଭୋବନି ଦଳାଇ, ସା- ଓଗାଳପଡ଼ା, ପୋ- ଜାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍ ନଂ.- ୭୫୨୦୫୪, ଓଡ଼ିଶା, (୩)(a) ବାଉରିବନ୍ଧୁ ଦଳାଇ, ବୟସ ୫୭ ବର୍ଷ, (୩)(b) ବ୍ରଜବନ୍ଧୁ ଦଳାଇ, ବୟସ ୪୮ ବର୍ଷ।

କ୍ରମିକ ନଂ.-୭ରୁ ୮ଙ୍କର ପିତା- ୰ନବୀନ ଦଳାଇ, ସା- ଓଗାଳପଡ଼ା, ପୋ- ଜାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍ ନଂ.-୭୫୨୦୫୪, ଓଡ଼ିଶା।

....ପ୍ରତିବାଦୀ/ ଅପରପକ୍ଷ

ନୋଟିସ
(ସି.ପି.ସି ଅର୍ଡର ୫ ରୁଲ୍ ୨୦ ମୁତାବକ)

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି, ଉପରୋକ୍ତ ରିଭିଜନ କେସ୍ ବାଦୀ ମାନ୍ୟବର ଅତିରିକ୍ତ ଆୟୁକ୍ତ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀକୁ ମୋକଦ୍ଦମାରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯାହା ତଫସିଲ ବୃତ୍ତିରେ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା- ଓଗାଳପଡ଼ା, ହାଲ୍ ଖାତା ନଂ.-୫୭୮, ପ୍ଲଟ୍ ନଂ.-୨୬୫୦, ହାଲ୍ ରକବା- ଏ୦.୦୦୭ଡିସିମିଲି, ଏହାର ସାବିକ ଖାତା ନଂ.-୨୫୩, ପ୍ଲଟ୍ ନଂ.-୧୮୨, ସାବିକ ରକବା- ଏ୦.୧୪୦ ଡିସିମିଲି, ହାଲ୍ ଖାତା ନଂ.- ୫୭୮, ପ୍ଲଟ୍ ନଂ.- ୨୬୫୪, ହାଲ୍ ରକବା- ଏ୦.୪୮୦ ଡିସିମିଲି, ଏହାର ସାବିକ ଖାତା ନଂ.- ୨୫୩, ପ୍ଲଟ୍ ନଂ.-୧୮୬, ସାବିକ ରକବା- ଏ୦.୪୧୫ ଡିସିମିଲି ଏକ ମୌଜା ଏକ ଖାତା ଓ ଦୁଇ ଗୋଟି ହାଲ୍ ପ୍ଲଟ୍‌ର ମୋଟ ରକବା ଏ୦.୦୫୫ ଡିସିମିଲି ଉପରୋକ୍ତ ରିଭିଜନ କେସ୍ ଶୁଣାଣି ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୦୨।୦୮।୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ କୋର୍ଟ ନଂ.-୪ ଅନୁମୋଦନ କ୍ରମେ।

ସ୍ୱା./- କୋର୍ଟ ଅଫିସର
ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ କୋର୍ଟ ନଂ.-୪, ୪ର୍ଥ ମହଲା
ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର
ଧ-୭୧୫

ମାନ୍ୟବର ଶ୍ରୀଯୁକ୍ତ ଜଜ୍ ପରିବାର ଅଦାଲତ, ପୁରୀ
ସି.ପି. ନଂ.-୩୧୯/୨୦୨୩
ନୋଟିସ୍

ଚନ୍ଦ୍ରବିନ୍ଦୁ ପଡ଼ିଆରୀ, ବ୨୭ର୍ଷ, ସ୍ୱାମୀ- ହରିହର ପଡ଼ିଆରୀ, ସାକିନ୍- ମୁସୁନ୍‌ପୁର, ପୋଷ୍ଟ- ଦିଘାଲ, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ।

.....ଆବେଦନକାରୀ

ବନାମ

ଶ୍ରୀ ହରିହର ପଡ଼ିଆରୀ, ବ୩୪ର୍ଷ, ପିତା- ୰ କୁଞ୍ଜ ପଡ଼ିଆରୀ, ସାକିନ୍- ମୁସୁନ୍‌ପୁର, ପୋଷ୍ଟ- ଦିଘାଲ, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାଁନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜଦିନ ତା୦୮।୦୮।୨୦୨୪ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଏସଲା ହେବ। ଅଦ୍ୟ ତା୧୦।୦୭।୨୦୨୪ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।

Sd./- Judge, Family Court, Puri
D-728


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଶେଷ ଇଚ୍ଛା



ଶେଷକୁ ବୋଧହୁଏ ପୁସ୍ତକର ଅଭିମତ ଲେଖକ ମର୍ଯ୍ୟାଦାଟି ମୋତେ ମିଳିବ। କିନ୍ତୁ କେଉଁ କବି ବା ଲେଖକଙ୍କୁ ନିରାଶ କରି ଫେରାଇଦିଅନ୍ତି? ମୁଁ ଜାଣେ ଯେ ଅଭିମତ ଲେଖିବା ପରି ଖ୍ୟାତିସମ୍ପନ୍ନ, ବିଶେଷ ପୁରସ୍କାରପ୍ରାପ୍ତ ଲେଖକ ମୁଁ ନୁହେଁ। ସେଇଭଳି ପ୍ରତିଷ୍ଠିତ ଲେଖକଙ୍କଠାରୁ ଅଭିମତଟିଏ ପାଇଲେ କେଉଁ ଗ୍ରାମ୍ୟ ସ୍ତରର ଲେଖକଟିଏ କୃତାର୍ଥ ନ ହେବ! ଅଥଚ ଆମର ସେଇ ଉଚ୍ଚତମ ପାହାଚର ଲେଖକ ଲେଖିକାମାନେ ସାଧାରଣ କବି ଲେଖକଙ୍କ ବହି ପଢ଼ି ସମୟ ନଷ୍ଟ କରିବେ ବା କାହିଁକି? ତେଣୁ ଏହି ଦାୟିତ୍ୱ ବହନ କରିବାକୁ ପଡ଼େ ଓଡ଼ିଆ ଅଧ୍ୟାପକମାନଙ୍କୁ। ଏହା ମଧ୍ୟରେ ବି ସବୁ ଅଧ୍ୟାପକଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରେନା। ଯେଉଁମାନେ

## ଗଳ୍ପ

### ମଣୀନ୍ଦ୍ର କୁମାର ମେହେର

ଲେଖାଲେଖି, ଭାଷଣ ପ୍ରଦାନ ଓ ବିଭିନ୍ନ ସଂଗଠନ ସହିତ ସମ୍ପୃକ୍ତ, ସେମାନଙ୍କର ହିଁ ଦାୟିତ୍ୱ ହେଉଛି ଏହି ଆଞ୍ଚଳିକ ସ୍ତରର କବି ଲେଖକଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତବ୍ୟ ରଚନା।

ଏହି ପବିତ୍ର କାର୍ଯ୍ୟ ଯେହେତୁ ବର୍ଷ ବର୍ଷ ଧରି ତୁଲାଇ ଆସୁଛି, ଲାଲବିହାରୀ ବାବୁଙ୍କୁ କିପରି ଅବା ମନାକରିଥାନ୍ତି? ତାଙ୍କ ସ୍ତ୍ରୀ ଥିଲେ ଜଣେ ମୌଳିକ ଚିନ୍ତନର କବି। କ୍ୟାନ୍ସର ଆକ୍ରାନ୍ତ ହୋଇ କିଛିବର୍ଷ ପୀଡ଼ିତ ରହିବା ପରେ ସେ ଚିରଦିନ ପାଇଁ ଅନ୍ତର୍ହିତ ହୋଇଗଲେ ଲାଲବିହାରୀ ବାବୁଙ୍କ ସାଂସାରିକ ଜୀବନରୁ। ପତ୍ନୀଙ୍କ ସ୍ମୃତିଚାରଣ କରିବା ପାଇଁ ସେ ଲେଖନ୍ତି ଅନେକ କବିତା। ଏହା ବ୍ୟତୀତ ଯେଉଁ ବିଷୟ ଆନ୍ଦୋଳିତ କରେ ତାଙ୍କ ହୃଦୟକୁ, ସେ ବିଷୟରେ ମଧ୍ୟ କବିତା ରଚନା କରି ଅତି ଆଗ୍ରହରେ ଦେଖାନ୍ତି ମୋତେ। ଲାଲବିହାରୀ ବାବୁଙ୍କ କବିତାରେ ଯେଉଁ ଛନ୍ଦ, ସଂଗତି ରହିବା ନିତାନ୍ତ ଆବଶ୍ୟକ ସେ ସମ୍ପର୍କରେ ଆଦୌ ସେ ସଚେତନ ନୁହନ୍ତି। ମାତ୍ର ତାଙ୍କର ଗୌରତନୁ, ପରିଷ୍କୃତ ଶୁଭ୍ର ମୁଖମଣ୍ଡଳ, ଦୁଇ ଆଖିରେ ଫୁଟିଉଠୁଥିବା ବିନମ୍ରତାର ଆଲୋକ ଆଉ ତାଙ୍କର ଧଳା ରଙ୍ଗର ଧୋତି ପରିଧାନ ଶୈଳୀ ଓ ତା' ସହିତ ଧଳା ରଙ୍ଗର ଦାଗବିହୀନ ଶାର୍ଟ ତଥା ମୁଣ୍ଡର ଶୁଭ୍ର କେଶରାଶି ଏସବୁ ତାଙ୍କ ବ୍ୟକ୍ତିତ୍ୱର ନମନୀୟତା ଫୁଟାଇ ଦେଉଥାଏ ସର୍ବଦା। ବାସ୍ତବରେ ଏପରି ବିନୟାବନତ ମଣିଷ ପ୍ରସିଦ୍ଧ କବି ଲେଖକଙ୍କ ମଧ୍ୟରେ ବି କିପରି ଦୁର୍ଲଭ, ତାହା ନିଜସ୍ୱ ଅନୁଭୂତି ବଳରେ ମୁଁ ବୁଝିପାରିଛି। ଲାଲବିହାରୀ ବାବୁ ସମୟ ଅସମୟ ବିଚାର ନ କରି ଚାଲିଆସନ୍ତି ମୋ' ପାଖକୁ। ଯେକୌଣସି ଅବସ୍ଥାରେ ମୁଁ ଥାଏନା କାହିଁକି; ତାଙ୍କ ଭଳି ବିନୟୀ ମଣିଷ ଜଣାଇପାରେ ନାହିଁ ବିଦାୟର ଅଭିବାଦନ।

ପ୍ରତିଥର ପରି ଗତ ବର୍ଷେ ତଳେ ମୋ' ହାତରେ ଧରାଇ ଦେଇଥିଲେ ସେ ନିଜର ସୁଲିଖିତ ପାଣ୍ଡୁଲିପିଟି। କହିଥିଲେ– 'ଯେତେଶୀଘ୍ର ସମ୍ଭବ ଦୁଇଧାଡ଼ି ଏ ବିଷୟରେ ଲେଖି ପଠାଇଦେଲେ ମୁଁ କୃତଜ୍ଞ ହୁଅନ୍ତି ତୁମ ନିକଟରେ।' ପରିଚୟ ପ୍ରଥମେ ହେବାବେଳେ ସେ ମୋତେ ସର୍ବଦା ଆପଣ ବୋଲି ସମ୍ବୋଧନ କରୁଥିଲେ। ଯେହେତୁ ସେ ମୋର ପିତୃପ୍ରତିମ ମୁଁ ତାଙ୍କୁ ବିନୀତ ଭାବରେ ଅନୁରୋଧ କରିଥିଲି ଏପରି ସମ୍ବୋଧନ ନ କରିବା ସକାଶେ। ତାହା ସଶ୍ରଦ୍ଧ ଚିତ୍ତରେ ଗ୍ରହଣ କରି ମୋ' ହୃଦୟର ଅଧିକ ନିକଟବର୍ତ୍ତୀ ହୋଇ ଯାଇଥିଲେ ସେ।

ବରପାଲି ଛାଡ଼ିଦେଇ ବିଭିନ୍ନ କର୍ମକ୍ଷେତ୍ରକୁ ମୁଁ ଆସିବା ଦ୍ୱାରା ସେ ଯେତେ ଖୁସି ହୁଅନ୍ତୁ ନା କାହିଁକି, ଏ ସମ୍ବାଦ ତାଙ୍କ ଲାଗି ଆଦୌ ସୁଖକର ନ ଥିଲା।

ପାଣ୍ଡୁଲିପିଟିକୁ ଯଦିଓ ରଖିଥିଲି ସଯତ୍ନେ, ତାହା ଆଉ ମୋର ମନେ ନ ଥିଲା। ଦିନେ କମ୍ପିତ କଣ୍ଠରେ ଫୋନ୍ ମାଧ୍ୟମରେ ଲାଲବିହାରୀ ବାବୁଙ୍କ ପ୍ରାଣର ଔଦାସ୍ୟ ସଞ୍ଚରି ଆସିଥିଲା ମୋ' ମଧ୍ୟକୁ। ପ୍ରତିଶ୍ରୁତି ଦେଲି ଯେତେଶୀଘ୍ର ସମ୍ଭବ ନିଜ ଅଭିମତ ଲେଖିଦେବି ନିଶ୍ଚୟ। ମୋ' କଥାରେ ତାଙ୍କର ଅଟଳ ବିଶ୍ୱାସ କେବେ ଟଳମଳ ହୋଇ ନାହିଁ। କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଅନ୍ୟ ବହିପତ୍ର ଖୋଜୁ ଖୋଜୁ ସେ ପ୍ରଦାନ କରିଥିବା ପାଣ୍ଡୁଲିପି ମୋର ଦୃଷ୍ଟି ପଥାରୂଢ଼ ହେଲା। ଠିକ୍ ସେହିଦିନ ଲାଲବିହାରୀ ବାବୁ ପୂର୍ବପ୍ରେରିତ ପାଣ୍ଡୁଲିପିର କପିଟିଏ ପୁନର୍ବାର ଡାକଯୋଗେ ପଠାଇ ଦେଇଥିଲେ। କାଳେ ସେ ଦେଇଥିବା ପାଣ୍ଡୁଲିପିଟି ତାଙ୍କ ନଜର ଆଢ଼ୁଆଳରେ କେଉଁଠି ରହିଯାଇଥିବ, ଏହା ଭାବି।

ଖବର ଆସିଲା ଲାଲବିହାରୀ ବାବୁ ଭୀଷଣ ଅସୁସ୍ଥ। ବୟସ ତାଙ୍କର ବୋଧହୁଏ ଅଶୀବର୍ଷ ଅତିକ୍ରମ କରିସାରିଥାଏ। ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଏହା ଜାଣିବା ପରେ ବେଦନାକ୍ତ ହୋଇଯାଇଥିଲା ମୋ' ପ୍ରାଣତନ୍ତ୍ରୀ। ଆଉ ସାମାନ୍ୟ ବି ବିଳମ୍ବ ନ କରି ତିନୋଟି ବହିର ଅଭିମତ ଲେଖିଦେଇଥିଲି ସମ୍ପୂର୍ଣ୍ଣ ଭାବରେ ସେସବୁ ପଢ଼ି ନ ପାରି ମଧ୍ୟ।

ରାତି ଦଶଟା ଅତିକ୍ରମ କରିବା ପରେ ଆସିଲା ମୋ' ମୋବାଇଲ ଫୋନ୍‌କୁ ଗୋଟିଏ କଲ୍। ଜାଣିପାରିଲି ସେ କିଏ। ଯୁବକ ଜଣକ କହିଲେ, 'ବାପା ବର୍ତ୍ତମାନ ଆଉ ଭଲ ଅବସ୍ଥାରେ ନାହାନ୍ତି। ଆପଣଙ୍କ ସହିତ ପଦେ କଥା ହେବେ ମାତ୍ର।' ମୁଁ ତତ୍‌କ୍ଷଣାତ୍ ପ୍ରସ୍ତୁତ ହୋଇଗଲି ଆଶାଜନକ ଉତ୍ତର ଦେବା ସକାଶେ। ଲାଲବିହାରୀ ବାବୁଙ୍କ କଣ୍ଠସ୍ୱର ବାଷ୍ପରୁଦ୍ଧ। ମୋ' କଣ୍ଠସ୍ୱର ଶୁଣିସାରି ସେ ହେଲେ ଆହ୍ଲାଦିତ। ପଚାରିଲେ କ୍ଷୀଣକଣ୍ଠରେ– ''ମୋ' ପ୍ରେରିତ ପାଣ୍ଡୁଲିପିର କପି ପାଇଛନ୍ତି ତ ମଣୀନ୍ଦ୍ର ବାବୁ?'' ସେ ପାଣ୍ଡୁଲିପି ସହିତ ଆଉ ପୁଣି ଯାହା ମୋ ପାଇଁ ପ୍ରୟୋଜନ ସେପରି କେତୋଟି ବିରଳ ଦ୍ରବ୍ୟ ପଠାଇ ଦେଇଥିଲେ। ମୁଁ ସାମାନ୍ୟ ବିଳମ୍ବ ନ କରି କହିଦେଲି ଯେ 'ଆପଣଙ୍କ ବହିର ଅଭିମତ ଲେଖିସାରିଛି। ଆସନ୍ତାକାଲି ହିଁ ଆପଣଙ୍କ ପୁଅଙ୍କ ହ୍ୱାଟ୍‌ସଆପ୍‌ରେ ପଠାଇଦେବି।'

କିଛି ସମୟ ପରେ ସେ କଥା କହିପାରିଲେନି। ମୁଁ ନିରୁପାୟ ହୋଇ ବିନମ୍ର ପ୍ରଣାମ ଜଣାଇ ମୋବାଇଲ ଫୋନ୍ ସଂଯୋଗ ବିଚ୍ଛିନ୍ନ କରିଦେଲି। ରାତି ଖାଇବା ସମୟ ନିକଟବର୍ତ୍ତୀ ହୋଇଯାଇଥିଲା। ଖାଇସାରିବା ପୂର୍ବରୁ ଫୋନ୍ ପୁଣି ବାଜିଉଠିଲା। ମୁଁ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ରିସିଭ କଲି। ସେପଟୁ ଲାଲବିହାରୀ ବାବୁଙ୍କ ପୁଅ ବାଷ୍ପରୁଦ୍ଧ କଣ୍ଠରେ କହିଲେ, 'ଆପଣଙ୍କ ସହିତ ବାର୍ତ୍ତାଳାପ ପରେ ବାପା ହୋଇଯାଇଛନ୍ତି ନିରବ, ସବୁଦିନ ପାଇଁ।'

ମୋ: ୯୯୩୭୩୬୫୬୯୮

## ପୁସ୍ତକ ପରିଚୟ

### କନ୍ଧ ଆଦିବାସୀ




**ଲେଖକ:** ଡ. ପ୍ରଦୀପ କୁମାର ସ୍ୱାଇଁ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ନିବନ୍ଧଗ୍ରନ୍ଥଟିର ପ୍ରସଙ୍ଗ କନ୍ଧ ଆଦିବାସୀ। ଏଥିରେ ମୋଟ ୭ଟି ପରିଚ୍ଛେଦ ରହିଛି। ଯଥା: କନ୍ଧମାନଙ୍କର ଉତ୍ପତ୍ତି, କନ୍ଧମାନଙ୍କ ଇତିହାସ, କନ୍ଧ ଜନଜାତିମାନଙ୍କ ପ୍ରାକୃତିକ ଦୃଶ୍ୟ, କନ୍ଧ ଜନଜାତିଙ୍କ ଜୀବନଧାରା, ଗୋତି ପ୍ରଥା, କନ୍ଧମାନଙ୍କ ସାମାଜିକ ଜୀବନପ୍ରଣାଳୀ, ଧର୍ମ ଓ ବିଶ୍ୱାସ। ମୁଖବନ୍ଧରେ ଲେଖକ ଲେଖିଛନ୍ତି: ''କନ୍ଧ ଆଦିବାସୀମାନେ ଯେତେ ସଭ୍ୟ ଓ ଶିକ୍ଷିତ ହେଲେ ମଧ୍ୟ ପ୍ରସ୍ତରୀଭୂତା ଦେବଦେବୀଙ୍କ ପ୍ରତି ଏମାନଙ୍କ ବିଶ୍ୱାସ ଓ ଭକ୍ତି କାଣିଚାଏ ବି ଊଣା ହୁଏ ନାହିଁ। ଏହି ବୃକ୍ଷ କିମ୍ବା ପ୍ରସ୍ତରଦେବୀ କୋପ କଲେ ବହୁ ଅଘଟନ ଘଟିଥାଏ ଓ ସନ୍ତୋଷ ପ୍ରକାଶ କଲେ ଅସମ୍ଭବ ଘଟନା ବି ସମ୍ଭବ ହୋଇଥାଏ।'' ଆଦିବାସୀମାନେ ମୁଖ୍ୟତଃ ବିଶ୍ୱାସମୂଳ ସେମାନଙ୍କ ଜୀବନଯାପନ ଓ ସାମାଜିକ କ୍ରିୟାକର୍ମରେ। 'କନ୍ଧ' ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଡ. ସ୍ୱାଇଁଙ୍କ ମତ ହେଲା– ''କନ୍ଧ ଶବ୍ଦ ଓଡ଼ିଆରୁ ଉତ୍ପନ୍ନ ନୁହେଁ, ବରଂ ଏହା ତେଲୁଗୁ କୋଣ୍ଡା ବା କୋଡ଼ରୁ ଖନ୍ଦ, କନ୍ଦ ଓ ପରେ କନ୍ଧରେ ପରିଣତ ହୋଇଛି।'' ଗ୍ରନ୍ଥରେ କନ୍ଧମାନଙ୍କର ଭୌଗୋଳିକ ଅବସ୍ଥାନ ବିଷୟରେ କେବଳ ଆଲୋଚନା କରାଯାଇ ନାହିଁ, ବରଂ ୧୮୪୭ରୁ ୧୮୫୪ଯାଏଁ ବୌଦ୍ଧ, ଅନୁଗୁଳ, କଳାହାଣ୍ଡି, ପାରଳାଖେମୁଣ୍ଡି, କନ୍ଧମାଳ ଏବଂ ପାଟଣା ପ୍ରଭୃତି ରାଜ୍ୟରେ ଯେଉଁ କନ୍ଧ ବିଦ୍ରୋହ ଶିଖା ତୋଳି ଉଠିଛି, ତା'ର ବିଶଦ ବର୍ଣ୍ଣନା ଦିଆଯାଇଛି। କନ୍ଧମାଳ ଜିଲାର ପ୍ରାକୃତିକ ଦୃଶ୍ୟାବଳୀର ଆକଳନ, କନ୍ଧଙ୍କ ଜୀବନଧାରା, ଏମାନଙ୍କର ଭାଷା 'କୁଇ' ଓ ତା'ର ଲିପି ଉଦ୍ଭାବକ ଦୟାନିଧି ମଲିକଙ୍କ ସମ୍ପର୍କରେ ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ଆଦିବାସୀ ଭାଷାପ୍ରେମୀ ଓ ଗବେଷକଙ୍କୁ ଯେ ବହୁଭାବେ ଦିଗ୍‌ଦର୍ଶନ ଦେବ– ଏଥିରେ ସନ୍ଦେହ ନାହିଁ। କନ୍ଧ ସାହିତ୍ୟ, କନ୍ଧ ସଂସ୍କୃତି ଓ ଧର୍ମଧାରଣା ସମ୍ପର୍କରେ ଆଲୋଚ୍ୟ ଗ୍ରନ୍ଥଟିର ପ୍ରତିପାଦ୍ୟ ଉଲ୍ଲେଖନୀୟ।

### ଡାକମୁଣାର ଡଗରା




**ଲେଖକ:** ବିଶ୍ୱନାଥ ମହାପାତ୍ର
**ପ୍ରକାଶକ:** ରଞ୍ଜୁବାଳା ପ୍ରକାଶନୀ, ଦଶପଲ୍ଲା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୯୦/-

'ଡାକମୁଣାର ଡଗରା' ଏକ ଛୋଟ ଉପନ୍ୟାସ। ଏହାର କଳେବର ଡିମାଇ ଆଠ ସାଇଜ୍‌ରେ ମାତ୍ର ୮୦ ପୃଷ୍ଠା (ଇନର୍‌କୁ ଛାଡ଼ି)। ପ୍ରଫେସର ଡକ୍ଟର ଗଣେଶ ରାଉତ ଉପନ୍ୟାସର କଥକ। ଲେଖକ ଲେଖିଛନ୍ତି: ''ଉପନ୍ୟାସର ଧାରାକୁ ସେହି ପୁରୁଣା ଢାଞ୍ଚାରେ ବୁହାଇନେଇଛି ପ୍ରଫେସର ଡକ୍ଟର ଗଣେଶ ରାଉତ ତୁଣ୍ଡରେ। ବର୍ଷାରୁ ଆରମ୍ଭ, ପୁଣି ବର୍ଷାରେ ଶେଷ। ମଝିରେ ଋତୁଚକ୍ରର କେଁକଟର ଗଡ଼ାଗଡ଼ିରେ କେତେ ଖାଲଢିପ, କେତେ କାଦୁଅପଙ୍କ, କେତେ ଝଡ଼ଝଞ୍ଜା। ସବୁ କଥା 'ଡାକମୁଣାର ଡଗରା' କହିବ।'' ଉପନ୍ୟାସରେ ଲେଖକ ଗାଁ ମଣିଷର ତୁଣ୍ଡରୁ ଭାଷା ଛଡ଼େଇ ଆଣି ତାଙ୍କ ଚରିତ୍ରମାନଙ୍କ ମୁହଁରେ ଥୋଇ ଦେଇଛନ୍ତି। ଗୋଟିଏ ଉଦାହରଣ ନେବା– ''ବର୍ଷାମାଡ଼ରେ ସେତେବେଳକୁ ବାପାଙ୍କ ଦେହରେ ରିସିରିସିଆ କମ୍ପ। ଆଇ ବଡ଼ପାଟିରେ ହୁକୁମ ଦେଲା– ନାଇଁ ପୁଅ। ଲୁଗା ବଦଳ। ଆଜି ଆଉ ଯିବାକୁ ହବନି। ବର୍ଷା ହଉଚି। ଫେରେ ନଈ ବଢ଼ିଛି। ଛିଡ଼ିବାର ନାଁ ଧରୁନି। ତହିଁକି ପୁଣି ଦିହ ଭଲ ଲାଗୁନି କହୁଚ। ତମେ କ'ଣ କୋଉ ନଟାବନସ୍ତରେ ଅଛ କିଏ ପୁଅ? ଘରେ ତ ଅଛ। ରାତି ଘଡ଼ିକ ରହିଯାଅ। ସକାଳକୁ ଯିବ।'' (ପୃ:୧୬) ଉପନ୍ୟାସଟିର ଭାଷା ଓ ଉପସ୍ଥାପନା ଛତ୍ରେଛତ୍ରେ ଏପରି ଗତିଶୀଳ ଯେ ବହିଟିକୁ ଏକା ବୈଠକୀରେ ପଢ଼ିଦେଇ ହେବ। ବହିର ପ୍ରଚ୍ଛଦ ଆଙ୍କିଛନ୍ତି ବିଶିଷ୍ଟ ବ୍ୟଙ୍ଗ କବି ଶ୍ରୀ ସତ୍ୟାନାଶ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କାଳକାଳକୁ

''ସବୁ ଯୁଦ୍ଧ ସରିଯିବା ପରେ ବି ପ୍ରଜାପତିଟିଏ ତଥାପି ସୁନ୍ଦର ଦିଶୁଥାଏ।''
– ରସ୍କିନ୍ ବଣ୍ଡ



**ରସ୍କିନ୍ ବଣ୍ଡଙ୍କ** ଜନ୍ମ ୧୯ ଜୁଲାଇ ୧୯୩୪ରେ। ଏହି ଭାରତୀୟ ଲେଖକଙ୍କ ବହୁ ଲେଖାରେ ବୈଚିତ୍ର୍ୟଭରା ହିମାଳୟ ପୃଷ୍ଠଭୂମି ଭାବେ ବିରାଜୁଥାଏ। 'ଦ ରୁମ୍ ଅନ୍ ଦ ରୁଫ୍' ଓ 'ଦ ବ୍ଲୁ ଅମ୍ବ୍ରେଲା' ଭଳି ବହିଗୁଡ଼ିକ ପାଠକଙ୍କୁ ତାଙ୍କ ସୁଧାର ପିଲାଦିନ, ପ୍ରକୃତିର ଅପ୍ରମେୟ ବିସ୍ମୟ ଓ ମଣିଷର ଭଲପାଇବା ଭିତରକୁ ନେଇଯାଏ। ତାଙ୍କର ଉଦ୍ଭାବକୀ ରଚନାଶୈଳୀ ବୟସ ନିର୍ବିଶେଷରେ ପାଠକଙ୍କୁ ପ୍ରମତ୍ତ କରି ରଖେ। ଭାରତୀୟ ସାହିତ୍ୟକୁ ବିଶେଷ ଅବଦାନ ପାଇଁ ସେ ସାହିତ୍ୟ ଅକାଦେମୀ ପୁରସ୍କାର ସାଙ୍ଗକୁ ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ। ନିଜର ସରଳ ରଚନାଶୈଳୀ ସମ୍ପର୍କରେ କୈଫିୟତ୍ ଦେଇ ସେ କହନ୍ତି: ''ମୋ' ଲେଖା ସରଳ ନୁହେଁ, ସରଳର ଛଳନା। ଏଥିରେ ଦୁଇଟି ବାକ୍ୟ ଏକାପରି ନୁହେଁ। ସରଳତା ନୁହେଁ, ସ୍ପଷ୍ଟତା ପାଇଁ ମୁଁ ପ୍ରୟାସ କରିଥାଏ।''

## କବିତା

### ପ୍ରିୟତମ

**ପ୍ରତିଭା ପରିଡ଼ା**

ତୁମ ଆଖି ଖୋଜି ପାଏ ନାହିଁ
ଏପାରିର ଗହଳିରେ
ଚିହ୍ନାମୁହଁ ଖୋଜୁ ଖୋଜୁ
ମୁଁ ଜାଣିନି,
ତୁମେ ମୋତେ ଦେଖ ଅବା
ଦେଖିପାର ନାହିଁ
ତୁମ ଛାଇ ଛୁଇଁପାରେ ନାହିଁ

ମୁଁ ଜାଣିନି,
ଦିଗନ୍ତର ଧାର କେବେ
ପୃଥ୍ୱୀ ଛାତି ଚୁମିଯାଏ...
ଜୁଆରିଆ ଲହରିରେ
କେତେଦୂର ପଦ୍ମ ଘୁଞ୍ଚିଯାଏ...
ଚାରିପାଖେ ଉଦୟାସ୍ତ
ରଙ୍ଗ ଦେଖୁଦେଖୁ
ମୁଁ ଜାଣିନି,
ତୁମେ ମୋର ତନୁ କେବେ
ଛୁଇଁଛ ନା ନାହିଁ–
ତୁମ ସାଥେ କଥା ଟିକେ ହେବା ଲାଗି
କେବେ ଏଇ ଓଠ ଖୋଲିନାହିଁ...

ଫଗୁଣର କାକଳିରେ
ଯମୁନାର ଉଚ୍ଛ୍ୱାସରେ
ମୁଁ ଜାଣିନି,
ତୁମେ କେବେ ଡାକିଛ ନା ନାହିଁ
ତୁମ ମୋ' ସମ୍ପର୍କର
ଭାଷା ଆଉ ବ୍ୟବଧାନ
ମୋତେ ଜଣାନାହିଁ...
ଛାଇ ଆଲୁଅ ଘେରରେ
ତୁମକୁ ନିରେଖୁଥିବା
ମୁଁ ଏକ ବାଟବଣା ନଈ...

ଅନେକ ଅନ୍ୱେଷଣର
କ୍ଳାନ୍ତ ଯାତ୍ରା ପରେ
ମୁଁ ଜାଣିନି,
ତୁମେ ମୋତେ ଭଲପାଅ
ଅବା ବୁଝ ନାହିଁ–
ପ୍ରିୟତମ!
ତୁମ ସାମ୍ନାରେ
ନୀରବ ହେବାଠୁଁ ବଳି
ଆଉ କିଛି ମଧୁର ବାଙ୍ମୟତା
ଆମ ମଧ୍ୟେ ନାହିଁ।

ମୋ: ୮୯୧୭୬୦୩୪୪୨

### ବର୍ଷା: ପାଞ୍ଚଟି ଏକପଦୀ

**ସୁଦର୍ଶନ ମହାପାତ୍ର**

(୧)
ମେଘମାଳା ଦୃଶ୍ୟ ଆକାଶ ବକ୍ଷରେ
ମନ ଆକାଶରେ ତୁମେ
ଦେହ ମୋ ଭିଜିଲା ବରଷା ଟୋପାରେ
ଭିଜିଲି ମୁଁ ତୁମ ପ୍ରେମେ ॥

(୨)
ବରଷା ଗାଇଲା ମେଘମହ୍ଲାର
ତୁମେ ଗାଅ ସାତ ସୁରେ
ଛୁଇଁଗଲା ବର୍ଷା ଧରଣୀର ଅଙ୍ଗ
ତୁମ ଛୁଆଁକୁ ମୁଁ ଝୁରେ ॥

(୩)
ବର୍ଷା ବିକିରଣେ ଭିଜାମାଟି ଦେହୁ
ଚହଟଇ ଚାରୁ ବାସ
ଉଦାସ ଓଠେ ମୋ ଆଙ୍କିଦିଅ ଆସି
ମଖମଲି ମଧୁହସ ॥

(୪)
ସ୍ଥାବର ଜଙ୍ଗମ ହୋଇଲେ ବିଭୋର
ବରଷାର ସ୍ପର୍ଶ ପାଇ
ତୁମ ପ୍ରୀତି ସ୍ପର୍ଶ ପାଇଁ ମୁଁ ଅଧୀର
ମନ ଯାଏ ଓଦା ହୋଇ ॥

(୫)
ବର୍ଷାର ସାନ୍ନିଧ୍ୟେ ଧରିତ୍ରୀ ପୁଲକେ
ସୃଷ୍ଟି ସର୍ଜନାରେ ରତ
ତୁମରି ସ୍ୱପ୍ନରେ ମୁଁ ଯେ ବିମୋହିତ
ଭ୍ରମି ତୁମ ତନୁତୀର୍ଥ ॥

ମୋ: ୯୪୩୮୧୭୫୫୪୨

### ସ୍ମୃତି

**ଦୀପ୍ତି ମିଶ୍ର**

କେବେ ସିଏ ରୁପା ଜହ୍ନ
କେବେ ସିଏ ଅଧା ସ୍ୱପ୍ନ
କେବେ ସିଏ କଳ୍ପନାରେ ମୁଗ୍ଧପଣ
କେବେ ସିଏ ଭାବନାରେ ନୀଳବ୍ୟୋମ
କେବେ ସିଏ ଦରପୋଡ଼ା ସଳିତା
କେବେ ସିଏ ଅଧାଗଢ଼ା କବିତା
କେବେ ସିଏ ପାଉଁଶ ତଳର ନିଆଁ
କେବେ ସିଏ ଶୀତ ଲୁଗା ଦରସିଆଁ
କ'ଣ ସେଇଟା? ସ୍ମୃତି ନା!

ମୋ: ୯୪୩୮୪୦୪୩୦୮

### ଗୀତି–କବିତା

### ନିବେଦନ

**ସନ୍ନ୍ୟାସୀ ନାୟକ**

ମାଆ ଜନ୍ମଦେଲେ, ବାପା ବଢ଼ାଇଲେ
ଚାଲିଗଲେ ଆରପାରି,
ପକ୍ଷୀ ସଂସାର ମୋ ଏକା ଦୋହଲୁଛି
ତୁମକୁ ଭରସା କରି।

ସାରା ଜୀବନର ପାପକୁ ସାଉଁଟି
ଦୁଃଖର ଗଣ୍ଠିଲି ନେଇ,
ଆସିଛି ପ୍ରଭୁ ହେ ତୁମରି ପାଖକୁ
ଗୁହାରି କରିବା ପାଇଁ।

କୋହ ଲୁହ ମୋର ଏତେ ଅଛି ପ୍ରଭୁ
ପଦ୍ମପାଦ ଦେବି ଧୋଇ,
କହିବା ପୂର୍ବରୁ କୋହରେ କୋହରେ
ଦୁଃଖ ବହେ ଲୁହ ହୋଇ।

ଭୁଜ ମେଲି ଦେଇ ଅନାଇ ରହିଛ
ଦୁଃଖ ଶୁଣିବାର ପାଇଁ,
ତୁମ ଛଡ଼ା ପ୍ରଭୁ କିଏ ବୋଧ ଦେବ
ବାହୁରେ କୁଣ୍ଢାଇ ନେଇ।

ମୋ: ୯୪୩୭୩୫୨୫୬୦

## ଅଣୁଗଳ୍ପ

# ଫେରାର

### ଡ. ଲଲାଟେନ୍ଦୁ ସାହୁ

(୧)

ଗତକାଲି ବିଳମ୍ବିତ ରାତ୍ରିରେ ରାଜଧାନୀ ଏକ୍ସପ୍ରେସ୍ ପାସ୍ କଲାପରେ ଜି.ଆର୍.ପି. ଜଣେ ମହିଳାଙ୍କ ଶବ ପାଇ ଇନ୍‌କ୍ୱାରୀ ଆରମ୍ଭ କଲା। ସ୍ଥାନୀୟ ଥାନାର ଏକ କେସ୍‌କୁ ଯୋଡ଼ି ଅନୁସନ୍ଧାନ ଆଗେଇଲା। ଆଉ ଇନ୍‌କ୍ୱାରୀ ରିପୋର୍ଟ ଥିଲା ଏହିଭଳି– ଦୁଇ ସନ୍ତାନର ଜନନୀ ଜଣେ ପୁରୁଷ ସହ ପ୍ରଥମେ ପଳାୟନ, ପରେ ପର୍ଯ୍ୟାୟକ୍ରମେ ଯୌନ ଶୋଷଣ, ପ୍ରତ୍ୟାଖ୍ୟାନ ଓ ପରେ ବିସର୍ଜନ ରୂପେ ଆଜି ତା'ର ଶେଷ ଠିକଣା ହୋଇଗଲା ଏହି ଟ୍ରେନ୍ ଲାଇନ୍। ସମ୍ପୃକ୍ତ ମହିଳାଙ୍କୁ ଫେରାର କରେଇ ନେଇଥିବା ପୁରୁଷ ବନ୍ଧୁଙ୍କ ଠିକଣା ପୋଲିସ ଖୋଜୁଥିଲା– କାରଣ ଏ ଘଟଣା ପରେ ସେ ବି ଫେରାର ହୋଇଯାଇଛି।

(୨)

ଯାହା ପୁଅ କଲେକ୍ଟର, ତା' ବାପା ବି ଭିନ୍ନ। ଅନ୍ୟ ବାପାଙ୍କ ପରି ସେ ସାଧାରଣ ବାପା ନ ହୋଇ, କଲେକ୍ଟରଙ୍କ ବାପା ହୋଇଯାଆନ୍ତି। କିନ୍ତୁ ମହେଶ ବାବୁ ଶିକ୍ଷକ ହୋଇ ଯେତେବେଳେ ନିଜ ପୁଅକୁ ବହୁ କଷ୍ଟରେ ହାକିମ ବନେଇ ପାରିଛନ୍ତି, ସେ ଜଣେ ସାଧାରଣ ବାପା ହୋଇ ରହିବାକୁ ଚାହିଁଛନ୍ତି। ମଦନପୁରର ମାଗୁର ନିଶୁଆ ସରପଞ୍ଚ ମଧୁଆ ବାବୁ କଲେକ୍ଟରଙ୍କ ରେସିଡେନ୍ସକୁ ଯିବାକୁ ଉଦ୍ୟତ ହୁଅନ୍ତେ, ମହେଶ ବାବୁ ତାଙ୍କୁ ଥରେ ନୁହେଁ ଦଶଥର ଘଉଡ଼େଇଛନ୍ତି। ଆଉ ପ୍ରତିଥର କହନ୍ତି– ''ପୁଅ ରାତିରେ ବହୁ ବିଳମ୍ବରେ ଶୋଇଲା ଆଉ ଏତେ ସକାଳୁ କାହିଁକି ଡିଷ୍ଟର୍ବ କରୁଛ। ଅଫିସ୍ ଯାଉ ସେଠି ଭେଟିବ।'' ଆଗରୁ ଥିବା ଅନ୍ୟ କଲେକ୍ଟରଙ୍କ ପାଖକୁ ବଡ଼ିସକାଳୁ ଆସି କିଛି କାମ ହାତେଇ ନେଉଥିବା, ସ୍ଥାନୀୟ ମନ୍ତ୍ରୀ ମହୋଦୟଙ୍କ ସୁଯୋଗ୍ୟ ଚେଲା ମଧୁବାବୁ ଓରଫ ମଧୁଆ ଏଥର ଆଗପଟ ଗେଟ୍ ଦେଇ ପଶିବା ଅସମ୍ଭବ ହେଲା। ସବୁଥର କଲେକ୍ଟରଙ୍କ ବାପା ଛେକିଲେ। ବାପା ବେଶ୍ କିଛି ମାସ ତାକୁ ଆସୁନଥିବାର ସୁଖାନୁଭୂତି ନେଲାବେଳେ ଦିନେ ଦେଖିଲେ ରେସିଡେନ୍ସର ପଛପଟ ଗଳାବାଟ ଦେଇ ମଦନପୁରର ମାଗୁର ନିଶୁଆ ସରପଞ୍ଚ ବାହାରକୁ ଯାଉଛନ୍ତି। ସେଦିନ ସେ ସ୍ତବ୍ଧ ହୋଇଗଲେ। ଆଗରେ ସେ ଯେତେ ତାଲା ପକେଇଲେ ବି ପଛଟା ମେଲା ଆଉ ଖୋଲା। ସେଦିନ ରାତିରେ ସେ ପଛଦ୍ୱାର ଦେଇ କୁଆଡ଼େ ଫେରାର୍ ହୋଇଗଲେ ଆଉ ପରଦିନ ସହରଯାକ କଥାଟା ରାଷ୍ଟ୍ର ହୋଇଗଲା ଯେ– କଲେକ୍ଟରଙ୍କ ବାପା ନିଖୋଜ।

(୩)

ପେଟରୁ କାଟି ମାଗୁଣି ତା' ପୁଅକୁ ପଢ଼େଇ, ବଢ଼େଇ ଯେବେ ମଣିଷଟେ କଲା ତା' ଆନନ୍ଦ କହିଲେ ନ ସରେ। ପୁଅ ନିଜ ଗୋଡ଼ରେ ଠିଆହୋଇ ତା' ପସନ୍ଦର ଗୋଟେ ଅଜାତି ଝିଅକୁ ବାହା ହେବାକୁ ଜିଦ୍ ଧରିଲା, ତା' ପାଦତଳୁ ମାଟି ଅତଡ଼ା ଖସିଲା ପରି ଲାଗିଲା। ମାଗୁଣି ତା' କଥାରେ ରାଜି ନହେଲେ ସେ ଝିଅକୁ ଧରି ଫେରାର ହୋଇଯିବ ବୋଲି ଧମକ ବି ଦେଲା। ଦିନେ ରାତିରେ ସତକୁ ସତ ଘରୁ ଗୋଡ଼ କାଢ଼ି ମାଗୁଣି କୁଆଡ଼େ ଫେରାର ହୋଇଗଲା। ଗଲା ମାସ ପୁଅ–ବୋହୂ ବୁଢ଼ାର ଶୁଦ୍ଧିକ୍ରିୟା କଲେ, କାରଣ ତା' ଫେରାରକୁ ଏ ଭିତରେ ବାରବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲା। ବାରବର୍ଷ ପରେ ଜଣେ ଫେରାର ଲୋକପାଇଁ ଆଉ ଅପେକ୍ଷା କରିବାର ବିଧି ନଥାଏ।

(୪)

ଆଗେ ଆଗେ ଡମ୍ବରୁ ବଜେଇ ଖେଳନା ବିକାଳି। ପଛେ ପଛେ ଅଧାଲଙ୍ଗଳା ବାଲୁତ ଟୋକା କାନ୍ଦି କାନ୍ଦି ଆଉ ତା' ପଛେ ପଛେ ଚମ ଧୁଡ଼୍ ଧୁଡ଼୍ ପାକଲା ଚୁଟିର ବୁଢ଼ୀଟା। ମଝିରେ ନାତି, ପଛରେ ତା' ବୁଢ଼ୀମା', ସମସ୍ତେ ଗାଁ ଦାଣ୍ଡରେ ଠିକ୍ ଗୋଟେ ନାଟ ପେଣ୍ଡାଲର ଏକ ଦୃଶ୍ୟର ତିନି ଚରିତ୍ର ପରି। ନାତି କାନ୍ଦୁଥାଏ ଖେଳନାଟେ ପାଇଁ, ବୁଢ଼ୀ ବିକଳ ହେଉଥାଏ ଖେଳନା ବିକାଳିଠି। ପୁରୁଣା ଚିରା ଶାଢ଼ି, ଅଡୁଆ ଚୁଟି, ଧାନ ଆଉ କିଛି ନାହିଁ ବୁଢ଼ୀ ପାଖେ ଏଥର ଦେବାକୁ। ବୁଢ଼ୀମା' ନିଜ ମୁଣ୍ଡର ଲମ୍ବା ଚୁଟି ମେଞ୍ଚେ କାଟି ଅଡୁଆ କରି ଧରେଇଦେଲା ଖେଳନା ବିକାଳି ହାତରେ। ପଇସା ଊଣା ପଡ଼ିବାରୁ ତା' ଗୋଡ଼ ହାତ ଧରି ପକେଇଲା। ଖେଳନା ବିକାଳି ଏତାଦୃଶ ଘଟଣାକୁ ପ୍ରତ୍ୟକ୍ଷ ଦେଖି କାରଣ ବୁଝିଲାରୁ ଜାଣିଲା– ନାତି ଟୋକାର ମା' ପରପୁରୁଷ ସହ ଫେରାର ହେଲାଦିନୁ, ତାକୁ ବହଲେଇବାକୁ ଯାଇ ବୁଢ଼ୀର ଏ ଅବସ୍ଥା। ଖେଳନା ବିକାଳି ଏଥର କୁନି ପିଲାଟିକୁ ମେଞ୍ଚେ ଖେଳନା ମାଗଣା ଧରେଇ କୁଆଡ଼େ ଫେରାର ହୋଇଗଲା।

ମୋ: ୮୩୨୮୯୭୧୭୧୦



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୧୩/୨୦୨୪ Bhubaneswar, Saturday, July 13/ 2024

# ଅଲ୍‌କାରାଜ-ଜୋକୋଭିଚ୍ ଫାଇନାଲ



ସେମିଫାଇନାଲ ଜିତିବାପରେ ଉଲ୍ଲସିତ କାର୍ଲୋସ ଅଲ୍‌କାରାଜ।

**ୱିମ୍ବଲଡନ,୧୨।୭**

ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଓ ୭ ଥର ଟାଇଟଲ ବିଜେତା ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଚଳିତ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ସେଣ୍ଟର କୋର୍ଟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଅଲ୍‌କାରାଜ ବିନା ପତାକାରେ ଖେଳିଥିବା ରୁଷିଆର ଡାନିଲ ମେଡଭେଡେଭଙ୍କୁ ୬-୭ (୧/୭), ୬-୩, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଟାଇବ୍ରେକରରେ ଶେଷ ହୋଇଥିବା ପ୍ରଥମ ସେଟ୍‌ରେ ବାଜି ମାରିଥିଲେ ମେଡଭେଡେଭ। ମାତ୍ର ଅଲ୍‌କାରାଜ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟ୍‌କୁ ଜିତି ନେଇଥିଲେ। ଫଳରେ ମେଡଭେଡେଭଙ୍କ ଅଭିଯାନ ଏଠାରୁ ଶେଷ ହୋଇଛି। ଚଳିତ ବର୍ଷ ଫ୍ରେଞ୍ଚ ଓପନ ଜିତି ସାରିଥିବା ଅଲ୍‌କାରାଜ ଦ୍ୱିତୀୟ ଥରପାଇଁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ସେ ୨୦୨୩ରେ ମଧ୍ୟ ଏଠାରେ ଚାମ୍ପିୟନ ହୋଇଥିଲେ। ୨୦୨୨ରେ ସେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଜୋକୋଭିଚ୍ ୬-୪, ୭-୬ (୭/୨), ୬-୪ ସେଟ୍‌ରେ ଇଟାଲିର ଲୋରେଞ୍ଜୋ

**ୱିମ୍ବଲଡନ ଟେନିସ**

ମୁସେଟିଙ୍କୁ ହରାଇ ଦେଇଛନ୍ତି। ପ୍ରଥମଥରପାଇଁ କୌଣସି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିବା ମୁସେଟିଙ୍କ ଅଭିଯାନ ଏଠାରୁ ଶେଷ ହୋଇଛି। ଜୋକୋଭିଚ୍ ୨୦୧୧, ୨୦୧୪, ୨୦୧୫, ୨୦୧୮, ୨୦୧୯, ୨୦୨୧ ଓ ୨୦୨୨ରେ ୱିମ୍ବଲଡନ ଚାମ୍ପିୟନ ହୋଇ ସାରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଇଟାଲୀର ଜସ୍‌ମିନ୍ ପାଓଲିନି ଓ ଚେକ୍ ରିପବ୍ଲିକର ବାର୍ବରା କ୍ରେଜିକୋଭା ଚଳିତ ବର୍ଷର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

## ଭାରତୀୟ ଦଳରେ ଆର୍ଯ୍ୟନ

**ଭୁବନେଶ୍ୱର, ୧୨।୭ (ତପନ ସ୍ୱାଇଁ):** ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ପାଇଁ ଆସିଛି ଆଉ ଏକ ବଡ଼ ସୁଯୋଗ। ସେ ଶନିବାରଠାରୁ ୨୬ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏସିଆନ



ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତା ଜୋର୍ଡାନର ଅମନଠାରେ ଅନୁଷ୍ଠିତ ହେବ। ଓଡ଼ିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଆର୍ଯ୍ୟନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଇଂଲଣ୍ଡର ଇନିଂସ ବିଜୟ

**ଟେଷ୍ଟ କ୍ରିକେଟରୁ ଆଣ୍ଡରସନଙ୍କ ବିଦାୟ**



ଜେମ୍ସ ଆଣ୍ଡରସନଙ୍କୁ ଉଭୟ ଦଳର ଖେଳାଳିଙ୍କ ଗାର୍ଡ ଅଫ୍ ଅନର।

**ଲଣ୍ଡନ, ୧୨।୭(ଏପି)**

ସ୍ଥାନୀୟ ଲର୍ଡ୍ସଠାରେ ଶୁକ୍ରବାର ଶେଷ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଏକ ଇନିଂସ ଓ ୧୧୪ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ୪୧ ବର୍ଷୀୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନଙ୍କ କ୍ୟାରିୟରର ଏହାଥିଲା ୧୮୮ତମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ। ଇଂଲଣ୍ଡକୁ ବିପୁଳ ବିଜୟୀ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚର ଦ୍ୱିତୀୟ ଇନିଂସରେ ଆଣ୍ଡରସନ ମାତ୍ର ୩୨ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଭ୍ରମଣକାରୀ ଦଳର ଦ୍ୱିତୀୟ ଇନିଂସ ୧୩୬ ରନରେ ସୀମିତ ହୋଇଯାଇଥିଲା। ଏହି ମ୍ୟାଚରେ ଆଣ୍ଡରସନ ମୋଟ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟ କ୍ରିକେଟରେ ତାଙ୍କର ମୋଟ ଉଇକେଟ ସଂଖ୍ୟା ୭୦୪ରେ ପହଞ୍ଚିଯାଇଥିଲା। ଟେଷ୍ଟ ଇତିହାସରେ ସର୍ବାଧିକ ଉଇକେଟ ହାସଲ ବୋଲର ତାଲିକାରେ ସେ ଦୁଇ ସ୍ପିନର ଶ୍ରୀଲଙ୍କାର ମୁଥେୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ଶେନ୍ ୱର୍ନଙ୍କ ପଛକୁ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ମାତ୍ର ୧୨୧ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଇଂଲଣ୍ଡ ୩୭୧ରନ କରିଥିଲା। ୨୫୦ରନରେ ପଛୁଆ ରହିଥିବା ୱେଷ୍ଟଇଣ୍ଡିଜ ଏହାର ଦ୍ୱିତୀୟ ଇନିଂସରେ ଗୁରୁବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬ଉଇକେଟ ବିନିମୟରେ ୭୯ ରନ କରିଥିଲା। ଶୁକ୍ରବାର ସକାଳେ ପ୍ରାୟ ଏକ ଘଣ୍ଟାରେ ଅବଶିଷ୍ଟ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ଦଳ ୧୩୬ ରନରେ ଅଲଆଉଟ ହୋଇଥିଲା। ଗସ୍ ଆଟକିନସନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ମ୍ୟାଚରେ ୧୦୬ ରନ ବିନିମୟରେ ୧୨ଉଇକେଟ ଅକ୍ତିଆର କରିଥିଲେ। ୧୯୪୬ରେ ଆଲେକ୍ ବେଡ୍‌ସରଙ୍କ ପଛକୁ ଏକ ଘରୋଇ ଟେଷ୍ଟ ମ୍ୟାଚରେ ୧୦ ଉଇକେଟ ସଫଳତା ହାସଲ କରିବାରେ ସେ ଇଂଲଣ୍ଡର ପ୍ରଥମ ବୋଲର ହେବାର ଗୌରବ ଅର୍ଜନ କରିପାରିଛନ୍ତି। ଶୁକ୍ରବାର ଖେଳ ଆରମ୍ଭ ପୂର୍ବରୁ ଆଣ୍ଡରସନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଯେତେବେଳେ ଉଭୟ ଦଳର ଖେଳାଳିଙ୍କ ତରଫରୁ ତାଙ୍କୁ ଏକ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଛିଡ଼ା ହୋଇ କରତାଳି ସହ ତାଙ୍କୁ ସମ୍ମାନ ଜଣାଇଥିଲେ। ଏଥିରେ ଆଣ୍ଡରସନ ଭାବପ୍ରବଣ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୨୧(ମିକାଇଲ ଲୋଇସ୍-୨୭, ଗସ୍ ଆଟକିନ୍‌ସନ-୭/୪୫)। ଇଂଲଣ୍ଡ ପ୍ରଥମ ଇନିଂସ: ୩୭୧ (ଜ୍ୟାକ୍ କ୍ରଲି-୭୬, ଜିମି ସ୍ମିଥ-୭୦, ଜୋ ରୁଟ୍-୬୮, ଓଲି ପୋପ୍-୫୭, ହ୍ୟାରି ବ୍ରୁକ୍-୫୦; ଜେଡେନ୍ ସିଲ୍ସ-୪/୭୭)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୩୬ (ଗୁଡ଼ାକେଶ ମୋତି-୩୧*, ଆଲିକ୍ ଆଥାଞ୍ଜେ-୨୨; ଗସ୍ ଆଟକିନସନ-୫/୬୧, ଆଣ୍ଡରସନ-୩/୩୨)।

# ଜୟ ଶାହାଙ୍କୁ ଭେଟିଲେ ଓସିଏ ସମ୍ପାଦକ ସଞ୍ଜୟ



ଜୟ ଶାହା (ଡାହାଣ)ଙ୍କୁ ସାକ୍ଷାତ ଅବସରରେ ସଞ୍ଜୟ ବେହେରା।

**ଭୁବନେଶ୍ୱର, ୧୨।୭**
**(ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶୁକ୍ରବାର ମୁମ୍ବାଇଠାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତୀୟ ଦଳ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଜିତିପାରିଥିବାରୁ ସେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ୨୦୨୫ ଫେବୃଆରୀ ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଆୟୋଜନ ଅଧିକାର ପ୍ରଦାନ ପାଇଁ ଶାହାଙ୍କ ନିକଟରେ ସଞ୍ଜୟ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାଛଡ଼ା ରାଜ୍ୟରେ କ୍ରିକେଟ ଭିତ୍ତିଭୂମି ଓ ଖେଳ ବିକାଶ ପ୍ରସଙ୍ଗ ନେଇ ଉଭୟଙ୍କ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଥିବା ପ୍ରକାଶ।

# ସହଜ ଗ୍ରୁପ୍‌ରେ ସିନ୍ଧୁ ଓ ପ୍ରଣୟ

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୧୩ ଦିନ**

**କୁଆଲାଲମ୍ପୁର, ୧୨।୭ (ପି.ଟି.)**

ପ୍ୟାରିସ ଗେମ୍ସ ଜୁଲାଇ ୨୬ରୁ ଆରମ୍ଭ ହେଉଥିବା ବେଳେ ପ୍ୟାରିସ ଗେମ୍ସ ପାଇଁ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟଙ୍କୁ ସହଜ ଗ୍ରୁପ୍‌ରେ ସ୍ଥାନ ମିଳିଛି। ରିଓ ଗେମ୍ସରେ ରୌପ୍ୟ ଏବଂ ଟୋକିଓ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ଜିତିଥିବା ସିନ୍ଧୁଙ୍କୁ ୧୦ମ ସିଡ୍ ମାନ୍ୟତା ମିଳିଛି। ବିଶ୍ୱର ଏହି ୧୩ ନମ୍ବର ଖେଳାଳି ଗ୍ରୁପ୍

**ବ୍ୟାଡ୍‌ମିଣ୍ଟନ ଡ୍ର**

'ଏମ୍'ରେ ସ୍ଥାନ ପାଇଛନ୍ତି। ଏଥିରେ ଇସ୍ତୋନିଆର କ୍ରିଷ୍ଟିନ କୁବା (ବିଶ୍ୱ ର୍‍ୟାଙ୍କିଙ୍ଗ ୭୫) ଏବଂ ମାଳଦ୍ୱୀପର ଫତିମା ନାବାହ ଅବଦୁଲ ରାଜାକ (ବିଶ୍ୱ ର୍‍ୟାଙ୍କିଙ୍ଗ ୧୧୧) ପ୍ରମୁଖ ସ୍ଥାନ ପାଇଛନ୍ତି। ଅଲିମ୍ପିକ୍ସରେ ହ୍ୟାଟ୍ରିକ ପଦକ ହାସଲ ଲକ୍ଷ୍ୟରେ ଥିବା ସିନ୍ଧୁ ପ୍ରି-କ୍ୱାର୍ଟରରେ ୬ଷ୍ଠ ସିଡ୍ ଚାଇନାର ହି ବିଙ୍ଗ୍ ଜିଆଓଙ୍କୁ ଭେଟିପାରନ୍ତି। ଜିଆଓଙ୍କୁ ଯଦି ସେ ଅତିକ୍ରମ କରିଯାଆନ୍ତି ତେବେ କ୍ୱାର୍ଟରଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଚାଇନାର ଚେନ୍ ୟୁ ଫେଇଙ୍କୁ ଭେଟିପାରନ୍ତି। ଅଲିମ୍ପିକ୍ସ ପୂର୍ବରୁ ବିଭିନ୍ନ ଟୁର୍ନାମେଣ୍ଟରେ ଏହି ୨୯ ବର୍ଷୀୟା ଭାରତୀୟ ଖେଳାଳିଙ୍କର ପ୍ରଦର୍ଶନ ସେତେଟା ଖାସ୍ ପରିଲକ୍ଷିତ ହୋଇ ନାହିଁ। ଅନ୍ୟପକ୍ଷରେ ପ୍ରଣୟ ଅଲିମ୍ପିକ୍ସରେ ତାଙ୍କର ପ୍ରଥମ ପଦାର୍ପଣ କରିବେ। ତାଙ୍କୁ ୧୩ତମ ସିଡ୍ ମାନ୍ୟତା ମିଳିଛି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଗ୍ରୁପ୍ 'କେ'ରେ ତାଙ୍କୁ ଭିଏଟନାମର ଲି ଡକ୍ ଫାଟ୍ (ବିଶ୍ୱ ର୍‍ୟାଙ୍କିଙ୍ଗ ୭୦) ଏବଂ ଜର୍ମାନୀର ଫାବିଆନ ରୋଥ୍‌ଙ୍କୁ ଅତିକ୍ରମ କରିବାକୁ ପଡ଼ିବ। ପୁରୁଷ ସିଙ୍ଗଲ୍ସରେ ଭାଗ ନେଉଥିବା ଭାରତର ଦ୍ୱିତୀୟ ଖେଳାଳି ୧୯ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଲକ୍ଷ୍ୟ ସେନ୍‌ଙ୍କୁ ଗ୍ରୁପ୍ 'ଏଲ୍'ରେ ସ୍ଥାନ ମିଳିଛି। ଅଣସିଡ୍ ଲକ୍ଷ୍ୟ ଏହି ଗ୍ରୁପ୍‌ରେ ତୃତୀୟ ସିଡ୍ ତଥା ବିଶ୍ୱର ୩ ନମ୍ବର ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କ ସହ ମୁକାବିଲା କରିବାକୁ ହେବ। ଏଥିରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ଗୁଆଟାମାଳାର କେଭିନ କର୍ଡନ (ବିଶ୍ୱ ର୍‍ୟାଙ୍କିଙ୍ଗ ୪୧) ଓ ବେଲଜିୟମର ଜୁଲିଏନ୍ କାରାଗି (ବିଶ୍ୱ ର୍‍ୟାଙ୍କିଙ୍ଗ ୫୨)। ଯଦି ଉଭୟ ପ୍ରଣୟ ଓ ଲକ୍ଷ୍ୟ ସେମାନଙ୍କ ଗ୍ରୁପ୍‌ର ଶୀର୍ଷରେ ରୁହନ୍ତି ତେବେ ପ୍ରି-କ୍ୱାର୍ଟରରେ ପରସ୍ପରକୁ ଭେଟିବେ। ମହିଳା ଡବଲ୍ସ ଇଭେଣ୍ଟରେ ବିଶ୍ୱର ୧୯ ନମ୍ବର ଯୋଡ଼ି ତନିଶା କାଷ୍ଟ୍ରୋ ଓ ଅଶ୍ୱିନୀ ପୋନାପ୍ପା ଏକ କଷ୍ଟସାଧ୍ୟ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ବିଶ୍ୱର ୪ ନମ୍ବର ନାମି ମାତସୁୟାମା ଓ ଚିହାରୁ ଶିଦା (ଜାପାନ), ଟୋକିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଦକ୍ଷିଣ କୋରିଆର କିମ୍ ସୋ ୟେଙ୍ଗ ଓ କଙ୍ଗ ହି ୟଙ୍ଗ ଏବଂ ଅଷ୍ଟ୍ରେଲିଆର ସେଟ୍ୟାନା ମାପାସା ଓ ଆଞ୍ଜେଲା ୟୁଙ୍କୁ ସ୍ଥାନ ମିଳିଛି।

# ପ୍ୟାରୀଙ୍କ ଗୋଲ୍‌ରେ ମ୍ୟାଚ ଡ୍ର ରଖିଲା ଭାରତ

**ମହିଳା ଫୁଟ୍‌ବଲ**

**ୟାଙ୍ଗୁନ୍, ୧୨।୭ (ପି.ଟି.)**

ପ୍ୟାରୀ ଖାଖାଙ୍କ ଗୋଲ୍ ବଳରେ ଭାରତର ସିନିୟର ମହିଳା ଫୁଟ୍‌ବଲ ଦଳ ଆୟୋଜକ ମ୍ୟାନ୍‌ମାର ବିପକ୍ଷ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ୧-୧ରେ ଡ୍ର' ରଖିପାରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଭାରତୀୟ ଦଳ ତରଫରୁ ଖେଳୁଥିବା ଓଡ଼ିଶା ଖେଳାଳି ପ୍ୟାରୀ ୪୮ତମ ମିନିଟ୍‌ରେ ଗୋଲ୍ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଦୁଇ ମିନିଟ ପରେ ଘରୋଇ ଦଳର ସର୍ବକାଳୀନ ଟପ୍ ସ୍କୋରର ୱିନ ଥିଙ୍ଗି ତୁନ୍ ଏକ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପରେ ଉଭୟ ଦଳ ଗୋଲ ଦେବାର ବହୁ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନ୍‌ମାର ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଭାରତ ତରଫରୁ ପ୍ୟାରୀ ଏକମାତ୍ର ଗୋଲ ସ୍କୋର କରିଥିଲେ। ମୁଖ୍ୟ କୋଚ୍ ଚାଓବା ଦେବୀ ଏହି ମ୍ୟାଚ ପାଇଁ ଦଳରେ ଗୋଟିଏ ପରିବର୍ତ୍ତନ କରିଥିଲେ। ସନ୍ଧ୍ୟା ରଙ୍ଗନାଥନଙ୍କ ସ୍ଥାନରେ ସେ କରିସ୍ମା ଶିଭଏକରଙ୍କୁ ଦଳରେ ସାମିଲ କରିଥିଲେ। ୧୯ ବର୍ଷୀୟା ମୌସୁମୀ ମୁର୍ମୁ ଖେଳର ଦ୍ୱିତୀୟାର୍ଦ୍ଧରେ ପଡ଼ିଆକୁ ଓହ୍ଲାଇ ସିନିୟର ଦଳରେ ତାଙ୍କର ପ୍ରଥମ ପଦାର୍ପଣ କରିଥିଲେ।




# ମୀନା ସାନ୍ତାଙ୍କୁ ୩ ସ୍ୱର୍ଣ୍ଣ ସହ ୫ ପଦକ





ପଦକ ସହ ରୀମା ଭୋଇ, ମୀନା ସାନ୍ତା ଓ ମୀନା ସିଂ।

**ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍**

■ ରିମାଙ୍କୁ ସ୍ୱର୍ଣ୍ଣ, ସ୍ନେହାଙ୍କୁ ରୌପ୍ୟ, ମୀନା ସିଂ, ବିଦ୍ୟୁସ୍ମିତା ଓ ଆଲିସାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୨।୭**
**(ତପନ ସ୍ୱାଇଁ)**

ଓଡ଼ିଶା ଭାରୋତ୍ତୋଳନ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ୱେଟ୍‌ଲିଫ୍ଟିଂ ହଲ୍‌ରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜୋନାଲ ଲିଗ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ସହ ମୋଟ ୧୦ ପଦକ ହାସଲ କରିଛନ୍ତି। ଶୁକ୍ରବାର ୬ଟି ଇଭେଣ୍ଟ ମଧ୍ୟରୁ ଏକାକୀ ମୀନା ସାନ୍ତା ୫ଟି ଇଭେଣ୍ଟରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଓଡ଼ିଶା ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବା ମୀନା ସାନ୍ତା ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରିମା ଭୋଇ ୧ ସ୍ୱର୍ଣ୍ଣ, ସ୍ନେହା ସୋରେନ ୧ ରୌପ୍ୟ ଏବଂ ମୀନା ସିଂ, ବିଦ୍ୟୁସ୍ମିତା ଭୋଇ ଓ ଅଲିସା ବେହେରା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୫ ପଦକ ମିଳିଥିଲା। ଫଳରେ ଓଡ଼ିଶା ପଦକ ସଂଖ୍ୟା ୧୫ରେ ପହଞ୍ଚିଛି।

ଜୁନିୟର ମହିଳା ୫୫ କେଜିରେ ମୀନା ସାନ୍ତା ସ୍ନାଚ୍‌ରେ ୮୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୭୮ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅରୁଣାଚଳ ପ୍ରଦେଶର ବୋନି ମଙ୍ଗଖ୍ୟା ୧୭୩ (୭୫+୯୮) କେଜି ସହ ରୌପ୍ୟ ଏବଂ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ)ରୁ ପ୍ରତିନିଧିତ୍ୱ କରୁଥିବା ଆସାମର ଐସଙ୍ଗଫା ଗୋଗୋଇ ୧୬୭ (୭୩+୯୪) କେଜି ଉଠାଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସିନିୟର ୫୫ କେଜିରେ ଓଡ଼ିଶାର ସ୍ନେହା ସୋରେନ ୧୮୮ (୮୦+୧୦୮) ଓ ମୀନା ସାନ୍ତା ୧୭୮ (୮୨+୯୬) କେଜି ଉତ୍ତୋଳନକରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପଶ୍ଚିମବଙ୍ଗର ଶ୍ରାବଣୀ ଦାସ ୧୮୯ (୮୦+୧୦୯) କେଜି ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅର୍ଥାତ୍ ସ୍ନେହା ମାତ୍ର ୧ କେଜି କମ୍ ଉଠାଇଥିବାରୁ ସ୍ୱର୍ଣ୍ଣ ମିସ୍ କରିଛନ୍ତି। ୟୁଥ୍ ମହିଳା ୫୫ କେଜିରେ କିନ୍ତୁ ବାଜି ମାରିଛନ୍ତି ମୀନା ସାନ୍ତା। ସେ ୧୭୮ (୮୨+୯୬) କେଜି ଉତ୍ତୋଳନକରି ପ୍ରଥମ ସ୍ଥାନରେ ରହିଥିବାବେଳେ ଅନ୍ୟତମ ଓଡ଼ିଶା ଭାରୋତ୍ତୋଳିକା ମୀନା ସିଂ ୧୫୬ (୭୧+୮୫) କେଜି ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ)ରୁ ପ୍ରତିନିଧିତ୍ୱ କରୁଥିବା ଆସାମର ଐସଙ୍ଗଫା ଗୋଗୋଇ ୧୬୭ (୭୩+୯୪) କେଜି ସହ ରୌପ୍ୟ ପଦକ ପାଇଛନ୍ତି।

ଜୁନିୟର ମହିଳା ୫୯ କେଜିରେ ମୀନା ସାନ୍ତା ୧୬୪ (୭୩+୯୧) ଓ ବିଦ୍ୟୁସ୍ମିତା ଭୋଇ ୧୬୪ (୭୨+୯୨) କେଜି ଉତ୍ତୋଳନ କରିଥିଲେ। ତେବେ ମୀନାଙ୍କୁ ରୌପ୍ୟ ଓ ବିଦ୍ୟୁସ୍ମିତାଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ପଶ୍ଚିମବଙ୍ଗର ରାଜଶ୍ରୀ ବିଶ୍ୱାସ ୧୭୪ (୭୬+୯୮) କେଜି ଉଠାଇ ସ୍ୱର୍ଣ୍ଣ ପାଇଥିଲେ। ସିନିୟର ମହିଳା ୫୯ କେଜିରେ ଓଡ଼ିଶାର ରିମା ଭୋଇ ୧୮୫ (୮୨+୧୦୩) କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅରୁଣାଚଳ ପ୍ରଦେଶର ଲିଜା କମ୍‌ସା ୧୭୯ (୭୩+୧୦୬) ଓ ପଶ୍ଚିମବଙ୍ଗର ରାଜଶ୍ରୀ ବିଶ୍ୱାସ ୧୭୪ (୭୬+୯୮) କେଜି ଉତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ୟୁଥ୍ ମହିଳା ୫୯ କେଜିରେ ମୀନା ସାନ୍ତା ୧୬୪ (୭୩+୯୧) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ଏବଂ ଅନ୍ୟତମ ଓଡ଼ିଶା ପ୍ରତିଯୋଗୀ ଅଲିସା ବେହେରା ୧୪୨ (୬୧+୮୧) କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଝାଡ଼ଖଣ୍ଡର ସୀମା ମାରାଣ୍ଡି ୧୪୩ (୬୦+୮୩) କେଜି ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ